ଧରିତ୍ରୀ
DHARITRI

ଶୁକ୍ରବାର, ଏପ୍ରିଲ ୧୦/୨୦୨୦ (୨୨ ପୃଷ୍ଠା) Friday, April 10/2020

୪୬ଶ ଭାଗ ୧୩୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-

ଚାଷ ଶିଖୁଛନ୍ତି ଭୂମି ପେଡ୍‌ନେକର

ଲକ୍‌ଡାଉନ୍ ସମୟରେ ବଲିଉଡ୍ ଅଭିନେତ୍ରୀ ଭୂମି ପେଡ୍‌ନେକର ମା'ଙ୍କ ସହ ମିଶି ହାଇଡ୍ରୋପୋନିକ୍ସ କୃଷି ସମ୍ବନ୍ଧୀୟ ଶିକ୍ଷା ଗ୍ରହଣ କରୁଛନ୍ତି। ଫ୍ୟାନ୍‌ମାନଙ୍କୁ ଏଭଳି ସୂଚନା ଦେଇଛନ୍ତି ସେ।

୦୮

୨୨

ଅଖତରଙ୍କ ପ୍ରସ୍ତାବକୁ ସମାଲୋଚନା କଲେ କପିଳଦେବ

କୋଭିଡ୍-୧୯ ପାଇଁ ପାଣ୍ଠି ସଂଗ୍ରହ ଉଦ୍ଦେଶ୍ୟରେ ଶୋଏବ ଅଖତରଙ୍କ ଦିନିକିଆ ସିରିଜ ପ୍ରସ୍ତାବକୁ ସମାଲୋଚନା କରିଛନ୍ତି କ୍ରିକେଟ କିମ୍ବଦନ୍ତୀ କପିଳଦେବ ।

ଏପ୍ରିଲ ୩୦ ଯାଏ ଲକ୍‌ଡାଉନ

ରାଜ୍ୟରେ ଆଉ ୬ କରୋନା ସଂକ୍ରମିତ ଚିହ୍ନଟ

ଭୁବନେଶ୍ୱର(ବ୍ୟୁରୋ), ୯।୪

ରାଜ୍ୟରେ ଗୁରୁବାର ଆଉ ୬ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୪୮ରେ ପହଞ୍ଚିଛି। ଗୁରୁବାର ଚିହ୍ନଟ ହୋଇଥିବା ୬ଜଣଙ୍କ ମଧ୍ୟରୁ ୨ଜଣଙ୍କ ପରିଚୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେମାନେ ହେଲେ ଢେଙ୍କାନାଳର ଜଣେ ୫୧ବର୍ଷୀୟା ମହିଳା ଏବଂ ପଶ୍ଚିମବଙ୍ଗ ମେଦିନପୁର ଅଞ୍ଚଳର ୬୯ବର୍ଷୀୟ ବୃଦ୍ଧ। ବୃଦ୍ଧ ଜଣକ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଚିହ୍ନଟ ସଂକ୍ରମିତମାନଙ୍କ ସଂସ୍ପର୍ଶରେ କିଏ କିଏ ଆସିଛନ୍ତି ସେନେଇ ତନାଘନା ଚାଲିଛି।

ଗୁରୁବାର ୨ଟି ପର୍ଯ୍ୟାୟରେ ୬ ସଂକ୍ରମିତଙ୍କ ତଥ୍ୟ ହସ୍ତଗତ

୪୮କୁ ବୃଦ୍ଧି ପାଇଲା ରୋଗୀ ସଂଖ୍ୟା

ହୋଇଛି। ମଧ୍ୟାହ୍ନରେ ୨ଜଣଙ୍କ ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିବାବେଳେ ବିଳମ୍ବିତ ରାତିରେ ଆଉ ୪ଜଣ ସଂକ୍ରମିତ ଥିବା ସ୍ୱାସ୍ଥ୍ୟ ବିଭାଗ ୱେବସାଇଟ୍‌ରେ ଦର୍ଶାଯାଇଛି। କିନ୍ତୁ ଏହି ୪ଜଣ କେଉଁ ଅଞ୍ଚଳର, ସେମାନଙ୍କ ବୟସ ଏବଂ ଲିଙ୍ଗ ସମ୍ପର୍କରେ କୌଣସି ତଥ୍ୟ ବିଭାଗ ପକ୍ଷରୁ ଦିଆଯାଇ ନାହିଁ। ପ୍ରଥମେ ମିଳିଥିବା ତଥ୍ୟ ଅନୁସାରେ ଢେଙ୍କାନାଳ ଆକ୍ରାନ୍ତ ମହିଳାଙ୍କ କୌଣସି ଟ୍ରାଭେଲ୍ ହିଷ୍ଟ୍ରି ନାହିଁ। ତେବେ ନିଜାମୁଦ୍ଦିନ ଧର୍ମସଭାରୁ ଫେରିଥିବା ଜଣେ ବ୍ୟକ୍ତିଙ୍କ ସଂସ୍ପର୍ଶରେ ସେ ଆସିଥିବା ଜଣାପଡ଼ିଛି। ମାର୍ଚ୍ଚ ୧୮ରୁ ଏପ୍ରିଲ ୨ ପର୍ଯ୍ୟନ୍ତ ସେ ମିନାବଜାରସ୍ଥିତ ନିଜ ଘରେ ରହିଥିଲେ। ଏପ୍ରିଲ୍ ୩ରେ ଢେଙ୍କାନାଳ ସହର ୱାର୍ଡ ନଂ-୯ରେ ହୋଇଥିବା କ୍ୱାରାଣ୍ଟାଇନ୍ କେନ୍ଦ୍ରକୁ ତାଙ୍କୁ ସ୍ଥାନାନ୍ତର ☞ପୃଷ୍ଠା-୪

ଭୁବନେଶ୍ୱର,୯।୪(ବ୍ୟୁରୋ)

ରାଜ୍ୟରେ ଜାରି ରହିଥିବା ଲକ୍‌ଡାଉନ ଅବଧିକୁ ଏପ୍ରିଲ ୩୦ ଯାଏ ବୃଦ୍ଧି କରାଯାଇଛି। ଦେଶର ପ୍ରଥମ ରାଜ୍ୟ ଭାବେ ଏଭଳି ପଦକ୍ଷେପ ନିଆଯାଇଛି। ଏଥିସହିତ ରାଜ୍ୟର ସମସ୍ତ ସ୍କୁଲ ଓ କଲେଜ ଜୁନ୍ ୧୭ ଯାଏ ବନ୍ଦ ରହିବ। ଗୁରୁବାର ପୂର୍ବାହ୍ନରେ ଭିଡିଓ କନଫରେନ୍ସିଂ ଜରିଆରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକରେ ନିଆଯାଇଥିବା ଏଭଳି ନିଷ୍ପତ୍ତିକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ଏଥିସହିତ ରାଜ୍ୟ ସରକାର ଆସନ୍ତା ୧୪ ତାରିଖରେ ଶେଷ ହେଉଥିବା ଲକ୍‌ଡାଉନ୍ ଅବଧିକୁ ଏପ୍ରିଲ ୩୦ ଯାଏ ବୃଦ୍ଧି କରିବାକୁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି। ଲକ୍‌ଡାଉନ୍ ଅବଧି ବୃଦ୍ଧି କରିବାରେ ଓଡ଼ିଶା ପ୍ରଥମ ରାଜ୍ୟ ହୋଇଛି। କରୋନା ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ପଦକ୍ଷେପକୁ ଜନସାଧାରଣ ଯେଭଳି ଭାବେ ସହଯୋଗ କରିଛନ୍ତି ସେଥିପାଇଁ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏଥିପାଇଁ ଆମ ସମସ୍ତଙ୍କୁ ଅନେକ ତ୍ୟାଗ ଓ ବହୁତ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ । ପରିସ୍ଥିତିର ମୁକାବିଲା ପାଇଁ ଏହା ହିଁ ଏକମାତ୍ର ବାଟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କ୍ୟାବିନେଟ୍ ନିଷ୍ପତ୍ତି

- ଜୁନ୍ ୧୭ ଯାଏ ସ୍କୁଲ, କଲେଜ ବନ୍ଦ
- ୩୦ ଯାଏ ରେଳ, ବିମାନ ସେବା ବନ୍ଦ କରିବାକୁ କେନ୍ଦ୍ରକୁ ପ୍ରସ୍ତାବ
- ରାଜ୍ୟରେ ୧ ଲକ୍ଷ ରାପିଡ୍ ଟେଷ୍ଟିଂ ସୁବିଧା ହେବ
- ମହାପ୍ରଭୁଙ୍କ ଆଶୀର୍ବାଦ, ତ୍ୟାଗ ଆମକୁ ଏହି ବିପଦରୁ ମୁକୁଳାଇବ:ମୁଖ୍ୟମନ୍ତ୍ରୀ

୨୦୨୦ ମାର୍ଚ୍ଚ ୧୫ରେ ରାଜ୍ୟରେ ପ୍ରଥମ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ସେବେଠାରୁ ଏ ପର୍ଯ୍ୟନ୍ତ ୪୪ଜଣ ଏହି ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଜନସାଧାରଣଙ୍କ ଶୃଙ୍ଖଳିତ ଆଚରଣ ଓ ତ୍ୟାଗ ପରିସ୍ଥିତିର ମୁକାବିଲା ପାଇଁ ଆମକୁ ଶକ୍ତି ଦେଇଛି। ବିଶ୍ୱର ସବୁଠାରୁ ଶକ୍ତିଶାଳୀ ☞ପୃଷ୍ଠା-୪

ଲକ୍‌ଡାଉନ୍ ଯୋଗୁ ୟୁନିଟ୍ -୧ ହାଟ ସମ୍ମୁଖ ରାସ୍ତା ଶୂନ୍‌ଶାନ୍ ହୋଇଯାଇଥିବାବେଳେ ଜଣେ ଟ୍ରଲିରିକ୍ସା ଚାଳକ ଗୁରୁବାର ଅତ୍ୟାବଶ୍ୟକ ସାମଗ୍ରୀ ବୋହି ନେଉଛନ୍ତି।

ଦୁଇ ଚକିଆ ଗାଡ଼ି କଟକଣା କୋହଳ କର

କଟକ ଅଫିସ୍,୯।୪

କରୋନା ଭୂତାଣୁର ମୁକାବିଲା ପାଇଁ ସାରା ରାଜ୍ୟରେ ଲକ୍‌ଡାଉନ୍ ଜାରି କରାଯାଇଛି। ଗାଡ଼ି ଚଳାଚଳ ଉପରେ ଅନେକ ପ୍ରକାର କଟକଣା ରହିଛି। ଫଳରେ ପରିବା ଏବଂ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ କିଣିବା ପାଇଁ ଲୋକମାନେ ହଇରାଣ ହେଉଛନ୍ତି। ଦୁଇ ଚକିଆ ଗାଡ଼ି ଚଳାଚଳ ଉପରେ ସଂପୂର୍ଣ୍ଣ କଟକଣା ନ ଲଗାଇ, ଏଥିରେ କୋହଳ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ କୁମାରୀ ସଞ୍ଜୁ ପଣ୍ଡା ଏବଂ ଜଷ୍ଟିସ୍ ବିଶ୍ୱନାଥ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି । ଏଥି ସହ ସୁପ୍ରମ୍‌କୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ରାଜ୍ୟରେ କରୋନା ଭୂତାଣୁ ପରୀକ୍ଷାକୁ ସଂପୂର୍ଣ୍ଣ ମାଗଣଶ କରିବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏକ ବିଜ୍ଞପ୍ତି ଜାରି କରି ରାଜ୍ୟ ସରକାର ତୁରନ୍ତ ଏଦିଗରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶରେ କୁହାଯାଇଛି ।

ନିର୍ଦ୍ଦେଶରେ ଉଲ୍ଲେଖ ରହିଛି ଯେ, ଲକ୍‌ଡାଉନ୍ ଅବଧି ମଧ୍ୟରେ ପୋଲିସ ପକ୍ଷରୁ ରାଜ୍ୟର ଅନେକ ସ୍ଥାନରେ ବହୁ ସଂଖ୍ୟାରେ ଗାଡ଼ି ଜବତ କରୁଥିବା ନଜରକୁ ଆସିଛି। ରାଜ୍ୟରେ ଚାଲିବା ଦୂରତା ମଧ୍ୟରେ ପନିପରିବା, ଔଷଧ ଏବଂ ଅନ୍ୟାନ୍ୟ ବ୍ୟବହାର ଯୋଗ୍ୟ ସାମଗ୍ରୀର ଉପଲବ୍ଧତା ନାହିଁ। ବିଶେଷକରି ବରିଷ୍ଠ ନାଗରିକ, ମହିଳା ଏବଂ ଭିନ୍ନକ୍ଷମମାନେ ଚାଲିଚାଲି ଯାଇ ଅତ୍ୟାବଶ୍ୟକ ସାମଗ୍ରୀ କିଣିବାରେ ସମସ୍ୟାର ସମ୍ମୁଖିନ ହେଉଛନ୍ତି। ଅନେକ ସମୟରେ ଦୂର ଜାଗାକୁ ଯିବାକୁ ପଡୁଛି। ଲୋକଙ୍କ ପାଖରେ ଏସବୁ ସାମଗ୍ରୀ ଯୋଗାଇଦେବା ପାଇଁ ଠୋସ୍ ବ୍ୟବସ୍ଥା କରିବା ପୂର୍ବରୁ ଦୁଇ ଚକିଆ ଯାନ ବ୍ୟବହାର ଉପରେ ସଂପୂର୍ଣ୍ଣ କଟକଣା ଜାରି କରାଯାଇପାରିବ ନାହିଁ। କଟକଣାକୁ କିଛି ମାତ୍ରାରେ କୋହଳ କରାଯାଉ। ହେଲେ ଯେଉଁମାନେ ଦୁଇ ଚକିଆ ଯାନ ବ୍ୟବହାର କରିବେ, ସେମାନେ ସନ୍ତୋଷଜନକ କାରଣ ଦର୍ଶାଇବା ଆବଶ୍ୟକ। ଲକ୍‌ଡାଉନ୍ ପାଇଁ ସାଧାରଣ ଜନଜୀବନ ଗଭୀର ଭାବେ ପ୍ରଭାବିତ ହେଉଛି। ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ନେଇ କୌଣସି ବ୍ୟବସ୍ଥା କରିବା ପରିବର୍ତ୍ତେ ଦୁଇ ଚକିଆ ଯାନ କଟକଣା, ଲୋକଙ୍କ ଅସୁବିଧାକୁ ☞ପୃଷ୍ଠା-୪

ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

- ମାଗଣା ହେଉ କୋଭିଡ୍ ଭୂତାଣୁ ପରୀକ୍ଷା
- ଲୋକଙ୍କ ପାଖରେ ପହଞ୍ଚୁ ଅତ୍ୟାବଶ୍ୟକ ସାମଗ୍ରୀ

କପର ଉଠାଇବେ ଇପିଏଫ୍ ଟଙ୍କା

ନୂଆଦିଲ୍ଲୀ,୯।୪

କରୋନା ଜନିତ ଲକ୍‌ଡାଉନ ବେଳେ ଯଦି ଆପଣ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେଉଥାନ୍ତି, ତେବେ ଆପଣଙ୍କର କର୍ମଚାରୀ ଭବିଷ୍ୟନିଧି (ଇପିଏଫ୍)ରୁ ଟଙ୍କା ଉଠାଇପାରିବେ। ଏଥିପାଇଁ ସରକାର ଗତମାସ ୨୬ ତାରିଖରେ ଘୋଷଣା କରିଥିଲେ। ଏ ନେଇ ଇପିଏଫ୍ ଆକାଉଣ୍ଟରୁ ଟଙ୍କା ଉଠାଇବା ନିୟମାବଳୀରେ ସଂଶୋଧନ କରାଯାଇଛି। ବିଜ୍ଞପିତ ହୋଇଥିବା ଏହି ସଂଶୋଧିତ ନିୟମ ଅନୁଯାୟୀ ଜଣେ ଇପିଏଫ୍ ସଦସ୍ୟ ତାଙ୍କ ତିନିମାସର ମୂଳ ବେତନ ଓ ମହଙ୍ଗା ଭତ୍ତା ପରିମାଣର ଅର୍ଥ କିମ୍ବା ଆକାଉଣ୍ଟରେ ଜମା ଥିବା ଅର୍ଥର ୭୫ ପ୍ରତିଶତ, ଯେଉଁଟି କମ୍ ହେଉଥିବ, ଉଠାଇପାରିବେ। ଉଦାହରଣ ସ୍ୱରୂପ ଯଦି ଆପଣଙ୍କର ମାସିକ ମୂଳ ବେତନ ଓ ମହଙ୍ଗା ଭତ୍ତା ମିଶି ୩୦,୦୦୦ ଟଙ୍କା ହେଉଥିବ ଏବଂ ଆପଣଙ୍କ ଇପିଏଫ୍ ଆକାଉଣ୍ଟରେ ୩ ଲକ୍ଷ ଟଙ୍କା ଜମା ରହିଥିବ ତେବେ ୩ ମାସର ବେତନ ୯୦ ହଜାର ଟଙ୍କା ଏବଂ ଇପିଏଫ୍ ଜମାର ୭୫ ପ୍ରତିଶତ ୨,୨୫,୦୦୦ ଟଙ୍କା ହେଉଛି। ଏପରିସ୍ଥଳେ ଆପଣ ଇପିଏଫ୍‌ରୁ ୯୦ ହଜାର ଟଙ୍କା ଉଠାଇପାରିବେ। କରୋନା ମହାମାରୀ ବେଳେ ଉଠାଉଥିବା ଏହି ଅର୍ଥ ଆପଣଙ୍କୁ ଭରିବାକୁ ପଡ଼ିବ ନାହିଁ।

କରୋନା ପାଇଁ ବଦଳିଲା ନିୟମ

ସଂଶୋଧିତ ନିୟମ ଅନୁଯାୟୀ କେବଳ କୋଭିଡ୍-୧୯ ନୁହେଁ, ଭବିଷ୍ୟତରେ ଅନ୍ୟ କୌଣସି ମହାମାରୀ ହେଲେ ସମ୍ପୃକ୍ତ ସରକାର କର୍ମଚାରୀମାନଙ୍କୁ ଇପିଏଫ୍‌ରୁ ଏଭଳି ଅଗ୍ରିମ ନେବା ପାଇଁ ଅନୁମତି ଦେବେ। ଇପିଏଫ୍ ଆକାଉଣ୍ଟଧାରୀ ଅନ୍‌ଲାଇନରେ ଆବେଦନ କରିପାରିବେ। ଏଥିପାଇଁ ସେମାନଙ୍କୁ ତିନୋଟି ସର୍ତ୍ତ ପୂରଣ କରିବାକୁ ହେବ। ତାହା ହେଲା ଇପିଏଫ୍ ସଦସ୍ୟଙ୍କ ୟୁନିଭର୍ସାଲ ଆକାଉଣ୍ଟ ନମ୍ବର (ୟୁଏଏନ୍) ଆକ୍ଟିଭେଟେଡ ଥିବ, ଆଧାର ଯାଞ୍ଚ ହୋଇ ୟୁଏଏନ୍‌ରେ ସଂଯୋଗ ହୋଇଥିବ ଏବଂ ୟୁଏଏନ୍ ସହ ସଦସ୍ୟଙ୍କ ବ୍ୟାଙ୍କ ଆକାଉଣ୍ଟ ଓ ଆଇଏଫ୍‌ଏସ୍‌ସି କୋଡ୍ ଦିଆଯାଇଥିବ।

କର୍ମଚାରୀ ଭବିଷ୍ୟନିଧି ସଂଗଠନ (ଇପିଏଫ୍‌ଓ) ଦ୍ୱାରା ଜାରି ଏଫ୍‌ଏକ୍ୟୁ ଅନୁଯାୟୀ, ଉପରୋକ୍ତ ସୁବିଧା ପାଇବା ପାଇଁ ନିଯୁକ୍ତିଦାତାଙ୍କ ସାର୍ଟିଫିକେଟ କିମ୍ବା ଅନ୍ୟ ଦସ୍ତାବିଜ୍‌ର ଆବଶ୍ୟକତା ନାହିଁ। ତେବେ କର୍ମଚାରୀ ଇପିଏଫ୍ ଆକାଉଣ୍ଟରୁ ଅନ୍‌ଲାଇନ ଟଙ୍କା ଉଠାଇବା ପାଇଁ ଆବେଦନ କଲାବେଳେ ଚେକ୍‌ର ଏକ ସ୍କାନ୍ କପି ଅପ୍‌ଲୋଡ କରିବାକୁ ହେବ। ଅନଲାଇନ ଆବେଦନ ଲାଗି ଇ-ସେବା ପୋର୍ଟାଲ http://unifiedportal-mem.epfindia.gov.in/memberinterfaceକୁ ଯାଇ ନିଜ ୟୁଏଏନ୍ ଏଣ୍ଟର କରି ☞ପୃଷ୍ଠା-୪

ଆଜିର ସମ୍ପାଦକୀୟ

ସର୍ବନାଶର ବାଟ

ଆଜିର ମନ୍ତବ୍ୟ

ଲକ୍‌ଡାଉନ୍ ଓ ସୋସିଆଲ୍ ଡିଷ୍ଟାନ୍ସିଂ ହେଉଛି କରୋନା ପାଇଁ ସବୁଠୁ ବଡ଼ ମେଡିସିନ୍।

-ଡକ୍ଟର ହର୍ଷବର୍ଦ୍ଧନ, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ

କରୋନା ୫୦ କୋଟି ଲୋକଙ୍କୁ ଗରିବ କରିପାରେ

ଲଣ୍ଡନ

କରୋନା ଭାଇରସ୍ ଏବେ ପୃଥିବୀର ୨୦୯ ରାଷ୍ଟ୍ରକୁ ବ୍ୟାପି ୮୩ ହଜାରରୁ ଅଧିକ ଲୋକଙ୍କ ଜୀବନ ନେଇ ସାରିଲାଣି। ଏହା ବିଶ୍ୱ ଅର୍ଥନୀତି ଉପରେ ନକାରାତ୍ମକ ପ୍ରଭାବ ପକାଇଥିବାରୁ ଆଗାମୀ ଦିନରେ ପ୍ରାୟ ୫୦ କୋଟି ଲୋକ ଗରିବ ହୋଇଯାଇପାରନ୍ତି ବୋଲି ଦାରିଦ୍ର୍ୟ ଦୂରୀକରଣ ଦିଗରେ କାର୍ଯ୍ୟ କରୁଥିବା ଅନ୍ତର୍ଜାତୀୟ ସଙ୍ଗଠନ 'ଅକ୍ସଫାମ୍' ପକ୍ଷରୁ କୁହାଯାଇଛି। ଏଥିସହିତ ଅର୍ଥନୀତିରେ ଦେଖାଦେଇଥିବା ସଙ୍କଟ ଅବସ୍ଥାକୁ ଟାଳିବା ପାଇଁ ବିଶ୍ୱ ନେତାଙ୍କ ସାମ୍ନାରେ ଏବେ ଆହ୍ୱାନ ଆସିଛି। ତେଣୁ ବିକାଶଶୀଳ ଅର୍ଥ ବ୍ୟବସ୍ଥାଗୁଡ଼ିକ ଦେବାକୁ ଥିବା ୧ ଲକ୍ଷ କୋଟି ଡଲାର ଋଣ ଦେୟକୁ ବାତିଲ କରିବା ଲାଗି ଦାବି ହୋଇଛି ବୋଲି ରିପୋର୍ଟରେ ପ୍ରକାଶ ପାଇଛି। ଏଭଳି ସଙ୍କଟ ସମୟରେ ଲୋକଙ୍କ ଘରୋଇ ଖର୍ଚ୍ଚ କମିଯାଉଥିବା ପରିପ୍ରେକ୍ଷୀରେ ବିଶ୍ୱ ଦାରିଦ୍ର୍ୟ ଉପରେ କି ପ୍ରଭାବ ପକାଇବ ସେ ସଂକ୍ରାନ୍ତରେ ଆସନ୍ତା ସପ୍ତାହରେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍) ଓ ବିଶ୍ୱବ୍ୟାଙ୍କର ବାର୍ଷିକ ବୈଠକ ବସିବାକୁ ଯାଉଛି। ତା' ପୂର୍ବରୁ ଏଭଳି ରିପୋର୍ଟ ପଦାକୁ ଆସିବା ଦ୍ୱାରା ଗରିବଙ୍କ ଦୁଃଖ କିଭଳି ବଢ଼ିଯାଉଛି ତା' ଉପରେ ଗୁରୁତ୍ୱାରୋପ କରାଯାଇଛି।

ଉକ୍ତ ରିପୋର୍ଟରେ କୁହାଯାଇଛି ଯେ, ୨୦୦୮ରେ ବିଶ୍ୱ ଆର୍ଥିକ ସଙ୍କଟକୁ ବର୍ତ୍ତମାନର କରୋନା ଭାଇରସ୍‌ଜନିତ ଅର୍ଥନୈତିକ ଦୁଃସ୍ଥିତି ବଳିଯିବାର ଆଶଙ୍କା ସୃଷ୍ଟି କଲାଣି। ଆକଳନରୁ ଜଣାପଡ଼ିଲାଣି ଯେ, ଏବେ ଯେଭଳି ପରିସ୍ଥିତି ଉପୁଜିଛି ତାହା ୧୯୯୦ ପରେ ପ୍ରଥମ ଥର ପାଇଁ ବିଶ୍ୱ ସ୍ତରରେ ଦାରିଦ୍ର୍ୟ ହାର ଅଧିକ ବୃଦ୍ଧି କରିବ। ଅକ୍ସଫାମ୍ ଆମେରିକାର ପଲିସି ଆଣ୍ଡ୍ ଆଡ୍‌ଭୋକେସିର ଭାଇସ୍-ପ୍ରେସିଡେଣ୍ଟ ପଲ୍ ଓ' ବ୍ରେନ୍‌ଙ୍କ ମତରେ ବିଶ୍ୱରେ ୩୦୦ କୋଟି ଲୋକ ଗରିବ ଅଛନ୍ତି। ସେମାନେ ସ୍ୱଚ୍ଛ ପାନୀୟ ଜଳ ଓ ସ୍ୱାସ୍ଥ୍ୟ ସେବା ପାଇପାରୁ ନାହାନ୍ତି। ସେମାନଙ୍କ ମଧ୍ୟରୁ ଅନେକେ ଅପପୁଷ୍ଟି ଦେଇ ଗତି କରୁଛନ୍ତି। ☞ପୃଷ୍ଠା-୪

ଅକ୍ସଫାମ୍ ରିପୋର୍ଟ

- ୨୦୦୮ ବିଶ୍ୱ ଆର୍ଥିକ ସଙ୍କଟଠାରୁ ଏବର ସ୍ଥିତି ଗମ୍ଭୀର
- ୧୯୯୦ ପରେ ପ୍ରଥମ ଥର ପାଇଁ ଦାରିଦ୍ର୍ୟ ହାର ଅଧିକ ବୃଦ୍ଧି ପାଇପାରେ
- ଅର୍ଡର ବାତିଲ ହେବାରୁ ବାଂଲାଦେଶର ୧୦ ଲକ୍ଷରୁ ଊର୍ଦ୍ଧ୍ୱ ପୋଷାକ କାରିଗରଙ୍କୁ ଚାକିରିରୁ ଛଟେଇ କରିଦିଆଯାଇଛି

ସତ୍ୟମେବ ଜୟତେ

ପବିତ୍ର ଗୁଡ୍ ଫ୍ରାଇଡେ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ଗୁଡ୍ ଫ୍ରାଇଡ଼େ ପ୍ରଭୁ ଯୀଶୁଙ୍କ ବଳିଦାନର ସ୍ମାରକୀ ବହନ କରେ, ଯେ ମାନବ ଜାତିକୁ ପ୍ରେମ, ତ୍ୟାଗ, ଭ୍ରାତୃତ୍ୱ ଓ କ୍ଷମାର ବାର୍ତ୍ତା ପ୍ରଦାନ କରିଥିଲେ । ଏହି ଦିନଟି ପ୍ରଭୁ ଯୀଶୁଙ୍କ କ୍ରୁଶବିଦ୍ଧ ହେବାର ପବିତ୍ର ସ୍ମାରକୀ ଦିବସ, ଯାହାଙ୍କର ଜୀବନ ମାନବ ସମାଜକୁ ଦୁଃଖରୁ ମୁକ୍ତି ଦେବାକୁ ସମର୍ପିତ ଥିଲା ।

ମୁଁ ରାଜ୍ୟର ଖ୍ରୀଷ୍ଟଧର୍ମାବଲମ୍ବୀ ଭାଇଭଉଣୀମାନଙ୍କ ସହିତ ପ୍ରଭୁ ଯୀଶୁଙ୍କ ପ୍ରଦର୍ଶିତ ପ୍ରେମ, କରୁଣା ଓ ତ୍ୟାଗର ପଥରେ ଅଗ୍ରସର ହେବାର ସଂକଳ୍ପ ସହ ଗୁଡ୍ ଫ୍ରାଇଡ଼େ ପାଳନରେ ସାମିଲ ହେଉଛି ।

ଆସନ୍ତୁ, 'କରୋନା' ବିରୋଧରେ ମାନବ ଜାତିର ଲଢ଼େଇରେ ବିଜୟ ଲାଭ ନିମନ୍ତେ ପ୍ରଭୁ ଯୀଶୁଙ୍କୁ ପ୍ରାର୍ଥନା କରିବା ।

(ଗଣେଶୀ ଲାଲ)

OIPR-15001/13/0001/2021 DADLS-01

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ମୁଁ ଆପଣଙ୍କ ସହ ସମ୍ପୂର୍ଣ୍ଣ ଭାବେ ଏକମତ। ଏପରି ସମୟରେ ବନ୍ଧୁମାନେ ଆହୁରି ଘନିଷ୍ଠ ହୋଇଯାଆନ୍ତି। ଭାରତ-ଆମେରିକାର ସହଭାଗିତା ଏବେ ପୂର୍ବର ସବୁ ସମୟଠାରୁ ଅଧିକ ମଜଭୁତ ହୋଇଛି। କୋଭିଡ୍-୧୯ ବିରୋଧରେ ମାନବ ଜାତିର ଲଢ଼େଇ ପାଇଁ ଭାରତ ସବୁକିଛି କରିବ। ଆମେ ନିଶ୍ଚୟ ଜିତିବା। – **ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**

ଏମିତି ବିତୁଛି ଲକଡାଉନ୍ ଜୀବନ

ଚେନ୍ନାଇରେ ବାସହୀନ ପିଲାମାନେ ଖାଦ୍ୟ ପାଇଁ ଅପେକ୍ଷା କରିଛନ୍ତି।

କେରଳର କୋଝିକୋଡ୍‌ସ୍ଥିତ ବେପୋର ସମୁଦ୍ର କୂଳରୁ ମାଛ ଧରି ନେଉଛନ୍ତି ମତ୍ସ୍ୟଜୀବୀ।

ପୂର୍ବ ଦିଲ୍ଲୀର ଏକ ନିର୍ମାଣାଧୀନ ଘରେ ଜଣେ ମହିଳା ଦୋଳିରେ ଝୁଲୁଛନ୍ତି।

ମାଡ଼ୁଛି ରୋଗ, ଗଡ଼ୁଛି ମୁଣ୍ଡ

- ଦେଶରେ ୨୪ ଘଣ୍ଟାରେ ୬୭୨ ଆକ୍ରାନ୍ତ
- ଗଲାଣି ୧୯୯ ଜୀବନ

ନୂଆଦିଲ୍ଲୀ,୯।୪: କରୋନା ମହାମାରୀକୁ ରୋକିବା ଲାଗି ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଥିଲେ ହେଁ ସ୍ଥିତିରେ ସୁଧାର ଆସିପାରୁ ନାହିଁ। କ୍ରମଶଃ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଛି। ଆକ୍ରାନ୍ତଙ୍କ ସହ ମୃତ୍ୟୁସଂଖ୍ୟା ମଧ୍ୟ ବଢ଼ିଚାଲିଛି। ଗୁରୁବାର ଦେଶରେ ପୁଣି ୬୭୨ କରୋନା ରୋଗୀ ଚିହ୍ନଟ ହୋଇଥିବା ବେଳେ ୧୯ ଜଣଙ୍କ ଜୀବନ ଯାଇଛନ୍ତି। ମହାରାଷ୍ଟ୍ରରେ ୯, ଦିଲ୍ଲୀରେ ୩, ମଧ୍ୟପ୍ରଦେଶରେ ୨, ଗୁଜରାଟ, କର୍ନାଟକ, ଜମ୍ମୁ-କଶ୍ମୀର, ଝାଡ଼ଖଣ୍ଡ ଏବଂ ପଞ୍ଜାବରେ ଜଣେ ଲେଖାଏ ବ୍ୟକ୍ତିଙ୍କ ଗୁରୁବାର ମୃତ୍ୟୁ ଘଟିଛି। ଏଥିସହ ଇତିମଧ୍ୟରେ ଭାରତରେ ମୃତ୍ୟୁସଂଖ୍ୟା ୧୯୯କୁ ବୃଦ୍ଧିପାଇଛି। ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୬,୫୮୮ରେ ପହଞ୍ଚିଛି। ଦେଶବ୍ୟାପୀ ମୋଟ ୫୯୮ ବ୍ୟକ୍ତି ଆରୋଗ୍ୟ ଲାଭ କରିଥିଲେ ହେଁ ପରିସ୍ଥିତି ଜଟିଳ ହେବାରେ ଲାଗିଛି। ସବୁଠାରୁ ଅଧିକ ପ୍ରଭାବିତ ହୋଇଛି ମହାରାଷ୍ଟ୍ର। ଗୋଟିଏ ଦିନରେ ଏଠାରେ ୨୧୧ ପଜିଟିଭ ମାମଲା ଦେଖିବାକୁ ମିଳିଛି। ଏବେସୁଦ୍ଧା ଏଠାରେ ମୃତ୍ୟୁସଂଖ୍ୟା ୮୧ ରହିଥିବା ବେଳେ ରୋଗୀସଂଖ୍ୟା ୧,୩୪୬ରେ ପହଞ୍ଚିଛି। ତାମିଲନାଡୁରେ ୮ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଆକ୍ରାନ୍ତଙ୍କ ସଂଖ୍ୟା ୮୩୪ ରହିଛି। ରାଜଧାନୀ ଦିଲ୍ଲୀରେ ୧୨ ଜୀବନ ଯାଇଥିବା ବେଳେ ଆକ୍ରାନ୍ତଙ୍କ ସଂଖ୍ୟା ୭୨୦କୁ ବଢ଼ିଛି। ଏହାଛଡ଼ା ତେଲଙ୍ଗାନାରେ ୪୭୧, ରାଜସ୍ଥାନରେ ୪୩୦, ଉତ୍ତରପ୍ରଦେଶରେ ୩୬୧, ଆନ୍ଧ୍ରପ୍ରଦେଶରେ ୩୪୮, ମଧ୍ୟପ୍ରଦେଶରେ ୩୯୧, କେରଳରେ ୩୫୭, ଗୁଜରାଟରେ ୨୬୨, କର୍ନାଟକରେ ୧୯୭, ଜମ୍ମୁ-କଶ୍ମୀରରେ ୧୮୪, ପଞ୍ଜାବରେ ୧୩୦ କରୋନା ରୋଗୀ ଅଛନ୍ତି। ଲକ୍‌ଡାଉନ୍ ସତ୍ତ୍ୱେ ବିଗିଡ଼ିବାରେ ଲାଗିଛି ଭାରତରେ କରୋନା ସଂକ୍ରମଣର ସ୍ଥିତି। ମାସ୍କ ପିନ୍ଧିବା ସହ ସାମାଜିକ ଦୂରତ୍ୱ ରକ୍ଷା ଲାଗି ପରାମର୍ଶ ଦେଇଛନ୍ତି ସରକାର।

ରାଜ୍ୟ/ୟୁଟି	ମୋଟ ସଂକ୍ରମିତ	ଚିକିତ୍ସାଧୀନ	ଆରୋଗ୍ୟ	ମୃତ୍ୟୁ
ମହାରାଷ୍ଟ୍ର	୧,୩୪୬	୧,୧୪୮	୧୧୭	୮୧
ତାମିଲନାଡୁ	୮୩୪	୭୯୯	୨୭	୮
ଦିଲ୍ଲୀ	୭୨୦	୬୮୩	୨୫	୧୨
ତେଲଙ୍ଗାନା	୪୭୧	୪୧୫	୪୫	୧୧
କେରଳ	୩୫୭	୨୫୮	୯୭	୨
ଉତ୍ତରପ୍ରଦେଶ	୪୧୦	୩୩୫	୩୧	୪
ଆନ୍ଧ୍ରପ୍ରଦେଶ	୩୪୮	୩୩୯	୬	୩
ରାଜସ୍ଥାନ	୪୩୦	୩୮୨	୪୫	୩
ମଧ୍ୟପ୍ରଦେଶ	୩୯୭	୩୪୬	୨୫	୨୬
କର୍ନାଟକ	୧୯୭	୧୬୧	୩୦	୬
ଗୁଜରାଟ	୨୬୨	୨୧୯	୨୬	୧୭
ହରିୟାଣା	୧୭୦	୧୩୬	୩୨	୨
ଜମ୍ମୁ-କଶ୍ମୀର	୧୮୪	୧୭୪	୬	୪
ପଶ୍ଚିମବଙ୍ଗ	୧୦୩	୮୨	୧୬	୫
ପଞ୍ଜାବ	୧୩୦	୧୦୨	୧୪	୧୦
ଓଡ଼ିଶା	୪୪	୪୧	୨	୧
ବିହାର	୫୧	୩୫	୧୫	୧
ଉତ୍ତରାଖଣ୍ଡ	୩୫	୩୦	୫	-
ଆସାମ	୨୮	୨୮	-	-
ଚଣ୍ଡିଗଡ଼	୧୮	୧୧	୭	-
ଲଦାଖ	୧୪	୪	୧୦	-
ହିମାଚଳ ପ୍ରଦେଶ	୨୮	୨୪	୨	୨
ଆଣ୍ଡାମାନ ଓ ନିକୋବର	୧୧	୧୧	-	-
ଛତିଶଗଡ଼	୧୮	୯	୯	-
ଗୋଆ	୭	୭	-	-
ପୁଡୁଚେରୀ	୫	୪	୧	-
ଝାଡ଼ଖଣ୍ଡ	୧୩	୧୨	-	୧
ମଣିପୁର	୨	୧	୧	-
ଅରୁଣାଚଳ ପ୍ରଦେଶ	୧	୧	-	-
ଦାଦ୍ରା ଓ ନଗର ହାବେଲି	୧	୧	-	-
ମିଜୋରାମ	୧	୧	-	-
ତ୍ରିପୁରା	୧	୧	-	-
ମୋଟ	୬,୬୩୮	୫,୮୪୧	୫୯୮	୧୯୯

https://www.covid19india.org ତଥ୍ୟ ଅନୁଯାୟୀ (ଗୁରୁବାର ରାତି ୯ଟା ସୁଦ୍ଧା)

'ସଂକ୍ରମିତଙ୍କ ପ୍ରକୃତ ସଂଖ୍ୟା ୪ ଗୁଣ ଅଧିକ'

ବେଙ୍ଗାଲୁରୁ,୯।୪: ଭାରତରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଯେତିକି ବୋଲି ଦର୍ଶାଯାଉଛି ସେମାନଙ୍କ ପ୍ରକୃତ ସଂଖ୍ୟା ତହିଁରୁ ଅନ୍ୟୂନ ୪ ଗୁଣ ଅଧିକ। ସ୍କୁଲ, କଲେଜଗୁଡ଼ିକ ଅଧିକ ବିପଜ୍ଜନକ ଅଞ୍ଚଳ, ଯେଉଁଠି ସଂକ୍ରମଣ ବୃଦ୍ଧିପାଇବାର ଆଶଙ୍କା ରହିଛି। ଏଭଳି ହାଇ ରିସ୍କ ଏରିଆଗୁଡ଼ିକୁ ଜୁନ୍ ଶେଷ ପର୍ଯ୍ୟନ୍ତ ଶଟ୍‌ଡାଉନ୍ କରାଯିବା ଜରୁରୀ। ବାଇକନ୍ ଲିମିଟେଡ୍ ଅଧକ୍ଷା ତଥା ପରିଚାଳନା ନିର୍ଦ୍ଦେଶିକା କିରନ୍ ମଜୁମ୍‌ଦାର ଶ' ବ୍ୟକ୍ତିଗତ ଭାବେ ଏପରି ବିଶ୍ୱାସ କରୁଥିବା ପ୍ରକାଶ କରିଛନ୍ତି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତିରେ ଗୁରୁବାର କୁହାଯାଇଛି ଯେ, ଦେଶରେ କରୋନା ଭାଇରସ୍ ୧୬୬ ଜଣଙ୍କ ଜୀବନ ନେଇଥିବାବେଳେ ସଂକ୍ରମିତଙ୍କ ସଂଖ୍ୟା ୫,୭୩୪ରେ ପହଞ୍ଚିଛି। ଏହାକୁ ନେଇ ବାୟୋଟେକ୍ ଏଣ୍ଡରପ୍ରିନିଓର କିରନ୍ କହିଛନ୍ତି, ଦେଶରେ ପ୍ରକୃତ ସଂକ୍ରମିତଙ୍କ ସଂଖ୍ୟା ଏହାଠାରୁ ୪ ଗୁଣ ଅଧିକ। ତେଣୁ ଲୋକଙ୍କ ରାଣ୍ଡମ୍ ଟେଷ୍ଟିଂ କରାଯାଉ ଓ ସର୍ବସାଧାରଣ ସ୍ଥାନରେ ମାସ୍କ ପିନ୍ଧିବାକୁ ବାଧ୍ୟତାମୂଳକ କରାଯାଉ।

୨୦୯ ଦେଶ କଲବଲ

ୱାଶିଂଟନ,୯।୪: ବିଶ୍ୱ ସ୍ଥିତି ଏବେ ଅସମ୍ଭାଳ ହୋଇପଡ଼ିଛି। ୨୦୯ ଦେଶରେ କରୋନା ଭୂତାଣୁର ରାଜୁତି ଚାଲିଛି। ମୁଣ୍ଡ ପରେ ମୁଣ୍ଡ ଗଡ଼ିଚାଲିଥିବା ବେଳେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ୧୫ ଲକ୍ଷ ୫୦ ହଜାର ଛୁଇଁଲାଣି। ଗୁରୁବାର ୩୨ ହଜାର ଲୋକ କରୋନା ଭୂତାଣୁ ଦ୍ୱାରା ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ବିଶ୍ୱରେ ମୃତ୍ୟୁସଂଖ୍ୟା ବଢ଼ି ୯୨,୦୦୪ରେ ପହଞ୍ଚିଛି। ଯଦିଓ ୩ ଲକ୍ଷ ୪୪ ହଜାର ଲୋକ ଆରୋଗ୍ୟ ଲାଭ କରିଲେଣି, ଦ୍ରୁତ ସଂକ୍ରମଣ ସ୍ଥିତି ୨୦୯ ଦେଶକୁ କଲବଲ କରିପକାଇଛି। ବିଶେଷକରି ବିଶ୍ୱର ସବୁଠାରୁ ବିତ୍ତଶାଳୀ ଦେଶ ଆମେରିକା ଓ ୟୁରୋପୀୟ ଦେଶଗୁଡ଼ିକ କରୋନା ଭୂତାଣୁରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। ଆମେରିକାରେ ୪ ଲକ୍ଷ ୪୦ ହଜାର ଆକ୍ରାନ୍ତ ଥିବାବେଳେ ୧୫,୭୯୮ ଜୀବନ ଗଲାଣି। ୟୁରୋପର ଇଟାଲୀ, ଜର୍ମାନୀ, ସ୍ପେନ୍, ବ୍ରିଟେନ, ଫ୍ରାନ୍ସ ଆଦି ଦେଶଗୁଡ଼ିକରେ ସ୍ଥିତି ଅସମ୍ଭାଳ ହୋଇପଡ଼ିଲାଣି। ଇଟାଲୀରେ ଭୂତାଣୁ ୧୭,୬୭୦ ଜୀବନ ନେଇଥିବା ବେଳେ ସଂକ୍ରମିତଙ୍କ ସଂଖ୍ୟା ବଢ଼ି ୧.୪୦ ଲକ୍ଷ ଛୁଇଁଲା। ସ୍ପେନ୍‌ରେ ୧୫,୨୪୦ ମୁଣ୍ଡ ଗଡ଼ିଥିବା ବେଳେ ୧.୫୨ ଲକ୍ଷରୁ ଅଧିକ ସଂକ୍ରମିତ ଅଛନ୍ତି। ଗୁରୁବାର ଏଠାରେ ୪୪୬ ଜଣ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ଜର୍ମାନୀରେ ଆକ୍ରାନ୍ତଙ୍କ ସଂଖ୍ୟା ୧.୧୪ ଲକ୍ଷ ଟପିଥିବା ବେଳେ ୨,୩୪୯ ଜୀବନ ଗଲାଣି। ଫ୍ରାନ୍ସରେ ୧୦,୮୭୦ ବ୍ୟକ୍ତି ପ୍ରାଣ ହରାଇଥିବା ଜଣାପଡ଼ିଛି। ଏଠାରେ ମୋଟ ୧,୧୩ ଲକ୍ଷ ରୋଗୀ ଥିବା ପ୍ରକାଶ। ବ୍ରିଟେନରେ ଭୂତାଣୁ ୭,୧୦୦ ମୁଣ୍ଡ ନେଲାଣି। ପ୍ରାୟ ୬୨ ହଜାର ଲୋକ ଏଠାରେ କରୋନା ଦ୍ୱାରା ଆକ୍ରାନ୍ତ ହୋଇଛନ୍ତି।

ସବୁ ସ୍ୱାସ୍ଥ୍ୟକେନ୍ଦ୍ରର ଜାତୀୟକରଣ ହେଉ

ସୁପ୍ରିମକୋର୍ଟରେ ପିଟିଶନ ଦାଏର

ନୂଆଦିଲ୍ଲୀ,୯।୪(ପି.ଟି.) କରୋନା ମହାମାରୀରୁ ଦେଶ ମୁକ୍ତ ନ ହେବା ପର୍ଯ୍ୟନ୍ତ ସମସ୍ତ ସ୍ୱାସ୍ଥ୍ୟସେବା କେନ୍ଦ୍ରକୁ ଜାତୀୟକରଣ କରିବା ଲାଗି କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବା ଲାଗି ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଏର ହୋଇଛି। ମହାମାରୀର ମୁକାବିଲା ଲାଗି ଭାରତରେ ଯଥେଷ୍ଟ ସରକାରୀ ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ନାହିଁ। ତେଣୁ ମାଗଣାରେ କୋଭିଡ୍-୧୯ ପରୀକ୍ଷା ସମେତ ଚିକିତ୍ସା ଯୋଗାଇଦେବା ଲାଗି ସବୁ ହସ୍ପିଟାଲ, ସ୍ୱାସ୍ଥ୍ୟସେବା ଅନୁଷ୍ଠାନ ଓ କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦେବାକୁ ପିଟିଶନରେ ଅନୁରୋଧ କରାଯାଇଛି। ସୂଚନାଯୋଗ୍ୟ ଦେଶରେ ମହାମାରୀଜନିତ ସଙ୍କଟକୁ ଦୃଷ୍ଟିରେ ରଖି ଘରୋଇ ଲାବରେଟୋରିଗୁଡ଼ିକରେ କରୋନା ପରୀକ୍ଷା ମାଗଣାରେ କରାଯିବା ଉଚିତ ବୋଲି ବୁଧବାର ସୁପ୍ରିମକୋର୍ଟ କହିଥିଲେ। ଘରୋଇ ଲାବରେଟୋରିଗୁଡ଼ିକ କୋଭିଡ୍-୧୯ ପରୀକ୍ଷା ଲାଗି ୪୫୦୦ ଟଙ୍କା ନେଉଛନ୍ତି। ଦିଲ୍ଲୀର ଆଇନଜୀବୀ ଅମିତ୍ ଦ୍ୱିବେଦୀ ତାଙ୍କ ପିଟିଶନରେ ଉଲ୍ଲେଖ କରିଛନ୍ତି, ଉପଯୁକ୍ତ ବଜେଟ ବ୍ୟବସ୍ଥା ନ ଥିବାରୁ ଦେଶର ଜନସ୍ୱାସ୍ଥ୍ୟ ବିଭାଗ ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି। ଏହି ସମୟରେ ଦେଶରେ ଘରୋଇ ସ୍ୱାସ୍ଥ୍ୟସେବା ସେକ୍ଟରଗୁଡ଼ିକର ଉଲ୍ଲେଖନୀୟ ଅଭିବୃଦ୍ଧି ହୋଇଛି। କରୋନା ମୁକାବିଲା ଲାଗି ପର୍ଯ୍ୟାପ୍ତ ଚିକିତ୍ସା ଭିତ୍ତିଭୂମି ନ ଥିବାରୁ ଘରୋଇ ହସ୍ପିଟାଲଗୁଡ଼ିକର ସହଯୋଗ ଜରୁରୀ। ବିଶ୍ୱସ୍ତରରେ ମଧ୍ୟ ଏଭଳି ପଦକ୍ଷେପ ନିଆଯାଇଛି। ତେଣୁ କରୋନା ସଂକ୍ରମଣରୁ ଦେଶ ମୁକ୍ତ ହେବା ପର୍ଯ୍ୟନ୍ତ ସମସ୍ତ ଘରୋଇ ହସ୍ପିଟାଲ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟସେବା କେନ୍ଦ୍ରକୁ ଜାତୀୟକରଣ କରିବା ଲାଗି ନିର୍ଦ୍ଦେଶ ଦେବାକୁ ପିଟିଶନରେ ନିବେଦନ କରାଯାଇଛି।

ସୁଗ୍ରୀବଙ୍କ ପରଲୋକ

ଶୋକବ୍ୟକ୍ତ କଲେ ରାମ, ଲକ୍ଷ୍ମଣ

୧୯୮୭-୮୮ରେ ଦୂରଦର୍ଶନ ପକ୍ଷରୁ ପ୍ରସାର କରାଯାଇଥିବା ରାମାନନ୍ଦ ସାଗରଙ୍କ 'ରାମାୟଣ'ରେ ସୁଗ୍ରୀବ ଭୂମିକାରେ ଅଭିନୟ କରି ବହୁ ପ୍ରଶଂସା ସାଉଣ୍ଟିଥିବା ଅଭିନେତା ଶ୍ୟାମସୁନ୍ଦର କଲାନୀଙ୍କ ଏପ୍ରିଲ୍ ୬ ତାରିଖରେ ମୃତ୍ୟୁ ହୋଇଯାଇଛି। ସେ ଦୀର୍ଘଦିନ ଧରି କର୍କଟ ରୋଗରେ ପୀଡ଼ିତ ଥିଲେ। ରାମାୟଣ ବ୍ୟତୀତ ସେ 'ହିର୍ ରାନ୍‌ଝା', 'ଛୈଲା ବାବୁ' ଓ 'ତ୍ରିମୂର୍ତ୍ତି' ଆଦି ହିନ୍ଦୀ ଫିଲ୍ମରେ ମଧ୍ୟ ଅଭିନୟ କରିଥିଲେ। ହେଲେ ରାମାୟଣରେ ତାଙ୍କ ଉଚ୍ଚକୋଟୀର ଅଭିନୟ ହିଁ ତାଙ୍କୁ ଭାରତୀୟ ଦର୍ଶକଙ୍କ ନିକଟରେ ପରିଚିତ କରିପାରିଥିଲା। ଶ୍ୟାମସୁନ୍ଦରଙ୍କ ମୃତ୍ୟୁ ଖବର ପାଇବା ପରେ ରାମାୟଣରେ ରାମ ଭୂମିକାରେ ଅଭିନୟ କରିଥିବା ଅଭିନେତା ଅରୁଣ ଗୋଭିଲ ଓ ଲକ୍ଷ୍ମଣ ହୋଇଥିବା ସୁନୀଲ ଲାହିର୍ ଗଭୀର ଶୋକବ୍ୟକ୍ତ କରିଛନ୍ତି। ରାମ ତଥା ଅରୁଣ କହିଛନ୍ତି, ଶ୍ୟାମସୁନ୍ଦରଙ୍କ ମୃତ୍ୟୁ ଅତ୍ୟନ୍ତ ଦୁଃଖଦାୟକ। ସେ ଜଣେ ଭଦ୍ର ଓ ସଚ୍ଚୋଟ୍ ବ୍ୟକ୍ତି ଥିଲେ। ଭଗବାନ ତାଙ୍କ ଆତ୍ମାକୁ ଶାନ୍ତି ଦିଅନ୍ତୁ ବୋଲି ଅରୁଣ ଟୁଇଟ୍‌ରରେ ଉଲ୍ଲେଖ କରିଛନ୍ତି। ସେହିପରି ଲକ୍ଷ୍ମଣ ତଥା ସୁନୀଲ କହିଛନ୍ତି, ସହଯୋଗୀ ଶ୍ୟାମସୁନ୍ଦରଙ୍କ ମୃତ୍ୟୁ ଏକ କଷ୍ଟଦାୟକ ଖବର। ଈଶ୍ୱର ତାଙ୍କ ଆତ୍ମାକୁ ଶାନ୍ତି ଦେବା ସହ ଏପରି କଠିନ ସମୟରେ ତାଙ୍କ ପରିବାରକୁ ଶକ୍ତି ଦିଅନ୍ତୁ। ସୂଚନାଯୋଗ୍ୟ ଯେ, ବର୍ତ୍ତମାନ ଦେଶରେ ଲକ୍‌ଡାଉନ୍ ଯୋଗୁ ଲୋକେ ଘର ମଧ୍ୟରେ ରହୁଥିବା ବେଳେ ଦୂରଦର୍ଶନ ପକ୍ଷରୁ 'ରାମାୟଣ'ର ପୁନଃ ପ୍ରସାରଣ କରାଯାଉଛି।

ବ୍ରାଜିଲ ରାଷ୍ଟ୍ରପତିଙ୍କ ରାମାୟଣ ଉପାଖ୍ୟାନ

ମହାମାରୀ କରୋନା ବିରୋଧରେ ଚାଲିଥିବା ଲଢ଼େଇକୁ ନେଇ ବ୍ରାଜିଲ ରାଷ୍ଟ୍ରପତି ଜୈର ବୋଲ୍‌ସୋନାରୋ ରାମାୟଣ ଉପାଖ୍ୟାନର ଅବତାରଣା କରିଛନ୍ତି। ନିଜ ଦେଶରେ ସଂକ୍ରମିତଙ୍କ ଚିକିତ୍ସା ଲାଗି ହାଇଡ୍ରୋକ୍ସିକ୍ଲୋରୋକୁଇନ୍ ବଟିକା ପଠାଇବା ପାଇଁ ବୋଲ୍‌ସୋନାରୋ ମୋଦିଙ୍କୁ ଅନୁରୋଧ କରିଛନ୍ତି। ସଂକ୍ରମଣ ରୋକିବା ପାଇଁ ହାଇଡ୍ରୋକ୍ସିକ୍ଲୋରୋକୁଇନ୍ ବିଶଲ୍ୟକରଣୀ ଭଳି କାମ କରୁଥିବାରୁ ବୋଲ୍‌ସୋନାରୋ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲେଖିଛନ୍ତି, ଭଗବାନ ରାମଙ୍କ ଭାଇ ଲକ୍ଷ୍ମଣଙ୍କ ଜୀବନ ବଞ୍ଚାଇବା ପାଇଁ ହନୁମାନ ଯେପରି ହିମାଳୟରୁ ଔଷଧ ଆଣିଥିଲେ ଏବଂ ଯଶୁଖ୍ରୀଷ୍ଟ ଯେଭଳି ଭାବେ ରୁଗ୍ଣମାନଙ୍କୁ ସୁସ୍ଥ କରି ବାର୍ଟିମେଉଙ୍କ ଦୃଷ୍ଟିଶକ୍ତି ଫେରାଇଥିଲେ, ଠିକ୍ ସେହିପରି ଭାରତ ଓ ବ୍ରାଜିଲ ଏହି ସଙ୍କଟରୁ ମୁକ୍ତ ହେବେ।

ବ୍ରିଟେନ ମହାରାଣୀ ଏଲିଜାବେଥ୍ ଦ୍ୱିତୀୟ ଟେଲିଭିଜନରେ ଜାତି ଉଦ୍ଦେଶ୍ୟରେ ବାର୍ତ୍ତା ଦେଉଥିବାବେଳେ ଲଣ୍ଡନସ୍ଥିତ ପିକାଡିଲି ସର୍କସରେ ଏକ ବଡ଼ ଡିସ୍‌ପ୍ଲେରେ ଏହାକୁ ପ୍ରଦର୍ଶିତ କରାଯାଇଛି।

ଡବ୍ଲ୍ୟୁଏଚ୍‌ଓ ମୁଣ୍ଡରେ ଦୋଷ ଲଦିଲେ ଟ୍ରମ୍ପ୍

କରୋନା ସାରା ବିଶ୍ୱକୁ କବଳିତ କରିଥିବାବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏଥିପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ)କୁ ଦୋଷ ଦେଇଛନ୍ତି। ଡବ୍ଲ୍ୟୁଏଚ୍‌ଓ ମୁଖ୍ୟ ଚାଇନା ପକ୍ଷ ନେଇ କରୋନା ମହାମାରୀର ରାଜନୀତୀକରଣ କଲେ ବୋଲି ଟ୍ରମ୍ପ୍ ଅଭିଯୋଗ କରିଛନ୍ତି। ଏଥିସହିତ ଏହି ଜାତିସଂଘ ସଂସ୍ଥାର ପାଣ୍ଠି ବନ୍ଦ କରିଦେବାକୁ ଧମକ ଦେଇଛନ୍ତି। ଉପଯୁକ୍ତ ସମୟରେ ଡବ୍ଲ୍ୟୁଏଚ୍‌ଓ ସତର୍କ କରାଇଥିଲେ କରୋନା ଆଜି ଏଭଳି ଭୟଙ୍କର ସ୍ଥିତି ସୃଷ୍ଟି କରି ନ ଥାନ୍ତା ବୋଲି ସେ କହିଛନ୍ତି।

ଦାଦନଙ୍କୁ ସ୍ମୃତି ଇରାନୀଙ୍କ ସହାୟତା ଖବର ଗୁଜବ: ପି. ବିଜୟନ୍

ନୂଆଦିଲ୍ଲୀ,୯।୪: କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ନିଜ ସଂସଦୀୟ କ୍ଷେତ୍ର ଅମେଠିର ଦାଦନ ଶ୍ରମିକମାନଙ୍କୁ କେରଳର ୱାୟନାଡ୍‌ରେ ସହଯୋଗର ହାତ ବଢ଼ାଇଥିବା ନେଇ କେତେକ ରିପୋର୍ଟ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ତେବେ ଏହା ଏକ ମିଛ ଖବର ଓ ଗୁଜବ ବୋଲି କେରଳ ମୁଖ୍ୟମନ୍ତ୍ରୀ ପିନାରାୟି ବିଜୟନ୍ ଖଣ୍ଡନ କରିଛନ୍ତି।

୨୦୧୯ ସାଧାରଣ ନିର୍ବାଚନରେ ତତ୍କାଳୀନ କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀଙ୍କୁ ଉତ୍ତରପ୍ରଦେଶର ଅମେଠି ଲୋକ ସଭା ଆସନରେ ସ୍ମୃତି ଜୁବିନ ଇରାନୀ ହରାଇଥିଲେ। ହେଲେ ରାହୁଲ ୱାୟନାଡ୍ ଆସନରେ ବିଜୟୀ ହୋଇଥିଲେ। ସମ୍ପ୍ରତି କରୋନା ଭାଇରସ୍ ସଂକ୍ରମଣର ମୁକାବିଲା ପାଇଁ ଦେଶବ୍ୟାପୀ ଲକ୍‌ଡାଉନ୍ ଘୋଷଣା କରାଯାଇଥିବାରୁ ୱାୟନାଡ୍‌ରେ ଅମେଠିର କେତେଜଣ ଦାଦନ ଶ୍ରମିକ ଓ ସେମାନଙ୍କ ପରିବାର ଫସିରହିଥିଲେ। ସେମାନଙ୍କୁ ଇରାନୀ ସହାୟତା ଦେଇ ଉଦ୍ଧାର କରିଥିବା ନେଇ ଏପ୍ରିଲ ୬ରେ ଆର୍‌ଏସ୍‌ଏସ୍ ମୁଖପତ୍ର 'ଅର୍ଗାନାଇଜର୍'ରେ ଏକ ରିପୋର୍ଟ ପ୍ରକାଶିତ ହୋଇଥିଲା। ବିଜୟନ୍ କହିଛନ୍ତି, ଇରାନୀ କାହାକୁ ସହଯୋଗ କରି ନ ଥିବାରୁ ଏପରି ଦାବି କରିବା ଭୁଲ୍। ଫସିଥିବା ଦାଦନ ପରିବାରଙ୍କୁ ପ୍ରକୃତରେ ରାଜ୍ୟ ସରକାରଙ୍କ ଅଧିକାରୀମାନେ ସାହାଯ୍ୟ କରିଥିଲେ।

ମୁକାବିଲା ଲାଗି ୧୫,୦୦୦ କୋଟିର ଜରୁରୀ ପାଣ୍ଠି

ମୁମ୍ବାଇର ଓ୍ୱର୍ଲିରେ ଜଣେ ବ୍ୟକ୍ତି ପରିବାର ଧରି ଚାଲି ଚାଲି ଯାଉଛନ୍ତି।

କେନ୍ଦ୍ରକୁ କରୋନା ଚିନ୍ତା

ନୂଆଦିଲ୍ଲୀ,୯।୪: କରୋନା ମହାମାରୀର ମୁକାବିଲା ଲାଗି କେନ୍ଦ୍ର ସରକାର ୧୫,୦୦୦ କୋଟି ଟଙ୍କାର ଜରୁରୀ ପାଣ୍ଠିକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏହି ଶତ ପ୍ରତିଶତ କେନ୍ଦ୍ରୀୟ ପାଣ୍ଠି ଉଭୟ ଜାତୀୟ ଓ ରାଜ୍ୟ ସ୍ୱାସ୍ଥ୍ୟସେବା ବ୍ୟବସ୍ଥ

୩୦% ପେନ୍‌ସନ ହ୍ରାସ କରିପାରନ୍ତି ସରକାର

ନୂଆଦିଲ୍ଲୀ,୯।୪

ଏମ୍‌ପିମାନଙ୍କ ସ୍ଥାନୀୟ ଅଞ୍ଚଳ ବିକାଶ ପାଣ୍ଠି ୨ ବର୍ଷ ପାଇଁ ସ୍ଥଗିତ ରଖି ସେହି ଅର୍ଥକୁ କରୋନା ମହାମାରୀ ମୁକାବିଲା ନିମନ୍ତେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଖର୍ଚ୍ଚ କରାଯିବ। ଏଭଳି ନିଷ୍ପତ୍ତି ନିଆଯିବା ପରେ ଏବେ ରାଷ୍ଟ୍ରପତିଙ୍କଠାରୁ ଆରମ୍ଭ କରି ଅଫିସ୍ ସହାୟକ (ପିଅନ)ଙ୍କ ପର୍ଯ୍ୟନ୍ତ ଦିଆଯାଉଥିବା ପେନ୍‌ସନକୁ ସରକାର ୩୦% ହ୍ରାସ କରିପାରନ୍ତି। ରାଜନୈତିକ ନେତୃବୃନ୍ଦଙ୍କ ମଧ୍ୟରେ ଏଭଳି ଗୁରୁତର ଚିନ୍ତାଧାରା ରହିଥିବା ଜଣାପଡ଼ିଛି। ଯଦି ଏହା କାର୍ଯ୍ୟକାରୀ ହୁଏ ତା'ହେଲେ ପୂର୍ବତନ ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ରାଜ୍ୟପାଳ ଏବଂ ବର୍ତ୍ତମାନର ଓ ପୂର୍ବତନ ଏମ୍‌ପିମାନେ ଏଥିରେ ଅନ୍ତର୍ଭୁକ୍ତ ହେବେ। ନିୟମିତ ସରକାରୀ କର୍ମଚାରୀଙ୍କ ପାଇଁ ମଧ୍ୟ ପେନ୍‌ସନ ହ୍ରାସ ହେବ। ସେହିପରି ୮୦ବର୍ଷରୁ ଊର୍ଦ୍ଧ୍ୱ ପୂର୍ବତନ କର୍ମଚାରୀଙ୍କ ପେନ୍‌ସନ କାଟିବାକୁ ଚିନ୍ତା କରାଯାଉଥିବା ଜଣାପଡ଼ିଛି। ଆସନ୍ତା ସପ୍ତାହରେ ଏ ନେଇ ବୃତ୍ତାନ୍ତ ନିଷ୍ପତ୍ତି ନିଆଯାଇପାରେ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ସର୍ବାଧିକ ନିଯୁକ୍ତି ହ୍ରାସ

କରୋନା ପ୍ରଭାବ

ନୂଆଦିଲ୍ଲୀ,୯।୪

ମହାମାରୀ କୋଭିଡ୍-୧୯ ଯୋଗୁ ସାରା ବିଶ୍ୱରେ ଏବେ ମାନ୍ଦାବସ୍ଥା ଦେଖାଦେଇଛି। ଏହାଦ୍ୱାରା ପ୍ରାୟ ୮୧ପ୍ରତିଶତ ନିଯୁକ୍ତି ବାଧାପ୍ରାପ୍ତ ହୋଇଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଏବେ ସବୁଠୁ ଅଧିକ ନିଯୁକ୍ତି ହ୍ରାସ ପାଇଛି ବୋଲି ଅନ୍ତଃରାଷ୍ଟ୍ରୀୟ ଶ୍ରମ ସଂଗଠନ(ଆଇଏଲ୍‌ଓ) ପ୍ରକାଶ କରିଛି। ବିଶେଷକରି ବିକଶିତ ରାଷ୍ଟ୍ର ଅପେକ୍ଷା ନିମ୍ନ ଓ ମଧ୍ୟବିତ୍ତ ଆୟ ସୃଷ୍ଟିକାରୀ ରାଷ୍ଟ୍ରଗୁଡ଼ିକ ଅଧିକମାତ୍ରାରେ ପ୍ରଭାବିତ ହୋଇଛନ୍ତି। କର୍ମଚାରୀଙ୍କ ଚାକିରି ରକ୍ଷା କରିବା ଏବଂ ସେମାନଙ୍କ ପାଇଁ ରୋଜଗାର ସୃଷ୍ଟି କରିବା ନିଯୁକ୍ତିଦାତାଙ୍କର ଏବେ ମୁଣ୍ଡବ୍ୟଥାର କାରଣ ପାଲଟିଥିବା ଆଇଏଲ୍‌ଓ ପକ୍ଷରୁ କୁହାଯାଇଛି। ଭାରତ, ନାଇଜେରିଆ ଏବଂ ବ୍ରାଜିଲ୍ ପରି ରାଷ୍ଟ୍ରର ସିଂହଭାଗ ଅର୍ଥନୀତି ସେମାନଙ୍କ ଇନ୍‌ଫର୍ମାଲ ସେକ୍ଟର ବା ଘରୋଇ ଉଦ୍ୟୋଗରେ କାର୍ଯ୍ୟ କରୁଥିବା ଲୋକଙ୍କ ଉପରେ ନିର୍ଭର କରେ। ତେଣୁ ବିଭିନ୍ନ କମ୍ପାନୀରେ କାର୍ଯ୍ୟ କରୁଥିବା ଲୋକଙ୍କ ଚାକିରି ରକ୍ଷା କରିବା ସହ ସେମାନଙ୍କ ଆର୍ଥିକ ସ୍ଥିତିକୁ ସୁରକ୍ଷା ଦେବା ଉକ୍ତ ରାଷ୍ଟ୍ରଗୁଡ଼ିକର ପ୍ରଥମ କର୍ତ୍ତବ୍ୟ ବୋଲି ଆଇଏଲ୍‌ଓ ପକ୍ଷରୁ କୁହାଯାଇଛି। ଭାରତର ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ଗତ ୩ସପ୍ତାହ ମଧ୍ୟରେ ବେରୋଜଗାରୀ ୩ଗୁଣା ବୃଦ୍ଧି ପାଇଛି, ଯାହାକି ଏକ ବଡ଼ ବିପଦ ବୋଲି ଆଇଏଲ୍‌ଓ ଚେତାବନୀ ଦେଇଛି। ଦି ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ ଇକୋନୋମି(ସିଏମ୍‌ଆଇଇ) ମତରେ ଦେଶରେ ଗତ ୫ତାରିଖ ସୁଦ୍ଧା ବେରୋଜଗାର ମାତ୍ରା ହାରାହାରି ୨୩.୪ପ୍ରତିଶତ ଥିଲା, ଯେଉଁଥିରେ କି ସହରାଞ୍ଚଳରେ ଏହାର ହାର ୨୩.୯ପ୍ରତିଶତ ରହିଥିବାବେଳେ ଗ୍ରାମାଞ୍ଚଳରେ ଏହା ୨୦ପ୍ରତିଶତ ରହିଥିଲା। ଏପରି କି କିଛି ଅଞ୍ଚଳରେ ରୋଜଗାରକୁ ସୁରକ୍ଷା ଦେବାକୁ ମଧ୍ୟ ଚେଷ୍ଟା କରାଯାଉଛି ବୋଲି ସିଏମ୍‌ଆଇଇ ପକ୍ଷରୁ କୁହାଯାଇଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପ୍ରଥମ ଥର ପାଇଁ ଏଭଳି ଅବସ୍ଥା ସୃଷ୍ଟି ହୋଇଛି। ବିଶ୍ୱବ୍ୟାପୀ ବେରୋଜଗାରୀ ଦ୍ରୁତମାତ୍ରାରେ ବଢ଼ିବାରେ ଲାଗିଛି। ନିର୍ମାଣକାରୀ ସଂସ୍ଥା, ହୋଲ୍‌ସେଲ ଏବଂ ରିଟେଲ୍ ବ୍ୟବସାୟ, ରିୟଲ୍ ଇଷ୍ଟେଟ, ରହିବା ଏବଂ ଖାଦ୍ୟପାନୀୟ ସେବାରେ ସବୁଠାରୁ ଅଧିକ ଅର୍ଥାତ୍ ୩୮ପ୍ରତିଶତ କର୍ମଚାରୀ ଜୀବିକା ହରାଇଛନ୍ତି। ପରିବହନ, ଆମୋଦପ୍ରମୋଦ ବ୍ୟବସ୍ଥା ମଧ୍ୟମରୁ ଗମ୍ଭୀର ଭାବେ ପ୍ରଭାବିତ ହୋଇଥିବାବେଳେ ଜନସ୍ୱାସ୍ଥ୍ୟ ଏବଂ ଶିକ୍ଷା ବ୍ୟବସ୍ଥା କମ୍‌ଭାବେ ପ୍ରଭାବିତ ହୋଇଛି ବୋଲି ଆଇଏଲ୍‌ଓ ପକ୍ଷରୁ କୁହାଯାଇଛି। ଏଭଳିସ୍ଥିତିରେ ସହରାଞ୍ଚଳରେ ଲୋକମାନଙ୍କୁ ଯଦି ଠିକ୍‌ଭାବେ ନିଯୁକ୍ତି କିମ୍ବା ରୋଜଗାର ନ ମିଳିବ ତେବେ ଲୋକମାନେ ପୁଣି ଗ୍ରାମାଭିମୁଖୀ ହେବେ, ଯାହାଫଳରେ ଗ୍ରାମାଞ୍ଚଳର ଅର୍ଥନୀତି ବ୍ୟବସ୍ଥା ମଧ୍ୟ ବିଗିଡ଼ିବାର ସମ୍ଭାବନା ରହିଛି ବୋଲି ଅର୍ଥନୈତିଜ୍ଞ ଏବଂ ଶ୍ରମିକ ସଂଗଠନ ମତ ପ୍ରକାଶ କରିଛନ୍ତି।

ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି ନିମ୍ନ, ମଧ୍ୟବିତ୍ତ ରାଷ୍ଟ୍ର

'କୋଭିଡ୍-୧୯ ଦିନିକିଆ କ୍ରିକେଟ୍ ମ୍ୟାଚ୍ ନୁହେଁ'

ଭୁବନେଶ୍ୱର, ୯।୪(ବ୍ୟୁରୋ)

ରାଜ୍ୟରେ କରୋନା ସ୍ଥିତିକୁ ନେଇ ପ୍ରତିଦିନ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଉଛି। କରୋନା ଭୂତାଣୁ ସଂକ୍ରମଣ ସଚେତନତା କମିଟି ମୁଖ୍ୟ ପ୍ରବକ୍ତା ସୁବ୍ରତୋ ବାଗ୍‌ଚୀ ସୂଚନା ଦେବା ସମୟରେ ଜନସାଧାରଣଙ୍କୁ କିଛି ନା କିଛି ନୂଆ ପରାମର୍ଶ ଦେଉଛନ୍ତି। ଏହିକ୍ରମରେ ଗୁରୁବାର ବାଗ୍‌ଚୀ ଗଣମାଧ୍ୟମକୁ କିଛି ପରାମର୍ଶ ଦେବା ସହ ଚେତାବନୀ ମଧ୍ୟ ଦେଇଛନ୍ତି। ସେ କହିଛନ୍ତି, ବୁଧବାର ଏକ ବୈଦ୍ୟୁତିକ ଗଣମାଧ୍ୟମ ମୋ ଉଦ୍ଦେଶ୍ୟରେ କିଛି ପ୍ରଶ୍ନ ରଖିଥିଲେ। ଆଉ ଉକ୍ତ ପ୍ରଶ୍ନର ଉତ୍ତର ଦେବାକୁ ଯାଇ କୋଭିଡ-୧୯କୁ ଦିନିକିଆ କ୍ରିକେଟ ମ୍ୟାଚ୍ ନ ଭାବିବା ଉଚିତ ବୋଲି ବାଗ୍‌ଚୀ ପରାମର୍ଶ ଦେଇଛନ୍ତି।

କ୍ରିକେଟ ମ୍ୟାଚ୍‌ରେ ଆମେ 'ବଲ୍ ବାଏ ବଲ୍' ବା ଗୋଟି ଗୋଟି ବଲ୍‌ର ହିସାବ ଜାଣିବାକୁ ଚାହିଁଥାଉ। କେଉଁ ବଲ୍ କେତେ ଗତିରେ ଆସିଲା, ବ୍ୟାଟ୍ସମ୍ୟାନ୍ ତାକୁ କିପରି ଖେଳିଲା, ପ୍ରତି ବଲ୍‌ର ଆମେ ସମୀକ୍ଷା କରୁ। ବ୍ୟାଟିଂ କରୁଥିବା ଖେଳାଳି କେବଳ ବ୍ୟାଟିଂ କରୁ ତାହା ଦେଖିଲେ ଆମର ମନ ଶାନ୍ତି ହୁଏନାହିଁ। ସେ ବାଉଣ୍ଡାରି ମାରିବା ଓ ଆଉଟ୍ ହେବା ସହ ଆକ୍ସନ ରିପ୍ଲେକୁ ମଧ୍ୟ ଆମେ ନିରିଖେଇ ଦେଖୁ। ସେଥିରେ ମଧ୍ୟ ମନ ଭରେ ନାହିଁ। ତା' ପରେ ଆମେ ପୁଣି ସ୍ଲୋ ମୋଶନ୍‌ରେ ମଧ୍ୟ ଦେଖୁ। ରାଜ୍ୟରେ ଆଜି ୪୪ ଜଣ କରୋନା ଭୂତାଣୁରେ ସଂକ୍ରମିତ ହୋଇଥିବାବେଳେ ୧୪ ଅଞ୍ଚଳକୁ ଆବଦ୍ଧ ଅଞ୍ଚଳ ବା କଣ୍ଟେନ୍‌ମେଣ୍ଟ ଜୋନ୍ ଭାବେ ଘୋଷଣା ସହ ସିଲ୍ କରାଯାଇଛି। ପ୍ରତିଟି ପଜିଟିଭ୍ କେସ୍‌ର ବିବରଣୀ ଆମକୁ ଦରକାର, ଏହା ପରେ ପୁଣି ତା'ର ସମୀକ୍ଷା ଦରକାର, ଆକ୍ସନ ଏବଂ ରିପ୍ଲେ ସହ ସ୍ଲୋ ମୋଶନ ମଧ୍ୟ ଦରକାର। ଏହି ସଂଖ୍ୟା ଯେତେବେଳେ ୪ଶହରେ ପହଞ୍ଚିବ ସେତେବେଳେ ଆମେ କ'ଣ କରିବା ବୋଲି ବାଗ୍‌ଚୀ ପ୍ରଶ୍ନ କରିଛନ୍ତି। ଏହା କ୍ରିକେଟ ନୁହେଁ କୋଭିଡର ଖେଳ, ଆବେଗ ନୁହେଁ ପ୍ରତ୍ୟୟର ସମୟ। ଏ ବିପଦ ନ ଟଳିବା ପର୍ଯ୍ୟନ୍ତ ପ୍ରତିଦିନ ଆମେ ଆପଣଙ୍କୁ ବ୍ୟବହାର୍ଯ୍ୟ ତଥ୍ୟ ଦେବୁ। ଆପଣ ପ୍ରତିଟି ଘଟଣାର ସମୀକ୍ଷା କରନ୍ତୁ ନାହିଁ। ସରକାର ଆପଣଙ୍କୁ ଠିକ୍ ଖବର ଠିକ୍ ସମୟରେ ଦେଉଛନ୍ତି ଓ ଦେବାକୁ ପ୍ରତିଶ୍ରୁତିବଦ୍ଧ। କିନ୍ତୁ ଆପାତକାଳୀନ ସ୍ଥିତିରେ ଘଟଣାଟି ଘଟିବା କ୍ଷଣି ସୂଚନା ଦେବା ସମ୍ଭବ ନୁହେଁ କି ଉଚିତ୍ ମଧ୍ୟ ନୁହେଁ। ବୃହତ୍ତର ଜନହିତକୁ ଦୃଷ୍ଟି ଦେବାକୁ ପଡ଼ିବ। ଯେଉଁଠି ଜନହିତରେ ଜଣେ ବ୍ୟକ୍ତିଙ୍କ ବିବରଣୀ ଦେବା ଆବଶ୍ୟକ ତାହା ଆମେ ଯୋଗାଇଦେବୁ। ଯେଉଁଠି ଜନବିପଦ ଆଶଙ୍କା ନାହିଁ ସେଠି ଆମେ ବ୍ୟକ୍ତିଗତ ବିବରଣୀ ଦେବୁ ନାହିଁ। ଏଥିପାଇଁ ସମାଲୋଚନା ଓ ସମୀକ୍ଷା କରିବାର କୌଣସି ଆବଶ୍ୟକତା ନାହିଁ ବୋଲି ବାଗ୍‌ଚୀ କହିଛନ୍ତି।

ଏହି ଅବସରରେ ବାଗଚୀ ସାଧାରଣ ଓ ଅସାଧାରଣ ସମୟକୁ ବର୍ଣ୍ଣନା କରି କହିଲେ, ସାଧାରଣ ସମୟରେ ଆମେ ସବୁବେଳେ ସନ୍‌ସନି ଖବର ଖୋଜୁ, ଭିତରୁ ଖୋଳି ତଥ୍ୟ ବାହାର କରୁ। କୋଟିଏ ଚ୍ୟାନେଲ୍ କହିବା ଆଗରୁ ଆମେ ଗୋଟିଏ ଚ୍ୟାନେଲ୍ ହେବାକୁ ଚେଷ୍ଟା କରୁ। ବର୍ତ୍ତମାନ ପରିସ୍ଥିତିରେ ଆମକୁ ଦାୟିତ୍ୱବାନ ହେବାକୁ ପଡ଼ିବ। ଏଇଟା ସାଧାରଣ ସମୟ ନୁହେଁ ଅସାଧାରଣ ସମୟ। କୋଭିଡ୍ ହସ୍ପିଟାଲ ଓ ଟେଷ୍ଟିଂ ଲାବୋରେଟୋରି ଆଗରେ ଓବି ଭ୍ୟାନ୍ ଠିଆ କରିବାର ସମୟ ନୁହେଁ। ତେଣୁ ଆପଣଙ୍କୁ ବ୍ୟବହାର୍ଯ୍ୟ ତଥ୍ୟ ଦେବା ପାଇଁ ସୁଯୋଗ ଦିଅନ୍ତୁ ବୋଲି ବାଗ୍‌ଚୀ ଗଣମାଧ୍ୟମକୁ ଅନୁରୋଧ କରିଛନ୍ତି।

ଗଣମାଧ୍ୟମକୁ ବାଗ୍‌ଚୀଙ୍କ ପରାମର୍ଶ

- 'ବଲ୍ ବାଏ ବଲ୍' ସମୀକ୍ଷା ନୁହେଁ, ଏହା ଆବେଗର ସମୟ
- କୋଭିଡ୍ ହସ୍ପିଟାଲ ଓ ଟେଷ୍ଟିଂ ଲାବ୍ ଆଗରେ ଓବି ଭ୍ୟାନ୍ ଠିଆ କରନ୍ତୁ ନାହିଁ
- ପ୍ରତିଦିନ ସରକାର ବ୍ୟବହାର୍ଯ୍ୟ ତଥ୍ୟ ଦେବେ

ସୁବ୍ରତୋ ବାଗ୍‌ଚୀ

ଗବେଷଣା ଟିମ୍‌ରେ ଓଡ଼ିଆ ଡାକ୍ତର ଦିଗମ୍ବର ବେହେରା

ଭୁବନେଶ୍ୱର,୯।୪(ବ୍ୟୁରୋ)

କରୋନା ମୁକାବିଲା

ବିଶ୍ୱ ମହାମାରୀ କରୋନା ମୁକାବିଲାରେ ସାରା ମାନବ ସମାଜ ଅହରହ ଉଦ୍ୟମ ଜାରି ରଖିଛି। ଭାରତ ସମେତ ବିଶ୍ୱର ଅନ୍ୟାନ୍ୟ ଦେଶ ନିଜ ନିଜର ସାମର୍ଥ୍ୟ ଅନୁସାରେ ପ୍ରଚେଷ୍ଟା ଜାରି ରଖିଛନ୍ତି। ଏହି କ୍ରମରେ ଇଣ୍ଡିଆନ୍ କାଉନସିଲ ଅଫ୍ ମେଡିକାଲ ରିସର୍ଚ୍ଚ(ଆଇସିଏମ୍‌ଆର) ପକ୍ଷରୁ ଏକ ଜାତୀୟସ୍ତରୀୟ ଟାସ୍କଫୋର୍ସ ଗଠନ କରାଯାଇଛି। ଏହି ଟାସ୍କଫୋର୍ସ ଏକ କ୍ଲିନିକାଲ ରିସର୍ଚ୍ଚ ଗ୍ରୁପକୁ ମନୋନୀତ କରିଛି। ନୂଆଦିଲ୍ଲୀସ୍ଥିତ ଏମ୍ସ ନିର୍ଦ୍ଦେଶକ ରଣଦୀପ ଗଲେରିଆ ଏହି ଗବେଷଣା ଦଳର ଅଧ୍ୟକ୍ଷତା କରିବେ। ଏହି ୬ ଜଣିଆ ଟିମ୍‌ରେ ଓଡ଼ିଆ ଡାକ୍ତର ଦିଗମ୍ବର ବେହେରାଙ୍କୁ ମଧ୍ୟ ସ୍ଥାନ ମିଳିଛି। ଦିଗମ୍ବର ବର୍ତ୍ତମାନ ପିଜିଆଇଏମ୍‌ଇଆରର ପ୍ରଫେସର ଭାବେ କାର୍ଯ୍ୟରତ। ଫୁସ୍‌ଫୁସ୍ ସମ୍ବନ୍ଧୀୟ ଚିକିତ୍ସା, ଗବେଷଣା ଏବଂ ଭେଷଜରେ ଦିଗମ୍ବରଙ୍କ ଗଭୀର ଅଭିଜ୍ଞତା ରହିଛି। ଫୁସ୍‌ଫୁସ୍ କର୍କଟ ରୋଗର ଉତ୍ତମ ଚିକିତ୍ସାରେ ତାଙ୍କର ବିଶେଷ ସୁନାମ ରହିଥିବା ଜଣାପଡ଼ିଛି। ସେ 'ଇଣ୍ଡିଆନ୍ ଷ୍ଟଡି ଫର୍ ଦ ଷ୍ଟଡି ଅଫ୍ ଲଙ୍ଗ୍ କ୍ୟାନ୍‌ସର' ସଂସ୍ଥାର ପ୍ରତିଷ୍ଠାତା। କଟକସ୍ଥିତ ଏସ୍‌ସିବି ମେଡିକାଲ କଲେଜର ଦିଗମ୍ବର ଜଣେ ପ୍ରାକ୍ତନ୍ ଛାତ୍ର। ଚିକିତ୍ସା କ୍ଷେତ୍ରରେ ପ୍ରବେଶ ଦିନଠାରୁ ଏଯାବତ୍ ସେ ୪୬୨ଟି ରିସର୍ଚ୍ଚ ପେପର ପ୍ରକାଶ କରିସାରିଲେଣି। ଦେଶରେ ଟିବି ରୋଗ ଏବଂ ଫୁସ୍‌ଫୁସ୍ ଜନିତ କର୍କଟ ରୋଗ ଚିକିତ୍ସା ପାଇଁ ସେ କାର୍ଯ୍ୟ କରୁଛନ୍ତି। ଏତଦ୍ ବ୍ୟତୀତ ଦିଗମ୍ବର ଇଣ୍ଡିଆନ୍ କଲେଜ ଅଫ୍ ଫିଜିସିଆନ୍, ଇଣ୍ଟର ନ୍ୟାଶନାଲ କଲେଜ ଅଫ୍ ଆଞ୍ଜିଓଲୋଜି, ଇଣ୍ଡିଆନ୍ ଚେଷ୍ଟ ସୋସାଇଟି ଏବଂ ଇଣ୍ଡିଆନ୍ ସୋସାଇଟି ଅଫ୍ ଅନ୍‌କୋଲୋଜି ସହ ଜଡ଼ିତ।



ଘରେ ପହଞ୍ଚୁଛି ଆଲ୍‌କୋହଲ

ଦୁବାଇ,୯।୪

କରୋନା ସଂକ୍ରମଣ ଭୟରେ ରାସ୍ତାଘାଟ ଶୂନ୍‌ଶାନ୍, ସବୁକିଛି ଠପ୍। ବ୍ୟବସାୟିକ କାରବାର ବନ୍ଦ ହୋଇଯାଇଥିବାରୁ ଅନ୍ୟ ଦେଶଗୁଡ଼ିକ ଭଳି ବିପୁଳ ରାଜସ୍ୱ ହରାଇବାରେ ଲାଗିଛି ଉପସାଗରୀୟ ଦ୍ୱୀପପୁଞ୍ଜ ସଂଯୁକ୍ତ ଆରବ ଏମିରେଟସ୍ସ (ୟୁଏଇ)। ଏହି କ୍ଷତିର ଭରଣା ଏବେ ଅସମ୍ଭବ ହୋଇଥିଲେ ମଧ୍ୟ ଦେଶର ଅର୍ଥନୀତିର ଅଣ୍ଟା ସଳଖାଇବା ପାଇଁ ଅଭିନବ ଉପାୟ ବାହାର କରିଛି ଦୁବାଇ। ଏହି ସହରରେ ଅର୍ଡର କଲେ ଘରେ ପହଞ୍ଚୁଛି ଆଲ୍‌କୋହଲ। ବିଳାସପୂର୍ଣ୍ଣ ଜୀବନଶୈଳୀ, ଶପିଙ୍ଗ୍, ଅତ୍ୟାଧୁନିକ ସ୍ଥାପତ୍ୟ ଓ ନାଇଟ୍‌ଲାଫ୍‌କୁ ନେଇ ପରିଚିତ ସହର ଦୁବାଇରେ ଥିବା ନଭଶୁମ୍ବୀ ଅଟ୍ଟାଳିକାର ଫ୍ଲାଟ୍-ସ୍କ୍ରିନ୍ ଟେଲିଭିଜନ୍‌ଗୁଡ଼ିକ ନୀରବିଯାଇଛି। ପବ୍‌ଗୁଡ଼ିକରେ ଆଉ ନାହିଁ ଆଗଭଳି ଗହଳିଚହଳି। ରାଜସ୍ୱର ଏକ ବଡ଼ ଉତ୍ସ ପାଲଟିଥିବା ଆଲ୍‌କୋହଲ ବିକ୍ରି ଉପରେ କଟକଣା ଲାଗିବା ପରେ ଦେଶକୁ ବହୁ କ୍ଷତି ସହିବାକୁ ପଡ଼ିଛି। ଫଳରେ ଏହି ରାଜତନ୍ତ୍ରରେ ନିଷ୍ପତ୍ତି ବଦଳାଯାଇଛି। ମଧ୍ୟପ୍ରାଚ୍ୟର ସ୍ୱପ୍ନ ନଗରୀ ଦୁବାଇରେ ଅର୍ଡର କଲେ ଘରେ ପହଞ୍ଚାଯାଉଛି ମଦ। ଏଠାରେ ଥିବା ଲାଇସେନ୍ସପ୍ରାପ୍ତ ରେଷ୍ଟୁରାଣ୍ଟ ଓ ବାର୍‌ଗୁଡ଼ିକ ପର୍ଯ୍ୟଟକ, ଯାତ୍ରୀ ଓ ବିଦେଶୀ କର୍ମଜୀବୀଙ୍କୁ ଯୋଗାଇଦେଉଛନ୍ତି ଆଲ୍‌କୋହଲ। ଇସ୍‌ଲାମିକ୍ ସିଟି-ଷ୍ଟେଟ୍‌ର ଦୁଇଟି ବୃହତ୍ ଆଲ୍‌କୋହଲ ବିତରକ ସଂସ୍ଥା ଲୋକଙ୍କୁ ବିୟର, ସ୍ପିରିଟ୍ ଓ ୱାଇନ୍ ଯୋଗାଇବାର ଦାୟିତ୍ୱ ନେଇଛନ୍ତି। ୟୁରୋମନିଟର ଇଣ୍ଟରନ୍ୟାଶନାଲ ମାର୍କେଟ ରିସର୍ଚ୍ଚ ଫାର୍ମରେ ନିୟୋଜିତ ଅନାଲିଷ୍ଟ ରିବଆ ୟସ୍ମିନ କହିଛନ୍ତି, ଦୁବାଇରେ ୨୪ ଘଣ୍ଟିଆ ଲକ୍‌ଡାଉନ୍ ଜାରି କରାଯାଇଛି। ଫଳରେ ଗ୍ରସେରି ଦୋକାନକୁ ଯିବାକୁ ହେଲେ ପୋଲିସଠାରୁ ଅନୁମତି ଆଣିବାକୁ ପଡୁଛି। କରୋନା ଭାଇରସ୍ ମାଡ଼ରେ ଲକ୍‌ଜୁରି ହୋଟେଲ ଓ ବାର୍‌ଗୁଡ଼ିକ ନଇଁ ପଡ଼ିଛି। ଏବେ ୟୁଏଇ ଶାସକଙ୍କ ପାଇଁ ଟାକ୍ସ ଓ ରାଜସ୍ୱ କ୍ଷତିର କାରଣ ପାଲଟିଛି। ଏଥିଲାଗି ଦୁଇଟି ବଡ଼ ଆଲ୍‌କୋହଲ ଡିଷ୍ଟ୍ରିବ୍ୟୁଟରଙ୍କୁ ହୋମ୍ ଡେଲିଭରି ଅନୁମତି ମିଳିଛି। ସେମାନଙ୍କ ୱେବ୍‌ସାଇଟ୍ legalhomedelivery.com ଜରିଆରେ ଅନ୍‌ଲାଇନ୍‌ରେ ଆଲ୍‌କୋହଲ ଅର୍ଡର କରାଯାଇପାରୁଛି। ଅର୍ଡର ମିଳିବା ପରେ ଏହି ଦୁଇ ସଂସ୍ଥା କିଛି ଘଣ୍ଟା ମଧ୍ୟରେ ଗ୍ରାହକଙ୍କ ନିକଟରେ ତାହା ପହଞ୍ଚାଇବା ବ୍ୟବସ୍ଥା କରୁଛନ୍ତି। ରାଷ୍ଟ୍ରାୟତ୍ତ ଏମିରେଟ୍ସ ଏୟାରଲାଇନ୍ସ ଅଧୀନ ମେରିଟାଇମ୍ ଆଣ୍ଡ ମର୍ଚେଣ୍ଟାଇଲ୍ ଇଣ୍ଟରନ୍ୟାଶନାଲ୍ (ଏମ୍‌ଏମ୍‌ଆଇ) ଏବଂ ଆଫ୍ରିକାନ୍ ଆଣ୍ଡ ଇଷ୍ଟର୍ନ ସହଭାଗିତାରେ ଏହି ୱେବ୍‌ସାଇଟ୍ ଲଞ୍ଚ କରାଯାଇଛି। ଡନ୍ ଜୁଲିଓ ୧୯୪୨ ତେକ୍ୱିଲା ବୋତଲ ପିଛା ୫୩୦ ଡଲାର ପଡୁଥିବାବେଳେ ଇଣ୍ଡିଆନ୍ ହ୍ୱିସ୍କିର ମୂଲ୍ୟ ରଖାଯାଇଛି ୪.୩୦ ଡଲାର।

ସ୍ୱପ୍ନ ନଗରୀ ଦୁବାଇରେ ଅନ୍‌ଲାଇନ୍ ଅର୍ଡର

ସଂକ୍ଷେପରେ

୩ ଦିନ ଝଡ଼ବର୍ଷା ସମ୍ଭାବନା

ଭୁବନେଶ୍ୱର,୯।୪(ବ୍ୟୁରୋ): ରାଜ୍ୟରେ ଗତ ଦୁଇଦିନ ହେବ ମେଘୁଆ ପାଗ ସାଙ୍ଗକୁ ଝଡ଼ବର୍ଷା ଲାଗି ରହୁଛି। ଏଥିଯୋଗୁ ତାତି କମିଛି। ପାରଦ ୪୦ ଡିଗ୍ରୀ ସେଲସିୟସ୍ ତଳକୁ ଖସିଯାଇଛି। ଆସନ୍ତା ୩ ଦିନ ରାଜ୍ୟର ବିଭିନ୍ନ ଭାଗରେ ପାଗ ମେଘୁଆ ରହିବା ସହ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉପକୂଳ ଜିଲା ସମେତ ମୟୂରଭଞ୍ଜ, ରାୟଗଡ଼ା, କନ୍ଧମାଳ, କୋରାପୁଟ, ଗଞ୍ଜାମ, ଗଜପତି ଜିଲାର କେତେକ ସ୍ଥାନରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ଏହି ଜିଲାଗୁଡ଼ିକରେ ପବନର ବେଗ ଘଣ୍ଟା ପ୍ରତି ୩୦ରୁ ୪୦ କିଲୋମିଟର ରହିବ। ଏ ନେଇ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ଏଲୋୱାର୍ନିଂ ଜାରି କରାଯାଇଛି। ଗୁରୁବାର ରାଜ୍ୟର କେତେକ ସ୍ଥାନରେ ଝଡ଼ବର୍ଷା ହୋଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ପାରଳାଖେମୁଣ୍ଡିରେ ୪୪ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ କୋରାପୁଟ ୧୨.୬, ମାଲକାନଗିରି ୧୬.୨, ଛତ୍ରପୁର ୧୫, ପାରାଦୀପରେ ୫, ବାରିପଦା ୩.୨, ଝାରସୁଗୁଡା ୪.୨, କେନ୍ଦୁଝର ୫.୬, ସୁନ୍ଦରଗଡ଼ ୬. ଏବଂ ରାୟଗଡ଼ାରେ ୧୦ ମିଲିମିଟର ବର୍ଷା ହୋଇଛି। ବର୍ଷା ଓ ମେଘୁଆ ପାଗ ଯୋଗୁ ଅନୁଗୋଳରେ ୩୯.୭ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଥିବା ବେଳେ ବଲାଙ୍ଗୀର ୩୯, ଟିଟିଲାଗଡ଼ରେ ୩୮ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଛି।

ମାସ୍କ ନ ପିନ୍ଧିଲେ ୨୦୦ରୁ ୫୦୦ ଟଙ୍କା ଜରିମାନା

ଭୁବନେଶ୍ୱର,୯।୪(ବ୍ୟୁରୋ)

ରାଜ୍ୟରେ କରୋନା(କୋଭିଡ-୧୯) କାୟାବିସ୍ତାର କରିଚାଲିଛି। ଏହାକୁ ମୁକାବିଲା କରିବାକୁ ରାଜ୍ୟ ସରକାର ଗୋଟିଏ ପରେ ଗୋଟିଏ କଠୋର ପଦକ୍ଷେପ ନେଉଛନ୍ତି। ଗୁରୁବାରଠାରୁ ଘରୁ ପଦାକୁ ବାହାରୁଥିବା ସମସ୍ତଙ୍କ ପାଇଁ ମୁହଁରେ ମାସ୍କ ଲଗାଇବାକୁ ବାଧ୍ୟତାମୂଳକ କରାଯାଇଛି। ଉଲ୍ଲଂଘନକାରୀଙ୍କ ପାଇଁ ଦଣ୍ଡବିଧାନ ମଧ୍ୟ ହୋଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପୂର୍ବରୁ ଏ ନେଇ ଏକ ରେଗୁଲେଶନ ପ୍ରକାଶ କରାଯାଇଛି। ଏଣିକି ମାସ୍କ ନ ଲଗାଇଲେ ଏକ ଅପରାଧ ଭାବେ ବିବେଚିତ କରାଯିବ। ଯେଉଁ ବ୍ୟକ୍ତି ଘରୁ ବାହାରକୁ ବାହାରିବେ ଏବଂ ମାସ୍କ ଲଗାଇବେ ନାହିଁ, ତାଙ୍କୁ ପ୍ରଥମ ୩ ଥର ପାଇଁ ୨୦୦ ଟଙ୍କା ଲେଖାଏ ଏବଂ ଏହା ପରେ ଧରା ପଡ଼ିଲେ ୫୦୦ ଟଙ୍କା ଜରିମାନା ଦେବାକୁ ପଡ଼ିବ। ସମଗ୍ର ରାଜ୍ୟ ପାଇଁ ଏହା ଲାଗୁ ହେବ।

ରାଜ୍ୟରେ ପ୍ରଚଳିତ ମହାମାରୀ ଆଇନ-୧୮୯୭କୁ ସଂଶୋଧନ କରାଯାଇ ମହାମାରୀ (ସଂଶୋଧନ) ଅଧ୍ୟାଦେଶ-୨୦୨୦କୁ କାର୍ଯ୍ୟକ୍ଷମ କରାଯାଇଛି। ପୂର୍ବରୁ ଏହି ଆଇନରେ ଦଣ୍ଡବିଧାନ ବ୍ୟବସ୍ଥା କୋହଳ ଥିଲା। ସଂଶୋଧନ ପରେ ଏହାକୁ କଡ଼ାକଡ଼ି କରାଯାଇଛି। କୋଭିଡ-୧୯କୁ ଉଲ୍ଲଂଘନ କରୁଥିବା ବ୍ୟକ୍ତିବିଶେଷ ଓ ସଂସ୍ଥା ବିରୋଧରେ ଦଣ୍ଡନୀୟ ଆପରାଧିକ ମାମଲା ରୁଜୁ କରାଯିବ। ଉଲ୍ଲଂଘନକାରୀଙ୍କୁ ୨ ବର୍ଷ ଜେଲଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନା କରାଯିବ। ତେବେ ପ୍ରତ୍ୟେକ ଅପରାଧ ଜରିମାନା ଯୁକ୍ତ ଏବଂ ଜାମିନଯୁକ୍ତ ମଧ୍ୟ ହେବ। ଏଥିସହିତ ଏହି ସଂଶୋଧିତ ଆଇନରେ କରୋନା-୧୯ ପାଇଁ ଆବଶ୍ୟକ ଜରୁରୀ ଔଷଧ କ୍ରୟ କରିବା ବ୍ୟବସ୍ଥା ରହିଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆଯାଇଥିବା

ଏହି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ମୋହର ମାରିଛି।

ଗୁରୁବାର ପୂର୍ବାହ୍ନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଅନୁଷ୍ଠିତ କ୍ୟାବିନେଟ ବୈଠକ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ ମୁଖ୍ୟ ଶାସନ ସଚିବ ଅସୀତ ତ୍ରିପାଠୀ କହିଛନ୍ତି, କୋଭିଡ ମୁକାବିଲା ପାଇଁ ଅର୍ଥମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ମନ୍ତ୍ରୀସ୍ତରୀୟ କ୍ଷମତାସମ୍ପନ୍ନ କମିଟି ଗଠନ କରାଯାଇଛି। ଏହି କମିଟିର ୩ଟି ବୈଠକରେ ଟେଷ୍ଟିଂ କିଟ୍‌ସ, ଚିକିତ୍ସା

କ୍ୟାବିନେଟ୍ ନିଷ୍ପତ୍ତି

- ସଂଶୋଧନ ହେଲା ଓଡ଼ିଶା ମହାମାରୀ ଆଇନ-୧୮୯୭
- କୋଭିଡ-୧୯ ନିୟମ ଉଲ୍ଲଂଘନ କଲେ ୨ ବର୍ଷ ଜେଲ,୧୦ ହଜାର ଜରିମାନା
- ୨ ହଜାର କୋଟିକୁ ବଢ଼ିଲା ଓଡ଼ିଶା କଣ୍ଟିଜେନ୍ସି ଫଣ୍ଡ ରାଶି

ଉପକରଣ କ୍ରୟ ସହ ଅନେକ ଜରୁରିକାଳୀନ ନିଷ୍ପତ୍ତି ନିଆଯାଇଥିଲା। ତାହାକୁ କ୍ୟାବିନେଟ ଅନୁମୋଦନ କରିଛି। ଏଥିସହିତ ରାଜ୍ୟ ସରକାର ୧ ଲକ୍ଷ ରାପିଡ୍ ଆଣ୍ଟିବଡି ଡାଇଗ୍ନୋଷ୍ଟିକ ଟେଷ୍ଟ କିଟ୍ ଭାରତ ଓ ବିଦେଶରୁ କ୍ରୟ କରିବେ। ଏହା କରୋନା ଚିହ୍ନଟକୁ ଅଧିକ ସୁଦୃଢ଼ କରିବ। ଏହାଦ୍ୱାରା ଅଧିକ ସଂଖ୍ୟାରେ ଲୋକମାନଙ୍କୁ ପରୀକ୍ଷା କରାଯାଇପାରିବ। ଏଥିସହିତ ଓଡ଼ିଶା ଜରୁରିକାଳୀନ ପାଣ୍ଠି ରାଶି(କଣ୍ଟିଜେନ୍ସି ଫଣ୍ଡ)କୁ ୨ ହଜାର କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ଅର୍ଥ ବିଭାଗ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି। ଷୋଡ଼ଶ ବିଧାନସଭାର ତୃତୀୟ ଅଧିବେଶନକୁ ଅନିର୍ଦ୍ଦିଷ୍ଟ କାଳ ସ୍ଥଗିତ ଲାଗି ଦିଆଯାଇଥିବା ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁର କରିଛି।

ହେବନାହିଁ ୯ମ ଶ୍ରେଣୀ ଇତିହାସ-ଭୂଗୋଳ ପରୀକ୍ଷା

ଭୁବନେଶ୍ୱର, ୯।୪(ବ୍ୟୁରୋ)

- ସରିଥିବା ପରୀକ୍ଷାରୁ ବାହାରିବ ଫଳାଫଳ
- ଦଶମ ଶ୍ରେଣୀ ଖାତାଦେଖାକୁ ନେଇ ବଢ଼ିଲା ଚିନ୍ତା
- ସାମାଜିକ ଦୂରତା ରଖି ବଣ୍ଟାଯିବ ପିଲାଙ୍କ ବହି
- ୮ ମୁଖ୍ୟ ସମସ୍ୟା ନେଇ ଲୋଡ଼ାଯିବ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

କରୋନାର ପ୍ରଭାବ ପଡ଼ିଛି ରାଜ୍ୟର ଶିକ୍ଷା ବ୍ୟବସ୍ଥା ଉପରେ। ଚଳିତ ୧୪ରେ ଶେଷ ହେବାକୁ ଥିବା ଲକ୍‌ଡାଉନ୍ ଅବଧି ୩୦କୁ ବୃଦ୍ଧି ପାଇବା ପରେ ଛାତ୍ରୀଛାତ୍ରଙ୍କ ପାଠପଢ଼ାକୁ ନେଇ ଚିନ୍ତା ବଢ଼ିଛି। ଏ ପର୍ଯ୍ୟନ୍ତ ଅଧିକାଂଶ ଶ୍ରେଣୀର ପରୀକ୍ଷା ସରି ନ ଥିବାବେଳେ ଏହା ସ୍କୁଲ ଓ ଗଣଶିକ୍ଷା ବିଭାଗର ଚିନ୍ତାକୁ ଦ୍ୱିଗୁଣିତ କରିଦେଇଛି। ଅନ୍ୟପଟେ ଏହାର କିପରି ସମାଧାନ କରାଯିବ ତାକୁ ନେଇ ବିଚାରବିମର୍ଶ ଆରମ୍ଭ ହୋଇଛି। ସମସ୍ୟା ସମାଧାନ କରିବାକୁ ଯାଇ ନବମ ଶ୍ରେଣୀର ବାକିଥିବା ଇତିହାସ-ଭୂଗୋଳ ବିଷୟ ପରୀକ୍ଷା ଆଉ ନ କରିବାକୁ ନିଷ୍ପତ୍ତି ନେଇଛି ସ୍କୁଲ ଓ ଗଣଶିକ୍ଷା ବିଭାଗ। ଉକ୍ତ ବିଷୟକୁ ବାଦ୍‌ଦେଇ ବାକି ସବୁ ବିଷୟରେ ମାର୍କିଂ କରି ଫଳାଫଳ ପ୍ରକାଶ କରାଯିବ ବୋଲି ବିଭାଗୀୟ ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ମାତ୍ର ଏ ନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ପୂର୍ବରୁ ମନ୍ତ୍ରୀ ଦାଶ ଅଷ୍ଟମ ପର୍ଯ୍ୟନ୍ତ ସବୁ ପିଲାଙ୍କ ପାଇଁ ଅଲ୍ ପାସ୍ ବ୍ୟବସ୍ଥା ଲାଗୁ କରାଯିବ ବୋଲି କହିଥିଲେ। ନବମ ପିଲାଙ୍କ ଖାତା ମୂଲ୍ୟାୟନ ହେବ ବୋଲି ସୂଚନା ଦେଇଥିଲେ। ଲକ୍‌ଡାଉନ ୧୪ ତାରିଖରେ ସରିବା ମାତ୍ରେ ନବମ ଶ୍ରେଣୀ ପିଲାଙ୍କ ପରୀକ୍ଷା ଶେଷ କରି ଫଳାଫଳ ପ୍ରକାଶ କରିବା ଲାଗି ବିଭାଗ ପକ୍ଷରୁ ସ୍ଥିର କରାଯାଇଥିଲା। ଏବେ ଏହି ନିଷ୍ପତ୍ତିରେ ମଧ୍ୟ ପରିବର୍ତ୍ତନ କରାଯାଇଛି। ତଦନୁଯାୟୀ ଇତିହାସ-ଭୂଗୋଳ ବିଷୟକୁ ବାଦ୍‌ଦେଇ ଅନ୍ୟ ସବୁ ବିଷୟରେ ହୋଇଥିବା ପରୀକ୍ଷା ଖାତାର ମୂଲ୍ୟାୟନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ଏହାସହ ଯୁକ୍ତ୨ ପିଲାଙ୍କ ସମସ୍ତ ପରୀକ୍ଷା ମଧ୍ୟ ଏ ପର୍ଯ୍ୟନ୍ତ ଶେଷ ହୋଇ ନ ଥିବାବେଳେ ଦଶମ ପିଲାଙ୍କ ମୂଲ୍ୟାୟନ କିପରି ହେବ ତାକୁ ନେଇ ମନ୍ତ୍ରୀ ଚିନ୍ତା ପ୍ରକଟ କରିଛନ୍ତି। ଅନ୍ୟପଟେ ଜୁନ୍ ୧୭ ତାରିଖ ପର୍ଯ୍ୟନ୍ତ ସମସ୍ତ ସ୍କୁଲ କଲେଜ ବନ୍ଦ ରଖିବା ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଦେଇଛନ୍ତି। ତେଣୁ ଅଧାପନ୍ତରିଆ ରହିଥିବା ପିଲାଙ୍କ ପରୀକ୍ଷା କିପରି ଶେଷ ହେବ ତାହା ଏବେ ସବୁଠାରୁ ବଡ଼ ଚିନ୍ତା ହୋଇ ସରକାରଙ୍କ ନିକଟରେ ଉଭା ହୋଇଛି। ସେହିପରି ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲାଙ୍କୁ ଛୁଟି ମଧ୍ୟରେ ବହି ବଣ୍ଟା କାର୍ଯ୍ୟ ସରିବା କଥା। ହେଲେ ଲକ୍‌ଡାଉନ ଯୋଗୁ ଏବେ ସେଥିରେ ମଧ୍ୟ ସମସ୍ୟା ଉପୁଜିଛି। ବିଭାଗ ପାଖରେ ଗୋଦାମ ଘର ନ ଥିବା କାରଣରୁ ବହିଗୁଡିକ ନଷ୍ଟ ହୋଇଯିବା ଆଶଙ୍କା ରହିଛି। ତେଣୁ ସାମାଜିକ ଦୂରତା ରକ୍ଷା କରି ପିଲାଙ୍କ ପାଖରେ ବହି କିପରି ପହଞ୍ଚାଇପାରିବ ତାକୁ ନେଇ ବିଭାଗ ଚିନ୍ତା କରିବା ଆରମ୍ଭ କରିଛି। ଏହିପରି ମୋଟ ୮ଟି ମୁଖ୍ୟ ସମସ୍ୟାର ସମାଧାନ ଲାଗି ବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ ଲୋଡ଼ାଯିବ। ଏଥିଲାଗି ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ମନ୍ତ୍ରୀ ଦାଶ ଶନିବାର ମୁଖ୍ୟମନ୍ତ୍ରୀଙ୍କୁ ଏକ ପତ୍ର ଲେଖିବେ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

ଗାଡ଼ିମାଲିକଙ୍କୁ ମୋଟର ଯାନ କର ପ୍ରଦାନ କ୍ଷେତ୍ରରେ ଆଶ୍ୱସ୍ତି

ଭୁବନେଶ୍ୱର, ୯।୪(ବ୍ୟୁରୋ)

କରୋନା ଭୂତାଣୁ ସଂକ୍ରମଣକୁ ପ୍ରତିହତ କରିବା ଉଦ୍ଦେଶ୍ୟରେ କେନ୍ଦ୍ର ତଥା ରାଜ୍ୟ ସରକାର ଦେଶରେ ଏବଂ ରାଜ୍ୟରେ ଲକ୍‌ଡାଉନ୍ ଜାରି ରଖିଛନ୍ତି। ଏହି ଲକ୍‌ଡାଉନ ଅବଧି ଆସନ୍ତା ୧୪ତାରିଖରେ ଶେଷ ହେବାକୁ ଥିବାବେଳେ ରାଜ୍ୟ ସରକାର ଏହାକୁ ଗୁରୁବାର ଆହୁରି ୧୬ଦିନ ପାଇଁ ବୃଦ୍ଧି କରିଛନ୍ତି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ଏପ୍ରିଲ ୧୫ସୁଦ୍ଧା ଟ୍ୟାକ୍ସ ଦେବାକୁ ଥିବା ଗାଡ଼ି ମାଲିକମାନଙ୍କୁ ସରକାର ଆଶ୍ୱସ୍ତି କରିଛନ୍ତି। ରାଜ୍ୟ ସରକାର ମୋଟର ଯାନ କର ପୈଠ ତାରିଖକୁ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଇ ଦେଇଛନ୍ତି। ଲକ୍‌ଡାଉନ୍ ଯୋଗୁ ଷ୍ଟେଜ୍ କ୍ୟାରେଜ୍, କଣ୍ଟ୍ରାକ୍ଟ କ୍ୟାରେଜ ଏବଂ ବିଭିନ୍ନ ମାଲ ପରିବହନ କରୁଥିବା ଗାଡ଼ିଗୁଡ଼ିକ ଏପ୍ରିଲ ମାସ ପାଇଁ ସେମାନଙ୍କ ମୋଟର ଯାନ ଟିକସ ଓ ଅତିରିକ୍ତ ଟିକସ ଦେଇ ନାହାନ୍ତି ସେମାନେ ଜୁନ୍ ୩୦ ମଧ୍ୟରେ ଟିକସ ପୈଠ କରିବେ।

ଏପ୍ରିଲ ୧୫ ସୁଦ୍ଧା ଦେଇ ନ ଥିବା କର ଜୁନ୍ ୩୦ ସୁଦ୍ଧା ଦେଇପାରିବେ

ସେହିପରି ଯେଉଁ ମାଲ୍ ପରିବହନ କରୁଥିବା ଗାଡ଼ିଗୁଡ଼ିକ ଏପ୍ରିଲ-ଜୁନ୍ ତ୍ରୈମାସିକ ମୋଟର ଯାନ ଟିକସ ପ୍ରଦାନ କରିନାହାନ୍ତି ସେମାନେ ମଧ୍ୟ ଏହି ଅବଧିରେ ଟିକସ ଦାଖଲ କରିବାକୁ କୁହାଯାଇଛି। ସେହିପରି ସ୍କୁଲ ବସ୍ ଏବଂ ନିର୍ମାଣ ଉପକରଣ ପରିବହନ କରୁଥିବା ଗାଡିଗୁଡିକ ପାଇଁ ମଧ୍ୟ ଏହି ସୁବିଧା ଉପଲବ୍ଧ ହେବ। କୋଭିଡ୍-୧୯ ପରିପ୍ରେକ୍ଷୀରେ ଗାଡ଼ି ମାଲିକମାନଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ସରକାର ଏହି ଗ୍ରେସ୍ ଅବଧିକୁ ଜୁନ୍ ୩୦ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଏନେଇ ଗୁରୁବାର ବାଣିଜ୍ୟ ଓ ପରିବହନ ବିଭାଗ କର୍ତ୍ତୃପକ୍ଷ ବିଜ୍ଞପ୍ତି ଜରିଆରେ ସୂଚନା ଦେଇଛନ୍ତି।

ଥଣ୍ଡା, ଜ୍ୱର ରୋଗୀଙ୍କ ଲାଗି ନିର୍ଦ୍ଦିଷ୍ଟ ହସ୍ପିଟାଲ

ସ୍ୱାସ୍ଥ୍ୟ ବିଭାଗ ପ୍ରକାଶ କଲା ତାଲିକା

ଭୁବନେଶ୍ୱର, ୯।୪ (ବ୍ୟୁରୋ)

କରୋନା ସଂକ୍ରମଣର ମୁକାବିଲା କରିବାକୁ ରାଜ୍ୟ ସରକାର ସମସ୍ତ ବେସରକାରୀ ଡାକ୍ତରଖାନା, କ୍ଲିନିକ୍ ଓ ହସ୍ପିଟାଲ ପାଇଁ ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ ଜାରି କରିଛନ୍ତି। ହେଲେ ଏହାକୁ ଏକାଧିକ ବେସରକାରୀ ସ୍ୱାସ୍ଥ୍ୟ ଅନୁଷ୍ଠାନ ଅନୁକରଣ କରୁ ନ ଥିବା ନଜରକୁ ଆସିଛି। କୋଭିଡ୍-୧୯ ସଂକ୍ରମିତ ତଥା ସନ୍ଦିଗ୍ଧଙ୍କ ଚିକିତ୍ସା ଲାଗି ପ୍ରତ୍ୟେକ ହସ୍ପିଟାଲ ଓ କ୍ଲିନିକ୍ ସ୍ୱତନ୍ତ୍ର ଭାବେ ଏକ ଫିଭର କ୍ଲିନିକ୍ ପ୍ରତିଷ୍ଠା କରିବାକୁ କୁହାଯାଇଛି। କିନ୍ତୁ ଅଧିକାଂଶ ସ୍ଥାନରେ ଏବେ ବି ସାଧାରଣ ରୋଗୀଙ୍କ ସହ କୋଭିଡ୍ ସନ୍ଦିଗ୍ଧଙ୍କ ଚିକିତ୍ସା କରାଯାଉଛି। ଏହାଦ୍ୱାରା ସଂକ୍ରମଣର ଆଶଙ୍କା ଅଧିକ ରହୁଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଥଣ୍ଡା, ଜ୍ୱର ତଥା ଫ୍ଲୁ ଭଳି ଲକ୍ଷଣ ଥିବା ରୋଗୀଙ୍କୁ କେତେକ ନିର୍ଦ୍ଦିଷ୍ଟ ବେସରକାରୀ ହସ୍ପିଟାଲ ଓ କ୍ଲିନିକ୍ ଯିବାକୁ ଅନୁରୋଧ କରିଛନ୍ତି। କୋଭିଡ୍-୧୯ ଗାଇଡ୍‌ଲାଇନ୍ ଅନୁକରଣ କରିଥିବା ଓ ସ୍ୱତନ୍ତ୍ର ଫିଭର କ୍ଲିନିକ୍ ପ୍ରତିଷ୍ଠା କରିଥିବା ହସ୍ପିଟାଲ ଏବଂ କ୍ଲିନିକ୍‌ଗୁଡ଼ିକ ଏଥିରେ ଅନ୍ତର୍ଭୁକ୍ତ ହୋଇଛି। ଗୁରୁବାର ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଭୁବନେଶ୍ୱର ମହାନଗର ନିଗମ ଅଧୀନରେ ସମ୍ପୃକ୍ତ ହସ୍ପିଟାଲ ଓ କ୍ଲିନିକ୍‌ର ତାଲିକା ପ୍ରକାଶ ପାଇଛି। ସେଗୁଡିକ ହେଲା ଆମ୍ରି ହସ୍ପିଟାଲ, କଳିଙ୍ଗ ହସ୍ପିଟାଲ, ନୀଳାଚଳ ହସ୍ପିଟାଲ, ସନ୍‌ସାଇନ୍ ହସ୍ପିଟାଲ, ସ୍ୱର୍ଣ୍ଣ ହସ୍ପିଟାଲ, ବ୍ଲୁ ହିଲ୍ ହସ୍ପିଟାଲ, କେୟାର ହସ୍ପିଟାଲ, ଅଶ୍ୱିନୀ ଆଦିତ୍ୟ ହସ୍ପିଟାଲ, ଭୁବନେଶ୍ୱର ହସ୍ପିଟାଲ, ବିଏମ୍‌ଆର୍‌ଆଇ ଇନ୍‌ଷ୍ଟିଚ୍ୟୁଟ୍ ଆଣ୍ଡ୍ ନର୍ସିଂହୋମ୍, ପଦ୍ମା ହସ୍ପିଟାଲ, ପଣ୍ଡା ନର୍ସିଂହୋମ୍, ମା' ଶକ୍ତି ହସ୍ପିଟାଲ, ଗ୍ୟାଷ୍ଟ୍ରୋ କିଡ୍‌ନୀ କେୟାର, ବିବେକାନନ୍ଦ ହସ୍ପିଟାଲ ଓ ଉତ୍କଳ ହସ୍ପିଟାଲ। ଏଠାରେ ସ୍ୱତନ୍ତ୍ର ଫିଭର କ୍ଲିନିକ୍ ଥିବାରୁ ଧଣ୍ଡା, ଜ୍ୱର ଓ ଫ୍ଲୁ ଲକ୍ଷଣ ଥିବା ରୋଗୀଙ୍କୁ ସେଠାକୁ ଯିବାକୁ କୁହାଯାଇଛି। ଏହାବ୍ୟତୀତ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ, ରାଉରକେଲା ଆର୍‌ଜିଏର୍ ସହ ସ୍ୱତନ୍ତ୍ର ଫିଭର କ୍ଲିନିକ୍ ଥିବା ଜିଲା ମୁଖ୍ୟ ଚିକିତ୍ସାଳୟଗୁଡ଼ିକୁ ମଧ୍ୟ ସେମାନେ ଯାଇପାରିବେ।

ପ୍ରଥମ ପୃଷ୍ଠାରୁ...

ଏପ୍ରିଲ ୩୦ ଯାଏ ...

ଦେଶ ଆମେରିକାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୩ ହଜାରରୁ ବଢ଼ି ୪ ଲକ୍ଷ ଟପିଲାଣି। ସେପ୍ଟେମ୍ବର ୧୧ ଆକ୍ରମଣଠାରୁ ଆରମ୍ଭକରି ବିଭିନ୍ନ ଯୁଦ୍ଧରେ ଆମେରିକାରେ ଯେତେ ଲୋକଙ୍କର ଜୀବନହାନି ହୋଇଥିଲା, ତାହାଠାରୁ ବହୁ ଅଧିକ ଲୋକ ଏହି ମହାମାରୀର ଶିକାର ହୋଇଛନ୍ତି। ତଥାପି ଆମେରିକା ନିଜକୁ ସମ୍ପୂର୍ଣ୍ଣ ଲକ୍‌ଡାଉନ କରିନାହିଁ। ଏହି କଠିନ ପରିସ୍ଥିତିରେ ଆମକୁ ମଣିଷ ଜୀବନ ଓ ଅର୍ଥନୀତି ମଧ୍ୟରେ ନିଷ୍ପତ୍ତି ନେବାକୁ ପଡୁଛି। ମଣିଷ ଜୀବନକୁ ଗୁରୁତ୍ୱ ଦେଇ ଏଭଳି ନିଷ୍ପତ୍ତି ନେଉଛୁ। ଜଟିଳ ହେଉଥିବା ପରିସ୍ଥିତିକୁ ଦୃଷ୍ଟିରେ ରଖି ଲକ୍‌ଡାଉନ ସମୟସୀମାକୁ ଏପ୍ରିଲ ୩୦ ଯାଏ ବୃଦ୍ଧି କରିବାକୁ ପଡ଼ିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହିତ ଏପ୍ରିଲ ୩୦ ପର୍ଯ୍ୟନ୍ତ ରେଳ ଓ ବିମାନ ସେବାକୁ ବନ୍ଦ ରଖିବାକୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଛି। ଓଡ଼ିଶା ବାହାରେ ରହିଥିବା ଶ୍ରମିକମାନଙ୍କର ଯତ୍ନ ନେବାକୁ ସମସ୍ତ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଛି। ଏଥିସହ ଓଡ଼ିଶା ଭିତରେ ରହିଥିବା ଅନ୍ୟ ରାଜ୍ୟର ଶ୍ରମିକମାନଙ୍କର ଯତ୍ନ ରାଜ୍ୟ ସରକାର ନେଉଛନ୍ତି।

ଲକ୍‌ଡାଉନ ସମୟରେ କୃଷି କାର୍ଯ୍ୟ ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଗରିବ ଲୋକଙ୍କୁ ରୋଜଗାର ଯୋଗାଇଦେବା ପାଇଁ ରାଜ୍ୟରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଚାଲୁ ରହିବ। ତେବେ ଏହି ସବୁ ସମୟରେ ସାମାଜିକ ଦୂରତ୍ୱକୁ ପାଳନ କରାଯିବ। ଲୋକଙ୍କ ଖାଦ୍ୟ ନିରାପତ୍ତା ରାଜ୍ୟ ସରକାରଙ୍କ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଲକ୍‌ଡାଉନ ସମୟରେ ଅତ୍ୟାବଶ୍ୟକ ମାଲ୍ ପରିବହନରେ ଯେପରି ବାଧା ସୃଷ୍ଟି ନ ହେବ ସେଥିପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଇଛି। ରାଜ୍ୟରେ କୋଭିଡ-୧୯ ପରୀକ୍ଷା ଓ ଚିକିତ୍ସା ପାଇଁ ସରକାର ସବୁପ୍ରକାର ପଦକ୍ଷେପ ନେଇଛନ୍ତି। ଖୁବ୍‌ଶୀଘ୍ର ରାଜ୍ୟରେ ୧ ଲକ୍ଷ ରାପିଡ୍ ଟେଷ୍ଟିଂ ସୁବିଧା କରାଯିବ। ଟେଲିମେଡିସିନ ସେବା ଯୋଗାଉଥିବା ଡାକ୍ତରମାନଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କରୋନା ଗତ ଏକ ଶତାବ୍ଦୀ ମଧ୍ୟରେ ମାନବ ସଭ୍ୟତାର ସବୁଠାରୁ ବଡ଼ ଶତ୍ରୁ ଭାବେ ଦେଖାଦେଇଛି। ଜୀବନଯାତ୍ରା ଆଉ ଆଗଭଳି ରହିନାହିଁ। ଆମେ ସମସ୍ତେ ଏହା ବୁଝିବା ଦରକାର। ସାହସର ସହ ମିଳିତ ଭାବେ ମୁକାବିଲା ପାଇଁ କାମ କରିବା ଦରକାର। ମହାପ୍ରଭୁଙ୍କର ଆଶୀର୍ବାଦ ଓ ଆମ ସମସ୍ତଙ୍କ ତ୍ୟାଗ ଏହି କଠିନ ପରିସ୍ଥିତିରୁ ଆମକୁ ଶୀଘ୍ର ମୁକୁଳାଇ ପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ ଯେ, ରାଜ୍ୟ ସରକାର ମାର୍ଚ୍ଚ ୨୧ରୁ ସମଗ୍ର ରାଜ୍

ନିଯୁକ୍ତି କ୍ଷେତ୍ରକୁ ଚରିଯିବ ଭାଇରସ୍

ବିଶ୍ୱର ୬.୭% 'କାର୍ଯ୍ୟ ସମୟ' ବିଲୋପ ହେବ

ଜେନେଭା,୯।୪

ମହାମାରୀ କରୋନା(କୋଭିଡ୍-୧୯) ଯୋଗୁ ଭାରତ ସମେତ ବିଶ୍ୱର ଅନେକ ଦେଶରେ ଚାଲିଛି ଲକ୍‌ଡାଉନ। ଏହି ଭାଇରସ୍ ମୁକାବିଲା ଯୋଗୁ ବ୍ୟାପକ ସଂଖ୍ୟାରେ ନିଯୁକ୍ତି ଦେଇଥିବା ଶିଳ୍ପ, କାରଖାନା, ବ୍ୟବସାୟ ପ୍ରତିଷ୍ଠାନ, ସେବାକ୍ଷେତ୍ର ଅଚଳ ହୋଇପଡ଼ିଛି। ଏହା ଅର୍ଥନୀତିକୁ ସର୍ବାଧିକ ପ୍ରଭାବିତ କରିବା ସହ ୨୦୨୦ର ଦ୍ୱିତୀୟ ତ୍ରୈମାସିକରେ ବିଶ୍ୱର ୬.୭% କାର୍ଯ୍ୟ ସମୟ (ୱାର୍କିଂ ଆୱାର୍ସ)କୁ ବିଲୋପ କରିବ, ଯାହା ୧୯୫ ନିୟୁତ ପୂର୍ଣ୍ଣକାଳୀନ କର୍ମଚାରୀଙ୍କ ସହ ସମାନ ବୋଲି ଅନ୍ତର୍ଜାତୀୟ ଶ୍ରମ ସଂଗଠନ(ଆଇଏଲ୍‌ଓ) କହିଛି।

ଆରବ ଦେଶଗୁଡ଼ିକରେ ୮.୧%(୫ ନିୟୁତ ପୂର୍ଣ୍ଣକାଳୀନ କର୍ମଚାରୀଙ୍କ ସହ ସମାନ), ୟୁରୋପରେ ୭.୮% (୧୨ ନିୟୁତ ପୂର୍ଣ୍ଣକାଳୀନ କର୍ମଚାରୀ), ଏସିଆ ଏବଂ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ୭.୨%(୧୨୫ ନିୟୁତ ପୂର୍ଣ୍ଣକାଳୀନ କର୍ମଚାରୀ) କାର୍ଯ୍ୟ ସମୟ ହ୍ରାସ ଘଟିବା ପୂର୍ବାନୁମାନ କରାଯାଉଛି।

ବିଭିନ୍ନ ଆୟକାରୀ ଗୋଷ୍ଠୀ ବିପୁଳ କ୍ଷତି ସହିବା ଆଶଙ୍କା ରହିଛି। ବିଶେଷକରି ଉଚ୍ଚ-ମଧ୍ୟମ ଆୟକାରୀ ଦେଶଗୁଡ଼ିକ ୭% ଅର୍ଥାତ୍ ୧୦୦ ନିୟୁତ ପୂର୍ଣ୍ଣକାଳୀନ କର୍ମଚାରୀଙ୍କ କାର୍ଯ୍ୟ ସମୟ କ୍ଷତି ସହିବେ। ଏହା ୨୦୦୮-୦୯ ମାନ୍ଦାବସ୍ଥାର ପ୍ରଭାବଠାରୁ ବହୁଗୁଣ ଅଧିକ। ଏଥିଯୋଗୁ ରହିବା, ଖାଦ୍ୟ, ଉତ୍ପାଦନ, ଖୁଚୁରା କାରବାର, ବ୍ୟବସାୟ, ପ୍ରଶାସନିକ କାର୍ଯ୍ୟକଳାପ ଆଦି କ୍ଷେତ୍ର ସର୍ବାଧିକ କ୍ଷତିଗ୍ରସ୍ତ ହେବା ଆଶଙ୍କା କରାଯାଉଛି।

୨୦୨୦ରେ ବିଶ୍ୱରେ ସମ୍ଭାବ୍ୟ ବେରୋଜଗାରୀ ବୃଦ୍ଧି ବାସ୍ତବରେ ଭବିଷ୍ୟତର ବିକାଶ ଓ ନୀତିଗତ ପଦକ୍ଷେପ ଉପରେ ନିର୍ଭର କରିବ। ବେକାରି ବୃଦ୍ଧି କ୍ଷେତ୍ରରେ ଆଇଏଲ୍‌ଓର ପ୍ରାରମ୍ଭିକ ଆକଳନ ୨୫ ନିୟୁତ ଥିବାବେଳେ ବର୍ଷ ଶେଷକୁ ଏହି ସଂଖ୍ୟା ବୃଦ୍ଧି ଘଟିବା ଆଶଙ୍କା ରହିଛି। କାର୍ଯ୍ୟକ୍ଷେତ୍ର ସମ୍ପୂର୍ଣ୍ଣ କିମ୍ବା ଆଂଶିକ ବନ୍ଦ ହେବା ଦ୍ୱାରା ୩.୩ ବିଲିୟନ ବିଶ୍ୱ ଶ୍ରମଶକ୍ତିର ପ୍ରତି ୫ଜଣଙ୍କ ମଧ୍ୟରୁ ୪ଜଣ(୮୧ପ୍ରତିଶତ) ପ୍ରଭାବିତ ହୋଇଛନ୍ତି।

ଆଇଏଲଓ ମହାନିର୍ଦ୍ଦେଶକ ଗାୟ ରାଇଡର୍ କହିଛନ୍ତି ଯେ, 'ଉଭୟ ବିକଶିତ ଓ ବିକାଶଶୀଳ ଦେଶରେ ଶ୍ରମିକ ଏବଂ ବ୍ୟବସାୟୀମାନେ ବିପର୍ଯ୍ୟୟର ସମ୍ମୁଖୀନ ହେଉଛନ୍ତି। ଏହାର ମୁକାବିଲା ପାଇଁ ଆମକୁ ଏକାଠି ହୋଇ ନିର୍ଣ୍ଣାୟକ ପଦକ୍ଷେପ ନେବାକୁ ପଡ଼ିବ। ଠିକ୍ ଓ ଜରୁରୀ ପଦକ୍ଷେପ ଜୀବନ ଓ ମରଣ ସମସ୍ୟାର ସମାଧାନ କ୍ଷେତ୍ରରେ ବାଟ ଫିଟାଇପାରେ।'

ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ୧.୨୫ ବିଲିୟନ ଶ୍ରମିକ ନିୟୋଜିତ ଥିବା କେତେକ କ୍ଷେତ୍ର ଚିହ୍ନଟ ହୋଇଛି, ଯେଉଁଥିରେ ଚାକିରି ଛଟେଇ, ଦରମା ଏବଂ କାର୍ଯ୍ୟ ସମୟ ହ୍ରାସ ହେବା ଆଶଙ୍କା ରହିଛି। ବହୁ ସ୍ୱଳ୍ପ ବେତନ ପ୍ରାପ୍ତ, ସ୍ୱଳ୍ପ କୁଶଳୀ କର୍ମଚାରୀ ହଠାତ୍ ଆୟ ହରାଇ ପାରନ୍ତି, ଯାହା ସେମାନଙ୍କ ପାଇଁ ଘାତକ ସାଜିବ। ଏହି ବିପଦପୂର୍ଣ୍ଣ କ୍ଷେତ୍ରଗୁଡ଼ିକରେ ଆମେରିକାର ୪୩% ଏବଂ ଆଫ୍ରିକାରେ ୨୬% କର୍ମଚାରୀ ନିୟୋଜିତ ରହିଛନ୍ତି। ଏହି ଅଧ୍ୟୟନ ରିପୋର୍ଟରେ ଚେତାବନୀ ଦିଆଯାଇଛି ଯେ, ସାମାଜିକ ନିରାପତ୍ତା ଅଭାବ, ଜନସଂଖ୍ୟାର ସାନ୍ଦ୍ରତା ଏବଂ ଆଫ୍ରିକୀୟ ଦେଶଗୁଡ଼ିକରେ ସାମର୍ଥ୍ୟର ଅଭାବ ସରକାରଙ୍କ ପାଇଁ ସ୍ୱାସ୍ଥ୍ୟ ଏବଂ ଆର୍ଥିକ ଚ୍ୟାଲେଞ୍ଜ ଦେଇପାରେ।

କବାଡ଼ିଆ ବ୍ୟବସାୟୀ ବିକିଲେ ପରିବା

କରୋନା ବଦଳାଇ ଦେଲା ବେଉସା

ରସୁଲପୁର,୯।୪(ଡିଏନଏ)

କରୋନା ପ୍ରଭାବରେ ସବୁକିଛି ଠପ୍ ହୋଇଯାଇଛି। ଛୋଟମୋଟ ବ୍ୟବସାୟରୁ ଆରମ୍ଭ କରି ବଡ଼ବଡ଼ ଶିଳ୍ପସଂସ୍ଥାରେ ତାଲା ଝୁଲୁଛି। ଏହାଦ୍ୱାରା ଅଧିକ ପ୍ରଭାବିତ ହୋଇଛନ୍ତି ଦିନ ମଜୁରିଆ ତଥା କ୍ଷୁଦ୍ର ବ୍ୟବସାୟୀମାନେ। ପରିବାର କେମିତି ଚଳିବ, ଅର୍ଥ କେଉଁଠୁ ଆସିବ ସେହି ଚିନ୍ତା ଘାରିଛି। କରୋନା ପାଇଁ ଲକ୍‌ଡାଉନ ସମୟରେ କେବଳ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନକୁ ଛାଡ଼ିଦେଲେ ଅନ୍ୟ କୌଣସି ଦୋକାନ ଖୋଲାଯାଇ ପାରିବ ନାହିଁ ବୋଲି ନିଷ୍ପତ୍ତି ନିଆଯାଇ ଥିବାରୁ ଅନେକ କ୍ଷୁଦ୍ର ବ୍ୟବସାୟୀ ଅନ୍ୟ ଉପାୟ ନ ପାଇ ବେଉସା ବଦଳାଇବାକୁ ବାଧ୍ୟ ହୋଇଛନ୍ତି। ଏହିକ୍ରମରେ ଜଣେ କବାଡ଼ିଆ ବ୍ୟବସାୟୀ ଏବେ ପରିବା ବ୍ୟବସାୟୀ ସାଜିଥିବା ଦେଖିବାକୁ ମିଳିଛି।

ସାଇକେଲ୍‌ରେ ପରିବାର ବ୍ୟବସାୟ କରୁଛନ୍ତି ଅନାମ ସାହୁ।

ଗୁରୁବାର ରାଜ୍ୟ ସରକାର ଲକ୍‌ଡାଉନ ଅବଧି ଏପ୍ରିଲ ୧୪ରୁ ୩୦କୁ ବୃଦ୍ଧି କରିଛନ୍ତି। କ୍ଷୁଦ୍ର ବ୍ୟବସାୟୀମାନେ ରୋଜଗାରଶୂନ୍ୟ ହୋଇପଡ଼ିବାରୁ ପରିବାର ପ୍ରତିପୋଷଣର ବୋଝ ବଢିଯାଇଛି। ଫଳରେ ଯାଜପୁର ଜିଲା ରସୁଲପୁର ବ୍ଲକ ଅଞ୍ଚଳର ଅନାମ ସାହୁ (୩୫) ନାମକ ଜଣେ କବାଡ଼ିଆ ବ୍ୟବସାୟୀ ଏବେ ପରିବା ବ୍ୟବସାୟ କରିବାକୁ ସ୍ଥିର କରିଛନ୍ତି। ତାଙ୍କ ମତରେ ଏବେ ଲକଡାଉନ ଯୋଗୁ କେବଳ ଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରି ପାଇଁ ଅନୁମତି ମିଳୁଛି। ଅନାମ ଦିନେ ସାଇକେଲରେ ଭଙ୍ଗା ଲୁହା, ଟିଣା, କାଚ, ପ୍ଲାଷ୍ଟିକ ସାମଗ୍ରୀ ଧରି ଗାଁରୁ ଗାଁକୁ ବୁଲୁଥିବାବେଳେ ଏବେ ସଞ୍ଚୟ କରିଥିବା ସ୍ୱଳ୍ପ ଅର୍ଥରେ ପରିବା ବ୍ୟବସାୟ ଆରମ୍ଭ କରିଛନ୍ତି। କରୋନା ଯୋଗୁ କାମଧନ୍ଦା ବନ୍ଦ ହୋଇଯିବା ପରେ ପରିବାରକୁ ଦୁଇଓଳି ଦୁଇମୁଠା ଖାଇବାକୁ ଦେବା କଷ୍ଟକର ହୋଇପଡିଛି। ପରିବା ବେପାର ଛଡ଼ା ଆଉ ଅନ୍ୟ ବାଟ ନାହିଁ। ଏହି ବ୍ୟବସାୟ ଜରିଆରେ ପରିବାରର ଆର୍ଥିକ ସମସ୍ୟା ଆଂଶିକ ଦୂର ହୋଇଛି ବୋଲି କହିଛନ୍ତି।

ଆମେରିକାରେ ସଂକ୍ରମଣର କେନ୍ଦ୍ରସ୍ଥଳ ପାଲଟିଛି ନ୍ୟୁୟର୍କ

ନୂଆଦିଲ୍ଲୀ/ୱାଶିଂଟନ,୯।୪: କରୋନା ସଂକ୍ରମଣ ନେଇ ଆମେରିକାରେ ଆତଙ୍କ ଦେଖାଦେଇଛି। ଏଠାରେ କରୋନା ସଂକ୍ରମଣ ଯୋଗୁ ୧୧ ଜଣ ଭାରତୀୟଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରୁ ଅଧିକାଂଶ ନ୍ୟୁୟର୍କରେ ବାସ କରୁଥିବା ସ୍ଥାନୀୟ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଆମେରିକାରେ ୧୬ ଜଣ ଭାରତୀୟ କରୋନା ପଜିଟିଭ୍ ଭାବେ

୧୧ ଭାରତୀୟ ମୃତ, ୧୬ ପଜିଟିଭ୍

ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୮ ଜଣ ନ୍ୟୁୟର୍କର ହୋଇଥିବାବେଳେ ୩ ଜଣ ନ୍ୟୁଜର୍ସି ଏବଂ ଅବଶିଷ୍ଟ କାଲିଫର୍ନିଆରେ ବାସ କରୁଥିବା ପ୍ରଶାସନ କହିଛି। ସେମାନଙ୍କ ମଧ୍ୟରେ ୪ ମହିଳା ରହିଛନ୍ତି। ପଜିଟିଭ୍ ଭାରତୀୟଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି। ଏସବୁ ଭାରତୀୟମାନେ ଉତ୍ତରାଖଣ୍ଡ, ମହାରାଷ୍ଟ୍ର, କର୍ନାଟକ ଏବଂ ଉତ୍ତରପ୍ରଦେଶର ବାସିନ୍ଦା ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ନ୍ୟୁୟର୍କ ଆମେରିକାରେ କରୋନା ସଂକ୍ରମଣର କେନ୍ଦ୍ରସ୍ଥଳ ପାଲଟିଥିବା କୁହାଯାଉଛି। ଏଠାରେ କରୋନାର ମୃତ୍ୟୁତାଣ୍ଡବ ଜାରି ରହିଛି। ଏଠାରେ ଇତିମଧ୍ୟରେ ୬ ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁ କରୋନା ସଂକ୍ରମଣ ଯୋଗୁ ଘଟିଛି। ସେହିପରି କେବଳ ନ୍ୟୁୟର୍କରେ ୧ ଲକ୍ଷ ୫୧ ହଜାରରୁ ଅଧିକ ଲୋକ ସଂକ୍ରମିତ ହୋଇଛନ୍ତି।

ରାଜ୍ୟରେ ୬ ହଜାର ଶଯ୍ୟା କୋଭିଡ୍-୧୯ ହସ୍ପିଟାଲ ପ୍ରସ୍ତୁତ ହେବ

ଭୁବନେଶ୍ୱର,୯।୪(ବ୍ୟୁରୋ)

ରାଜ୍ୟରେ ୬ ହଜାର ଶଯ୍ୟା ବିଶିଷ୍ଟ କୋଭିଡ-୧୯ ହସ୍ପିଟାଲ ପ୍ରସ୍ତୁତ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ସେଥିରୁ ୧୫୦୦ ଶଯ୍ୟା ବିଶିଷ୍ଟ ୭ଟି ହସ୍ପିଟାଲ କାର୍ଯ୍ୟକ୍ଷମ ହୋଇସାରିଲାଣି। ଗୁରୁବାର ଅନୁଷ୍ଠିତ କ୍ୟାବିନେଟ୍ ବୈଠକ ପରେ ମୁଖ୍ୟ ଶାସନ ସଚିବ ଅସୀତ ତ୍ରିପାଠୀ ଏହି ସୂଚନା ଦେଇଛନ୍ତି। କୋଭିଡ-୧୯ର ମୁକାବିଲା ପାଇଁ ସ୍ୱାସ୍ଥ୍ୟ ବିଭାଗ ତରଫରୁ କି କି ପଦକ୍ଷେପ ନିଆଯାଇଛି ସେ ବିଷୟରେ ମୁଖ୍ୟ ଶାସନ ସଚିବ କ୍ୟାବିନେଟ୍‌କୁ ଅବଗତ କରାଇଛନ୍ତି। ତ୍ରିପାଠୀ କହିଛନ୍ତି, କୋଭିଡ ହସ୍ପିଟାଲ ପ୍ରସ୍ତୁତ କରିବାରେ ଓଡ଼ିଶା ଅଗ୍ରଣୀ ରାଜ୍ୟ ହୋଇ ପାରିଛି। ଟେଷ୍ଟିଂ କିଟ୍ ରାଜ୍ୟରେ ପର୍ଯ୍ୟାପ୍ତ ରହିଛି। ଭାରତ ଓ ବାହାରୁ ଟେଷ୍ଟିଂ କିଟ୍ ମଗାଯାଉଛି। ତ୍ରିସ୍ତରୀୟ ମାସ୍କ, ଏନ୍-୧୯ ମାସ୍କ ଓ ପର୍ଯ୍ୟାପ୍ତ ଔଷଧ ରହିଛି। ପର୍ସନାଲ ପ୍ରୋଟେକ୍ସନ ଇକ୍ୟୁପମେଣ୍ଟ (ପିପିଇ) ମାସକ ପାଇଁ ମହଜୁଦ ରହିଛି। ଆୟୁଷ ଡାକ୍ତର ଏବଂ ମେଡିକାଲ କଲେଜର ୪ର୍ଥ ଏବଂ ୫ମ ବର୍ଷର ଡାକ୍ତରୀ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ୩୬.୨୩ ଲକ୍ଷ ପରିବାରଙ୍କୁ ଆଗୁଆ ୩ ମାସ ରାଶନ ଘରେ ନେଇ ଯୋଗାଇ ଦିଆଯାଇଛି। ୪୬.୬ ଲକ୍ଷ ହିତାଧିକାରୀଙ୍କୁ ଆଗୁଆ ୪ ମାସର ଭତ୍ତା ଯୋଗାଇ ଦିଆଯାଇଛି। ସ୍କୁଲ ପିଲାଙ୍କୁ ଏମ୍‌ଡିଏମ୍ କୁପନ ଦିଆଯାଇଛି। ସେମାନେ ନିକଟସ୍ଥ ସାଧାରଣ ଖାଦ୍ୟଟି ବଣ୍ଟନ ଦୋକାନରୁ ଚାଉଳ ନେଇପାରିବେ। ଡାକ୍ତର ଓ ହସ୍ପିଟାଲ କର୍ମଚାରୀଙ୍କୁ ଆଗୁଆ ୪ ମାସର ଦରମା ଦିଆଯାଇଛି। ହସ୍ପିଟାଲ ପରିସରରେ ଥିବା ଆହାର କେନ୍ଦ୍ରରେ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଛି ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି।

କରୋନା ମୁକାବିଲା ପାଇଁ ସତ୍‌ସଙ୍ଗ ପକ୍ଷରୁ ୧୦ କୋଟି ସହାୟତା

ଦେଓଘର,୯।୪: କରୋନା(କୋଭିଡ୍-୧୯) ସଂକ୍ରମିତଙ୍କ ସଂଖ୍ୟା ପୃଥିବୀରେ ବଢିବାରେ ଲାଗିଛି। ଆମଦେଶରେ ଏହି ଭୂତାଣୁ ସଂକ୍ରମଣ ଯୋଗୁ ଅଚଳାବସ୍ଥା ସୃଷ୍ଟି ହୋଇଛି। ସ୍ଥିତିକୁ ସ୍ୱାଭାବିକ କରିବା ତଥା ଏହାର ମୁକାବିଲା ଲାଗି ସତ୍‌ସଙ୍ଗର ପ୍ରଧାନଆଚାର୍ଯ୍ୟଦେବ ଶ୍ରୀଶ୍ରୀଦାଦା ପ୍ରଧାନମନ୍ତ୍ରୀ ରିଲିଫ ପାଣ୍ଠିକୁ ୧୦ କୋଟି ଟଙ୍କା ସହାୟତା ଦେଇଛନ୍ତି। ଏସମ୍ପର୍କରେ ଝାଡଖଣ୍ଡ ଦେଓଘରସ୍ଥିତ ସତସଙ୍ଗ ମୁଖ୍ୟ ଆଶ୍ରମର ସେକ୍ରେଟାରୀ ଏକ ପ୍ରେସ



ବିବୃତିରେ ଜଣାଇଛନ୍ତି। ସୂଚନାଯୋଗ୍ୟ କରୋନା ଯୋଗୁଁ ଭାରତରେ ସୃଷ୍ଟି ହୋଇଥିବା ପରିସ୍ଥିତିର ମୁକାବିଲା ଲାଗି ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କର ଅନୁଗାମୀ ସତ୍‌ସଙ୍ଗୀମାନେ ସମ୍ମିଳିତ ହୋଇ ସରକାରଙ୍କୁ ସହାୟତାର ହାତ ବଢାଇଛନ୍ତି। ସମସ୍ତେ କିପରି ସରକାରଙ୍କ ନିର୍ଦ୍ଦେଶକୁ ମାନିବେ ଏବଂ ସୁରକ୍ଷିତ ରହିବେ ସେନେଇ ସତ୍‌ସଙ୍ଗୀଙ୍କ ପକ୍ଷରୁ ଉଦ୍ୟମ ରହିଥିବା ବିବୃତିରେ ଉଲ୍ଲେଖ କରାଯାଇଛି।

ଦୈନିକ ହେବ ହଜାରେ ରକ୍ତ ନମୁନା ପରୀକ୍ଷା

ଭୁବନେଶ୍ୱର, ୯।୪(ବ୍ୟୁରୋ): ରାଜ୍ୟ ସରକାର କରୋନା ମୁକାବିଲା ଲାଗି ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ମହିଳା ଓ ଶିଶୁ କଲ୍ୟାଣ ବିକାଶ, ସ୍ୱାସ୍ଥ୍ୟ, ରାଜସ୍ୱ ଏବଂ ପଞ୍ଚାୟତିରାଜ ବିଭାଗ ମନ୍ତ୍ରୀ ରହିଛନ୍ତି। ଏହି ବୈଠକ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଗୁରୁବାର ଅନୁଷ୍ଠିତ ହୋଇଛି। ଦୈନିକ ୧ହଜାର ରକ୍ତ ନମୁନା ପରୀକ୍ଷଣ ଲାଗି ଆଲୋଚନା ହୋଇଛି। ଏମ୍‌କେସିଜି, ବ୍ରହ୍ମପୁର, ଭିମ୍‌ସାର ଏବଂ ଆଇଜିଏଚ୍ ରାଉରକେଲାରେ ଖୁବ୍‌ଶୀଘ୍ର ରକ୍ତ ନମୁନା ପରୀକ୍ଷା ଲାଗି ନିଷ୍ପତ୍ତି ନିଆଯାଇଛି। ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀ କେତେକ ପ୍ରସ୍ତାବ ରଖିଛନ୍ତି। ଭିମ୍‌ସାରକୁ ମାଇକ୍ରୋ ଲାବ୍ ଆଣିବା ଲାଗି ଆଇସିଏମ୍‌ଆରରୁ ଯଥାଶୀଘ୍ର ଅନୁମତି ଆଣିବା ଦରକାର। ଦିଲ୍ଲୀ ଏମ୍ସରେ ଲୋକମାନଙ୍କୁ ଯେପରି ସାନିଟାଇଜ କରାଯାଉଛି ସେହିପରି ଏସ୍‌ସିବି ମେଡିକାଲ କଲେଜ ଏବଂ ଆଚାର୍ଯ୍ୟ ହରିହର କ୍ୟାନ୍‌ସର ମେଡିକାଲ ସହ ଅନ୍ୟାନ୍ୟ ଜାଗାରେ ମଧ୍ୟ ସମାନ ବ୍ୟବସ୍ଥା କରାଯାଉ। ବୁର୍ଲାକୁ ଯେଉଁ ୨୨ ଭେଣ୍ଟିଲେଟର ଯୋଗାଯାଇଥିଲା ତାହା ସମ୍ବଲପୁର ବା ବୁର୍ଲାର କୋଭିଡ୍ ହସ୍ପିଟାଲରେ ବ୍ୟବହାର କରାଯାଉ। ସରକାରଙ୍କ ପକ୍ଷରୁ କୋଭିଡ୍-୧୯ ଲାଗି ଅନୁମୋଦନ କରାଯାଇଥିବା ୨୪୩୨ ଷ୍ଟାଫ ନର୍ସ, ୭୨୯ ଫାର୍ମାସିଷ୍ଟ, ୬୧୦ ଲାବୋରେଟୋରି ଟେକ୍ନିସିଆନ, ୨୯୧ ରେଡିଓଗ୍ରାଫି ଏବଂ ଅନ୍ୟମାନଙ୍କୁ ତୁରନ୍ତ ନିଯୁକ୍ତି ଦିଆଯିବା ସହିତ ସେମାନଙ୍କୁ ଟ୍ରେନିଂରେ ପଠାଯାଉ। ବିଭିନ୍ନ ଜିଲାର ଡାକ୍ତରମାନଙ୍କୁ ମଧ୍ୟ ତୁରନ୍ତ କୋଭିଡ୍-୧୯ ଟ୍ରେନିଂରେ ପଠାଇ କୋଭିଡ୍ ହସ୍ପିଟାଲରେ କାର୍ଯ୍ୟ ଆରମ୍ଭ କରିବା ଦରକାର। ଏହାସହ ସମସ୍ତ ଜିଲାର ଆୟୁର୍ବେଦିକ ହୋମିଓପାଥି ଡାକ୍ତର ଏବଂ ଷ୍ଟାଫ ନର୍ସମାନଙ୍କୁ ମଧ୍ୟ କୋଭିଡ୍ ହସ୍ପିଟାଲରେ କାର୍ଯ୍ୟ କରିବାକୁ ଟ୍ରେନିଂ ଦିଆଯାଉ। ସମସ୍ତ ଜିଲାରେ ଯେଉଁ ଡାକ୍ତର ଏବଂ ଷ୍ଟାଫ ନର୍ସମାନେ କୋଭିଡ୍ ହସ୍ପିଟାଲରେ କାର୍ଯ୍ୟ କରିବେ ସେମାନଙ୍କ ରହିବା, ଖାଇବା ବାବଦ ଖର୍ଚ୍ଚ ଆଗୁଆ ବ୍ୟବସ୍ଥା କରାଯାଉ।

ସାବୁନ୍‌ରେ ଧୋଇ ଶୁଖାଇବା ପରେ ବ୍ୟବହାର ହେଉଛି ନୋଟ୍

ନୂଆଦିଲ୍ଲୀ,୯।୪

କରୋନା କବଳରେ ଏବେ ସାରା ଦୁନିଆ। ଏହି ଭାଇରସ୍ ସମ୍ପର୍କରେ ପ୍ରତ୍ୟେକ ଦିନ ନୂଆ କଥା ସାମ୍ନାକୁ ଆସୁଛି। ଲୋକେ ଭୟଭୀତ

ଚୋକ୍କନାହଲ୍ଲୀ ଗାଁର ଚିତ୍ର

ଅବସ୍ଥାରେ ରହିଛନ୍ତି। ନୋଟ୍ ମାଧ୍ୟମରେ ଭୂତାଣୁ ସଂକ୍ରମିତ ହେବା ଆଶଙ୍କା ରହିଥିବା ମଧ୍ୟ କୁହାଯାଉଛି। ତେଣୁ ଲୋକେ ଟଙ୍କା କାରବାର କରିବା ସମୟରେ ସତର୍କ ରହିବା ସହ ବାରମ୍ବାର ହାତ ଧୋଇବାକୁ ଲୋକଙ୍କୁ ସଚେତନ କରାଯାଉଛି। ହେଲେ କର୍ନାଟକର ମାଣ୍ଡ୍ୟା ଜିଲା ଅଧୀନ ଚୋକ୍କନାହଲ୍ଲୀ ଗାଁରେ ଭିନ୍ନ କଥା ଦେଖିବାକୁ ମିଳୁଛି। ସେଠାରେ ଲୋକେ କରୋନା ଭୟରେ ନୋଟ୍‌ଗୁଡ଼ିକୁ ସାବୁନ୍‌ରେ ଧୋଇ ଶୁଖାଇବା ପରେ ବ୍ୟବହାର କରୁଥିବା ଜଣାପଡ଼ିଛି। ସୋସିଆଲ୍ ମିଡିଆରେ ଅନେକ ଗୁଜବ ଓ ବିଭ୍ରାନ୍ତିକର ଭିଡିଓ ସମ୍ପର୍କରେ ଜାଣିବା ପରେ ସେଠାକାର ଲୋକେ ରିସ୍କ ନ ନେଇ ଅଧିକ ସଚେତନ ରହିଥିବା ଦେଖିବାକୁ ମିଳୁଛି। ୧୦୦, ୫୦୦ ଓ ୨୦୦୦ ଟଙ୍କିଆ ନୋଟ୍‌ଗୁଡ଼ିକୁ ସେମାନେ ସାବୁନ୍‌ରେ ଧୋଇ ଖରାରେ ଶୁଖାଉଥିବା ଅନେକଙ୍କୁ ଚକିତ କରିଛି।

ବାୟୁପଥରେ ପହଞ୍ଚିଲା କୋଭିଡ୍-୧୯ ଟେଷ୍ଟ କିଟ୍

ଭୁବନେଶ୍ୱର,୯।୪(ବ୍ୟୁରୋ): କୋଭିଡ-୧୯ର ସଫଳ ମୁକାବିଲା ପାଇଁ ରାଜ୍ୟ ସରକାର ସମସ୍ତ ଉଦ୍ୟମ ଜାରି ରଖିଛନ୍ତି। ରାଜ୍ୟର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଗୁରୁବାର କୋଭିଡ-୧୯ ଟେଷ୍ଟ କିଟ୍ ଏକ ସ୍ୱତନ୍ତ୍ର ବିମାନ ମାଧ୍ୟମରେ ମାଲ୍ ଲାବୋରେଟୋରିରୁ ଆସି ଭୁବନେଶ୍ୱରରେ ପହଞ୍ଚିଛି। ଯାହାଦ୍ୱାରା ୪୦୦୦ କୋଭିଡ-୧୯ ସମ୍ପର୍କିତ ନମୁନା ପରୀକ୍ଷା କରାଯାଇପାରିବ। ଏହା ସହ ଆରଏନ୍‌ଏ ଏକ୍ସଟ୍ରାକ୍ସନ କିଟ୍, ପିପିଇ, ଭିଟିଏମ୍ ମଧ୍ୟ ଏହି ସ୍ୱତନ୍ତ୍ର ବିମାନ ମାଧ୍ୟମରେ ଭୁବନେଶ୍ୱରରେ ପହଞ୍ଚିଛି।

ଚାଇନା କୁବେରଙ୍କ ସମ୍ପତ୍ତି ବୃଦ୍ଧି

ନୂଆଦିଲ୍ଲୀ,୯।୪

ଆମେରିକାଠାରୁ ଆଫ୍‌ଗାନିସ୍ଥାନ, ଭାରତରୁ ଭିଏତନାମ ଯାଏ କାହାରିକୁ ଛାଡ଼ ଦେଉନି କରୋନା। କୋଭିଡ୍-୧୯ ପଞ୍ଜାରୁ ବର୍ତ୍ତୁନାହାନ୍ତି ଧନୀ କି ଗରିବ। ବିଶ୍ୱ ମହାମାରୀ ପାଲଟିଥିବା ଏହି ଭାଇରସ୍ କାରଣରୁ ଦୋହଲି ଯାଇଛି ଆର୍ଥିକ ବ୍ୟବସ୍ଥା। ଭୟଙ୍କର କ୍ଷତିର ସମ୍ମୁଖୀନ ହେଉଛନ୍ତି ପୃଥିବୀର ଧନକୁବେରମାନେ। ହେଲେ ଏପରି ସଙ୍କଟ ସମୟରେ କରୋନାର ଉତ୍ପତ୍ତିସ୍ଥଳ ଚାଇନା ବେଶ୍ ଫାଇଦାରେ ରହିଛି। ବିଶ୍ୱବ୍ୟାପୀ ହାହାକାର ପରିବେଶ ସୃଷ୍ଟି ହୋଇଥିବାବେଳେ ବେଶ୍ ଲାଭବାନ୍ ହୋଇଛନ୍ତି ଚାଇନିଜ୍ ବଣିକ ଗୋଷ୍ଠୀ।

ଚାଇନାର ସଂସ୍ଥା ହୁରନ୍ ରିପୋର୍ଟକୁ ନେଇ କରାଯାଇଥିବା ରିସର୍ଚ୍ଚ ଅନୁଯାୟୀ, ଦୁନିଆର ଟପ୍ ୧୦୦ କୋଟିପତିଙ୍କ ମଧ୍ୟରୁ କେବଳ ୯ ପ୍ରତିଶତଙ୍କ ସମ୍ପତ୍ତିରେ ବୃଦ୍ଧି ଘଟିଛି। ସବୁଠାରୁ ବଡ଼କଥା ଏ ସମସ୍ତ ହେଉଛନ୍ତି ଚାଇନିଜ୍। ଅନ୍ୟଦେଶର ୮୬% କୋଟିପତିଙ୍କ ସମ୍ପତ୍ତି ପୂର୍ବାପେକ୍ଷା କମିଛି। ଅନ୍ୟ ୫ ପ୍ରତିଶତଙ୍କ ସମ୍ପତ୍ତିରେ ସେପରି କୌଣସି ବଡ଼ ଧରଣର ପରିବର୍ତ୍ତନ ଆସି ନ ଥିବା ଜଣାପଡ଼ିଛି। ବିଶ୍ୱର ୧୦୦ ଶ୍ରେଷ୍ଠ ଧନିକଙ୍କ ମଧ୍ୟରେ ଚାଇନାର ୬ଜଣ ନୂତନ ଭାବେ ତାଲିକାଭୁକ୍ତ ହୋଇଛନ୍ତି। ଅପରପକ୍ଷେ ଭାରତର ୩ ଏବଂ ଆମେରିକାର ୨ ଜଣ ଏହି ତାଲିକାରୁ ବାଦ୍ ପଡ଼ିଛନ୍ତି। ଏହି ରିପୋ

ଅତିମାନବ ନିଶ୍ଚୟ ପୃଥିବୀରେ ଉଦ୍‌ଭବ ହେବ । କିନ୍ତୁ ଅତିରଂଜିତ ଏକ ମାନସିକ ବୁଦ୍ଧିସମ୍ପନ୍ନ ମଣିଷ ରୂପେ ନୁହେଁ । ଏକ ଅତିମାନସ ଶକ୍ତିର ଅବତରଣ ପାଇଁ ସେ ହେବ ଏକ ମାଧ୍ୟମ । ତା'ଫଳରେ ସେ ଏକ ନୂତନ ଜୀବନ ବଞ୍ଚିବ ଓ ଏକ ରୂପାନ୍ତରିତ ଦିବ୍ୟ ଶରୀରର ଅଧିକାରୀ ହେବ । –ଶ୍ରୀଅରବିନ୍ଦ

ସର୍ବନାଶର ବାଟ

୧୪ ଏପ୍ରିଲ ପରେ କେନ୍ଦ୍ର ଏବକାର ଲକ୍‌ଡାଉନକୁ ବୃଦ୍ଧି କରିବାର ସମ୍ଭାବନା ରହିଛି । ଅନେକ ରାଜ୍ୟ ସରକାର ଏହା କରିବା ପାଇଁ କେନ୍ଦ୍ର ଉପରେ ଚାପ ପକାଉଛନ୍ତି । ଗୁରୁବାର ଓଡ଼ିଶା ସରକାର ଏପ୍ରିଲ ୩୦ ଯାଏ ଲକ୍‌ଡାଉନକୁ ବଢାଇ ଦେଇଛନ୍ତି । ଦେଶରେ ଏଭଳି କରିବାରେ ଓଡ଼ିଶା ପ୍ରଥମ ରାଜ୍ୟ । ଓଡ଼ିଶା ଭଳି କେତେକ ରାଜ୍ୟରେ ୨୧ ଦିନିଆ ଲକ୍‌ଡାଉନକୁ ଦୃଢ ଭାବେ ଲାଗୁ କରାଯିବା ଦ୍ୱାରା ଜୀବନଯାତ୍ରା ଠପ୍ ହୋଇଯାଇଛି । ଏପରିକି ଲୋକମାନଙ୍କୁ ନିରାଶା ଓ ବିନାଶର କାହାଣୀ କହି ଘରେ ରହିବାକୁ ବାଧ୍ୟ କରାଯାଇଛି । ସବୁଆଡେ ହତାଶା ଖେଳିଯାଇଛି । ଏହା ଲୋକମାନଙ୍କ ମାନସିକ ସ୍ତରରେ ଗଭୀର ପ୍ରଭାବ ପକାଇଛି । ଅନେକେ ମାନସିକ ଭାରସାମ୍ୟ ହରାଇଥିବା ରିପୋର୍ଟ ମଧ୍ୟ ଆସୁଛି । ଭାଇରସ୍ ସଂକ୍ରମଣକୁ ରୋକିବା ଲାଗି ସେମାନଙ୍କ ପ୍ରୟାସରେ ସେମାନେ ନୂଆ ରୋଗକୁ ଆହ୍ୱାନ କରୁଛନ୍ତି । ମହାମାରୀ ଏବଂ ଲକ୍‌ଡାଉନ ଅର୍ଥନୀତିକୁ ସର୍ବନାଶ ଆଡକୁ ବାଟ କଢାଇ ନେଇଛି । ଭାରତର ଅଭିବୃଦ୍ଧି ହାର ଆକସ୍ମିକ ଭାବେ ୨.୫ ପ୍ରତିଶତକୁ ହ୍ରାସ ପାଇବ ବୋଲି ବିଶ୍ୱ ବ୍ୟାଙ୍କ୍‌ର ଏକ ଅନୁଧ୍ୟାନ ଭବିଷ୍ୟସୂଚନା ପ୍ରଦାନ କରିଛି । ଅନେକ ଆଭ୍ୟନ୍ତରୀଣ ଅନୁଧ୍ୟାନ ମଧ୍ୟ ଏହି ପୂର୍ବାନୁମାନକୁ ସମର୍ଥନ କରିଛନ୍ତି । ଜାତିସଂଘ ଅନୁମାନ କରିଛି ଯେ, ଭାରତରେ ପ୍ରାୟ ୪୦୦ ମିଲିୟନ ଲୋକ ଦାରିଦ୍ର୍ୟ ମଧ୍ୟକୁ ଠେଲି ହୋଇଯିବେ । ଏହି ମହାମାରୀ ୨୦୨୦ର ଦ୍ୱିତୀୟ ତ୍ରୈମାସିକରେ ୬.୭ ପ୍ରତିଶତ ୱାର୍କିଂ ଆୱାର ନଷ୍ଟ କରିବ ବୋଲି ଆନ୍ତର୍ଜାତିକ ଶ୍ରମ ସଂଗଠନ (ଆଇଏଲ୍‌ଓ) ଅନୁମାନ କରିଛି । ଏହା ୧୯୫ ମିଲିୟନ ପୂର୍ଣ୍ଣକାଳୀକ କର୍ମଚାରୀଙ୍କ କାର୍ଯ୍ୟ ଦିବସ ସହ ସମାନ । ମାନବଜାତିର ଇତିହାସରେ ଏହି ଦୁର୍ଗତି ସମୟରେ ସରକାର ପୂରା ଅସହାୟ ଜଣାପଡୁଛନ୍ତି । ଏଭଳି ସଂକଟରୁ ଦେଶକୁ କିପରି ଉଦ୍ଧାର କରିବାକୁ ଚାହୁଁଛନ୍ତି ସେଥିପାଇଁ କିଛି ଆଗୁଆ ଯୋଜନା ନାହିଁ । ଭାଇରସ୍ ସଂକ୍ରମଣର ବିପର୍ଯ୍ୟୟ ପରେ ବିପତ୍ତିପୂର୍ଣ୍ଣ ବେରୋଜଗାରୀ ସଙ୍କଟ ଏକ ବିରାଟ ଚ୍ୟାଲେଞ୍ଜ ଭାବେ ଉଭା ହୋଇ ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିବ । ବହୁ ଉଦ୍ୟୋଗ ମୁଖ୍ୟତଃ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ହୁଏତ ବନ୍ଦ ହୋଇଯିବ, ଯାହା ଫଳରେ ଲକ୍ଷ ଲକ୍ଷ କର୍ମଚାରୀ ଜୀବିକା ହରାଇ ରାସ୍ତାରେ ବୁଲିବେ ।

ଆଜିର ଅର୍ଥନୀତି

ବିମୁଦ୍ରୀକରଣ ପରେ ଆମେ ଦେଖିଥିବା ସଂଖ୍ୟାଠାରୁ ଏହା ଅନେକ ଗୁଣ ଅଧିକ ହେବ । ଲୋକଙ୍କ ପାଖରେ ଟଙ୍କା ନ ରହିଲେ ବଜାର ଚାହିଦା କମିଯିବ, ଯାହା ନିଶ୍ଚିତ ଭାବେ ଅର୍ଥନୀତିର ସର୍ବନାଶ କରିବ । ଦୁର୍ବଳ ଚାହିଦା ଯୋଗୁ କମ୍ପାନୀଗୁଡିକ କର୍ମଚାରୀଙ୍କୁ ବିଦା କରିସାରିଲେଣି । ଏହାଦ୍ୱାରା ଅନେକ କମ୍ପାନୀ ବନ୍ଦ ହୋଇଯିବ । ମୁମ୍ବାଇସ୍ଥିତ ଏକ ଘରୋଇ ଗବେଷଣା ସଂସ୍ଥା ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ ଇକୋନୋମି(ସିଏମ୍‌ଆଇଇ) ଦ୍ୱାରା କରାଯାଇଥିବା ସର୍ଭେରୁ ଜଣାପଡିଛି ଯେ, ଭାରତରେ ୨୧ ଦିନିଆ ଲକ୍‌ଡାଉନ ଲାଗୁ ହେବାର ଦୁଇସପ୍ତାହ ମଧ୍ୟରେ ଚାକିରି ହରାଇବା ହାର ୩୦ ପ୍ରତିଶତ ବଢିଯାଇଛି । ଅନ୍ୟପକ୍ଷରେ ମାର୍ଚ୍ଚ ୨୨ ତାରିଖ ମଧ୍ୟରେ ଏହା ପ୍ରାୟ ୮.୭ ପ୍ରତିଶତ ରହିଥିଲା ଏବଂ ଏହାର ଗୋଟିଏ ସପ୍ତାହ ପୂର୍ବରୁ ଏହା ଥିଲା ୮.୨ ପ୍ରତିଶତ । ସିଏମ୍‌ଆଇଇ ଆକଳନ ଅନୁସାରେ ପୂର୍ବମାସର ଶେଷ ସପ୍ତାହରେ ଦେଶର ମୋଟ୍ ବେକାରି ହାର ୨୪ ପ୍ରତିଶତ ପାଖାପାଖି ରହିଛି । ଏହା ୪୩ ମାସ ମଧ୍ୟରେ ସବୁଠୁ ବେଶି । ସ୍ପଷ୍ଟଭାବେ କହିବାକୁ ଗଲେ ଜାନୁୟାରୀଠାରୁ ଅନ୍ତତଃ ୧.୪୫ କୋଟି ଚାକିରି ହରାଇଛନ୍ତି ଏବଂ ବେକାରି ସଂଖ୍ୟା ଦେଶରେ ୬୦ ଲକ୍ଷ ବୃଦ୍ଧି ହୋଇଛି । ସରକାର ଏହି ତଥ୍ୟକୁ ଅସ୍ୱୀକାର କରିବା ଭଳି ମନେହେଉଛି । ସରକାର ମଧ୍ୟ ନିକଟ ଅତୀତରେ ଏଭଳି କହିଛନ୍ତି । ସରକାର କହିପାରନ୍ତି , ସିଏମ୍‌ଆଇଇ ଏକ ଘରୋଇ ଗବେଷଣା ସଂସ୍ଥା ଓ ଏହାର ତଥ୍ୟ ଠିକ୍ ନୁହେଁ ।

ଚାକିରି ଉପରେ ବିନାଶକାରୀ ପ୍ରଭାବ ସହ ଏହି ଲକ୍‌ଡାଉନ ଗ୍ରାମାଞ୍ଚଳ ଅର୍ଥବ୍ୟବସ୍ଥା ଉପରେ, ମୁଖ୍ୟତଃ ଏବର ଅମଳ ସମୟରେ ସମାନ ପ୍ରଭାବ ରହିବ । ଯଦିଓ ଗ୍ରାମାଞ୍ଚଳରେ କୃଷି ଉପରେ କୌଣସି ସରକାରୀ କଟକଣା ନାହିଁ, ତେବେ ଯୋଗାଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡି ପଡିଥିବାରୁ କୃଷକଙ୍କ ଆୟ ଉପରେ ଏହା ପ୍ରଭାବ ପକାଇବ । କରୋନା ଭାଇରସକୁ ଏବେ ହରାଇବା ପାଇଁ ସାମାଜିକ ଦୂରତ୍ୱ ପାଳନ କରିବା ଏକମାତ୍ର ଉପାୟ ହୋଇଥିବାରୁ ଏହାକୁ ସୁନିଶ୍ଚିତ କରିବା ଲକ୍‌ଡାଉନର ଲକ୍ଷ୍ୟ । ଏବେ ସାମାଜିକ ଦୂରତ୍ୱ ପାଳନ କରିବା ଉପାୟ ସମ୍ପର୍କରେ ଲୋକମାନଙ୍କୁ ଶିକ୍ଷା ଦିଆଯାଉଛି ଏବଂ ଏହାକୁ ପାଳନ ନ କଲେ କ'ଣ ବିପଦ ରହିଛି ସେ ସମ୍ପର୍କରେ ମଧ୍ୟ ଅବଗତ କରାଯାଉଛି । ସରକାର ଲକ୍‌ଡାଉନ ଉଠାଇ ଦେଇ ସାମାଜିକ ଦୂରତ୍ୱ ଉପରେ ଗୁରୁତ୍ୱ ଦେବା ଉଚିତ । ଯେତେଦିନ ଲକ୍‌ଡାଉନ ଲମ୍ବିବ ଆମ ଅର୍ଥବ୍ୟବସ୍ଥା ଉପରେ ସେତେ ବେଶି ପ୍ରଭାବ ପଡିବ ।

୨୫ ବର୍ଷ ତଳର ଧରିତ୍ରୀ

୧୦ ଏପ୍ରିଲ ୧୯୯୫

- ନେପାଳର ପ୍ରଧାନମନ୍ତ୍ରୀ ମନମୋହନ ଅଧିକାରୀ ଭାରତକୁ ୫ ଦିନିଆ ସରକାରୀ ଗସ୍ତରେ ଆସି ନୂଆଦିଲ୍ଲୀରେ ପହଞ୍ଚିଛନ୍ତି ।
- ରାସାୟନିକ ସାର ଉତ୍ପାଦନକାରୀ ପ୍ରମୁଖ ସଂସ୍ଥା 'ଇଫ୍‌କୋ' ଏବଂ 'କ୍ରିଭ୍‌କୋ' ଠାରୁ ସମବାୟ ଭିତ୍ତିକ ମର୍ଯ୍ୟାଦା ପ୍ରତ୍ୟାହାର କରି ନିଆଯିବା ଉଚିତ ନୁହେଁ ବୋଲି ଏକ ସଂସଦୀୟ ଷ୍ଟାଣ୍ଡିଂ କମିଟି ମତ ଦେଇଛି ।

su | do | ku
Puzzles by Srikant Ghosh

ସୁ–ଡୋ–କୁ

		D					3		9	6			7	
8	0							5		7		2		
1		C					B					A		5
		B				A		9		4	2	1		
		A			2			1			8			
	9	1		8		B					A	4		D
	2	5			D	4						B	C	
	E		B				A					9		0
6		4			E					2			1	A
A	B			4			6	C		D		7	2	
7	C		1		5			0	D	E		6	B	
	D			3				4					8	
					9	E			7		5	C		1
0							9	7			4			
			4							3				

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ ।

C	A	6	E	D	9	2	B	7	8	3	5	1	4	0
E	0	4	A	1	3	8	C	9	B	6	2	7	5	D
7	1	D	2	5	8	A	4	3	9	E	0	B	C	6
5	3	B	4	7	6	E	1	0	A	D	C	8	9	2
9	2	8	B	C	0	D	5	6	4	1	7	3	A	E
2	E	1	7	B	A	C	6	4	3	0	D	9	8	5
8	C	7	6	3	5	1	9	D	2	B	A	0	E	4
B	9	A	D	E	4	0	3	8	5	C	1	2	6	7
D	6	3	0	9	C	5	2	E	7	4	8	A	B	1
0	4	5	1	8	2	B	7	A	6	9	E	C	D	3
6	D	0	5	A	B	3	E	1	C	7	9	4	2	8
A	7	E	9	2	1	4	D	B	0	8	6	5	3	C
4	5	9	8	0	E	7	A	C	D	2	3	6	1	B
1	B	C	3	6	7	9	8	2	E	5	4	D	0	A
3	8	2	C	4	D	6	0	5	1	A	B	E	7	9

ଗତକାଲିର ଉତ୍ତର

ତାଲାବନ୍ଦୀରେ ଘରୋଇ ସହାୟିକା

ଶକ୍ତି ପ୍ରସାଦ ଦାସ

ସାଧାରଣ ପର୍ବ–ପର୍ବାଣି ହେଉ ଅବା ଧର୍ମଘଟ ହେଉ, ଏହି ଦିନଗୁଡିକରେ ଘରୋଇ ସହାୟିକା ବିନା ଗୋଟିଏ ଗୋଟିଏ ଦିନ ଘର କିପରି ଚଳେ ଆମେ ସମସ୍ତେ ଅଙ୍ଗେ ନିଭେଇଛେ । ସେସବୁକୁ ବଳିଯାଇଛି ବର୍ତ୍ତମାନର କରୋନା ମହାମାରୀ ଜନିତ ତାଲାବନ୍ଦୀ ଅବସ୍ଥା । ମହାମାରୀ ସଂକ୍ରମଣରୁ ତ୍ରାହୀ ପାଇଁ ମାର୍ଚ୍ଚ ୨୪ରେ ପ୍ରଧାନମନ୍ତ୍ରୀଙ୍କ ତାଲାବନ୍ଦୀ ଘୋଷଣା ପରେ ସମଗ୍ର ଦେଶ ତଥା ରାଜ୍ୟରେ ଜୀବନଯାତ୍ରା ଏକପ୍ରକାର ଠପ ହୋଇଯାଇଛି । ଘରୋଇ ସହାୟିକା ମଧ୍ୟ ଘରୁ ବାହାରିପାରୁ ନାହିଁ । ତେଣୁ ଘର ଓଳାଠାରୁ ଆରମ୍ଭ କରି ବାସନ ମଜା, ଲୁଗାପଟା ସଫା, ରୋଷେଇ, ବେବି ସିଟର ଓ ବୃଦ୍ଧ ମାତା–ପିତାଙ୍କ ସେବା ପର୍ଯ୍ୟନ୍ତ ସବୁ ଘରୋଇ କାମ ସହାୟିକା ବିନା ଏହି ସମୟ କିପରି କଟୁଥିବା ଲେଖିବା ଅନାବଶ୍ୟକ । ପରିଣାମ ସ୍ୱରୂପ ପାରିବାରିକ ଜୀବନଶୈଳୀରେ ମଧ୍ୟ ଅନେକ ପରିବର୍ତ୍ତନ ପରିଲକ୍ଷିତ ହେଲାଣି । ମା' କ'ଣ କରିବେ, ବାପା କ'ଣ କରିବେ, ପିଲାମାନେ କୋଉ କାମ ତୁଲାଇବେ, ଜେଜେ–ଜେଜେମା' କେଉଁ କାମ ତଦାରଖ କରିବେ, ସବୁ କାର୍ଯ୍ୟକୁ ଡିଭିଜନ ଅଫ ଲେବର ହିସାବରେ ପରିଚାଳନା କରିବାରେ ଆମେ ସମସ୍ତେ ବ୍ୟସ୍ତ । ଏତେସବୁ ବ୍ୟସ୍ତତାର ଗୋଟିଏ କାରଣ ଘରୋଇ ସହାୟିକାର ଅନୁପସ୍ଥିତି । ଭାବନ୍ତୁ ତ, ଆମ ନିଜ ଘର ପରିଚାଳନା ପାଇଁ ସହାୟିକା ଉପରେ ଆମେ କେତେ ନିର୍ଭରଶୀଳ ?

ଅନ୍ତର୍ଜାତୀୟ ଶ୍ରମ ସଂଗଠନ (ଆଇ.ଏଲ.ଓ.) ଘରୋଇ କାର୍ଯ୍ୟକୁ 'ଘର ଓଳାଇବା, ବାସନ ସଫା କରିବା, ପୋଷାକ ଧୋଇବା, ରାନ୍ଧିବା, ପିଲାମାନଙ୍କର ଯତ୍ନ ନେବା ଏବଂ ଅନ୍ୟାନ୍ୟ କାର୍ଯ୍ୟ ଯାହା ପାରିଶ୍ରମିକ ବଦଳରେ ଏକ ନିଯୁକ୍ତିଦାତା ପାଇଁ କରାଯାଏ, ତାକୁ ଘରୋଇକାର୍ଯ୍ୟ ବୋଲି ବ୍ୟାଖ୍ୟା କରିଛନ୍ତି । ଘରୋଇ ସହାୟିକାମାନଙ୍କୁ ବିଭିନ୍ନ ବର୍ଗରେ ବର୍ଗୀକରଣ କରାଯାଇପାରେ: କିଛି ପୂର୍ଣ୍ଣ ସମୟ ଘରେ ରହି କାମ କରନ୍ତି, କିଛି ପାର୍ଟ ଟାଇମ୍ ଭାବରେ ଏକାଧିକ ନିଯୁକ୍ତିଦାତାଙ୍କ ପାଇଁ କାମ କରନ୍ତି । ଆଜିର ଦିନରେ ଏହି ଘରୋଇ ସହାୟିକାମାନେ ଆଧୁନିକ ଭାରତର ଏକ ଅନନ୍ୟ ଶ୍ରମିକ ଗୋଷ୍ଠୀ, ଯେଉଁମାନେ ସର୍ବବ୍ୟାପୀ ଅଥଚ ଅଦୃଶ୍ୟ । ସେମାନଙ୍କର ଶ୍ରମକୁ ଉପେକ୍ଷା କରାଯାଇ ପାରେନାହିଁ, କିନ୍ତୁ ସେମାନଙ୍କର ଅସ୍ତିତ୍ୱକୁ ଅଣଦେଖା କରାଯାଏ । ନିଯୁକ୍ତିଦାତାର ଘର ହେଉଛି ସେମାନଙ୍କର କାର୍ଯ୍ୟସ୍ଥଳ । ସେମାନେ ନିଜ ଘର ଛାଡି ଅନ୍ୟର ଘରେ କାମ କରନ୍ତି । ଅଥଚ ଏହି ଘରଟି କାରଖାନା ବା କାର୍ଯ୍ୟାଳୟ ପରି କାର୍ଯ୍ୟସ୍ଥଳ ଭାବରେ ଗଣାଯାଏ ନାହିଁ । ସେମାନେ ଯେତେ ଭଲ ରାନ୍ଧନ୍ତୁ, ଯେତେ ଯତ୍ନର ସହ ଘର ସଫା କରନ୍ତୁ ନା କାହିଁକି ଏମାନେ ଆମ ପାଇଁ 'ଅଣ–ଉତ୍ପାଦକ' । ତେଣୁ ସେମାନେ କେବଳ ଅଦୃଶ୍ୟ ନୁହନ୍ତି ଅନୌପଚାରିକ ମଧ୍ୟ । ନିଜର ହକ୍ ମାଗିବାକୁ ଏପରି ଏକ ଅଣସଂଗଠିତ କ୍ଷେତ୍ରରେ ଏହି ଘରୋଇ ସହାୟିକାମାନଙ୍କର ଜୁ ନାହିଁ ।

ଘରୋଇ ସହାୟିକା ନିଯୁକ୍ତିଦାତାଙ୍କୁ, ସେମାନଙ୍କ ନିୟୋଜନ ସମୟରେ ପୋଲିସ ଦ୍ୱାରା ସବିଶେଷ ଯାଞ୍ଚ କରିନେବାକୁ ଖବରକାଗଜରେ ପରାମର୍ଶ ଦିଆଯାଇଥାଏ । ଅପରପକ୍ଷରେ ସହାୟିକା ପାଇଁ ସୁରକ୍ଷା ବିପଦ ଥିବାର ପର୍ଯ୍ୟାପ୍ତ ପ୍ରମାଣ ଥାଇ ମଧ୍ୟ ନିଯୁକ୍ତିଦାତା ବିଷୟରେ ସେପରି କୌଣସି ସୂଚନା ଖୋଜାଯାଏ ନାହିଁ ।

ଯୁବତୀ ଓ ମହିଳାଙ୍କ ଶ୍ରମ ଉପରେ ଆଧାରିତ ମୁକ୍ତବଜାରରେ ପ୍ରବେଶ କରିଥିବା ଅଧିକାଂଶ ସହାୟିକାଙ୍କୁ ଯୌନ–ଶୋଷଣ, ଯୌନ–ଚାଲାଣ ଓ ବେଠି ଇତ୍ୟାଦି ଖଟିବାକୁ ପଡିଥାଏ । ସାମାଜିକ ଭାବରେ ବଞ୍ଚିତ ସମ୍ପ୍ରଦାୟ, ଜାତି ଏବଂ ଅଞ୍ଚଳରୁ ଯୁବତୀ/ମହିଳାଙ୍କୁ ବାଧ୍ୟବାଧକତା ଓ ନିର୍ଯାତନା ମାଧ୍ୟମରେ କାମରେ ଲଗା ଯିବାରେ ବିଭିନ୍ନ ଶ୍ରମ ଏଜେନ୍ସିଗୁଡିକର ଭୂମିକା ବିଷୟରେ କ୍ରମାଗତ ଭାବରେ ରିପୋର୍ଟ ମିଳୁଛି ।

୨୦୦୮ ପରବର୍ତ୍ତୀ ସମୟରେ କୃଷି ଏବଂ ଉତ୍ପାଦନ କ୍ଷେତ୍ରରେ ନିଯୁକ୍ତି ସୁଯୋଗର ହ୍ରାସ ସହରାଞ୍ଚଳରେ ଘରୋଇ ଶ୍ରମିକମାନଙ୍କର ଉପଲବ୍ଧିରେ ବୃଦ୍ଧି ଏକ ମୁଖ୍ୟ କାରଣ ଭାବରେ ଦେଖାଗଲା । ଏଥିସହିତ ଅର୍ଥନୀତିର ବୈଶୀକରଣ ପରବର୍ତ୍ତୀ ସମୟରେ ମଧ୍ୟବିତ୍ତ ଏବଂ ଉଚ୍ଚ ମଧ୍ୟବିତ୍ତ ପରିବାରର ମହିଳାମାନଙ୍କର ପୁରୁଷ–ପ୍ରାଧାନ୍ୟ କାର୍ଯ୍ୟ ଜଗତରେ ପ୍ରବେଶ ଘରୋଇ କାର୍ଯ୍ୟ ପରିଚାଳନା କ୍ଷେତ୍ରରେ ଏକ ଶୂନ୍ୟସ୍ଥାନ ସୃଷ୍ଟିକଲା । ଏହି ସବୁ ସ୍ଥିତିରେ ଘରୋଇ ସହାୟିକାମାନଙ୍କର ଚାହିଦା ବଢିବାରେ ଲାଗିଲା । ଜାନୁୟାରୀ ୨୦୧୯ର ସର୍ବତମ ସରକାରୀ ପ୍ରେସ ବିଜ୍ଞପ୍ତିରେ ଆକଳନ କରାଯାଇଛି କି (ଏନ.ଏସ.ଏସ.ଓ.ର ୨୦୧୧–୧୨ ତଥ୍ୟ ଉପରେ ଆଧାର କରି) ଦେଶରେ ମୋଟ ଘରୋଇ ସହାୟକଙ୍କ ସଂଖ୍ୟା ୩୯ ଲକ୍ଷ । ସେଥିରୁ ୨୬ ଲକ୍ଷ ମହିଳା ଘରୋଇ ସହାୟକ । ଏହି ତଥ୍ୟ ପୁଣି ବିବାଦାସ୍ପଦ, କାରଣ ଏହି ତଥ୍ୟସବୁ ସର୍ଭେ ଆକଳନ ଉପରେ ଆଧାରିତ । ଏହା ଠିକ୍ ଗଣନା ଆଧାରିତ ନୁହେଁ ।

ଆଜିକାଲି ଦେଶର ଅର୍ଥନୈତିକ ଅଭିବୃଦ୍ଧିରେ ଗୃହକାର୍ଯ୍ୟର ମୂଲ୍ୟ ଆଉ ବିବାଦୀୟ ହୋଇ ରହିନାହିଁ । କିନ୍ତୁ ରାଷ୍ଟ୍ର ତଥା ଶ୍ରମିକବଜାର ମଧ୍ୟରେ ଏକ ଅଘୋଷିତ ବୁଝାମଣା ଘରୋଇ କାର୍ଯ୍ୟକୁ ରାଷ୍ଟ୍ରର ଅର୍ଥନୈତିକ ନିୟନ୍ତ୍ରଣ ବାହାରେ ରଖିବାରେ ସଫଳ ହୋଇଛି । ମାତୃତ୍ୱ ସୁବିଧା ଅଧିନିୟମ, ସର୍ବନିମ୍ନ ମଜୁରି ଅଧିନିୟମ କିମ୍ବା ଅନ୍ୟାନ୍ୟ ଶ୍ରମ ଆଇନର କୌଣସି ସୁଫଳ ଘରୋଇ କାର୍ଯ୍ୟରେ ପ୍ରଯୁଜ୍ୟ ନୁହେଁ । ଘରୋଇ ଶ୍ରମିକମାନଙ୍କୁ ନିଜ ଇଚ୍ଛାରେ ନିଯୁକ୍ତି ଦିଆଯାଇପାରିବ ଓ ବରଖାସ୍ତ ମଧ୍ୟ କରାଯାଇପାରିବ । ନିଯୁକ୍ତିଦାତାର କୌଣସି ଆଇନଗତ ବାଧ୍ୟତାମୂଳକ ଦାୟିତ୍ୱ ନାହିଁ ।

ସେମାନଙ୍କ ଅସ୍ତିତ୍ୱର ସାମ୍ପ୍ରତିକ ଅବସ୍ଥା ପାଇଁ ପର୍ଯ୍ୟାପ୍ତ ଆଇନ ଏବଂ ନୀତିର ଅଭାବ ହିଁ ଦାୟୀ । ଘରୋଇ କାର୍ଯ୍ୟକୁ ନିୟନ୍ତ୍ରଣ ଏବଂ ନିୟମିତ କରିବା ପାଇଁ ସରକାରଙ୍କ ଇଚ୍ଛାଶକ୍ତି ଉପରେ ପ୍ରଶ୍ନ ଉଠେ । ଯଦିଓ ଭାରତ ଆଇ.ଏଲ.ଓ.ର ୧୮୯ତମ ଚୁକ୍ତିନାମା ସ୍ୱାକ୍ଷର କରିଛି, କିନ୍ତୁ ଏହାକୁ ଆଜି ପର୍ଯ୍ୟନ୍ତ ଅନୁମୋଦନ କରିନାହିଁ । ଏହି ଚୁକ୍ତିନାମାରେ ଘରୋଇ ଶ୍ରମିକଙ୍କ ଅଧିକାର ବିଷୟରେ ବିଶେଷ ଭାବରେ ଉଲ୍ଲେଖ ରହିଛି । ଆମ ଦେଶରେ କେବଳ ଦୁଇଟି ଆଇନ ରହିଛି, ଯାହା ଘରୋଇ ସହାୟିକାମାନଙ୍କୁ 'ଶ୍ରମିକ ବର୍ଗ'ର ମାନ୍ୟତା ଦେଇଥାଏ । ପ୍ରଥମ– 'ଅଣସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା ଆଇନ–୨୦୦୮' ଏବଂ ଦ୍ୱିତୀୟ– 'କର୍ମକ୍ଷେତ୍ରରେ ମହିଳାଙ୍କ ଯୌନ ନିର୍ଯାତନା (ପ୍ରତିରୋଧ, ନିଷେଧାଦେଶ ଏବଂ ପ୍ରତିକାର) ଅଧିନିୟମ–୨୦୧୩ । କିନ୍ତୁ ଦୁଇଟିଯାକ ଆଇନରେ ଘରୋଇ ଶ୍ରମିକଙ୍କ ଅଧିକାର ବିଷୟରେ କୌଣସି ଆଇନଗତ ଢାଞ୍ଚାଗତ ବ୍ୟବସ୍ଥା ନାହିଁ ।

ଘରୋଇ ଶ୍ରମିକମାନଙ୍କ ପାଇଁ ଜାତୀୟ ପ୍ଲାଟଫର୍ମ ସରକାରଙ୍କ ନିକଟରେ ଏକ ଘରୋଇ ଶ୍ରମିକଙ୍କ ଶ୍ରମ ନିୟାମକ ଏବଂ ସାମାଜିକ ସୁରକ୍ଷା ଡ୍ରାଫ୍ଟ ବିଲ୍–୨୦୧୬ ଦାଖଲ କରିଛି । ଏଥିରେ ଘରୋଇ ସହାୟକଙ୍କ ନିୟନ୍ତ୍ରଣ ପାଇଁ ଉଭୟ ନିଯୁକ୍ତିଦାତା ଏବଂ ସହାୟକ/ସହାୟିକାଙ୍କୁ ଜିଲା ବୋର୍ଡରେ ବାଧ୍ୟତାମୂଳକ ପଞ୍ଜୀକରଣ ପାଇଁ ଆହ୍ୱାନ ଦିଆଯାଇଛି । ଏହି ଢାଞ୍ଚା ପୋଲିସ ଯାଞ୍ଚର ଉଭୟ ଉଦ୍ଦେଶ୍ୟ ହାସଲ କରୁଛି – ସୁରକ୍ଷା ଏବଂ ପରିଚୟ ତଥ୍ୟର ଡକ୍ୟୁମେଣ୍ଟେସନ । କିନ୍ତୁ ଏହା ଘରୋଇ ସହାୟତାକୁ ଅପରାଧୀକରଣ କରି ନୁହେଁ ବରଂ ସେମାନଙ୍କୁ ଅଧିକୃତ ଶ୍ରମିକ ଭାବରେ ସଶକ୍ତ କରି ଏହା ହାସଲ କରିବାକୁ ପ୍ରସ୍ତାବ ଦିଆଯାଇଛି । ତେଣୁ ଘରୋଇ ଶ୍ରମିକମାନଙ୍କ ସମ୍ବନ୍ଧୀୟ ନୀତି ନିଶ୍ଚିତ କଲାବେଳେ ଆମର ମାନସିକତା କେବଳ ଆଇନ ଶୃଙ୍ଖଳା ପରିସରରୁ ବାହାରିଆସି ଶ୍ରମିକମାନଙ୍କ ଅଧିକାରକୁ କେନ୍ଦ୍ରୀଭୂତ କରିବାର ଅଛି । ଜାତୀୟ ମହିଳା ଆୟୋଗଙ୍କ ଦ୍ୱାରା ପ୍ରସ୍ତୁତ ଏକ ବିଲ୍ ବର୍ଷ ବର୍ଷ ଧରି ସଂସଦରେ ଅଟକି ରହିଛି ।

ସହରୀ ଯୋଜନା ଏବଂ ସ୍ଥାନୀୟ ଅର୍ଥନୈତିକ ବିକାଶ ପାଇଁ ଅନୌପଚାରିକ ଅର୍ଥନୀତିର ଅବଦାନକୁ ସ୍ୱୀକୃତି ଦେବାର ଆବଶ୍ୟକତା ରହିଛି । ଅନୌପଚାରିକ ଶ୍ରମିକମାନଙ୍କର ଜୀବନ–ଜୀବିକା ସହିତ ସଂଶ୍ଳିଷ୍ଟ କାର୍ଯ୍ୟକଳାପକୁ ଏହି ପ୍ରଚେଷ୍ଟା ସହିତ ଏକୀଭୂତ କରିବାକୁ ଚେଷ୍ଟା କରିବାର ଅଛି । ସହରାଞ୍ଚଳ ଅନୌପଚାରିକ ଜୀବନ ଜୀବିକାକୁ ସୁହାଇଲା ଭଳି ସହରାଞ୍ଚଳ ସ୍ଥାନ, ସହରାଞ୍ଚଳ ସେବା ଓ ସହରାଞ୍ଚଳ ଭିତ୍ତିଭୂମିର ନ୍ୟାୟସଙ୍ଗତ ବଣ୍ଟନକୁ ପ୍ରୋତ୍ସାହିତ କରିବା ପାଇଁ ଆବଶ୍ୟକ ସହରୀ ଯୋଜନାର ଏକ ପୁନଃ ମୂଲ୍ୟାଙ୍କନ କରିବା ଆବଶ୍ୟକ । ଅନୌପଚାରିକ ଅର୍ଥନୀତିରେ କାମ କରୁଥିବା ଗରିବ, ବିଶେଷକରି ମହିଳାଶ୍ରମିକମାନଙ୍କୁ

ଦୋକାନରେ ଦର ତାଲିକା ଯାଞ୍ଚ

ଜଟଣୀ,୯।୪(ଡି.ଏନ.ଏ): ଜଟଣୀରେ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ପାଇଥିବା ଅଭିଯୋଗ ହେବା ପରେ ପ୍ରଶାସନ ପକ୍ଷରୁ ବିଭିନ୍ନ ହୋଲସେଲ ଓ ଖୁଚୁରା ଦୋକାନ ଯାଞ୍ଚ ଆରମ୍ଭ ହୋଇଛି । ନିର୍ଦ୍ଧାରିତ ଦର ତାଲିକା ଦୋକାନ ଆଗରେ ଝୁଲାଇବା ସହ ରହିଥିବା ନିୟମ ନେଇ ଅବଗତ କରାଉଛନ୍ତି । ଅତିରିକ୍ତ ତହସିଲଦାର ଦିଲ୍ଲୀପ ଷଡ଼ଙ୍ଗୀ, ଯୋଗାଣ ନିରୀକ୍ଷକ ପୃଥିରାଜ ପ୍ରଧାନ, ଥାନା ଆଇଆଇସି ବିଶ୍ୱରଞ୍ଜନ ସାହୁ ସହର ଓ ଗ୍ରାମାଞ୍ଚଳର ଦୋକାନ ବୁଲି ଯାଞ୍ଚ କରିବା ସହ ସିଧାସଳଖ ଗ୍ରାହକଙ୍କୁ ପଚାରି ବୁଝୁଛନ୍ତି । ନିର୍ଦ୍ଧାରିତ ପାଇକାରୀ ଦରରେ ସାମଗ୍ରୀ ବିକ୍ରୟ ପାଇଁ ଦୋକାନୀଙ୍କୁ ତାଗିଦ କରୁଛନ୍ତି ।

ପ୍ରଥମ ଦିନରେ ମାସ୍କ ବାଣ୍ଟି ବୁଝାଇଲା ପୋଲିସ

ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ଡିସିପି (ସିକ୍ୟୁରିଟି) ନିର୍ମଳ ଶତପଥୀ ଗୁରୁବାର ୟୁନିଟ୍-୪ ହାଟରେ ଜଣେ ଯୁବକଙ୍କୁ ମାସ୍କ ବ୍ୟବହାର କରିବାକୁ କହୁଛନ୍ତି। (ବାମ) ଅନ୍ୟଜଣେ ଲୋକଙ୍କୁ ମାସ୍କ ପିନ୍ଧାଇ ଦେଉଛନ୍ତି।

କେତେକେ ମାନିଲେ, ଆଉ କେତେକେ ଅମାନିଆ ହେଲେ

ଆଜିଠାରୁ କଡ଼ାକଡ଼ି ହେବ ଯାଞ୍ଚ

ଭୁବନେଶ୍ୱର,୯।୪(ବ୍ୟୁରୋ)

ବାୟୁ ଦ୍ୱାରା ମଧ୍ୟ ଘାତକ ଭୂତାଣୁ କୋଭିଡ୍-୧୯ ଅନ୍ୟକୁ ସଂକ୍ରମଣ ହେବା ସମ୍ଭାବନା ରହିଛି। ତେଣୁ ଗୁରୁବାରଠାରୁ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରିଛନ୍ତି ରାଜ୍ୟ ସରକାର। ଏହାକୁ କଡାକଡି ପାଳନ କରିବା ପାଇଁ ପୋଲିସକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ପ୍ରଥମ ଦିନରେ ଏହି ନିୟମକୁ କେତେଜଣ ମାନିଥିବାବେଳେ ଆଉକିଛି ଅମାନିଆ ହୋଇଥିଲେ। କିନ୍ତୁ ପୂର୍ବଦିନ ଅପେକ୍ଷା ଅଧିକାଂଶ ମାସ୍କ, ରୁମାଲ କିମ୍ବା କପଡ଼ାରେ ମୁହଁକୁ ଢାଙ୍କି ଯିବାଆସିବା କରୁଥିବା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ କମିଶନରେଟ ପୋଲିସ ପକ୍ଷରୁ ସହରର ବିଭିନ୍ନ ଛକରେ ଯାଞ୍ଚ କରାଯାଇଥିଲା। ରାଜମହଲ, ଶିଶୁଭବନ, ଏଜି, ଜୟଦେବ ବିହାର, କଳ୍ପନା, ପଟିଆ ଆଦି ପ୍ରମୁଖ ଛକରେ ବହୁଲୋକ ଧରାପଡିଥିଲେ। ଯେଉଁମାନେ ମାସ୍କ ପିନ୍ଧି ନ ଥିଲେ ସେମାନଙ୍କୁ ପୋଲିସ ଅଟକାଇଥିଲା। ଅଧିକାଂଶ ଏ ବିଷୟରେ ଜାଣି ନ ଥିବା କହିବାରୁ ପୋଲିସ ମାସ୍କ ପିନ୍ଧିବାର ଆବଶ୍ୟକତା ଓ ଉପକାରିତା ସମ୍ପର୍କରେ ବୁଝାଇ ଛାଡ଼ିଥିଲା। ନିୟମ ଲାଗୁ ହେବାର ପ୍ରଥମ ଦିନ ହୋଇଥିବାରୁ ପୋଲିସ କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା। ଏଣିକି କିନ୍ତୁ ଆଉ ଖସି ପାରିବେନି ଉଲ୍ଲଂଘନକାରୀ। ଶୁକ୍ରବାରଠାରୁ ଯାଞ୍ଚକୁ କଡାକଡି କରାଯିବ। ଯେଉଁମାନେ ମାସ୍କ ପିନ୍ଧି ନ ଥିବେ ଜରିମାନା ଗଣିବେ। ୩ଥର ପର୍ଯ୍ୟନ୍ତ ୨ଶହ ଟଙ୍କା ଓ ଏହାପରଠାରୁ ୫ଶହ ଟଙ୍କା ଲେଖାଏ ଜରିମାନା ଆଦାୟ କରାଯିବ। ଉଲ୍ଲଂଘନକାରୀଙ୍କ ସମସ୍ତ ତଥ୍ୟ ବିଭାଗୀୟ ଇଲେକ୍ଟ୍ରୋନିକ୍ସ ଡିଭାଇସ୍‌ରେ ଉପଲବ୍ଧ ରହିବ। କିଏ କେତେଥର ନିୟମ ଉଲ୍ଲଂଘନ କରିଛି ତାହା ସଙ୍ଗେ ସଙ୍ଗେ ଜଣାପଡିବ ବୋଲି କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ସବୁଠୁ ବଡ଼ କଥା ହେଲା ପ୍ରଥମ ଦିନ ହୋଇଥିବାରୁ ପୋଲିସ ବୁଲି ବୁଲି ପରିବା ବେପାରୀ ଓ ଅନ୍ୟ ଲୋକଙ୍କୁ ମାସ୍କ ପିନ୍ଧିବା ପାଇଁ ନିବେଦନ କରିବା ସହ କରୋନା ସମ୍ପର୍କରେ ସଚେତନ କରିଥିଲେ। ଏପରି କି ବିଭିନ୍ନ ସ୍ଥାନରେ ପୋଲିସ ଲୋକଙ୍କୁ ମାଗଣାରେ ମାସ୍କ ବାଣ୍ଟୁଥିବା ଦେଖିବାକୁ ମିଳିଥିଲା। ପୋଲିସର ଏଭଳି କାର୍ଯ୍ୟକୁ ଅନେକେ ସ୍ୱାଗତ ସହ ପ୍ରଶଂସା କରିଥିଲେ।

ସଂକ୍ଷେପରେ

ସହଯୋଗର ହାତ ବଢ଼ାଇଲା ଏସ୍‌ଆଇଡିବିଆଇ କ୍ୱାରାଣ୍ଟାଇନ ସେଣ୍ଟର କରିବାକୁ ଦେଲା ପ୍ରସ୍ତାବ

ଭୁବନେଶ୍ୱର ୯।୪(ବ୍ୟୁରୋ): ଦେଶରେ କ୍ଷୁଦ୍ର, ଅତିକ୍ଷୁଦ୍ର ଏବଂ ମଧ୍ୟମଧରଣ ବ୍ୟବସାୟୀଙ୍କ ପାଇଁ ପ୍ରମୋଶନ, ଫାଇନାନ୍ସ ଓ ଡେଭଲପ୍‌ମେଣ୍ଟ କ୍ଷେତ୍ରରେ କାର୍ଯ୍ୟରତ ଅଗ୍ରଣୀ ସ୍ମଲ ଇଣ୍ଡଷ୍ଟ୍ରିଜ୍ ଡେଭଲପ୍‌ମେଣ୍ଟ ବ୍ୟାଙ୍କ ଅଫ ଇଣ୍ଡିଆ(ଏସ୍‌ଆଇଡିବିଆଇ) ରାଜ୍ୟ ସରକାରଙ୍କୁ ସହାୟତାର ହାତ ବଢାଇଛି। ଭୁବନେଶ୍ୱରସ୍ଥିତ ଜୟଦେବବିହାରରେ ଥିବା ଏହାର ତାଲିମ ପ୍ରତିଷ୍ଠାନ, ସ୍ୱାବଲମ୍ବନ ଏକାଡେମିକ କେନ୍ଦ୍ରକୁ କ୍ୱାରାଣ୍ଟାଇନ୍ କେନ୍ଦ୍ର କରିବାକୁ ପ୍ରସ୍ତାବ ଦେଇଛି। କରୋନା ଆକ୍ରାନ୍ତ ଏବଂ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କୁ ସୁବିଧା ଯୋଗାଇବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କୁ ସହଯୋଗ କରିବାକୁ ନିଷ୍ପତ୍ତି ନିଆଯାଇଥିବା ଏହାର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ମହମ୍ମଦ ମୁସ୍ତଫା ପ୍ରକାଶ କରିଛନ୍ତି।

ଆଜିଠୁ ସିଲ୍ ଅଞ୍ଚଳରେ ପିଡିଏସ୍ ସାମଗ୍ରୀ ବଣ୍ଟନ

ଭୁବନେଶ୍ୱର, ୯।୪(ବ୍ୟୁରୋ): କରୋନା ସଂକ୍ରମଣ ରୋକିବାକୁ ଚିହ୍ନଟ ଆକ୍ରାନ୍ତ ଓ ତାଙ୍କ ସଂସ୍ପର୍ଶରେ ଆସିଥିବା ଭୁବନେଶ୍ୱରର ୫ ଅଞ୍ଚଳକୁ ସିଲ୍ କରାଯାଇଛି। ଏସବୁ ଅଞ୍ଚଳରେ ବସବାସ କରୁଥିବା ପିଡିଏସ୍ ହିତାଧିକାରୀଙ୍କୁ ଶୁକ୍ରବାରଠାରୁ ସାମଗ୍ରୀ ବଣ୍ଟନ କରାଯିବ। ତିନି ମାସ ପାଇଁ ଆଗୁଆ ଦିଆଯିବ। ସବୁ ସାମଗ୍ରୀକୁ ଏକ ପ୍ୟାକେଟ୍ କରାଯାଇ ଘର ଦୁଆର ମୁହଁରେ ହିତାଧିକାରୀଙ୍କୁ ପ୍ରଦାନ କରାଯିବ। ବିଭିନ୍ନ ଅଞ୍ଚଳରେ ଏହି କାର୍ଯ୍ୟ ପର୍ଯ୍ୟାୟକ୍ରମେ କରାଯିବ ବୋଲି ବିଏମ୍‌ସି କହିଛି।

ସକାଳେ ୪, ସନ୍ଧ୍ୟାରେ ୨ ସିଲ୍ ଅଞ୍ଚଳରେ ସେବା ଯୋଗାଉଛି ମୋବାଇଲ୍ ଏଟିଏମ୍

ଭୁବନେଶ୍ୱର, ୯।୪(ବ୍ୟୁରୋ): କରୋନା ସଂକ୍ରମଣ ରୋକିବାକୁ ଭୁବନେଶ୍ୱରର ୫ ଅଞ୍ଚଳ ଓ ଗୋଟିଏ କଲୋନୀକୁ କଣ୍ଟେନ୍‌ମେଣ୍ଟ ଜୋନ ବା ଆବଦ୍ଧ ଅଞ୍ଚଳ ଘୋଷଣା ସହ ସିଲ୍ କରାଯାଇଛି। ଲୋକେ ଘରୁ ଗୋଡ଼ କାଢ଼ି ପାରୁନାହାନ୍ତି। ତେଣୁ ଲୋକେ ଯେପରି ଅସୁବିଧାର ସମ୍ମୁଖୀନ ନ ହେବେ ସେଥିପାଇଁ ବିଏମ୍‌ସି ପକ୍ଷରୁ ଟଙ୍କା ସହ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀ ଘର ପଖରେ ଯୋଗାଣ ବ୍ୟବସ୍ଥା କରିଛି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)। ଆକ୍ସିସ୍ ବ୍ୟାଙ୍କ ପକ୍ଷରୁ ମୋବାଇଲ୍ ଏଟିଏମ୍ ଭ୍ୟାନ୍‌ର ବ୍ୟବସ୍ଥା ହୋଇଛି। ଏହା ପ୍ରତିଦିନ ସବୁ ଆବଦ୍ଧ ଅଞ୍ଚଳକୁ ଯାଇ ୧ ଘଣ୍ଟା ଧରି ସେବା ସେବା ଯୋଗାଇବ ବୋଲି ବିଏମ୍‌ସି କମିଶନର ପ୍ରେମ୍‌ଚନ୍ଦ୍ର ଚୌଧାରୀ କହିଛନ୍ତି। କେଉଁ ଅଞ୍ଚଳରେ କେତେ ଘଣ୍ଟା ମୋବାଇଲ ଏଟିଏମ୍ ସୁବିଧା ମିଳିବ ତାହାର ସମୟ ଧାର୍ଯ୍ୟ କରାଯାଇ ବିଏମ୍‌ସି ତାହାକୁ ନିଜ ୱେବ୍‌ସାଇଟ୍ ଓ ସୋସିଆଲ୍ ମିଡିଆ ଆକାଉଣ୍ଟରେ ସେୟାର କରିଛି। ଏହି ଅନୁସାରେ, ୪ ଅଞ୍ଚଳରେ ସକାଳେ ଓ ୨ ଅଞ୍ଚଳରେ ଅପରାହ୍ନରେ ମୋବାଲ୍ ଏଟିଏମ୍ ସେବା ଉପଲବ୍ଧ ହେବ। ସୁନ୍ଦରପଦାରେ ସକାଳ ୮ରୁ ୯, ଯଦୁପୁରରେ ସକାଳ ୯ଟା ୧୫ରୁ ୧୦ଟା ୧୫, ସୂର୍ଯ୍ୟନଗରରେ ୧୦ଟା ୩୦ରୁ ୧୧ଟା ୩୦, ବମିଖାଲରେ ଦିନ ୧୨ଟାରୁ ଗୋଟାଏ, ସତ୍ୟନଗରରେ ଅପରାହ୍ନ ୩ଟାରୁ ୪ଟା ଓ ଆଇବି କଲୋନୀରେ ୪ଟା ୧୫ରୁ ୫ଟା ପର୍ଯ୍ୟନ୍ତ ଏଟିଏମ୍ ଭ୍ୟାନ୍ ବୁଲିବ। ନିୟୋଜିତ କର୍ମଚାରୀ ଲୋକଙ୍କୁ ପଇସା ଉଠାଣରେ ସହଯୋଗ କରିବେ ବୋଲି ସୂଚନା ଦିଆଯାଇଛି।

କର କ୍ଲିନିକ କର୍ମଚାରୀଙ୍କ ନମୁନା ନେଗେଟିଭ

ଭୁବନେଶ୍ୱର, ୯।୪(ବ୍ୟୁରୋ): ଭୁବନେଶ୍ୱର କର କ୍ଲିନିକର ସମସ୍ତ ୨୧ କର୍ମଚାରୀଙ୍କ କୋଭିଡ୍-୧୯ ନମୁନା ନେଗେଟିଭ୍ ଆସିଛି। ରାଜ୍ୟ ଜନସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକଙ୍କ ଚିଠିରୁ ଏହା ସ୍ପଷ୍ଟ ହୋଇଛି। ତେବେ ସମସ୍ତ କର୍ମଚାରୀ ନିଜେ ଆଇସୋଲେଶନରେ ରହିବାକୁ ପରାମର୍ଶ ଦିଆଯାଇଛି। ଏଥିସହ ଆବଶ୍ୟକ ସଂକ୍ରମଣ ନିରୋଧୀ କାର୍ଯ୍ୟ ପରେ ହସ୍ପିଟାଲ ଯଥାରୀତି ଚାଲୁ କରିବାକୁ କୁହାଯାଇଛି। ରାଜ୍ୟର ତୃତୀୟ କରୋନା ସଂକ୍ରମିତ ଚିହ୍ନଟ ହେବା ପୂର୍ବରୁ କର କ୍ଲିନିକ୍‌ରେ ଚିକିତ୍ସିତ ହୋଇଥିଲେ। ଏହା ଜଣାପଡିବା ପରେ ଉକ୍ତ କ୍ଲିନିକ୍‌କୁ ସାମୟିକ ବନ୍ଦ କରାଯାଇଥିଲା।

ସୂଚନାନୁସାରେ, ଆକ୍ରାନ୍ତ ଜଣକ ନୂଆଦିଲ୍ଲୀରୁ ଫେରି ଅସୁସ୍ଥ ହୋଇଡ଼ିବାରୁ ଗତ ମାର୍ଚ୍ଚ ୧୬ରେ ବିଧାନସଭା ଡିସ୍‌ପେନ୍‌ସାରିରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ପରେ ଅର୍ଥାତ୍ ୨୧ ତାରିଖରେ ସେ କର କ୍ଲିନିକକୁ ଯାଇଥିଲେ। ୨୩ ତାରିଖରେ ତାଙ୍କୁ ଆଇସିୟୁରେ ରଖାଯାଇ ଚିକିତ୍ସା କରାଯାଇଥିଲା। ୨୪ ତାରିଖରେ ଡିସ୍‌ଚାର୍ଜ ହୋଇ ୨୫ରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସେଠାରେ ତାଙ୍କର ରକ୍ତ ଓ ସ୍ୱାବ୍ ନମୁନା ପରୀକ୍ଷା ପାଇଁ ପଠାଯାଇଥିଲା। ରିପୋର୍ଟରେ ସେ କୋଭିଡ୍-୧୯ ଆକ୍ରାନ୍ତ ଥିବା ସ୍ପଷ୍ଟ ହୋଇଥିଲା। ଏହାପରେ କର କ୍ଲିନିକ, କ୍ୟାପିଟାଲ ହସ୍ପିଟାଲ ଓ ବିଧାନସଭା ଡିସ୍‌ପେନ୍‌ସାରିକୁ ଯାଇଥିବା ଲୋକଙ୍କ ଭିତରେ ଭୟର ବାତାବରଣ ଖେଳି ଯାଇଥିଲା। କର କ୍ଲିନିକକୁ ନ ଯିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଲୋକଙ୍କୁ କୁହାଯିବା ସହ ସାମୟିକ ବନ୍ଦ କରାଯାଇଥିଲା। ଏଥିସହ ସମସ୍ତ କର୍ମଚାରୀଙ୍କ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଥିଲା। ନମୁନା ନେଗେଟିଭ୍ ଆସିଥିବାରୁ କର୍ମଚାରୀ ଓ କ୍ଲିନିକ୍ କର୍ତ୍ତୃପକ୍ଷ ଆଶ୍ୱସ୍ତ ହୋଇଛନ୍ତି।

୭ ଆକ୍ରାନ୍ତଙ୍କ ଟ୍ରାଭେଲ ହିଷ୍ଟ୍ରି ଜାରି

ଭୁବନେଶ୍ୱର,୯।୪ (ବ୍ୟୁରୋ): ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଛି। ଗୁରୁବାର ଆଉ ୨ ରିପୋର୍ଟ ପଜିଟିଭ୍ ଆସିବା ପରେ ଏହି ସଂଖ୍ୟା ୪୪ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରୁ ଦୁଇଜଣ ଚିକିତ୍ସା ପରେ ସୁସ୍ଥ ହୋଇ ଘରକୁ ଫେରିଥିବାବେଳେ ଜଣଙ୍କ ମୃତ୍ୟୁ ହୋଇଛି। ଫଳରେ ଏବେ ରାଜ୍ୟରେ ୪୧ଜଣ ଆକ୍ଟିଭ୍ କରୋନା ଆକ୍ରାନ୍ତ ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଅନ୍ୟପକ୍ଷରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ପୂର୍ବରୁ କେତେଜଣ ଆକ୍ରାନ୍ତଙ୍କ ଟ୍ରାଭେଲ୍ ହିଷ୍ଟ୍ରି ବା ଭ୍ରମଣ ତଥ୍ୟ ଦିଆଯାଇଥିବାବେଳେ ଗୁରୁବାର ୭ଜଣଙ୍କ ସଂକ୍ରାନ୍ତରେ ସୂଚନା ଜାରି କରାଯାଇଛି। ସେଗୁଡ଼ିକ ହେଲା କେସ୍ ନଂ ୪, ୫, ୬, ୨୦, ୪୦, ୪୩ ଓ ୪୪। ଏମାନଙ୍କ ମଧ୍ୟରୁ କେସ୍ ନଂ.୫ ଭୁବନେଶ୍ୱର ସୂର୍ଯ୍ୟନଗରର କରୋନା ଆକ୍ରାନ୍ତ ୬୦ ବର୍ଷୀୟ ବୃଦ୍ଧ ଓ ଗୁରୁବାର ଚିହ୍ନଟ ହୋଇଥିବା କେସ୍ ନଂ.୪୩ ଢେଙ୍କାନାଳର ଜଣେ ମହିଳାଙ୍କର କୌଣସି ଟ୍ରାଭେଲ୍ ହିଷ୍ଟ୍ରି ନାହିଁ । ଅର୍ଥାତ୍ ଏମାନେ ରାଜ୍ୟ କିମ୍ବା ଦେଶ ବାହାରକୁ ଯାଇନାହାନ୍ତି। କେସ ନଂ.୪ ଭଦ୍ରକର ୨୯ ବର୍ଷୀୟ ଯୁବକଙ୍କ ଦୁବାଇ ଓ କେସ ନଂ.୬ କଟକର ୩୦ ବର୍ଷୀୟ ଯୁବକଙ୍କ ଟ୍ରାଭେଲ୍ ହିଷ୍ଟ୍ରି ଦିଲ୍ଲୀ ରହିଛି। କେସ୍ ନଂ.୨୦ କଳାହାଣ୍ଡିର ୨୯ ବର୍ଷୀୟ ଯୁବକଙ୍କ ବାହାରିନ୍ ରହିଥିବାବେଳେ କେସ୍ ନଂ.୪୦ କେନ୍ଦ୍ରାପଡ଼ାର ୩୨ ବର୍ଷୀୟ ଯୁବକଙ୍କ ଟ୍ରାଭେଲ୍ ହିଷ୍ଟ୍ରି ଦୁବାଇ ରହିଛି। କେସ୍ ନଂ.୪୪ ପଶ୍ଚିମବଙ୍ଗ ମେଦିନପୁରର ୭୦ ବର୍ଷୀୟ ବୃଦ୍ଧ ଗତ ୭ ତାରିଖରେ ଚିକିତ୍ସା ପାଇଁ ଆମ୍ବୁଲାନ୍ସରେ ଭୁବନେଶ୍ୱର ଆସିଥିଲେ। ସମସ୍ତ ଆକ୍ରାନ୍ତ ନିଜ ଯାତ୍ରାର ବିଭିନ୍ନ ସମୟରେ ଫ୍ଲାଇଟ୍, ଟ୍ରେନ୍, ବସ୍ ଏବଂ ଟ୍ୟାକ୍ସି ବ୍ୟବହାର କରିଛନ୍ତି। ଏଣୁ ଏମାନଙ୍କ ସଂସ୍ପର୍ଶରେ ବହୁ ଲୋକ ଆସିଥିବା ଆଶଙ୍କା କରାଯାଉଛି। ସୂର୍ଯ୍ୟନଗର ଆକ୍ରାନ୍ତ ଏମ୍‌ସ ଓ ମେଦିନପୁର ଆକ୍ରାନ୍ତ କିମ୍ସ କୋଭିଡ୍-୧୯ ହସ୍ପିଟାଲରେ ଚିକିତ୍ସିତ ହେଉଥିବାବେଳେ ଅନ୍ୟ ୫ଜଣ ବର୍ତ୍ତମାନ କଟକ ଅଶ୍ୱିନୀ କୋଭିଡ୍ ହସ୍ପିଟାଲ୍‌ରେ ଚିକିତ୍ସିତ ହେଉଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ସହାୟତା

ପୁରୁଣା ଭୁବନେଶ୍ୱର, ୯।୪(ଡି.ଏନ୍.ଏ.)

କରୋନା ଲଢ଼େଇରେ ଆଜି ସମସ୍ତେ ସାମିଲ ହୋଇଛନ୍ତି। ବର୍ତ୍ତମାନର ସଙ୍କଟଜନକ ସ୍ଥିତିର ମୁକାବିଲା ପାଇଁ ବିପୁଳ ଅର୍ଥ ଆବଶ୍ୟକ ହେଉଥିବାରୁ ରାଜ୍ୟ ଓ କେନ୍ଦ୍ର ସରକାର ସହାୟତା ପାଣ୍ଠି ଖୋଲିଛନ୍ତି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ଭୁବନେଶ୍ୱର ଉପକଣ୍ଠ ଇଟିପୁର ଗ୍ରାମ ପଞ୍ଚାୟତ ସରପଞ୍ଚ ନର୍ମଦା ଚନ୍ଦ୍ରମା ସାହୁ ୧୩ହଜାର ଦାନ କରିଥିବାବେଳେ ଦିବ୍ୟଜ୍ୟୋତି ମିଶନ ଶକ୍ତି ପକ୍ଷରୁ ସଭାନେତ୍ରୀ ବୀଣାପାଣି ପ୍ରଧାନ ୧୨ହଜାର ଓ ଇଟିପୁର ବିଜୁ ଯୁବ ବାହିନୀ ପକ୍ଷରୁ ସଭାପତି ଜ୍ଞାନ ରଞ୍ଜନ ସାହୁ ୫ହଜାର ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି।

ସମ୍ଭାବ୍ୟ କରୋନା ସଂକ୍ରମଣ ଏଡ଼ାଇବାକୁ ଲୋକ ସେବା ଭବନର ଗେଟ୍ ନ.୫ରେ ଲାଗିଥିବା 'ମୋ ସାନିଟାଇଜେଶନ ଟନେଲ' ଦେଇ ଅଧିକାରୀ ଓ କର୍ମଚାରୀଙ୍କୁ ଛଡ଼ାଯାଉଛି।

ବିଜେବି ନଗର ପୋଷ୍ଟ ଅଫିସ୍ ସିଲ୍

ଭୁବନେଶ୍ୱର, ୯।୪(ବ୍ୟୁରୋ): ସହରରେ କରୋନା ସଂକ୍ରମଣ ଏଡ଼ାଇବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଗୋଟିକ ପରେ ଗୋଟିଏ ଅଞ୍ଚଳକୁ ସିଲ୍ କରାଯାଉଛି। ଇତିମଧ୍ୟରେ ରାଜଧାନୀର ୫ ଅଞ୍ଚଳ ସହ କେନ୍ଦ୍ରୀୟ ଗୋଇନ୍ଦା ବ୍ୟୁରୋ କାର୍ଯ୍ୟାଳୟ ଓ ଷ୍ଟାଫ୍ କଲୋନୀକୁ ସିଲ୍ କରାଯାଇଛି। ବୁଧବାର ବିଜେବିନଗରସ୍ଥିତ ପୋଷ୍ଟ ଅଫିସ୍‌କୁ ସିଲ୍ କରିଛି ବିଏମ୍‌ସି। ଏହି ଅଫିସ୍‌ରେ କାର୍ଯ୍ୟରତ ଜଣେ ପୋଷ୍ଟମ୍ୟାନ୍ କରୋନା ସଂକ୍ରମଣରେ ଆସିଥିବାରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଆଗାମୀ ଦିନରେ ପୋଷ୍ଟ ଅଫିସ୍ ସମ୍ପୂର୍ଣ୍ଣ ସାନିଟାଇଜ୍ କରାଯିବା ପରେ ଏହାକୁ ଖୋଲାଯିବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

କଣ୍ଟାକ୍ଟ ଟ୍ରେସିଂ ପରେ ସିଲ୍ ହୋଇପାରେ ଝାରପଡ଼ା, ମଧୁସୂଦନ ନଗର

ଭୁବନେଶ୍ୱର, ୮।୪(ବ୍ୟୁରୋ)

ରାଜଧାନୀରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ହୁଡ଼ୁ ହୋଇ ବଢ଼ି ଚାଲିଛି। ରାଜ୍ୟରେ ମୋଟ ୪୪ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବାବେଳେ କେବଳ ଭୁବନେଶ୍ୱରରେ ୩୫ଜଣ ରହିଛନ୍ତି। ତେଣୁ ସଂକ୍ରମଣ ରୋକିବାକୁ ଆକ୍ରାନ୍ତ ରହୁଥିବା ଅଞ୍ଚଳ ଓ ସଂସ୍ପର୍ଶରେ ଆସିଥିବା ଅଞ୍ଚଳକୁ ସିଲ୍ କରାଯାଉଛି। ଇତିମଧ୍ୟରେ ଭୁବନେଶ୍ୱରର ୫ ଅଞ୍ଚଳକୁ ଆବଦ୍ଧ ଅଞ୍ଚଳ ଘୋଷଣା କରାଯାଇଥିବାବେଳେ ଜଣେ ଲେଖାଏ ଆକ୍ରାନ୍ତ ଚିହ୍ନଟ ହୋଇଥିବା ଝାରପଡ଼ା ଓ ମଧୁସୂଦନ ନଗରକୁ ସିଲ୍ କରାଯିବାକୁ ଯୋଜନା ଚାଲିଛି। ସୋମବାର ଝାରପଡା ଅଞ୍ଚଳର ଜଣେ ୭୨ ବର୍ଷୀୟ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିବାବେଳେ ମଙ୍ଗଳବାର ତାଙ୍କ ରିପୋର୍ଟ ପଜିଟିଭ୍ ଆସିଥିଲା। ଏହା ରାଜ୍ୟର ପ୍ରଥମ କରୋନା ମୃତ୍ୟୁ ହୋଇଥିବାରୁ ପ୍ରଶାସନିକ ତତ୍ପରତା ବଢ଼ିଯାଇଛି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ କଣ୍ଟାକ୍ଟ ଟ୍ରେସିଂ ଆରମ୍ଭ ହୋଇଛି। ସମ୍ପୃକ୍ତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କୁ ଖୋଜା ଚାଲିଛି। ଏଥିସହ ଏହି ଅଞ୍ଚଳର ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରାଯାଉଛି। ସେପରି କିଛି ଘଟଣା ନଜରକୁ ଆସିଲେ ଝାରପଡ଼ା ଅଞ୍ଚଳକୁ ସିଲ୍ କରାଯିବ ବୋଲି ଦକ୍ଷିଣ ପୂର୍ବ ଜୋନାଲ କମିଶନର ଅଂଶୁମାନ ରଥ କହିଛନ୍ତି।

ସେହିପରି ୟୁନିଟ୍-୪ ମଧୁସୂଦନନଗର ମଧ୍ୟ ବିଏମ୍‌ସିର ଦକ୍ଷିଣ ପୂର୍ବ ଜୋନ ଅଧୀନରେ ହିଁ ଯାଉଛି। ସେଠାରେ ବି ଜୋନାଲ ଡାକ୍ତରୀ ଟିମ୍ ଓ ଜୋନାଲ ସ୍କ୍ୱାଡ୍ ନିଜ ନିଜର କାମ ଜାରି ରଖିଛନ୍ତି। ଯଦି ମଧୁସୂଦନ ନଗରରୁ ଚିହ୍ନଟ ପଜିଟିଭ୍ ବ୍ୟକ୍ତିଙ୍କ ସଂସ୍ପର୍ଶରେ କେହି ଆସିଥିବା ଜଣାପଡିବ ତେବେ ଆବଦ୍ଧ ଅଞ୍ଚଳ ଭାବେ ଘୋଷଣା କରାଯାଇ ସିଲ୍ ହେବ। ଏଥିସହ ଅନ୍ୟ ଆବଦ୍ଧ ଅଞ୍ଚଳ ପରି ଝାରପଡ଼ା ଓ ମଧୁସୂଦନ ନଗରବାସୀଙ୍କୁ ବିଏମ୍‌ସି ଅତ୍ୟାବଶ୍ୟକ ସେବା ଯୋଗାଇଦେବ ବୋଲି ସେ କହିଛନ୍ତି।

ଲକ୍‌ଡାଉନ ଅବଧି ବୃଦ୍ଧିକୁ ଭାଜପାର ସ୍ୱାଗତ, କଂଗ୍ରେସ କହିଲା ପ୍ରତିଯୋଗିତା

**ଭୁବନେଶ୍ୱର, ୯।୪(ବ୍ୟ

ଦେଶରେ ଲକ୍‌ଡାଉନ୍ ସମୟରେ ଯେଉଁମାନେ ଜରୁରିକାଳୀନ ସେବା ଯୋଗାଉଛନ୍ତି ସେମାନଙ୍କୁ ଅକ୍ଷୟ ହୃଦୟରୁ ଧନ୍ୟବାଦ ଜଣାଇଛନ୍ତି। ସୋସିଆଲ ମିଡିଆରେ ଶେୟାର କରିଥିବା ଏକ ଭିଡ଼ିଓ ମାଧ୍ୟମରେ ୫୨ ବର୍ଷୀୟ ଅଭିନେତା ଅକ୍ଷୟ ମୁମ୍ବାଇ ପୋଲିସ ସହ କଥା ହେଉଥିବା ଦେଖାଯାଇଛି। ଅବଶ୍ୟ ଭଭୟ ଭଲବନ୍ଧୁ ବୋଲି ଜଣାପଡିଛି। ୨ ମିନିଟ୍ ୧୨ ସେକେଣ୍ଡର ଏହି ଭିଡିଓ ମାଧ୍ୟମରେ ସେ ଲକ୍‌ଡାଉନ୍ ଥିବା ସମୟରେ ଯେଉଁମାନେ ଜରୁରୀ କାଳୀନ ସେବା ଯୋଗାଉଛନ୍ତି ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ମା'ଙ୍କ ସହ ଚାଷ ଶିଖୁଛନ୍ତି ଭୂମି

ଭୂମି ପେଡ୍‌ନେକର

ମୁମ୍ବାଇ: କରୋନା ଲାଗି ସାରାଦେଶରେ ଲକ୍‌ଡାଉନ୍ ଘୋଷଣା କରାଯାଇଛି। ସମସ୍ତେ ଏଥିରେ ଏକପ୍ରକାର ବନ୍ଦ ହୋଇପଡ଼ିଥିବା ବେଳେ ଏଥିରୁ ବାଦ୍ ପଡ଼ିନାହାନ୍ତି ବଲିଉଡ୍ ଅଭିନେତ୍ରୀ ଅଭିନେତାମାନେ। ଦିନର ଅଧିକ ସମୟ ଶୁଟିଂରେ ବିତାଉଥିବା ଏହି କଳାକାରମାନେ ଏବେ ଅଧିକ ସମୟ ଘରେ ବିତାଉଛନ୍ତି। ଏହି ସମୟ ବିତାଇବା ପାଇଁ କେହି କଳାକାର ଘର କାମ କରୁଛନ୍ତି ତ ଆଉ କେହି ରୋଷେଇ କରି ଇନ୍‌ଷ୍ଟାରେ ଭିଡିଓ ସେୟାର କରୁଛନ୍ତି। କିନ୍ତୁ ବଲିଉଡ୍ ଅଭିନେତ୍ରୀ ଭୂମି ପେଡ୍‌ନେକର ନିଜର ବହୁମୂଲ୍ୟ ସମୟ ତାଙ୍କ ମା' ସୁମିତ୍ରା ପେଡ୍‌ନେକରଙ୍କ ସହ ମିଶି ହାଇଡ୍ରୋପୋନିକ୍ସ କୃଷି ସମ୍ବନ୍ଧୀୟ ଶିକ୍ଷା ଗ୍ରହଣ କରୁଛନ୍ତି। ସୂଚନାଯୋଗ୍ୟ ଯେ, 'ପତି ପତ୍ନୀ ଔର ୱ' ମୁଭିରେ ତାଙ୍କ ଅଭିନୟ ବେଶ ପ୍ରଶଂସନୀୟ ଥିଲା। ସେ ଫ୍ୟାନ୍‌ମାନଙ୍କୁ କୃଷି ଉପରେ ଶିକ୍ଷାଲାଭ କରୁଥିବା ଜଣାଇ ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ସମସ୍ତେ ଘରେ ସୁରକ୍ଷିତ ରହିବାକୁ ନିବେଦନ କରିଛନ୍ତି। ଲକ୍‌ଡାଉନ୍‌କୁ ମାନି ଘରେ ରହିଲେ ଆମେ କରୋନା ସହିତ ଲଢ଼େଇ କରିବାକୁ ସକ୍ଷମ ହୋଇପାରିବା ବୋଲି ଭୂମି ଜଣାଇଛନ୍ତି।

ଭୁଲରେ ଡିସ୍‌ଚାର୍ଜ ହେଲେ କରୋନା ପୀଡ଼ିତ

ଚେନ୍ନାଇ: ମହାମାରୀ କରୋନା ଭୂତାଣୁର ପ୍ରକୋପ ଏବେ ବିଶ୍ୱ ହୃଦୟଙ୍ଗମ କରିଥିବା ବେଳେ ତାମିଲନାଡୁର ଭିଲ୍ଲୁପୁରମ୍ ଜିଲାରେ ୪ କରୋନା ରୋଗୀଙ୍କୁ ସରକାରୀ ଡାକ୍ତରଖାନାରୁ ମଙ୍ଗଳବାର ଭୁଲ୍‌ରେ ଡିସ୍‌ଚାର୍ଜ କରି ଦିଆଯାଇଛି। ଏହି ରୋଗୀମାନଙ୍କୁ ଖୋଜିବା ପାଇଁ ପୋଲିସ ନାକେଦମ୍ ହୋଇପଡ଼ିଥିଲା। ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ଡୋବୋରା ଡାକ୍ତରଖାନାକୁ ପୁଣି ଅଣାଯାଇଥିବା ବେଳେ ଅନ୍ୟ ଜଣେ ରୋଗୀ ଫେରାର ଅଛନ୍ତି। ଏହି ଘଟଣାକୁ ନେଇ ଡାକ୍ତରଖାନାରେ ଉତ୍ତେଜନା ପ୍ରକାଶ ପାଇଛି। ଏହି ୪ ରୋଗୀଙ୍କ ମଧ୍ୟରୁ ୩ ଜଣ ଗୋଟିଏ ପରିବାରର ହୋଇଥିବା ବେଳେ ଅନ୍ୟ ଜଣେ ଆଉ ଏକ ପରିବାରର।

ଏକ ରିପୋର୍ଟ ଅନୁଯାୟୀ, ଭିଲ୍ଲୁପୁରମ୍‌ର ସିଭିଲ ହସ୍ପିଟାଲରେ ୪ ସନ୍ଦିଗ୍ଧ ରୋଗୀଙ୍କ କରୋନା ପରୀକ୍ଷା କରାଯାଇଥିଲା। ଯେଉଁଥିରେ ସେମାନଙ୍କୁ କରୋନା ନେଗେଟିଭ୍ କୁହାଯାଇଥିଲା। କିନ୍ତୁ ପରେ ଏହି ୪ ରୋଗୀଙ୍କ ରିପୋର୍ଟ ପଜିଟିଭ୍ ବୋଲି ଜଣାପଡ଼ିଥିଲା। ପରେ ଏହାକୁ ନେଇ ଆତଙ୍କ ଖେଳିଯାଇଥିଲା। ଫେରାର ଥିବା ରୋଗୀ ଜଣଙ୍କୁ ବର୍ତ୍ତମାନ ସୁଦ୍ଧା ଖୋଜାଚାଲିଛି। ସଂପୃକ୍ତ ରୋଗୀ ଜଣକ ଦିଲ୍ଲୀର ଜଣେ ପ୍ରବାସୀ ଶ୍ରମିକ । ତାଙ୍କୁ ଖୋଜିବା ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି ବୋଲି ପୋଲିସ କହିଛି। ସୂଚନାଯୋଗ୍ୟ, ଗୁରୁବାର ସକାଳ ପର୍ଯ୍ୟନ୍ତ ତାମିଲନାଡୁରେ ମୋଟ ୭୩୮ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ଚେନ୍ନାଇରେ ସର୍ବାଧିକ ୮୧ ରୋଗୀ ଅଛନ୍ତି।

ଲାଇଭ୍ ଭିଡିଓରେ ହେଲା ଅନ୍ତିମ ସଂସ୍କାର

ହରିୟାଣା: ଲକ୍‌ଡାଉନ୍ ଶବ୍ଦ କେହି କେହି ଆଗରୁ ଶୁଣି ନ ଥିବାବେଳେ ଏବେ କିନ୍ତୁ ଏହା ସମସ୍ତଙ୍କ ପାଇଁ ଏକ ପରିଚିତ ଶବ୍ଦ ପାଲଟି ଯାଇଛି। ଏହାର ଅର୍ଥ ମଧ୍ୟ ସମସ୍ତେ ହୁଏତ ଭାଲଭାବେ ବୁଝି ସାରିବେଣି। କରୋନା ଭାଇରସ୍ ସଂକ୍ରମଣକୁ ନେଇ ଏବେ ସାରାଦେଶରେ ଲକ୍‌ଡାଉନ୍ ଚାଲିଥିବା ବେଳେ କୌଣସି ପ୍ରିୟଜନଙ୍କ ମୃତ୍ୟୁ ପରେ ମଧ୍ୟ ସେମାନଙ୍କର ଅନ୍ତିମ ସଂସ୍କାର ଦାୟିତ୍ୱ ଘର ଲୋକଙ୍କୁ ଦିଆ ଯାଉ ନ ଥିବା ଦେଖାଯାଇଛି। ହରିୟାଣା ଯମୁନା ନଗରସ୍ଥିତ ପ୍ରେମନଗର ନିକଟରେ ଜଣେ ମହିଳାଙ୍କ ମୃତ୍ୟୁହେବା ପରେ ତାଙ୍କ ଅନ୍ତିମ ସଂସ୍କାରକୁ ନେଇ ଚର୍ଚ୍ଚା ହୋଇଥିଲା। ସୂଚନାଯୋଗ୍ୟ, ପ୍ରେମନଗର ନିବାସୀ ବିନୋଦ କୁମାରଙ୍କ ଜେଜେ ମା'ଙ୍କର ବୁଧବାର ପରଲୋକ ହୋଇଥିଲା। ହେଲେ କରୋନା ସଂକ୍ରମଣ ଦୃଷ୍ଟିରୁ ଦୂରରେ ରହୁଥିବା ତାଙ୍କ ସମ୍ପର୍କୀୟଙ୍କୁ ଆସିବାକୁ ବାରଣ କରାଯାଇଥିବା ବେଳେ ଭିଡ଼ିଓ କନ୍‌ଫରେନ୍ସ ଜରିଆରେ ସମସ୍ତେ ମୃତା ମହିଳାଙ୍କ ଅନ୍ତିମ ଦର୍ଶନ କରିବା ସହ ଲୋତକ ଭରା ଆଖିରେ ତାଙ୍କୁ ବିଦାୟ ଦେଇଥିବା ଜଣାପଡିଛି। ଏବେ ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦିଆଯାଉଥିବାରୁ ପରିବାର ଲୋକେ ଏଭଳି କରିଥିବା କୁହାଯାଏ।

କାର୍ ଭିତରେ ଡାକ୍ତରଙ୍କ ଜୀବନ

ନୂଆଦିଲ୍ଲୀ: କରୋନା ରୋଗୀଙ୍କୁ ଚିକିତ୍ସା କରୁଥିବା ଡାକ୍ତରମାନେ ସେମାନଙ୍କ ଜୀବନକୁ ବିପନ୍ନ କରି ଯେଉଁଭଳି ସାହସିକତାର ପରିଚୟ ଦେଇଛନ୍ତି, ସେଥିପାଇଁ ସେମାନଙ୍କୁ ସବୁଆଡୁ ଲୋକେ ଉତ୍ସାହିତ କରୁଛନ୍ତି। ଏଭଳି ଅନେକ ଡାକ୍ତର ଅଛନ୍ତି, ଯେଉଁମାନେ କରୋନା ରୋଗୀଙ୍କୁ ଚିକିତ୍ସା ନିମନ୍ତେ ଘର ପରିବାର ଠାରୁ ବି ଅଲଗା ହୋଇ ରହିଛନ୍ତି। ଭୋପାଳର ଜଣେ ଡାକ୍ତର ଏଭଳି ଉଦ୍ଦେଶ୍ୟରେ ଏକ କାର୍ ଭିତରେ ମାସ ମାସ ଧରି ରହି ସମସ୍ତଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି। ଭୋପାଳର ଜେ.ପି. ହସ୍ପିଟାଲରେ କାମ କରନ୍ତି ଡାକ୍ତର ସଚିନ୍ ନାୟକ। କରୋନା ରୋଗୀଙ୍କୁ ଚିକିତ୍ସା କରୁଥିବାରୁ ଅନେକଦିନ ଧରି ସେ ଏକ କାର୍ ଭିତରେ ହିଁ ରହୁଛନ୍ତି। କାର୍ ଭିତରେ ଏଥିପାଇଁ ସେ ତାଙ୍କର କିଛି ଆବଶ୍ୟକ ସାମଗ୍ରୀ ମଧ୍ୟ ରଖିଛନ୍ତି। ସେହି କାର ଭିତରେ ହିଁ ସେ ଖାଇବା ପିଇବା ସହିତ ଶୋଉଛନ୍ତି ମଧ୍ୟ। ଡାକ୍ତରଙ୍କ ଏଭଳି ଉଦ୍ୟମ ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ସୋସିଆଲ୍ ମିଡିଆରେ ମଧ୍ୟ ଲୋକଙ୍କୁ ପ୍ରଭାବିତ କରିପାରିଛି। ମଧ୍ୟପ୍ରଦେଶର ସବୁ ଅଞ୍ଚଳରୁ ଏହି ଡାକ୍ତରଙ୍କୁ ପ୍ରଶଂସାଭରା ଉତ୍ତର ମିଳୁଛି। ଏମିତିକି ରାଜ୍ୟର ମୁଖ୍ୟମନ୍ତ୍ରୀ ମଧ୍ୟ ଏହି ଡାକ୍ତରଙ୍କୁ ବ୍ୟକ୍ତିଗତ ଧନ୍ୟବାଦ ଜଣାଇଛନ୍ତି। ଡାକ୍ତରଙ୍କ ଏଭଳି ଖବର ସୋସିଆଲ୍ ମିଡିଆରେ ପ୍ରକାଶ ପାଇବା ପରେ ମାତ୍ର ଦିନକ ମଧ୍ୟରେ ହିଁ ଏହାକୁ ୭ହଜାରରୁ ଅଧିକ ଲୋକ ପସନ୍ଦ କରି ରିଟୁଇଟ୍ କରିଥିଲେ। ତେବେ ଲୋକଙ୍କ ଏଭଳି ସମର୍ଥନକୁ ଡାକ୍ତର ଜଣକ ଗ୍ରହଣ କରି ଗର୍ବିତ ବୋଲି କହିଛନ୍ତି।

କରୋନା ଯୁଦ୍ଧରେ ରୋବୋ ହିରୋ

ସାନ୍‌ଫ୍ରାନ୍‌ସିସ୍‌କୋ: କରୋନା ରୋଗୀଙ୍କ ଚିକିତ୍ସା ଆଉ ମୃତ୍ୟୁ ପରେ ଶବ ସଂସ୍କାର ଆଦି କାମ କିପରି ଭାବେ ହେଉଥିବ ଏକଥାକୁ ନେଇ ସମସ୍ତଙ୍କର ଚିନ୍ତା। ଭୂତାଣୁ ଆତଙ୍କ ଯୋଗୁ ଏବେ ସମସ୍ତ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ସତର୍କଭାବେ କାମ କରିବାକୁ ପଡୁଛି। ତେବେ କରୋନା ରୋଗ ନିୟନ୍ତ୍ରଣରେ ଏବେ ବିଶେଷ ଭୂମିକା ନେଉଛି ରୋବୋ। ଚାଇନାରେ ପ୍ରଥମେ କରୋନାର ମୁକାବିଲା ନିମନ୍ତେ ଏହି ରୋବଟମାନେ ହିଁ କାମ କରିଥିଲେ। କରୋନା ରୋଗୀଙ୍କୁ ଖାଦ୍ୟ, ଔଷଧ ଆଦି ବିଭିନ୍ନ ଜିନିଷ ଦେବା ସହ ଚିକିତ୍ସା ସହାୟତାରେ ବିଶେଷ ଭୂମିକା ନେଇଥିଲେ ରୋବୋ। ଚୀନ୍ ଭଳି ଏବେ ରୋବୋଙ୍କ ଜରିଆରେ ଅନ୍ୟ ବିକଶିତ ଦେଶଗୁଡ଼ିକ କରୋନା ରୋଗୀଙ୍କ ଚିକିତ୍ସା କରୁଛନ୍ତି। ଏବେ ବେଜିଂ ଓ କାଲିଫର୍ନିଆରେ କରୋନା ରୋଗୀଙ୍କ ମୁକାବିଲାରେ ମୁଖ୍ୟ ଭୂମିକା ନେଉଛନ୍ତି ଏମାନେ। ଡାକ୍ତରମାନେ ଏହି ରୋବୋଙ୍କ ମାଧ୍ୟମରେ ହିଁ ଚିକିତ୍ସା କରୁଛନ୍ତି। ରୋବୋମାନେ କରୋନା ରୋଗୀଙ୍କ କେବଳ ଚିକିତ୍ସା କରୁଛନ୍ତି ତା ନୁହେଁ, ସେମାନେ ରୋଗୀମାନଙ୍କର ମନୋବଳ ବୃଦ୍ଧି କରିବା ନିମନ୍ତେ ନାଚଗୀତ କରିବା ସହ ସେମାନଙ୍କୁ ବ୍ୟାୟାମ କରିବା ମଧ୍ୟ ଶିଖାଉଛନ୍ତି। କାଲିଫର୍ନିଆରେ ସ୍ମାର୍ଟ ଫିଲ୍ଡ ହସ୍ପିଟାଲ୍ ସମ୍ପୂର୍ଣ୍ଣରୂପେ ରୋବୋ ଦ୍ୱାରା ପରିଚାଳିତ ହେଉଛି। ଅଳ୍ପ କେତେଜଣ ଡାକ୍ତରୀଦଳ କେବଳ ରିମୋଟରେ ରୋବୋଙ୍କୁ ପରିଚାଳିକ କରୁଛନ୍ତି। ସେହିପରି ଥାଇଲାଣ୍ଡ, ଇସ୍ରାଏଲ ଓ ଅନ୍ୟ କେତେକ ଦେଶରେ ବିଭିନ୍ନ ହସ୍ପିଟାଲରେ ରୋବୋଙ୍କ ଦ୍ୱାରା ବିଭିନ୍ନ କାମ କରାଇ ଡାକ୍ତରମାନେ ଭିଡିଓ କନଫରେନ୍ସ ମାଧ୍ୟମରେ ଚିକିତ୍ସା କରୁଛନ୍ତି। ରୋବୋମାନେ ହିଁ କରୋନା ରୋଗୀଙ୍କ ସଂସ୍ପର୍ଶରେ ନ ଆସିବା ଲାଗି ପରାମର୍ଶ ଦେଇ ଲୋକଙ୍କୁ ରୋକିବାରେ ସାହାଯ୍ୟ କରୁଛନ୍ତି।

ଛେଳି ବି ପିନ୍ଧୁଛନ୍ତି ମାସ୍କ

ହାଇଦ୍ରାବାଦ: କରୋନା ଭାଇରସ୍ ନେଇ ସଚେତନ କରିବାକୁ ଲୋକେ ବିଭିନ୍ନ ପନ୍ଥା ଆପଣେଇବାରେ ଲାଗିଛନ୍ତି। ତେବେ ଲୋକଙ୍କୁ ସଚେତନ କରିବା ପାଇଁ ସମସ୍ତଙ୍କୁ ମାସ୍କ ପିନ୍ଧିବା ଲାଗି କୁହାଯାଉଥିବା ବେଳେ ଜଣେ ବ୍ୟକ୍ତି ଛେଳିମାନଙ୍କୁ ବି ମାସ୍କ ପିନ୍ଧାଇ ଭିନ୍ନ ଏକ ବାର୍ତ୍ତା ପ୍ରଦାନ କରିଛନ୍ତି। ଏଭଳି ଏକ ଭିନ୍ନ ଉଦ୍ୟମ କରିଛନ୍ତି ତେଲଙ୍ଗାନାର କଲ୍ଲୁର ମଣ୍ଡଳ ନିବାସୀ ଭେଙ୍କଟେଶ୍ୱର ରାଓ। ଛେଳିମାନଙ୍କୁ ମାସ୍କ ପିନ୍ଧାଇଲେ ସେମାନଙ୍କୁ କରୋନା ସଂକ୍ରମଣ ହେବନାହିଁ ବୋଲି ସେ କହିଛନ୍ତି। ଭେଙ୍କଟେଶ୍ୱରଙ୍କ କହିବା ଅନୁସାରେ ତାଙ୍କର ୨୦ଟି ଛେଳି ଅଛନ୍ତି ଏବଂ ସେମାନଙ୍କ ଉପରେ ନିର୍ଭର କରି ତାଙ୍କ ପରିବାର ଚଳିଥାଏ। ଆମେରିକାରେ ଏକ ବାଘ କରୋନା ସଂକ୍ରମିତ ହେବା ଖବର ଶୁଣିବା ପରେ ସେ ତାଙ୍କ ଛେଳିମାନଙ୍କୁ ସୁରକ୍ଷା ଦେବା ପାଇଁ ଏଭଳି ନିଷ୍ପତ୍ତି ନେଇଥିଲେ। କରୋନା ଭାଇରସ୍ ସଂକ୍ରମଣରୁ ରକ୍ଷାପାଇବା ପାଇଁ ସେ ନିଜେ ମାସ୍କ ପିନ୍ଧିବା ସହ ସବୁ ଛେଳିଙ୍କୁ ବି ମାସ୍କ ପିନ୍ଧାଇ ଦେଇଥିଲେ। ଛେଳିମାନଙ୍କୁ ଖାଇବାକୁ ଦେବା ସମୟରେ ଘରକୁ ଆଣି ସେ ମାସ୍କ ଖୋଲି ଦେଇଥାନ୍ତି। କିନ୍ତୁ କୌଣସି କାରଣରୁ ବି ବାହାରକୁ ଯିବାକୁ ହେଲେ, ସେ ପ୍ରଥମେ ସବୁ ଛେଳିଙ୍କୁ ମାସ୍କ ପିନ୍ଧାଇଥାନ୍ତି ଏବଂ ପରେ ବାହାରକୁ ନେଇଥାନ୍ତି। ରାଓଙ୍କ ଏଭଳି ସଚେତନତା କିଛି ଲୋକଙ୍କୁ ଆଶ୍ଚର୍ଯ୍ୟ ମନେ ହୋଇଥିଲେ ବି କିଛି ଲୋକ ଏଭଳି ଉଦ୍ୟମକୁ ପ୍ରଶଂସା କରିଛନ୍ତି।

ଶୂନ୍‌ଶାନ୍ ଶ୍ମଶାନ

ଧାନବାଦ: ଲକ୍‌ଡାଉନ୍ ପାଇଁ ହୁଏତ ଲୋକଙ୍କର ସାମାଜିକ ଚଳଣିରେ ବହୁ ଅସୁବିଧା ସୃଷ୍ଟି ହୋଇଛି। କିନ୍ତୁ ପରିବେଶ ପାଇଁ ଏହା ଅତ୍ୟନ୍ତ ଶୁଭଙ୍କର ପାଲଟିଛି। ଲକ୍‌ଡାଉନ୍ ଫଳରେ ଲୋକେ ଘରୁ ବାହାରୁ ନ ଥିବାରୁ ରାସ୍ତାରେ ଗାଡ଼ି ମୋଟର ଚାଲୁ ନାହିଁ କି ଦୁର୍ଘଟଣା ବି ହେଉନାହିଁ। ଏଥିପାଇଁ ଲୋକଙ୍କ ମୃତ୍ୟୁସଂଖ୍ୟା ବହୁତ କମ୍ ହୋଇଯାଇଛି। ଏହି କାରଣରୁ ଏବେ ଶ୍ମଶାନଘାଟ ବି ଶୂନ୍‌ଶାନ୍ ହୋଇଯାଇଛି। ଏଭଳି ଦୃଶ୍ୟ ଏବେ ଦେଖିବାକୁ ମିଳିଛି ଝାଡ଼ଖଣ୍ଡର ଧାନବାଦରେ। ଏଠାରେ ପାଞ୍ଚୋଟି ପ୍ରମୁଖ ଶ୍ମଶାନଘାଟରେ ସବୁଠୁ ଅଧିକ ଦାହ ସଂସ୍କାର ହୋଇଥାଏ। କାରଣ ସହରର ଠିକ୍ ମଝି ଅଞ୍ଚଳରେ ରହୁଥିବାରୁ ଏଠାକୁ ବହୁ ସଂଖ୍ୟାରେ ଶବ ସଂସ୍କାର ପାଇଁ ଲୋକେ ଆସିଥାନ୍ତି। କିନ୍ତୁ ଏବେ ୧୫ ଦିନର ଲକ୍ ଡାଉନ୍ ଭିତରେ ଶ୍ମଶାନ ଏକ୍‌ଦମ୍ ଶୂନ୍‌ଶାନ୍ ପାଲଟିଛି। ଦୋକାନବଜାର ଆଦି ପ୍ରାୟତଃ ବନ୍ଦ ରହୁଥିବାରୁ ଲୋକଙ୍କ ଚଳପ୍ରଚଳ ଆଉ ସେଭଳି ନାହିଁ। ତେଣୁ ଛକବଜାରଠାରୁ ଶ୍ମଶାନ ପର୍ଯ୍ୟନ୍ତ ସବୁକିଛି ଶୂନ୍‌ଶାନ୍ ହୋଇପଡ଼ିଛି।

କରୀନାଙ୍କୁ ମନେପଡ଼ିଲା ସମୁଦ୍ର କୂଳ କଥା

ମୁମ୍ବାଇ: ବଲିଉଡ୍ ଅଭିନେତ୍ରୀ କରୀନା କପୁର ଖାନ୍ ନିଜର ଲୁକ୍‌ସକୁ ନେଇ ସବୁବେଳେ ଚର୍ଚ୍ଚାରେ ରହିଥାନ୍ତି। କିନ୍ତୁ ବର୍ତ୍ତମାନ ଲକ୍‌ଡାଉନ୍ ପାଇଁ ଘରେ ବନ୍ଦ ହୋଇ ରହିଛନ୍ତି ସେ। ଏନେଇ କିଛିଦିନ ହେଲା କରୀନା ଇନ୍‌ଷ୍ଟାଗ୍ରାମରେ ତାଙ୍କ ଫ୍ୟାନ୍‌ମାନଙ୍କ ପାଇଁ ବହୁତ ଗୁଡ଼ିଏ ଫଟୋ ସେୟାର କରୁଛନ୍ତି। କରୀନା ନିଜ ଫ୍ୟାନଙ୍କ ସହ ୱାର୍କଆଉଟ୍ ଶେୟାର କରିବା ସହିତ ସୈଫ ଏବଂ ତୈମୁରଙ୍କ ଫଟୋ ମଧ୍ୟ ସେୟାର କରିଛନ୍ତି। କିଛିଦିନ ହେଲା ତାଙ୍କର ଏକ ଫଟୋ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ଯେଉଁଥିରେ ତାଙ୍କର ହଟ୍ ଲୁକ୍ ଦେଖିବାକୁ ମିଳିଛି। କରୀନା ସମୁଦ୍ର କୂଳରେ ବିକ୍‌ନୀରେ ବସିଥିବାର ଏକ ଫଟୋ ଶେୟାର କରିଛନ୍ତି, ଯେଉଁଥିରେ ତାଙ୍କ ସ୍ୱାମୀ ସୈଫ ଅଲୀ ଖାନ ଏବଂ ପୁଅ ତୈମୁର ନଜର୍ ଆସିଛନ୍ତି। ଏହାକୁ ସେୟାର କରି ସେ ଉଲ୍ଲେଖ କରିଛନ୍ତି ଯେ, 'ମୁଁ ସମୁଦ୍ର କୂଳ ବିଷୟରେ ଭାବୁନି...ଆଉ ଆପଣ'। ଲକ୍‌ଡାଉନ୍ ପାଇଁ ବଲିଉଡ ଅଭିନେତ୍ରୀ ଅଭିନେତାମାନେ ଘରେ ରହି ବିଭିନ୍ନ କାର୍ଯ୍ୟରେ ଲିପ୍ତ ରହି ଟାଇମ୍‌ପାସ କରୁଛନ୍ତି। ତେବେ ଏଥିରେ କରୀନା ମଧ୍ୟ ନିଜର ଫିଟ୍‌ନେସ୍ ପ୍ରତି ବେଶ୍ ଧ୍ୟାନ ରଖିଛନ୍ତି। ସୂଚନାଥାଉ କି, ଗତ କିଛିଦିନ ତଳେ ଇରଫାନ୍ ଖାନ୍‌ଙ୍କ ସହ ଅଂଗ୍ରେଜୀ ମିଡିୟମରେ ନଜର୍ ଆସିଥିଲେ। ଏହି ଫିଲ୍ମରେ କରୀନା ଜଣେ ପୋଲିସ ଅଫିସର ଭୂମିକାରେ ଅଛନ୍ତି।

ଭାଇଙ୍କ ସହ ଖୁସି ମନାଉଛନ୍ତି ସାରା

ମୁମ୍ବାଇ: ସାରା ଦେଶ ଲକ୍‌ଡାଉନ୍, ଯେଉଁଥିପାଇଁ ବଲିଉଡ୍ ତାରକାମାନେ ଏବେ ଘରେ ହିଁ ରହୁଛନ୍ତି। ତେବେ ସମୟ ବିତାଇବାକୁ ଘରେ ହିଁ କିଛି ମନୋରଞ୍ଜନର ମାଧ୍ୟମ ଖୋଜି ଖୁସି ଓ ବ୍ୟସ୍ତ ରହିବାକୁ ଚେଷ୍ଟା କରୁଛନ୍ତି। ଲକ୍‌ଡାଉନ୍ ବେଳେ ପ୍ରାୟ ସବୁଦିନ ତାରକାମାନଙ୍କ ନିଆରା ଭିଡିଓମାନ ସୋଶିଆଲ ମିଡିଆରେ ଦେଖିବାକୁ ମିଳିଥାଏ, ଯାହାକୁ ଫ୍ୟାନ୍‌ମାନେ ଦେଖି ଖୁବ୍ ଖୁସି ହେଉଛନ୍ତି। ଲକ୍‌ଡାଉନ୍ ପାଇଁ ଚୁଲ୍‌ବୁଲି ସାରା ଅଲୀ ଖାନ୍‌ଙ୍କ ମସ୍ତି ଏବେ ଘରର ପରିସର ଭିତରେ ହିଁ ରହିଯାଉଛି। ସେ ବେଶ୍ ମସ୍ତି କରୁଛନ୍ତି। ଏନେଇ ସେ ଲଗାତାର ନିଜ ଫଟୋ ଏବଂ ଭିଡିଓ ସୋସିଆଲ ମିଡିଆରେ ସେୟାର କରୁଛନ୍ତି। ନିକଟରେ ସାରା ଏକ ଭିଡିଓ ସେୟାର କରିଛନ୍ତି, ଯେଉଁଥିରେ ସେ ତାଙ୍କ ସାନ ଭାଇ ଇବ୍ରାହିମ୍ ଅଲି ଖାନ୍‌ଙ୍କ ସହ ଖେଳୁଥିବା ନଜର୍ ଆସିଛନ୍ତି। ସେ ଆହୁରି ମଧ୍ୟ ଉଲ୍ଲେଖ କରିଛନ୍ତି ଯେ, ବର୍ତ୍ତମାନ ସମସ୍ତଙ୍କୁ ଘରେ ସୁରକ୍ଷିତ ରହିବାକୁ ପଡ଼ିବ। କରୋନା ବିରୋଧରେ ଯୁଦ୍ଧ ଜିତିବା ଲାଗି ଲକ୍‌ଡାଉନ୍‌କୁ ମାନି ସାମାଜିକ ଦୂରତ୍ୱ ଅବଲମ୍ବନ କରିବା ଜରୁରି। ସାରାଙ୍କ ଏହି ଭିଡିଓକୁ ତାଙ୍କ ଫ୍ୟାନ୍‌ମାନେ ବହୁତ ପ୍ରଶଂସା କରୁଛନ୍ତି। କେବଳ ଏତିକି ନୁହେଁ, ଅନେକ ପ୍ରଶଂସକ ଭାଇ-ଭଉଣୀଙ୍କ ମସ୍ତିକୁ ମଧ୍ୟ ପସନ୍ଦ କରିଛନ୍ତି।

ସଂକ୍ଷେପରେ

ଭୁବନେଶ୍ୱର ହାଇଟେକ ମେଡିକାଲ ହେବ ୬୦୦ ଶଯ୍ୟା ବିଶିଷ୍ଟ କୋଭିଡ ହସ୍ପିଟାଲ

କଟକ ଅଫିସ,୯।୪: ରାଜ୍ୟରେ ଏବେସୁଦ୍ଧା ୮ଟି ଉତ୍ସର୍ଗୀକୃତ କୋଭିଡ-୧୯ ହସ୍ପିଟାଲରେ ୧୫୯୭ ଶଯ୍ୟା ପ୍ରସ୍ତୁତ ହୋଇସାରିଛି। ଏହି କ୍ରମରେ ରାଜ୍ୟ ସରକାର ୬ହଜାର ଶଯ୍ୟା ପ୍ରସ୍ତୁତ କରିବା ଲକ୍ଷ୍ୟରେ ଗୋଟିଏ ପରେ ଗୋଟିଏ ବେସରକାରୀ ସଂସ୍ଥା ସହ ଚୁକ୍ତି ସ୍ୱାକ୍ଷର କରି ଚାଲିଛନ୍ତି। ଗୁରୁବାର ଉନ୍ନୟନ କମିଶନର ସୁରେଶ ମହାପାତ୍ରଙ୍କ ନେତୃତ୍ୱରେ ଡିଏମଇଟି ଡ଼ାକ୍ତର ସି.ବି.କେ ମହାନ୍ତି ଏବଂ ଏସ୍‌ସିବି ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ଅନ୍ନଦା ପ୍ରସାଦ ପଟ୍ଟନାୟକ ଭୁବନେଶ୍ୱର ହାଇଟେକ ମେଡିକାଲ କଲେଜ କ୍ୟାମ୍ପସ୍ ପରିଦର୍ଶନ କରିବା ସହ ଏଠାରେ ୬୦୦ ଶଯ୍ୟା ବିଶିଷ୍ଟ କୋଭିଡ-୧୯ ହସ୍ପିଟାଲ ନିମନ୍ତେ ଅନୁଷ୍ଠାନର ପ୍ରତିଷ୍ଠାତା ତିରୁପତି ପାଣିଗ୍ରାହୀଙ୍କ ସହ ଆଲୋଚନା କରି ଥିଲେ । ଏ ବାବଦରେ ହାଇଟେକ ତରଫରୁ ମଧ୍ୟ ସରକାରଙ୍କୁ ସବୁଜ ସଙ୍କେତ ଦେବା ସହ ତୁରନ୍ତ କାର୍ଯ୍ୟକାରୀ କରିବା ନିମନ୍ତେ ପ୍ରତିଶ୍ରୁତି ଦିଆଯାଇଛି ।

ନିଜ ଗ୍ରାମକୁ ସାନିଟାଇଜ କଲେ ଯୁବଗୋଷ୍ଠୀ

ପିପିଲି, ୯।୪(ଡି.ଏନ.ଏ): ଲକ୍ଷ୍ମୀନାରାୟଣପୁର ଗ୍ରାମପଞ୍ଚାୟତର କେତେଜଣ ଯୁବକ ନିଜ ଗ୍ରାମକୁ କରୋନାମୁକ୍ତ କରିବା ପାଇଁ ଗାଁ ଗାଁ ବୁଲି ରାସ୍ତାଘାଟ ସାନିଟାଇଜ କରୁଛନ୍ତି। ସର୍ବେଶ୍ୱର ଭାରତୀ, ନିହାର ଦାସ, କାହ୍ନୁ ବେହେରା, ରମେଶ ଜେନା, ପ୍ରସନ୍ନ ନାୟକ, ସଞ୍ଜୟ ଶତପଥୀ, ଦେବେନ୍ଦ୍ର ପ୍ରଧାନ, ରାଜକିଶୋର ଶତପଥୀ, ପ୍ରମୋଦ ବେହେରା ଏବଂ ସୁକାନ୍ତ ଗଜେନ୍ଦ୍ର ପ୍ରମୁଖ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତର କାକୁଡ଼ି କୁସଙ୍ଗ, ସାରଳ, ବିଲିପଡ଼ା, ମାହଲାପଦା, ତିଗିରିଆ ଆଦି ଅଞ୍ଚଳରେ ସାନିଟାଇଜ କରିଛନ୍ତି। ଅନ୍ୟ ଗ୍ରାମଗୁଡ଼ିକ ମଧ୍ୟ ସାନିଟାଇଜ କରାଯିବ ବୋଲି ଏହି ଯୁବକମାନେ କହିଛନ୍ତି। ପିପିଲି ଥାନା ଇନ୍ସପେକ୍ଟର ଶରତ କୁମାର ସାହୁ ପହଞ୍ଚି ଯୁବକମାନଙ୍କୁ ଉତ୍ସାହିତ କରିବା ସହ ସାମାଜିକ ଦୂରତା ରକ୍ଷା, ମାସ୍କ, ଗ୍ଲୋବ ଆଦି ବ୍ୟବହାର କରିବା ପାଇଁ ପରାମର୍ଶ ଦେଇଥିଲେ।

ଜମିରେ ଶଢୁଛି ପନିପରିବା, ଚାଷୀ ହତାଶ

ଗୋପ, ୯।୪(ଡି.ଏନ.ଏ): ଗୋପ ବ୍ଲକ ଅଞ୍ଚଳରେ ବ୍ୟାପକ ପରିମାଣର ପନିପରିବା ଚାଷ କରାଯାଇଥାଏ। ଏହି ଅଞ୍ଚଳରୁ ରାଜ୍ୟର ବିଭିନ୍ନ ସ୍ଥାନକୁ ପନିପରିବା ପଠାଯାଇଥାଏ। କିନ୍ତୁ କରୋନା ଯୋଗୁ ଏବେ ଏହି ଅଞ୍ଚଳରେ ଚାଷ ହୋଇଥିବା ପନିପରିବା ଅନ୍ୟତ୍ର ପଠାଯାଇପାରୁନାହିଁ। ଫଳରେ ଚାଷୀମାନେ ଦି' ପଇସା ରୋଜଗାର ନେଇ ଯେଉଁ ଆଶା ବାନ୍ଧିଥିଲେ ତାହା ମଉଳି ଯିବାକୁ ବସିଛି। ଏପରି କି ଚାଷ ହୋଇଥିବା ପନିପରିବା ଜମିରେ ପଚି ଶଢୁଥିବା ଓ ଶୁଖିଯାଉଥିବା ଦେଖିବାକୁ ମିଳିଛି। ବିଶେଷକରି ମହିଳା ଚାଷୀମାନେ ସ୍ୱୟଂ ସହାୟକ ଗୋଷ୍ଠୀରୁ ଋଣ ଆଣି ପରିବା ଚାଷ କରିଥିବାବେଳେ ଏବେ ଚିନ୍ତାରେ ପଡ଼ିଛନ୍ତି। ପ୍ରକାଶ ଯେ, ଗୋପ ବ୍ଲକର ଷୋଳପୁର, ନାଗପୁର, ମଦରଙ୍ଗ, ସୁବର୍ଣ୍ଣପୁର, ନେନ୍ତି, ଶିଶୋ ସମେତ ଅନେକ ଗାଁ ସମେତ କୁଶଭଦ୍ରା ନଦୀକୂଳରେ ମଧ୍ୟ ପନିପରିବା ଚାଷ କରାଯାଇଥାଏ। କିନ୍ତୁ ଏବେ ଗାଡ଼ି ଚଳାଚଳ ବନ୍ଦ ଥିବାରୁ ଚାଷୀମାନେ ପରିବା ପଠାଇ ପାରୁନାହାନ୍ତି। କିପରି ଋଣ ଶୁଝିବେ ସେଇ ଚିନ୍ତା ସେମାନଙ୍କୁ ଘାରିଛି। ସରକାର ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ସହାୟତାର ହାତ ବଢାଇବାକୁ ମହିଳା ଚାଷୀ ବିଦୁପ୍ରଭା ନାୟକ, ସପନି ଭୋଇ, ରଙ୍ଗ ଦଳାଇ ପ୍ରମୁଖ ନିବେଦନ କରିଛନ୍ତି।

ମହାପ୍ରଭୁଙ୍କ ସେବାରେ ତୁଳସୀ ବାବା

କରୋନା ଟାଣିଛି ଲକ୍ଷ୍ମଣରେଖା । ବାଇଶିପାହାଚ ଡେଇଁ ମହାପ୍ରଭୁଙ୍କ ପାଖକୁ ଯାଇପାରୁ ନାହାନ୍ତି ଭକ୍ତ। ସିଂହଦ୍ୱାର ବାହାରେ ପତିତପାବନଙ୍କୁ ମୁଣ୍ଡିଆ ମାରି ଫେରୁଛନ୍ତି। ହେଲେ ଏମିତି ଜଣେ ଭକ୍ତ ଅଛନ୍ତି ଯିଏକି ବର୍ଷତମାମ ମହାପ୍ରଭୁଙ୍କ ପାଇଁ ଛୋଟ ସେବାଟିଏ କରିଆସୁଛନ୍ତି। ବାତ୍ୟା ଫନୀ ହେଉ କି ମହାମାରୀ କରୋନା କିଛି ବି ତାଙ୍କୁ ଏହି ସେବା କରିବାରୁ ଅଟକାଇପାରିନି। ପ୍ରତିଦିନ ସେ ରାଜଧାନୀରୁ ଫୁଲ, ତୁଳସୀ ଧରି ଆସୁଛନ୍ତି ଶ୍ରୀକ୍ଷେତ୍ର। ଭେଟି ଦେଉଛନ୍ତି କଳା ଠାକୁରଙ୍କୁ। ଏମିତି ଜଣେ ସାଧୁ ହେଲେ ସନ୍ଥ ଶ୍ରୀରାମଶରଣ ଦାସ ମହାରାଜ ଓରଫ ତୁଳସୀ ବାବା ।

ପୁରୀ ଅଫିସ,୯।୪

କରୋନା ପାଇଁ ଏବେ ଦେଶବ୍ୟାପୀ ୨୧ଦିନିଆ ଲକ୍‌ଡାଉନ ଚାଲିଛି। ଅତ୍ୟାବଶ୍ୟକ ସେବାରେ ନିୟୋଜିତ ଗାଡ଼ିକୁ ଛାଡ଼ିଦେଲେ ଅନ୍ୟ କୌଣସି ଗାଡ଼ି ଚଳାଚଳ ବନ୍ଦ ରହିଛି। ହେଲେ ଏହି ସମୟରେ ପ୍ରତିଦିନ ଭୁବନେଶ୍ୱରରୁ ମହାପ୍ରଭୁଙ୍କ ପାଇଁ ଫୁଲ, ତୁଳସୀ ଆଣି ଶ୍ରୀକ୍ଷେତ୍ର ଆସୁଛନ୍ତି ତୁଳସୀ ବାବା। ଦୀର୍ଘ ୩୦ବର୍ଷରୁ ଊର୍ଦ୍ଧ୍ୱ ହେଲା ସେ ନିୟମିତ ଭାବେ ଠାକୁରଙ୍କ ପାଇଁ ଫୁଲ, ତୁଳସୀ ଯୋଗାଇ ଆସୁଛନ୍ତି। ମହାମାରୀ କରୋନାକୁ ନେଇ ଯେତେବେଳେ ଲୋକେ ଘରୁ ବାହାରିବାକୁ ଭୟ କରୁଛନ୍ତି ସେହି ସମୟରେ ଭୁବନେଶ୍ୱରରୁ ଫୁଲ, ତୁଳସୀ ସଂଗ୍ରହ କରି ଆଣି ମହାପ୍ରଭୁଙ୍କ ଚରଣାରବିନ୍ଦରେ ଭେଟିଦେଉଛନ୍ତି ତୁଳସୀ ବାବା।

ଭୁବନେଶ୍ୱର ଗାଡ଼କଣ ଗଡ଼ମହାବୀର ମନ୍ଦିରରେ ରୁହନ୍ତି ତୁଳସୀ ବାବା। ପ୍ରତ୍ୟେକ ଦିନ ଭୋର ୪ଟାରୁ ସେ ପୁରୀ ଅଭିମୁଖେ ବାହାରନ୍ତି। ବିଭିନ୍ନ ମଠ, ଆଶ୍ରମଠାରୁ ଆରମ୍ଭ କରି ଭକ୍ତଙ୍କଠାରୁ ଫୁଲ ତୁଳସୀ ସଂଗ୍ରହ କରିଥାନ୍ତି। ମଲ୍ଲୀ, ସୁଗନ୍ଧରାଜ, ତରାଟ, ଟଗର, ଚମ୍ପା, ପଦ୍ମ, କଳା ତୁଳସୀ, ଧଳା ତୁଳସୀ, ଦୟଣା, ମରୁଆ, ରଙ୍ଗଣୀ ଓ ବିଭିନ୍ନ ପ୍ରକାର ମନ୍ଦାର ଫୁଲ ଆଣି ପୂର୍ବାହ୍ନ ୧୧ଟା ସୁଦ୍ଧା ପୁରୀରେ ପହଞ୍ଚନ୍ତି। ଶ୍ରୀମନ୍ଦିର ପଶ୍ଚିମ ଦ୍ୱାରରେ ଅପେକ୍ଷା କରନ୍ତି। ପରେ ସେବାୟତଙ୍କ ହାତକୁ ବଢାଇ ଦିଅନ୍ତି ଶ୍ରଦ୍ଧାର ଫୁଲ ଓ ତୁଳସୀ। ସେବାୟତମାନେ ନେଇ ଏହାକୁ ମହାପ୍ରଭୁଙ୍କ ସେବାରେ ଲଗାଇଥାନ୍ତି। ଏହା ତାଙ୍କର ଏକ ନିତିଦିନିଆ କାମ। ବର୍ତ୍ତମାନ କରୋନା କଟକଣା ଲାଗିଥିଲେ ବି ତୁଳସୀ ବାବା ତାଙ୍କ ସେବା ବନ୍ଦ କରିନାହାନ୍ତି। ଏଥିପାଇଁ କମିଶନରେଟ୍ ପୋଲିସ ତାଙ୍କୁ ସ୍ୱତନ୍ତ୍ର ଭାବେ ପାସ୍ ମଧ୍ୟ ଯୋଗାଇଦେଇଛି। ଏସମ୍ପର୍କରେ ତୁଳସୀ ବାବା କୁହନ୍ତି, ଆଇନକୁ ମାନିବା ସମସ୍ତଙ୍କ କର୍ତ୍ତବ୍ୟ। ଯେ ହେତୁ ଆମେ ସାଧୁ ଲୋକ କେବେ ଅବମାନନା କରିବୁନି। କିନ୍ତୁ ସବୁବେଳେ ଠାକୁରଙ୍କ ସେବାରେ ମୋର ମନ। ଲକ୍‌ଡାଉନ ସମୟରେ କିପରି କାର ନେଇ ପୁରୀ ଯିବି ଏମିତି ଚିନ୍ତା କରୁଥିବାବେଳେ କମିଶନରେଟ୍ ପୋଲିସର ଜଣେ ବାବୁ ଫୋନ କରି ପାସ୍ ବ୍ୟବସ୍ଥା କରିଦେଲେ। ତେଣୁ କୌଣସି

ଅଟକାଇ ପାରିନି କରୋନା

ପ୍ରତିଦିନ ରାଜଧାନୀରୁ ଫୁଲ, ତୁଳସୀ ଆଣି ଶ୍ରୀକ୍ଷେତ୍ର ଆସୁଛନ୍ତି

ପ୍ରକାର ଅସୁବିଧା ହେଉନାହିଁ ବୋଲି କହିଛନ୍ତି ତୁଳସୀ ବାବା। ତେବେ କେତେବର୍ଷ ହେଲାଣି ଏପରି ଫୁଲ, ତୁଳସୀ ଯୋଗାଇ ଆସୁଛନ୍ତି ପ୍ରଶ୍ନରେ ସେ କହିଛନ୍ତି, ପ୍ରାୟ ୩୦ ବର୍ଷରୁ ଊର୍ଦ୍ଧ୍ୱ ହେବ। ପ୍ରଥମେ ସ୍କୁଟରରେ ଆଣି ଆସୁଥିଲି। ଏବେ କାରରେ ଆଣୁଛି। ବ୍ରହ୍ମେଶ୍ୱର ପାଟଣା, ମହାବୀର ବିହାର, ସାଁପୁର, ମଳିପଡ଼ାର ବିଭିନ୍ନ ଭକ୍ତମାନଙ୍କଠାରୁ ଏହି ଫୁଲ ସଂଗ୍ରହ କରିଥାଏ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଫନୀ ଭଳି ଦୁର୍ବିପାକ ସମୟରେ ବି ତୁଳସୀ ବାବା ଜାରି ରଖିଥିଲେ ତାଙ୍କ ଫୁଲ, ତୁଳସୀ ସେବା। କରୋନା ସିନା ସାମାଜିକ କଟକଣା ଲଗାଇଛି କିନ୍ତୁ ଭକ୍ତି ଓ ଆଧ୍ୟାତ୍ମିକତାରେ ଏହା ଅଙ୍କୁଶ ଲଗାଇ ପାରିନାହିଁ ଏଥିରୁ ସ୍ପଷ୍ଟ ହେଉଛି। ତେବେ ଯାହା କିଛି ହେଉଛି ସବୁ ମହାପ୍ରଭୁଙ୍କ ଇଚ୍ଛାରେ ହେଉଛି। ଏମିତି ଠାକୁରଙ୍କ ସେବା କରି କରି ଜୀବନ ଯାଉ ବୋଲି କହିଛନ୍ତି ତୁଳସୀ ବାବା।

କରୋନାଠୁ ବଳିଗଲା ପେଟ ଚିନ୍ତା

ବ୍ରହ୍ମଗିରି,୯।୪(ଡି.ଏନ.ଏ)

ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢିଚାଲିଛି। ତେଣୁ ସମସ୍ତେ ଚିନ୍ତାରେ। କରୋନା ମୁକାବିଲା ପାଇଁ ସାରା ଦେଶ ଏବେ ଲକ୍‌ଡାଉନ ରହିଛି। ଦିନ ମଜୁରିଆ, ଖଟିଖିଆଙ୍କ ଉପରେ ଏହାର ପ୍ରଭାବ ପଡ଼ିଛି। କାମଧନ୍ଦା ବନ୍ଦ ଥିବାରୁ ପେଟ ପୋଷିବା ଚିନ୍ତା ଘାରିଛି। ମରାଳମାଳିନୀ ନୀଳାମ୍ବୁ ଚିଲିକାରେ ଆଉ ଦେଖିବାକୁ ମିଳୁନି ଡଙ୍ଗାର ଭୁଟ୍‌ଭୁଟ୍ ଶବ୍ଦ । ଚିଲିକା ଉପରେ ନିର୍ଭର କରି ଚଳୁଥିବା ମତ୍ସ୍ୟଜୀବୀ ଏବେ ଜୀବନ ଜୀବିକା ଚିନ୍ତାରେ । ଚିଲିକାରେ ପର୍ଯ୍ୟଟନ ଶିଳ୍ପ ଓ ମତ୍ସ୍ୟସମ୍ପଦ ଉପରେ ନିର୍ଭର କରି ଚଳୁଥିଲେ ଚିଲିକା କୂଳର ହଜାର ହଜାର ମତ୍ସ୍ୟଜୀବୀ ପରିବାର । ସେମାନେ ପ୍ରତ୍ୟେକ ଦିନ ଚିଲିକାରୁ ମାଛ ମାରି ନିଜର ପରିବାର ପ୍ରତିପୋଷଣ କରୁଥିଲେ। ଏବେ ଲକଡାଉନ ଯୋଗୁ ମାଛମରା ଏକପ୍ରକାର ଠପ୍ ହୋଇଯାଇଛି। ଫଳରେ ସ୍ଥାନୀୟ ମତ୍ସ୍ୟଜୀବୀ ଜାଲ, ଡଙ୍ଗା ଥୋଇ ହାତବାନ୍ଧି ବସିଛନ୍ତି । ଆଉ ଯାହା କିଛି ମାଛ ମରାଯାଉଛି ତାହା ଠିକ ଭାବେ ବାହାରକୁ ଯାଇ ନ ପାରିବାରୁ ମତ୍ସ୍ୟଜୀବୀମାନେ କ୍ଷତିଗ୍ରସ୍ତ ହେଉଛନ୍ତି। ଚିଲିକା ଉପରେ ନିର୍ଭରଶୀଳ ସାନପାଟଣା, ଅରଖକୁଦା, ଆଳୁପାଟଣା, ଗବକୁଣ୍ଡ, ମିର୍ଜାପୁର ପ୍ରଭୃତି ଗ୍ରାମର ମତ୍ସ୍ୟଜୀବୀମାନଙ୍କୁ ଘାରିଛି ଜୀବନ ଜୀବିକା ଚିନ୍ତା। କିପରି ପରିବାର ଚଳିବ, ପିଲାଛୁଆଙ୍କ ମୁହଁରେ ମୁଠେ ଆହାର ଦେବେ ସେ ନେଇ ସେମାନେ ବ୍ୟସ୍ତ ବିବ୍ରତ ହୋଇପଡ଼ିଛନ୍ତି।

ଡଙ୍ଗା, ଜାଲ ଛାଡ଼ି ହାତବାନ୍ଧି ବସିଛନ୍ତି ମତ୍ସ୍ୟଜୀବୀ

ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କଲା ଜିଲା କଂଗ୍ରେସ

ସବୁ ପରିବାରକୁ ମିଳୁ ରାଶନ ସାମଗ୍ରୀ

ପୁରୀ ଅଫିସ,୯।୪

କରୋନା ମୁକାବିଲା ପାଇଁ ପ୍ରଧାନମନ୍ତ୍ରୀ ଘୋଷଣା କରିଥିବା ୨୧ ଦିନିଆ ଲକ୍‌ଡାଉନ ଚାଲିଛି। ଆସନ୍ତା ୧୪ରେ ଏହାର ଅବଧି ସରିବାକୁ ଥିବାବେଳେ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରେ ଲକ୍‌ଡାଉନକୁ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ବିଶ୍ୱ ମହାମାରୀ କରୋନା ଭୂତାଣୁଠାରୁ ରକ୍ଷା ପାଇବା ପାଇଁ ସରକାରଙ୍କ ଯେଉଁ ନିର୍ଦ୍ଦେଶନାମା ଜାରି କରୁଛନ୍ତି ତାହାକୁ ପ୍ରତ୍ୟେକ ଜନସାଧାରଣ ମାନିବା ଦରକାର ବୋଲି କହିଛି ପୁରୀ ଜିଲା କଂଗ୍ରେସ କମିଟି। କିନ୍ତୁ ଏହି ସମୟରେ ହଜାରହଜାର କୃଷି ଶ୍ରମିକ, କ୍ଷୁଦ୍ର ବ୍ୟବସାୟୀ, ବୁଲା ବିକାଳି, ରିକ୍ସା, ଅଟୋ ଓ ଟ୍ୟାକ୍ସି ଚାଳକ, କୋର୍ଟ କଚେରିରେ କାମ କରୁଥିବା ଟାଇପିଷ୍ଟ ଓ ମୋହରିର ହାତବାନ୍ଧି ବସିଛନ୍ତି। ଦୁଗ୍ଧ, ମତ୍ସ୍ୟ, କୁକୁଡ଼ା, ପାନ ଓ ପନିପରିବା ଚାଷୀ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। ବର୍ତ୍ତମାନ ବିକ୍ରି ସୁବିଧା ନ ଥିବାରୁ ପନିପରିବା ଖେତରେ ପଡ଼ି ନଷ୍ଟ ହେଉଛି। ସେହିପରି ପୂର୍ବରୁ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ୍ ପଡ଼ିଥିବା ବହୁ ଲୋକ ଦୟନୀୟ ଅବସ୍ଥାରେ ଅଛନ୍ତି। ଦେବଦେବୀ ମନ୍ଦିରର ପୂଜକ ଓ କର୍ମଚାରୀ ବିଶେଷକରି ଶ୍ରୀମନ୍ଦିରର ହଜାର ହଜାର ସେବାୟତ ଲକ୍‌ଡାଉନ ଯୋଗୁ ସେମାନଙ୍କ ପରିବାର ପ୍ରତିପୋଷଣ କରିବାରେ ସମସ୍ୟାରେ ପଡ଼ିଛନ୍ତି ବୋଲି ଜିଲା କଂଗ୍ରେସ କମିଟି ସଭାପତି ଅମୀୟ କୁମାର ପଟ୍ଟନାୟକ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଜଣାଇଛନ୍ତି। ସରକାର କରୋନା ମୁକାବିଲା ନେଇ ଯେପରି ସମୟୋଚିତ ପଦକ୍ଷେପ ଗ୍ରହଣ କରିଛନ୍ତି ସେହିପରି ବର୍ତ୍ତମାନ ସବୁବର୍ଗର ଜନସାଧାରଣଙ୍କ ବାସ୍ତବ ସ୍ଥିତି ଅନୁଧ୍ୟାନ କରିବା ଦରକାର। ଏଥିପାଇଁ ଜିଲାର ସବୁ ପରିବାରକୁ ଆଗୁଆ ୪ମାସର ରାଶନ ସାମଗ୍ରୀ ବଣ୍ଟନ, ମାଗଣାରେ ଆବଶ୍ୟକ ସଂଖ୍ୟକ ମାସ୍କ, ପ୍ରତି ଡାକ୍ତରଖାନାରେ ଡାକ୍ତର, ନର୍ସ ପ୍ରମୁଖ ସ୍ୱାସ୍ଥ୍ୟ କର୍ମଚାରୀ ସଜାଗ ରହିବା ସହିତ ଭେଣ୍ଟିଲେଟର ଓ ଅନ୍ୟାନ୍ୟ ଯନ୍ତ୍ରପାତି ମହଜୁଦ କରି ରଖିବା ଜରୁରୀ। ସେହିପରି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଠିକଣା ସମୟରେ ସୁଲଭ ମୂଲ୍ୟରେ ଯୋଗାଇବା ସହିତ ମାଛ, କ୍ଷୀର, ପନିପରିବା ପ୍ରଭୃତି ଘରେ ଘରେ ମୋବାଇଲ ଭ୍ୟାନରେ ପହଞ୍ଚାଇବା ଦରକାର। ଦୁଗ୍ଧ ଚାଷୀଙ୍କୁ ଲିଟର ପିଛା ୨୦ ଟଙ୍କା ସବ୍‌ସିଡ ଯୋଗାଇଦେବା ଦିଗରେ ପଦକ୍ଷେପ ନେବା ଲାଗି ସଭାପତି ପଟ୍ଟନାୟକଙ୍କ ସମେତ ପିସିସି ମୁଖପାତ୍ର ବିନାୟକ ଦାସ ମହାପାତ୍ର, ବୀରେନ୍ଦ୍ର ଭୂଷଣ ହୋତା ପ୍ରମୁଖ ଜିଲାପାଳ ଏବଂ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

୪୦ ହଜାର ହିତାଧିକାରୀଙ୍କୁ ୪ କୋଟି ସହାୟତା ପ୍ରଦାନ

ଜଣେ ହିତାଧିକାରୀଙ୍କୁ ପ୍ରଶାସନ ତରଫରୁ ସହାୟତା ପ୍ରଦାନ କରାଯାଉଛି।

ନିମାପଡ଼ା ବ୍ଲକ

ନିମାପଡ଼ା,୯।୪(ଡି.ଏନ.ଏ.): ମହାମାରୀ କରୋନା ପରିପ୍ରେକ୍ଷୀରେ ନିମାପଡ଼ା ବ୍ଲକ ଏବଂ ଏନଏସି ଅଞ୍ଚଳର ମୋଟ ୪୪ହଜାର ୭୫୭ଜଣ ରାଶନ କାର୍ଡଧାରୀଙ୍କ ମଧ୍ୟରୁ ୪୦ହଜାରଙ୍କୁ ୪ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଅବଶିଷ୍ଟ ୪ହଜାର ୭୫୭ଜଣ ହିତାଧିକାରୀଙ୍କୁ ଆସନ୍ତା ଦୁଇଦିନ ମଧ୍ୟରେ ସମସ୍ତ ସହାୟତା ରାଶି ପ୍ରଦାନ କରାଯିବ ବୋଲି ଗୁରୁବାର ବିଡିଓ ମନୋଜ କୁମାର ବେହେରା ଏବଂ ଯୋଗାଣ ନିରୀକ୍ଷକ ଶୁଭାଶିଷ ଜେନା କହିଛନ୍ତି। ସେହିପରି ବ୍ଲକରେ ପଞ୍ଜୀକୃତ ହୋଇଥିବା ମୋଟ ୪ହଜାର ୧ଶହ ନିର୍ମାଣ ଶ୍ରମିକଙ୍କ ମଧ୍ୟରୁ ଅଦ୍ୟାବଧି ୨ହଜାର ଶ୍ରମିକଙ୍କୁ ମୋଟ ୩୦ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ଅବଶିଷ୍ଟ ଶ୍ରମିକମାନଙ୍କୁ ଦୁଇ ଦିନ ମଧ୍ୟରେ ସମସ୍ତ ସହାୟତା ରାଶି ପ୍ରଦାନ କରାଯିବ। ପ୍ରତ୍ୟେକ ରାଶନ କାର୍ଡ ଥିବା ହିତାଧିକାରୀଙ୍କୁ ୧ହଜାର ଟଙ୍କା ଲେଖାଏ ଓ ପ୍ରତ୍ୟେକ ନିର୍ମାଣ ଶ୍ରମିକଙ୍କୁ ୧୫ଶହ ଟଙ୍କା ଲେଖାଏ ସହାୟତା ପ୍ରଦାନ କରାଯାଉଛି। ତେବେ ସହାୟତା ପ୍ରଦାନ ଦିଗରେ ପୁରୀ ଜିଲାରେ ନିମାପଡ଼ା ବ୍ଲକ ଆଗରେ ରହିଥିବା ବିଡିଓ ବେହେରା ପ୍ରକାଶ କରିଛନ୍ତି।

ପିପିଲିରେ କଟକଣା କଡ଼ାକଡ଼ି

ପିପିଲି, (ଡି.ଏନ.ଏ)

ପୁରୀ ଜିଲାରେ ପ୍ରଥମ କରୋନା ରୋଗୀ ଚିହ୍ନଟ ହେବା ପରେ ପିପିଲିର ଦାନଗୋହିରି, ଜୟପୁର ଛକ, ଜୟପୁର ଶାସନ ଛକ କୁ ଶନିବାରଠାରୁ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଶଟ୍ ଡାଉନ ଘୋଷଣା କରାଯାଇଛି। ପିପିଲିର ସମସ୍ତ ଅଞ୍ଚଳରେ ପୋଲିସ ଓ ପ୍ରଶାସନ ପକ୍ଷରୁ ଲକଡାଉନ କଟକଣାକୁ କଡ଼ାକଡ଼ି କରାଯାଇଛି। ବିଭିନ୍ନ ସ୍ଥାନରେ ଲୋକେ ଖଟି କରି ଆଇନ ଉଲ୍ଲଂଘନ କରୁଥିବାରୁ ଇନ୍ସପେକ୍ଟର ଶରତ କୁମାର ସାହୁଙ୍କ ନେତୃତ୍ୱରେ ୪ଟି ପାଟ୍ରୋଲିଂ ଟିମ୍ ବୁଲି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ବିନା କାରଣରେ ବୁଲୁଥିବା ବାଇକ୍ ଚାଳକଙ୍କୁ ଗିରଫ କରାଯାଉଛି।

ହରଚଣ୍ଡୀ ଜଙ୍ଗଲରେ ନିଆଁ

ଅଗ୍ନିଶମ କର୍ମଚାରୀମାନେ ଜଙ୍ଗଲରେ ଲାଗିଥିବା ନିଆଁକୁ ଲିଭାଉଛନ୍ତି।

ବ୍ରହ୍ମଗିରି,୯।୪(ଡି.ଏନ.ଏ): ବ୍ରହ୍ମଗିରିସ୍ଥିତ ମା' ବାଲିହରଚଣ୍ଡୀ ନିକଟସ୍ଥ ଜଙ୍ଗଲରେ ଗୁରୁବାର ଅଗ୍ନିକାଣ୍ଡ ଘଟିଛି। ଖବର ପାଇ ଅଗ୍ନିଶମ ସେବାସଂସ୍ଥା ଓ ସ୍ଥାନୀୟ ଲୋକେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଗତ ଫନୀ ବାତ୍ୟାରେ ଏହି ପୀଠ ସଂଲଗ୍ନ ଜଙ୍ଗଲ ବିଶେଷ କ୍ଷୟକ୍ଷତି ହୋଇଥିଲା। ଏବେ ପୁଣି ଅଗ୍ନିକାଣ୍ଡରେ କିଛି ଗଛଲତା ଜଳିଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ।

ଫଟୋରେ ଖବର

ମାସ୍କ ପିନ୍ଧିବା ନେଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ନିର୍ମିତ ବାଲୁକା କଳା।

ପୁରୀ ବଡ଼ଦାଣ୍ଡରେ ଗାଡ଼ି ଯାତାୟାତ କଟକଣା ଲାଗିଥିବାରୁ ଜଣେ ଯୁବକ ସାଇକେଲରେ ଯାଉଛନ୍ତି।

ପୁରୀ ସହରର ବିଭିନ୍ନ ସାହିରେ ଧୂଆଁ ସ୍ପ୍ରେ କରାଯାଉଛି।

ସଂକ୍ଷେପରେ

ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧ଲକ୍ଷ ଟଙ୍କା ଦାନ

ତିଗିରିଆ,୯।୪(ଡି.ଏନ.ଏ.): ତିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣାସ୍ଥିତ ପୂଜା ମେଡିକାଲ ଷ୍ଟୋରର ମାଲିକ ନିହାର ରଞ୍ଜନ ସାହୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧ ଲକ୍ଷ ଟଙ୍କା ଦାନ କରିଛନ୍ତି। ଏହି ଅର୍ଥରାଶିକୁ ବିଡିଓ ଦୀପ୍ତିମୟୀ ବେହେରା ଗ୍ରହଣ କରିଛନ୍ତି। ମହାମାରୀ କରୋନା ଭୂତାଣୁ ସଂକ୍ରମଣରେ ସାରା ବିଶ୍ୱ ସଂକଟ ସ୍ଥିତିରେ ଗତି କରୁଥିବାବେଳେ ନିହାର ରଞ୍ଜନ ଏହାର ମୁକାବିଲା ପାଇଁ ସହାୟତାର ହାତ ବଢ଼ାଇଛନ୍ତି।

ଭିଡିଓ ଭାଇରାଲ କରି ଦୁଇ କୋର୍ଟଚାଲାଣ

ତିଗିରିଆ,୯।୪(ଡି.ଏନ.ଏ.): ତିଗିରିଆ ଥାନା ପୁରୁଣା ତିଗିରିଆ ଗ୍ରାମର ଦୁଇ ବ୍ୟକ୍ତି ଟିକ୍‌ଟକ୍ ଭିଡିଓ ଭାଇରାଲ କରି ଗିରଫ ହୋଇଛନ୍ତି। ପୋଲିସ ସେମାନଙ୍କୁ ଗୁରୁବାର ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଗ୍ରାମର ରାମଚନ୍ଦ୍ର ନାଏକ ଏବଂ ଯୁଧିଷ୍ଠିର ନାୟକ। କରୋନା ସମ୍ପର୍କିତ ଏକ ଟିକ୍‌ଟକ୍ ଭିଡିଓରେ ଏମାନେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ପ୍ରତି ଅରୁଚିକର ମନ୍ତବ୍ୟ ପରିବେଷଣ କରିଥିଲେ। ପରେ ଏହା ଭାରାଇଲ ହୋଇଥିଲା। ଏହାକୁ ଆଧାର କରି ପୋଲିସ ସେମାନଙ୍କୁ ଗିରଫ କରିଥିଲା। ଉଭୟଙ୍କ ନାମରେ ମାମଲା (ନଂ-୫୬/୨୦)ରୁଜୁ ହୋଇଛି।

ରାଶନକାର୍ଡଧାରୀଙ୍କୁ ଟଙ୍କା ବାଣ୍ଟିବେ ଶିକ୍ଷକ

ଜଟଣୀ,୯।୪(ଡି.ଏନ.ଏ): କରୋନା ଭୂତାଣୁ ସଂକ୍ରମଣକୁ ଦୃଷ୍ଟିରେ ରଖି ରାଶନ କାର୍ଡଧାରୀଙ୍କୁ ଚାଉଳ, ଗହମ, କିରୋସିନି, ଡାଲି ଆଦି ପ୍ରଦାନ ପାଇଁ ସରକାର ଘୋଷଣା କରିଛନ୍ତି। ଏଥିସହିତ ପ୍ରତ୍ୟେକ କାର୍ଡଧାରୀଙ୍କୁ ୧ହଜାର ଟଙ୍କା ଦେବାକୁ ପାଇଁ ସରକାର କହିଛନ୍ତି। ଜଟଣୀ ବ୍ଲକ ଅଞ୍ଚଳରେ ଚାଉଳ ସହିତ ଟଙ୍କା ପ୍ରଦାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଗଲାଣି। ହେଲେ ମ୍ୟୁନିସିପାଲିଟି ଅଞ୍ଚଳରେ କେବଳ ୩ ମାସର ଚାଉଳ ଦିଆଯାଉଛି। ଫଳରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୁରକ୍ଷା, ସାମାଜିକ ଦୂରତ୍ୱ ତଥା ବିଭିନ୍ନ କାରଣକୁ ନେଇ କାର୍ଡଧାରୀଙ୍କୁ ଟଙ୍କା ପ୍ରଦାନ ନେଇ ଡିଲରମାନେ ସେତେ ଆଗ୍ରହ ପ୍ରକାଶ କରୁନାହାନ୍ତି। ଫଳରେ ମ୍ୟୁନିସିପାଲିଟି ଅଞ୍ଚଳର ଖାଉଟିମାନେ ଟଙ୍କା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏ ନେଇ ଜଟଣୀ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ତପନ କୁମାର ମହାପାତ୍ର କହିଛନ୍ତି, ବର୍ତ୍ତମାନ ପରିସ୍ଥିତିରେ ପରିଷଦର କର୍ମଚାରୀମାନେ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ରହିଛନ୍ତି। ଏଣୁ କାର୍ଡଧାରୀଙ୍କୁ ଟଙ୍କା ବଣ୍ଟନ ପାଇଁ ଆବଶ୍ୟକ କର୍ମଚାରୀଙ୍କ ଅଭାବ ଦେଖାଦେଇଛି। ଏଣୁ ଶିକ୍ଷକମାନଙ୍କୁ ଏଥିରେ ନିୟୋଜିତ କରିବା ପାଇଁ ସ୍ଥିର କରାଯାଇଛି । ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଏ ନେଇ କୁହାଯାଇଛି । ନିୟୋଜିତ ହେବାକୁ ଥିବା ଶିକ୍ଷକମାନଙ୍କ ତାଲିକା ପହଞ୍ଚିବା ପରେ ଦିନେ ୨ ଦିନ ମଧ୍ୟରେ ସମସ୍ତ ରାଶନକାର୍ଡଧାରୀ ଟଙ୍କା ପାଇବେ ବୋଲି ମହାପାତ୍ର କହିଛନ୍ତି ।

ସଫେଇ କର୍ମଚାରୀଙ୍କୁ ବୀମାଭୁକ୍ତ କରାଯାଉ

କଟକ ଅଫିସ୍,୯।୪: ମହାମାରୀ କରୋନାର ମୁକାବିଲାରେ ସଫେଇ କର୍ମଚାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ନିଜ ଜୀବନକୁ ବିପନ୍ନ କରି ସଫେଇ କର୍ମଚାରୀମାନେ ପରିବେଶକୁ ସ୍ୱଚ୍ଛ ରଖୁଛନ୍ତି। ସେମାନଙ୍କ ଦୁଃଖକୁ ସରକାର ହୃଦୟଙ୍ଗମ କରିବା ଆବଶ୍ୟକ। ସମସ୍ତ ସ୍ଥାୟୀ, ଅସ୍ଥାୟୀ ଓ ଦିନମଜୁରିଆ ଭାବେ କାର୍ଯ୍ୟରତ ସଫେଇ କର୍ମଚାରୀଙ୍କୁ କରୋନା ପାଇଁ ବୀମାଭୁକ୍ତ କରିବା ସହିତ ବ୍ୟକ୍ତିଗତ ସୁରକ୍ଷା ଉପକରଣ ଏବଂ ଆଗୁଆ ଦରମା ଓ ସମସ୍ତ ପ୍ରକାର ସହାୟତା ଯୋଗାଇଦେବାକୁ ଦାବି କରିଛି ୮୪ମଣ୍ଡଳୀ ମେହେନ୍ତର ସମିତି। ଏନେଇ ଏକ ଦାବିପତ୍ର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ସମିତି ପକ୍ଷରୁ ସଭାପତି ରାମଚନ୍ଦ୍ର ଗୋଛାୟତ ପ୍ରେରଣ କରିଛନ୍ତି। ନିରାହ ଅବହେଳିତ ଦଳିତ ସଫେଇ କର୍ମଚାରୀମାନେ ପ୍ରତ୍ୟେକ ଦିନ ସକାଳୁ ସେମାନଙ୍କ ଦୈନନ୍ଦିନ କାର୍ଯ୍ୟ କରୁଛନ୍ତି । ଅତ୍ୟନ୍ତ ଅସ୍ୱଚ୍ଛ ପରିବେଶରେ କାମ କରୁଛନ୍ତି । ସରକାର ସେମାନଙ୍କ ବିଷୟରେ ଚିନ୍ତା କରିବା ଆବଶ୍ୟକ ବୋଲି ଗୋଛାୟତ ପ୍ରକାଶ କରିଛନ୍ତି ।

'ଆଗେ ରାଜସେବା, ପଛେ ପିତୃସେବା'

କଟକ ଅଫିସ,୯।୪

'ଯଦି କର୍ତ୍ତବ୍ୟକୁ ସମ୍ମାନ ଜଣାଇବ, ତାହେଲେ କାହାକୁ ସାଲ୍ୟୁଟ ମାରିବାକୁ ପଡ଼ିବନି.. କର୍ତ୍ତବ୍ୟରେ ହେଳା କଲେ, ସମସ୍ତଙ୍କୁ ସାଲ୍ୟୁଟ ମାରିବାକୁ ହୁଏ'। ପୂର୍ବତନ ରାଷ୍ଟ୍ରପତି ସ୍ୱର୍ଗତଃ ଡ. ଏପିଜେ ଅବଦୁଲ କଲାମ୍‌ଙ୍କ ଅଭିଭାଷଣରୁ ଏହା ଏକ ଛୋଟିଆ ଧାଡ଼ି। ମଣିଷ ପାଇଁ ନିଜର କର୍ତ୍ତବ୍ୟ ହିଁ ଶ୍ରେଷ୍ଠ ବୋଲି କୁହାଯାଏ। ନିଜର କର୍ତ୍ତବ୍ୟନିଷ୍ଠା ନିମନ୍ତେ ଏବେ ଅନ୍ୟ ପାଇଁ ଉଦାହରଣ ପାଲଟିଛନ୍ତି କଟକ ରିଜର୍ଭ ପୋଲିସରେ କାର୍ଯ୍ୟରତ ଏସ୍‌ଆଇ ନାରାୟଣ ମହାରଣା। ମା'ଙ୍କ ଶେଷକୃତ୍ୟ ସମ୍ପନ୍ନ କରି ୨ଘଣ୍ଟା ଭିତରେ ଫେରି ପୁର୍ନବାର କାର୍ଯ୍ୟରେ ଯୋଗଦେଇଥିବା ଏସ୍‌ଆଇ ନାରାୟଣଙ୍କୁ ଏବେ ବିଭିନ୍ନ ବର୍ଗରୁ ବାଃବାଃ ମିଳୁଛି।

ନାରାୟଣଙ୍କ ଘର ଜଗତସିଂହପୁର ଜିଲା ଆଳିପିଙ୍ଗଳ ପଞ୍ଚାୟତ ଅନ୍ତର୍ଗତ କୋଲର ଗ୍ରାମରେ। ଗତ ୩ ତାରିଖରେ ନାରାୟଣଙ୍କ ମା' କୁମଳତା ମହାରଣାଙ୍କର ୭୫ ବର୍ଷ ବୟସରେ ପରଲୋକ ହୋଇଯାଇଛି। କିଛିଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ କୁମଳତା

କରୋନା ମୁକାବିଲାର ଯୋଦ୍ଧା ଏସ୍‌ଆଇ ନାରାୟଣ

ଶଯ୍ୟାଶାୟୀ ଥିଲେ। ତେବେ ଲକଡାଉନ ଯୋଗୁ ମାଙ୍କୁ ଭେଟିବାକୁ ସୁଯୋଗ ପାଇ ନ ଥିଲେ ନାରାୟଣ। ରାତିରେ ମା'ଙ୍କ ପରଲୋକ ଘଟିଲା ବୋଲି ଖବର ପାଇଥିଲେ। ବାଇକ ଯୋଗେ ରାତିରେ ଗାଁକୁ ଫେରିଥିଲେ। ବଡ଼ ପୁଅ ହୋଇଥିଲେ ମଧ୍ୟ ପୋଲିସ କର୍ତ୍ତବ୍ୟର ବୋଝ ତାଙ୍କୁ ମୁଖାଗ୍ନି ଦେବାକୁ ଅଟକାଇଥିଲା। ମୁଖାଗ୍ନି ଦେଇଥିଲେ ଅନେକ ସାମାଜିକ କଟକଣା ଭିତରେ ତାଙ୍କୁ ଚଳିବାକୁ ପଡ଼ିଥାନ୍ତା। ରାଜ୍ୟରେ କରୋନା ସ୍ଥିତି ଲାଗି ରହିଥିବାରୁ ଏହି ସାମାଜିକ କଟକଣାକୁ ସାମ୍ନା କରିବା ଅସହଜ ବୋଲି ନାରାୟଣ କହିଥିଲେ। ଫଳରେ ତାଙ୍କ ସାନଭାଇ ମୁଖାଗ୍ନି ଦେଇଥିଲେ। ଶେଷକୃତ୍ୟ ସରିବା ବେଳକୁ ରାତି ୩.୩୦। ସକାଳ ୬ଟାରେ ନାରାୟଣଙ୍କୁ ସତୀଚଉରା ଛକରେ ଡ୍ୟୁଟିରେ କରିବାକୁ ନିର୍ଦ୍ଦେଶ ଥିଲା। ଏଣୁ ଶେଷକୃତ୍ୟ ସରିବା ମାତ୍ରେ ସେ କଟକ ଫେରି ଆସି କାର୍ଯ୍ୟରେ ଯୋଗ ଦେଇଥିଲେ। ମା'ଙ୍କ ମୃତ୍ୟୁକୁ ୭ ଦିନ ବିତିଲାଣି। ଏବେ ଖାଇବା ପିଇବାରେ ଅନେକ ଅସୁବିଧା ହେଉଛି ବୋଲି ନାରାୟଣ କହିଛନ୍ତି। ସେ ଆହୁରି କହଛନ୍ତି ଯେ, ଆଗେ ରାଜ ସେବା, ପଛେ ପିତୃ ସେବା। ରାଜ ମାନେ ରାଜ୍ୟ । ରାଜ୍ୟରେ ସ୍ଥିତି ଏବେ ଭଲ ନାହିଁ। ପୋଲିସ ମୁଣ୍ଡରେ ଅଧିକ ବୋଝ । ଏଭଳି ସ୍ଥିତିରେ ଘରେ ଚୁପଚାପ ବସି ପାରି ନ ଥାନ୍ତି । ଓଡ଼ିଶା ତଥା ଏହି ଜନ୍ମମାଟି ମଧ୍ୟ ମୋ ମା' । ଜନ୍ମଦାତ୍ରୀଙ୍କୁ ସିନା ଶେଷ ସମୟରେ ଦେଖି ପାରିଲିନି, ହେଲେ ଯାହା ଛାତିରେ ଛିଡ଼ା ହୋଇଛି ତାକୁ ମରଣ ମୁହଁକୁ ଠେଲି ପାରିବିନି। ଏବେ ଯାହା ସମସ୍ୟା ହେଉଛି, ସେସବୁ ସାମ୍ନା କରିବାକୁ ମୁଁ ପ୍ରସ୍ତୁତ। ମା'ଙ୍କ ଦଶାହ ଓ ଏକାଦଶାହ କର୍ମରେ ଯୋଗଦେବେ ବୋଲି ନାରାୟଣ କହିଥିଲେ।

ସେବା କାର୍ଯ୍ୟରେ ସାମିଲ ପ୍ରଭାତଙ୍କ ଟିମ୍

କଟକ ଅଫିସ,୯।୪

ଲକ୍‌ଡାଉନ ବଳବତ୍ତର ଥିବାରୁ ସାଧାରଣରେ ଯାତାୟାତ ବନ୍ଦ ହୋଇଯାଇଛି । ବିନା କାରଣରେ ଲୋକଙ୍କୁ ରାସ୍ତାରେ ବୁଲୁଥିବା ଦେଖିଲେ ପୋଲିସ ଜରିମାନା ଲଦିବା ସହ ଗାଡ଼ି ଜବତ କରି ନେଉଛି। ଏଭଳି ସ୍ଥିତିରେ କଟକର ୮ଜଣ ଯୁବକ ସ୍ୱାସ୍ଥ୍ୟସେବା ଲୋଡୁଥିବା ଲୋକଙ୍କ ପାଇଁ ଦେବଦୂତ ପାଲଟିଛନ୍ତି। ଘରୋଇ ନର୍ସିହୋମରେ ଭର୍ତ୍ତି ହେଉଥିବା ରୋଗୀ ହୁଅନ୍ତୁକିମ୍ବା ଏସ୍‌ସିବି ମେଡିକାଲରୁ ଡିସଚାର୍ଜ ହୋଇ ଦୂରଦୂରାନ୍ତକୁ ଯିବା ପାଇଁ ଚାହୁଁଥିବା ରୋଗୀଙ୍କ ପାଇଁ ଏମାନେ ମାଗଣାରେ ସେବା ଯୋଗାଉଛନ୍ତି। କଟକରେ ଚିକିତ୍ସିତ ହେଉଥିବା ବରଗଡ଼ର ଜଣେ ରୋଗୀ ଘରକୁ ଫେରି ଏ ନେଇ ସୋସିଆଲ ମିଡ଼ିଆରେ ପୋଷ୍ଟ କରିବା ପରେ ଏଭଳି ଘଟଣା ଜଣାପଡ଼ିଥିଲା। ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ଏହି ଟିମ୍ କାମ କରୁଛି।

ବରଗଡ଼ର ରାଜେଶ କୁମାର ତ୍ରିପାଠୀଙ୍କ ଜଣେ ସମ୍ପର୍କୀୟ ବୋନ୍ କ୍ୟାନ୍ସରରେ ପୀଡ଼ିତ ହୋଇ କଟକରେ ଚିକିତ୍ସିତ ହେଉଥିଲେ। କିଛି ଦିନ ତଳେ ରୋଗୀ ଜଣଙ୍କୁ ଘରକୁ ଫେରିଯିବା ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ହେଲେ ବରଗଡ଼କୁ ଯିବା ପାଇଁ ଅର୍ଥ ବାଧକ ସାଜିଥିବାବେଳେ କୌଣସି ଘରୋଇ ଆମ୍ବୁଲାନ୍ସ ଯିବାକୁ ମଧ୍ୟ ରାଜି ହୋଇ ନ ଥିଲେ। ଏ ନେଇ ରାଜେଶ ବିଧାୟକ ଦେବେଶ କୁମାର ଆଚାର୍ଯ୍ୟଙ୍କୁ ଯୋଗାଯୋଗ କରିଥିଲେ। ପରେ ଘଟଣା ସମ୍ପର୍କରେ ଚୌଦ୍ୱାର-କଟକର ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ଖବର ପାଇ ରାଜେଶଙ୍କ ପ୍ରତି ସହାୟତାର ହାତ ବଢ଼ାଇଥିଲେ। ନିଃଶୁଳ୍କରେ ଏକ ଘରୋଇ ଆମ୍ବୁଲାନ୍ସ ଗାଡ଼ି ଜରିଆରେ ରାଜେଶ ଓ ତାଙ୍କ ସମ୍ପର୍କୀୟଙ୍କୁ ବରଗଡ଼ରେ ଛାଡ଼ିଥିଲେ। ପ୍ରଭାତଙ୍କୁ ଏଭଳି ମହତ କାମରେ ସହଯୋଗ କରୁଛନ୍ତି ୮ ଯୁବକ। ସେମାନେ ହେଲେ ଭବାନୀ ଶଙ୍କର ଦାଶ, ରବୀନ୍ଦ୍ର କୁମାର ରାଉତରାୟ, ଚିନ୍ମୟ ସାହୁ, ସୀମାଞ୍ଚଳ ବାରିକ, ଯୁଧିଷ୍ଠିର ବିଶ୍ୱାଳ, ଅସିତ କୁମାର ପାଢ଼ୀ, ରାନୁ ବିଶ୍ୱାଳ ଏବଂ ପ୍ରଭାତ କୁମାର ଭୂୟାଁ। ଏବେ ସୁଦ୍ଧା ୧୦ରୁ ଊର୍ଦ୍ଧ୍ୱ ଡିସ୍‌ଚାର୍ଜ ରୋଗୀଙ୍କୁ ନିଃଶୁଳ୍କରେ ବିଭିନ୍ନ ଜିଲାରେ ନେଇ ଛାଡ଼ିବା ସହ ୪ଜଣ ରୋଗୀଙ୍କୁ ମେଡ଼ିକାଲରେ ଭର୍ତ୍ତି କରିବା କରି ସାରିଲେଣି। ଏ ସମ୍ପର୍କରେ ପୂର୍ବତନ ବିଧାୟକ ପ୍ରଭାତଙ୍କୁ ପଚାରିବାରୁ ସେ କହିଥିଲେ, ଏଭଳି ସମୟରେ ନିଜ ସାମର୍ଥ୍ୟ ଅନୁଯାୟୀ ସମସ୍ତେ ସହଯୋଗର ହାତ ବଢ଼ାଇବା ଉଚିତ୍। ଏସ୍‌ସିବିରେ ଅନେକ ଗରିବ ରୋଗୀ ଚିକିତ୍ସିତ ହେଉଛନ୍ତି। ଲକ୍‌ଡାଉନ ଯୋଗୁ ସେମାନେ ଘରକୁ ଫେରିବା ଅସମ୍ଭବ। ଲୋକଙ୍କୁ ସହାୟତା କରିବା ପାଇଁ ଯଥାସମ୍ଭବ ଚେଷ୍ଟା କରାଯାଉଛି।

ସ୍ୱାସ୍ଥ୍ୟସେବା ଲୋଡୁଥିବା ଲୋକଙ୍କୁ ବଢାଉଛନ୍ତି ସହାୟତାର ହାତ

ଗରିବଙ୍କ ପାଖରେ ପହଞ୍ଚୁନି ଖାଦ୍ୟ ସାମଗ୍ରୀ

କଟକ ଅଫିସ୍, ୯।୪: ଲକ୍‌ଡାଉନ ସମୟରେ ଗରିବ ଲୋକଙ୍କୁ କୌଣସି ଅସୁବିଧାର ସମ୍ମୁଖୀନ ହେବାକୁ ଦିଆଯିବ ନାହିଁ ବୋଲି ସରକାର କହୁଛନ୍ତି। ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ପରିସରଭୁକ୍ତ ଏବଂ ଅନ୍ୟ ଯୋଜନାର ହିତାଧିକାରୀଙ୍କୁ ଅଗ୍ରୀମ ୩ ମାସର ଚାଉଳ/ଗହମ, ୧କିଲୋ ଡାଲି, ଏକ ହଜାର ଟଙ୍କା ଏବଂ ୫କିଲୋ ଚାଉଳ କିମ୍ବା ଗହମ ଯୋଗାଇଦେବା ପାଇଁ ସରକାର ଘୋଷଣା କରିଥିଲେ। ହେଲେ କଟକ ଜିଲାରେ ଏଯାଏ ଗରିବଙ୍କ ପାଖରେ ଏହି ଖାଦ୍ୟ ସାମଗ୍ରୀ ପହଞ୍ଚି ନାହିଁ ବୋଲି ଏସ୍‌ୟୁସିଆଇ(ସି) ଅଭିଯୋଗ କରିଛି। ସାମାଜିକ ଦୂରତ୍ୱ ରକ୍ଷା କରିବା ଆଳରେ ସମସ୍ତଙ୍କୁ ଚାଉଳ ଦିଆଯାଇ ନାହିଁ। ଯେଉଁମାନେ ଚାଉଳ କିମ୍ବା ଗହମ ନିଅନ୍ତି, ସେମାନଙ୍କୁ ଆଦୌ ରାଶନ ଦିଆଯାଇନାହିଁ। କାହାକୁ ଭୋକ ଉପାସରେ ରଖାଯିବ ନାହିଁ ବୋଲି ସରକାର କହୁଥିବାବେଳେ ଏହା କେବଳ ଧୂଆଁବାଣ ବୋଲି ପ୍ରମାଣିତ ହୋଇଛି। ଭୋକ ଉପାସରେ ଥିବା ଗରିବଙ୍କ ପାଖରେ ଯୁଦ୍ଧକାଳୀନ ଭିତ୍ତିରେ ଖାଦ୍ୟଦ୍ରବ୍ୟ ପହଞ୍ଚାଇବା ପାଇଁ ସଂଗଠନର କଟକ ଜିଲା ସମ୍ପାଦକ ବିଶ୍ୱାବସୁ ଦାସ ଦାବି କରିଛନ୍ତି।

ରାଶନ ସାମଗ୍ରୀ ବଣ୍ଟନ

ଚୌଦ୍ୱାର,୯।୪(ଡି.ଏନ୍.ଏ.): ଚୌଦ୍ୱାର ପୌରପାଳିକା ପକ୍ଷରୁ ବିଭିନ୍ନ ୱାର୍ଡରେ ହିତାଧିକାରୀଙ୍କୁ ରାଶନ୍ ସାମଗ୍ରୀ ବଣ୍ଟନ ଆରମ୍ଭ ହୋଇଛି। ବୁଧବାର ପୌର କର୍ମଚାରୀମାନେ ୧୭ ନମ୍ବର ୱାର୍ଡର ନୂଆସାହିରେ ପହଞ୍ଚି ୧୦୦ରୁ ଊର୍ଦ୍ଧ୍ୱ କାର୍ଡଧାରୀଙ୍କୁ ସରକାରୀ ନିୟମାନୁଯାୟୀ ସାମାଜିକ ଦୂରତା ରକ୍ଷାକରି ଅଗ୍ରିମ ୩ ମାସର ରାଶନ୍ ସାମଗ୍ରୀ ପ୍ରଦାନ କରିଛନ୍ତି। ମାସ୍କ ନ ପିନ୍ଧି ରାଶନ୍ ସାମଗ୍ରୀ ନେବାକୁ ଆସିଥିବା ବ୍ୟକ୍ତିଙ୍କୁ ଦାୟିତ୍ୱରେ ଥିବା ସ୍ଥାନୀୟ ଡିଲର ଲୋଚନ ସାହୁ ଫେରାଇ ଦେଇଥିବା ଦେଖିବାକୁ ମିଳିଥିଲା। ସାହି ସଭାପତି ଆଶୁତୋଷ ଦାସ, ପୂର୍ବତନ କାଉନସିଲର ଗିରିଧାରୀ ଦଳାଇ, ଆଲୋକ ସାହୁ ପ୍ରମୁଖ ବଣ୍ଟନ କାର୍ଯ୍ୟ ପରିଚାଳନା କରିଥିଲେ। ପୌରପାଳିକାର ସମସ୍ତ ୱାର୍ଡର ହିତାଧିକାରୀମାନଙ୍କୁ ପର୍ଯ୍ୟାୟ କ୍ରମେ ରାଶନ୍ ସାମଗ୍ରୀ ଯୋଗାଇ ଦିଆଯିବ ବୋଲି ପୌର ନୋଡାଲ ଅଫିସର ଝୁଲେନ୍ଦ୍ର ନାୟକ କହଛନ୍ତି।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଅଖାଇ ନାନୀର ବାର ବରତ
ସକାଳୁ ଖାଇଲା ପଖାଳ ଭାତ।

ଓଷା ବ୍ରତ କଲେ ଉପାସ ରହି କିଛି କଷ୍ଟ ସହିବାକୁ ପଡ଼େ। ଖାଇବା ପିଇବା କମ୍ କରାଯାଏ। କିନ୍ତୁ ଏହାକୁ ତ୍ୟାଗ ଓ କଷ୍ଟର ସମୟ ବୋଲି ନ ଧରି ଆନନ୍ଦରେ ଅଧିକ ଖାଇପିଇ ପିନ୍ଧି ମଉଜ କରିବାର ମାନେ ଓଷାବ୍ରତ ନୁହେଁ, ଏହା ଏକ ଭଣ୍ଡାମି ହୋଇଥାଏ, ଧର୍ମକୁ ଆଖିଠାର ମାରିବା ସଦୃଶ ହୋଇଥାଏ। ଓଷାବ୍ରତ କରିବା ନାଁରେ ପେଟ ପୂରାଇ ଖାଉଥିବା ଟାଉକିମାନଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି ।

ଅଘଟଣ କଥା ଶୁଣ ମାଇପେ
ଧାନ ଶୁଖୁଥିଲା ବିଞ୍ଚଣା ଟାକେ।

କିଛି ବ୍ୟକ୍ତି ଏପରି କଥା କହିଥାନ୍ତି ଯେ ଶୁଣିବା ଲୋକ ତଟସ୍ଥ ହୋଇଯାଏ। ଅଯୌକ୍ତିକ ତଥା ଅବାସ୍ତ୍ର କଥା ଶୁଣି କାନକୁ ବିଶ୍ୱାସରେ ନେବା କାଠିକର ପାଠ ହୋଇଯାଏ। ଏପରି କଥା ମୋଟେ ଫଳପ୍ରଦ ନୁହେଁ, ମୂଲ୍ୟହୀନ ହୋଇଥାଏ। ଧାନ ବିଞ୍ଚଣାରେ ଶୁଖାଯିବା ଭଳି ନିହାତି ଅବାନ୍ତର କଥା କହୁଥିବା ବ୍ୟକ୍ତି ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ.ମିଶ୍ର ପକ୍ଲିଶର୍ସ ପ୍ରା.ଲି.

ମାହାଙ୍ଗା ଥାନାରେ କର୍ମଚାରୀ ସଙ୍କଟ

କରୋନା ମୁକାବିଲା କାର୍ଯ୍ୟ ବାଧାପ୍ରାପ୍ତ

ମାହାଙ୍ଗା,୯।୪(ସ୍ୱ.ପ୍ର.)

- ୨ ଲକ୍ଷ ଲୋକଙ୍କ ପାଇଁ ୮ ଆଇଆର୍‌ବି ଫୋର୍ସ
- ୬ କନଷ୍ଟେବଳ ଓ ୨ ଅଧିକାରୀଙ୍କ ଦ୍ୱାରା ଚାଲିଛି ଦୁଇ ଫାଣ୍ଡି

କଟକ ଜିଲାର ମାହାଙ୍ଗା ଥାନା ଏକ ସମ୍ବେଦନଶୀଳ ଅଞ୍ଚଳ। ଏବେ କରୋନା ମୁକାବିଲା ପାଇଁ ସରକାର ତତ୍ପର ହୋଇଥିବାବେଳେ ଏଠାରେ ଆବଶ୍ୟକ ପୋଲିସ କର୍ମଚାରୀ ନ ଥିବାରୁ କରୋନା ମୁକାବିଲା କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଏହି ଥାନା ଅଞ୍ଚଳରେ ପ୍ରାୟ ୨ ଲକ୍ଷରୁ ଜନସାଧାରଣ ବସବାସ କରୁଛନ୍ତି। ଥାନା ଅଞ୍ଚଳର ପୂର୍ବ ଦିଗର ଭଦ୍ରେଶ୍ୱରଠାରେ ଗୋଟିଏ ଓ ପଶ୍ଚିମ ପଟ କୁଡୁତା ଜୟପୁରଠାରେ ଗୋଟିଏ ଫାଣ୍ଡି ରହିଛି। ମାହାଙ୍ଗା ଥାନାରେ ଆଇଆଇସିଙ୍କୁ ମିଶାଇ ମୋଟ୍ ୬ ଅଧିକାରୀ ଥିବାବେଳେ ୧୧ କନଷ୍ଟେବଳ ରହିଛନ୍ତି। କିନ୍ତୁ ଏଠାରେ ୩୦ରୁ ଊର୍ଦ୍ଧ୍ୱ କନଷ୍ଟେବଳ ଓ ୧୦ରୁ ଊର୍ଦ୍ଧ୍ୱ ଅଧିକାରୀଙ୍କ ଆବଶ୍ୟକତା ରହିଛି। ଭଦ୍ରେଶ୍ୱର ଫାଣ୍ଡିରେ ଜଣେ ଅଧିକାରୀ ଓ ୨ କନଷ୍ଟେବଳ କାର୍ଯ୍ୟ କରୁଛନ୍ତି। କୁଡୁତା ଜୟପୁର ଫାଣ୍ଡିରେ ଜଣେ ଅଧିକାରୀ ଓ ୪ କନଷ୍ଟେବଳ ନିଯୁକ୍ତ ହୋଇଛନ୍ତି।

ମାହାଙ୍ଗା ବ୍ଲକ ଅଞ୍ଚଳ ଯାଜପୁର ଓ କେନ୍ଦ୍ରାପଡ଼ା ସୀମାନ୍ତକୁଲାଗି ରହିଛି। ଫଳରେ ଅନେକ ଅପରାଧୀ ଅପରାଧ ଘଟାଇ ଏହି ଥାନା ଦେଇ ଖସିଯାଇଥାନ୍ତି। କରୋନା ମୁକାବିଲା ପାଇଁ ପୋଲିସର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବାବେଳେ ଏହି ଥାନାକୁ ମାତ୍ର ୮ ଜଣ ଆଇଆରବି ଫୋର୍ସ ପଠାଯାଇଛି। ସମସ୍ତ କର୍ମଚାରୀ ଲକ୍‌ଡାଉନ କାର୍ଯ୍ୟ ତଦାରଖ କରୁଥିବାବେଳେ ଅନ୍ୟ ଅଭିଯୋଗ ନେଇ ଜନସାଧାରଣ ଥାନା କିମ୍ବା ଫାଣ୍ଡିକୁ ଆସୁଥିଲେ ମଧ୍ୟ ସେମାନଙ୍କ ଅଭିଯୋଗ ସମାଧାନ ହୋଇ ପାରୁନାହିଁ। ଅଞ୍ଚଳର ଗୁରୁତ୍ୱପୂର୍ଣ୍ଣ ଛକ ବଜାରକୁ ଛାଡି ଦେଲେ ଅନେକ ଗ୍ରାମରେ ପାଟ୍ରୋଲିଂ ହେଉନାହିଁ, ଯଦ୍ୱାରା ଲୋକେ ସାମାଜିକ ଦୂରତା ବଜାୟ ନ ରଖି ଠୁଳ ହେଉଥିବା ଦେଖିବାକୁ ମିଳୁଛି। ଏପରି କି ଅନେକ ସ୍ଥାନରେ ଜୁଆ, ଚୋରା ନିଶା କାରବାର ହେଉଛି। ତେଣୁ ମାହାଙ୍ଗା ଥାନାକୁ ଅଧିକ କର୍ମଚାରୀ ଯୋଗାଇ ଦେବାକୁ ଦାବି ହୋଇଛି। ଏ ସମ୍ପର୍କରେ ସାଲେପୁର ଉପଖଣ୍ଡ ଅଧିକାରୀ ନିମାଇଁ ଚରଣ ସେଠୀ କହିଛନ୍ତି, ଆମ ପାଖରେ ଯେତିକି କର୍ମଚାର

ଆର୍ଥିକ ଅନଟନରେ ଅଣସଂଗଠିତ ଶ୍ରମିକ

ଯାଜପୁର ଅଫିସ,୯।୪

ଆର୍ଥିକ ସ୍ଥିତି ନୁହେଁ, ଲୋକଙ୍କ ଜୀବନକୁ ଅଧିକ ଗୁରୁତ୍ୱ ଦେଇ ରାଜ୍ୟ ସରକାର ଲକ୍‌ଡାଉନକୁ ଏପ୍ରିଲ ୩୦ ସୁଦ୍ଧା ବୃଦ୍ଧି କରିଛନ୍ତି। ଏହି ସମୟ ମଧ୍ୟରେ ନିର୍ମାଣ ଶ୍ରମିକ, ପିଡିଏସ୍ ଓ ଅନ୍ତ୍ୟୋଦୟ ହିତାଧିକାରୀ ପ୍ରମୁଖଙ୍କ ଜୀବିକା ପ୍ରଭାବିତ ହୋଇଥିବାରୁ ସେମାନଙ୍କ ପାଇଁ କିଛି ଆର୍ଥିକ ପ୍ୟାକେଜ ଘୋଷଣା କରିଛନ୍ତି। କିନ୍ତୁ ଏଥିରୁ ଯାଜପୁର ଜିଲାର ଲକ୍ଷାଧିକ ଅଣସଂଗଠିତ ଶ୍ରମିକ ଯଥା କୃଷି ଶ୍ରମିକ, ବୁଲା ବିକାଳି, ଉଠାଦୋକାନୀ, ରିକ୍ସା ଚାଳକ, ଅଟୋ ଚାଳକ, କୁମ୍ଭାର, ସିଲେଇ କାରିଗର ପ୍ରମୁଖ ଆର୍ଥିକ ଅନଟନର ଶିକାର ହୋଇ ଦୁର୍ଦ୍ଦିନରେ କାଳାତିପାତ କରୁଛନ୍ତି। ତେଣୁ ରାଜ୍ୟ ସରକାର ନିର୍ମାଣ ଶ୍ରମିକଙ୍କ ଭଳି ଅଣସଂଗଠିତ ଶ୍ରମିକଙ୍କୁ ମଧ୍ୟ ଉପଯୁକ୍ତ ଭାବେ ସହାୟତା ରାଶି ପ୍ରଦାନ କରିବାକୁ ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ଦାବି ହୋଇଛି।

ସୂଚନାଯୋଗ୍ୟ ଯେ, ରାଜ୍ୟରେ ୧ କୋଟି ୬୨ ଲକ୍ଷ ଅଣସଂଗଠିତ ଶ୍ରମିକ ରହିଛନ୍ତି। ତନ୍ମଧ୍ୟରୁ ପ୍ରାୟ ୧ ଲକ୍ଷ ୫୦ ହଜାର

ଶ୍ରମିକ ପଞ୍ଜୀକୃତ ହୋଇଛନ୍ତି। ଯାଜପୁର ଜିଲାରେ ପ୍ରାୟ ୫ ଲକ୍ଷ ଅଣସଂଗଠିତ ଶ୍ରମିକ ରହିଥିବାବେଳେ ସେଥିରୁ ମାତ୍ର ୨୦୧୨ଜଣ ପଞ୍ଜୀକୃତ ହୋଇଛନ୍ତି। ଜିଲା ଶ୍ରମ ବିଭାଗରେ କର୍ମଚାରୀ ଅଭାବ ଦର୍ଶାଇ ଅଣସଂଗଠିତ ଶ୍ରମିକମାନଙ୍କୁ ଉପେକ୍ଷା କରାଯାଇଛି। ସାମାଜିକ ନିରାପତ୍ତା ଆଇନ ୨୦୦୮ ଦ୍ୱାରା ପଞ୍ଜୀକୃତ ଅଣସଂଗଠିତ ଶ୍ରମିକମାନଙ୍କ ପ୍ରତି ସରକାର ସମ୍ବେଦନଶୀଳ ନ ହେଲେ ସେମାନଙ୍କ ଜୀବନ ଜୀବିକା ରକ୍ଷା କରିବା କଷ୍ଟ ସାଧ୍ୟ ହେବ ବୋଲି ଶ୍ରମିକ ନେତା ବିଦ୍ୟାଧର

ଜିଲାରେ ଅଛନ୍ତି ପ୍ରାୟ ୫ ଲକ୍ଷ, ପଞ୍ଜୀକୃତ ମାତ୍ର ୨୦୧୨

ମହାନ୍ତି ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଚିଠି ଲେଖିଛନ୍ତି। ସେ ଉକ୍ତ ପତ୍ରରେ ଦର୍ଶାଇଛନ୍ତି ଯେ, କୌଣସି ଅର୍ଥ ସହାୟତା ଘୋଷଣା ନ ହେବାରୁ ସେମାନେ କେବଳ ଦରିଦ୍ରତା ନୁହେଁ ବରଂ ଅନାହାର ମଧ୍ୟରେ ଗତି କରୁଛନ୍ତି। ସାରା ବିଶ୍ୱରେ ୨୦୦ କୋଟିରୁ ଊର୍ଦ୍ଧ୍ୱ ଅଣସଂଗଠିତ ଶ୍ରମିକ ମଧ୍ୟରୁ ଭାରତରେ କେବଳ ୪୦ କୋଟି ରହିଛନ୍ତି। ଭାରତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ କାର୍ଯ୍ୟରତ ଶ୍ରମିକମାନଙ୍କୁ ୨୧ ଦିନର ମଜୁରି ଦେବା ଘୋଷଣା ହୋଇଥିବା ବେଳେ ଦେଶରେ ଅଣସଂଗଠିତ ଭାବେ କାର୍ଯ୍ୟରତ ୪୦ କୋଟି ଶ୍ରମିକଙ୍କ ପ୍ରତି ନିଷ୍ପତ୍ତି ନ ନେବା ଘଟଣାକୁ ବିଶ୍ୱ ଶ୍ରମିକ ସଂଗଠନ (ଆଇଏଲ୍‌ଓ) ଏକ ରିପୋର୍ଟରେ ଉଦ୍‌ବେଗ ପ୍ରକାଶ କରିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷିତ ଲକ୍‌ଡାଉନ୍, ଶଟ୍‌ଡାଉନ ଏବଂ ସଂକ୍ରମଣ ଅବରୋଧ ଅଞ୍ଚଳ ଘୋଷଣା ସେମାନଙ୍କୁ ବିଚଳିତ କରିଦେଇଛି ବୋଲି ଶ୍ରମିକ ନେତା ମହାନ୍ତି ଉଦ୍‌ବେଗ ପ୍ରକାଶ କରିଛନ୍ତି।

ଏ ସଂକ୍ରାନ୍ତରେ ଯାଜପୁରରୋଡ ଡେପୁଟି ଲେବର କମିଶନର ସୁନୀଲ କୁମାର ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ଅନ୍ୟାନ୍ୟ କାର୍ଯ୍ୟବ୍ୟସ୍ତତା ସହ କର୍ମଚାରୀ ଅଭାବ ଯୋଗୁ ଅଣସଂଗଠିତ ଶ୍ରମିକମାନଙ୍କ ପଞ୍ଜୀକରଣ ଠିକ୍ ଭାବେ ହୋଇପାରିନାହିଁ। ଏଯାଏ ପଞ୍ଜୀକୃତ ହୋଇଥିବା ୨୦୧୨ ଅଣସଂଗଠିତ ଶ୍ରମିକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସହାୟତା ରାଶି ପ୍ୟାକେଜରେ ଅନ୍ତର୍ଭୁକ୍ତ କରାଯାଇନାହିଁ। ସରକାରୀ ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟପନ୍ଥା ଗ୍ରହଣ କରାଯାଇଛି।

ଟାଟା ମେଡିକାରେ କୋଭିଡ୍ ହସ୍ପିଟାଲ ଲୋକାର୍ପଣ ଆଜି

ଯାଜପୁରଅଫିସ/କଳିଙ୍ଗନଗର,୯।୪(ଡି.ଏନ.ଏ.)

ଯାଜପୁର ଜିଲା କଳିଙ୍ଗନଗରସ୍ଥିତ ଟାଟା ମେଡିକା ହସ୍ପିଟାଲକୁ କୋଭିଡ୍ ହସ୍ପିଟାଲରେ ପରିଣତ କରିବାକୁ ସରକାରୀ ସ୍ୱୀକୃତି ମିଳି ସାରିଛି। ଏହି କୋଭିଡ ହସ୍ପିଟାଲ ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ଲୋକାର୍ପିତ ହେବ। ଏହାକୁ ରାଜ୍ୟ ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ ଏବଂ ୫-ଟି ସଚିବ ଭି.କେ. ପାଣ୍ଡିଆନ ବୁଧବାର ଅନୁଧ୍ୟାନ କରିଥିଲେ। ଏହି କୋଭିଡ୍ ହସ୍ପିଟାଲରେ ୧୫୦ ଶଯ୍ୟା ରହିଛି। କରୋନା ସଂକ୍ରମିତଙ୍କ ଚିକିତ୍ସା ପାଇଁ ଟାଟା ମେଡିକା କର୍ତ୍ତୃପକ୍ଷ ୩୦ଜଣ ଡାକ୍ତର ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ଜିଲା ପ୍ରଶାସନ ପକ୍ଷରୁ ମଧ୍ୟ ୧୦ରୁ ୧୫ଜଣ ଅତିରିକ୍ତ ଡାକ୍ତର ଯୋଗାଇ ଦିଆଯିବ ବୋଲି ଜିଲାପାଳ କହିଛନ୍ତି। ଏଠାରେ ଯାଜପୁର ସମେତ ପଡୋଶୀ ଜିଲାର କରୋନା ସଂକ୍ରମିତଙ୍କୁ ଚିକିତ୍ସା କରାଯିବ। ସେହିପରି ଜିଲା ସଦର ମହକୁମାସ୍ଥିତ ଏନ୍‌ସି କଲେଜ ପରିସରରେ ୪୦୦ ଶଯ୍ୟା ବିଶିଷ୍ଟ ଆଉ ଏକ କୋଭିଡ୍ ହସ୍ପିଟାଲ ଲୋକାର୍ପିତ କରାଯିବାକୁ ଯୁଦ୍ଧକାଳୀନ ଭିତ୍ତିରେ ପ୍ରସ୍ତୁତି ଚାଲିଛି।

୫ ଅମାନିଆଙ୍କ ବାଇକ ଜବତ

ସିଂହପୁର,୯।୪(ଡିଏନଏ)

କରୋନା ପାଇଁ ରାଜ୍ୟ ସରକାର ଲାଗୁ କରିଥିବା କଟକଣାକୁ କେତେଜଣ ଅମାନିଆ ଯୁବକ ମାନୁ ନ ଥିବାରୁ ତାହା ଲୋକଙ୍କ ପାଇଁ ପ୍ରଶାସନର ମୁଣ୍ଡବିନ୍ଧାର କାରଣ ପାଲଟିଛି। ବିଞ୍ଝାରପୁର ଥାନାଧିକାରୀ ଶିବଚରଣ ବେହେରା ଓ ସହଯୋଗୀମାନେ ବିଭିନ୍ନ ସ୍ଥାନରେ ଚଢାଉ କରି ୫ଟି ବାଇକ ଜବତ କରିବା ସହ ୩ ହଜାର ଟଙ୍କା ଜରିମାନା ଆଦାୟ କରିଛନ୍ତି। ବିଞ୍ଝାରପୁର ତହସିଲଦାର ଅଶ୍ମିତା ଦାଶ, ବିଞ୍ଝାରପୁର ବ୍ଲକର ବିଭିନ୍ନ ସ୍ଥାନରେ ବେପରୁଆ ବାଇକ ଚାଳକଙ୍କୁ ତାଗିଦ କରିଛନ୍ତି। ପ୍ରଶାସନ ନିୟମକୁ କାର୍ଯ୍ୟକାରୀ ନ କଲେ ଆଗାମୀ ଦିନରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଦାଶ କହିଛନ୍ତି।

ସଂକ୍ଷେପରେ

ବିଞ୍ଝାରପୁର ବ୍ଲକକୁ ଡିଏମ୍‌ଏଫ୍ ପାଣ୍ଠି ୧୧୨ ପ୍ରକଳ୍ପ ପାଇଁ ୨୧.୭୯ କୋଟି ମଞ୍ଜୁର

ଯାଜପୁର ଅଫିସ,୯।୪: ଯାଜପୁର ଜିଲା ବିଞ୍ଝାରପୁର ବ୍ଲକର ପାନୀୟ ଜଳ ସମସ୍ୟା ଦୂର କରିବାକୁ ଜିଲା ଖଣିଜ ପାଣ୍ଠି ପ୍ରତିଷ୍ଠାନ(ଡିଏମ୍‌ଏଫ୍) ପକ୍ଷରୁ ୨୧କୋଟି ୭୯ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ଏହି ଅର୍ଥରେ ୧୧୨ଟି ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ ହେବ ବୋଲି ଜିଲାପାଳ ରଞ୍ଜନ କୁମାର ଦାସ ସୂଚନା ଦେଇଛନ୍ତି। ଏହାଦ୍ୱାରା ଅନେକ ଜଳକ୍ଲିଷ୍ଟ ଗ୍ରାମରେ ଜଳାଭାବକୁ ସ୍ଥାୟୀ ଭାବେ ଦୂର କରାଯାଇ ପାରିବ ବୋଲି ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ କହିଛନ୍ତି।

ଜେଲ ଫେରନ୍ତା ଯୁବକଙ୍କ ଆତ୍ମହତ୍ୟା

ବିଞ୍ଝାରପୁର, ୯।୪ (ଡି.ଏନ.ଏ.): ଯାଜପୁର ଜିଲା ବିଞ୍ଝାରପୁର ଥାନା ତଥା ବରୀ ବ୍ଲକ ଅଙ୍ଗାଳୋ ପଞ୍ଚାୟତ ଅଙ୍ଗାଳୋ ଗ୍ରାମର ସୁଦୀପ୍ତ ସାମଲ(୪୮) ମାନସିକ ଭାରସାମ୍ୟ ହରାଇ ବୁଧବାର ରାତିରେ ନିଜ ଘର ନିକଟସ୍ଥ ଏକ ଆମ୍ବଗଛରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସାମଲ ୨୦୦୪ ମସିହାରେ ନିଜ ସ୍ତ୍ରୀଙ୍କୁ କଟୁରୀରେ ହାଣି ହତ୍ୟା କରିବା ଅଭିଯୋଗରେ ୧୬ବର୍ଷ ଜେଲ୍ ଦଣ୍ଡ ଭୋଗି ମାସେ ପୂର୍ବରୁ ଘରକୁ ଫେରିଥିଲେ। ଖବରପାଇ ବିଞ୍ଝାରପୁର ଥାନା ଏଏସ୍‌ଆଇ ସଞ୍ଜୀବ କୁମାର ଥାଟୋଇ ଘଟଣାସ୍ଥଳରେ ପହଞ୍ଚି ସାମଲଙ୍କ ମୃତଦେହ ଜବତ କରିବା ସହ ୧୨/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି।

ଜନସେବା କେନ୍ଦ୍ରରେ ନିଆଁ ଲଗାଇଦେଲେ ଦୁର୍ବୃତ୍ତ

ରତ୍ନଗିରି,୯।୪(ଡି.ଏନ.ଏ): ବରୀ ବ୍ଲକ କଳାମାଟିଆ ଅଧୀନ କାଇପଡ଼ା ଷ୍ଟେଟବ୍ୟାଙ୍କ୍ ଛକ ନିକଟରେ ଥିବା ଗ୍ରାହକ ସେବାକେନ୍ଦ୍ରରେ ବୁଧବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଛି। ଜନ ସେବାକେନ୍ଦ୍ର ମାଲିକ ରଶ୍ମିତା ସାହୁ ଲିଖିତ ଅଭିଯୋଗ କ୍ରମେ ପୋଲିସ ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ ଯେ, ଗ୍ରାହକ ସେବାକେନ୍ଦ୍ରର ମାଲିକ ରଶ୍ମିତା ସାହୁ ନିଜ ସେବାକେନ୍ଦ୍ର ବନ୍ଦ କରି ଘରକୁ ଫେରିବା ପରେ ବିଳମ୍ବିତ ରାତିରେ ଏଭଳି ଘଟଣା ଘଟିଥିଲା। ଏହି ସେବାକେନ୍ଦ୍ରରେ ଥିବା କମ୍ପ୍ୟୁଟର, ଲାମିନେଶନ ମେଶିନ ଆଦି ଜଳିପୋଡି ପାଉଁଶ ହୋଇଯାଇଥିବାବେଳେ ଏହି କେନ୍ଦ୍ର ଭିତରେ ଥିବା ଏକ ଆଲମିରା ଭାଙ୍ଗି କିଛି କାଗଜପତ୍ର ସହିତ ଟଙ୍କା ଲୁଟି ନେଇଥିବା ରଶ୍ମିତା ସାହୁ ବରୀ ରାମଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ତରଫରୁ ଏହି ସେବାକେନ୍ଦ୍ରରେ ଲାଗିଥିବା ସିସିଟିଭି ଫୁଟେଜ୍‌କୁ ଆଧାରକରି ତଦନ୍ତ କରାଗଲେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇପାରିବ ବୋଲି ଆଲୋଚନା ହେଉଛି।

ଟିକରପଡ଼ା ଗାଁରେ ଶୁଖିଲା, ରନ୍ଧାଖାଦ୍ୟ ବଣ୍ଟନ

କାଳିଆପାଣି,୯।୪(ଡିଏନଏ)

ଯାଜପୁର ଜିଲା ସୁକିନ୍ଦା ବ୍ଲକ କଅଁସ ପଞ୍ଚାୟତର ଟିକରପଡ଼ା ଗ୍ରାମରେ ଏବେ ୪୩ ପରିବାର କାଇପୋକ ବାସି ତୋରାଣି ସହ କନ୍ଦାଆଳୁ ଖାଇ ଜୀବନ ବିତାଉଥିବା ଖବର ଗୁରୁବାର 'ଧରିତ୍ରୀରେ' ପ୍ରକାଶ ପାଇଥିଲା। ଏହା ଜାଣିବା ପରେ ପ୍ରଶାସନ ତତ୍‌ପରତା ଦେଖାଇ ଗୁରୁବାର ପିଡିଏସ ଚାଉଳ ଓ ରନ୍ଧା ଖାଦ୍ୟ ବଣ୍ଟନ କରିଥିବାବେଳେ ସୁକିନ୍ଦା ରିଜିୟନ କ୍ରୋମାଇଟ ଖାଦାନ ମଜଦୁର ସଂଘ ପକ୍ଷରୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡ଼େଇଙ୍କ ନିର୍ଦ୍ଦେଶକ୍ରମେ ଶ୍ରମିକ ସଂଘ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀରଙ୍କ ନେତୃତ୍ୱରେ ଅନ୍ୟତମ ସମ୍ପାଦକ ବିଦ୍ୟାଧର ପାତ୍ର ଓ ଉପସଭାପତି ଭରତ ମହାନ୍ତ ଟିକରପଡ଼ାରେ ପହଞ୍ଚି ଅସହାୟ ପରିବାରକୁ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ତେବେ ସେହି ଗ୍ରାମର କାର୍ଡଧାରୀ ହିତାଧିକାରୀ କିଛି ପିଡିଏସ ଚାଉଳ ପାଇବାରୁ ବଞ୍ଚିତ ହୋଇଥିବା ପ୍ରକାଶ କରିଛନ୍ତି। ଯେଉଁମାନେ ପିଡିଏସ୍ ଚାଉଳ ପାଇ ନାହାନ୍ତି ସେମାନଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯିବ ବୋଲି ସରପଞ୍ଚ ରବୀନ୍ଦ୍ର କୁମାର ସାହୁ ପ୍ରକାଶ କରିଛନ୍ତି ।

ଧରିତ୍ରୀ ପ୍ରଭାବ

ଗାଡ଼ି ଚକାରୁ ପବନ କାଢ଼ିଦେଲା ପୋଲିସ

ଏକ ବାଇକରୁ ପୋଲିସ କର୍ମଚାରୀ ହାୱା ଖୋଲୁଛନ୍ତି।

ବିଞ୍ଝାରପୁର,୯।୪(ଡି.ଏନ.ଏ.)

ଯାଜପୁର ଜିଲା ବିଞ୍ଝାରପୁର ଥାନା ଅଳକୁଣ୍ଡ ଫାଣ୍ଡି ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ କେତେଜଣ ଅମାନିଆଙ୍କୁ ସାବାଡ କରିଛି ପୋଲିସ। ବିନା କାରଣରେ ବାଇକ ଧରି ବଜାରକୁ ଆସୁଥିବା ଯୁବକଙ୍କୁ ଗୁରୁବାର ପୋଲିସ ଯୋଗୁ ହଟହଟା ହେବାକୁ ପଡିଛି। ପ୍ରକାଶ ଯେ ରାଜ୍ୟରେ ଲକଡାଉନକୁ ଖାତିର ନ କରି କିଛି ଅମାନିଆ ଯୁବକ ବାଇକ୍ ଧରି ବୁଲୁଛନ୍ତି। ଏନେଇ ବାରମ୍ବାର ତାଗିଦ୍ କରାଗଲେ ବି କେତେଜଣ ଅମାନିଆ ଆଦୌ ଶୁଣୁ ନାହାନ୍ତି। ଯାହାକୁ ନେଇ ପୋଲିସ ପ୍ରଶାସନ କଠୋର ହୋଇଛି। ଗୁରୁବାର ଅଳକୁଣ୍ଡ ଫାଣ୍ଡି ଅଧିକାରୀ ଗଣେଶଚନ୍ଦ୍ର ଘଡାଇ, ପ୍ରଦୀପ ମଲ୍ଲିକ, ଯଯାତି କେଶରୀ ମଲ୍ଲିକ ପ୍ରମୁଖ ପ୍ରୀତିପୁର, ବିତନା, ଉତ୍ତରକୂଳ, ଅଳକୁଣ୍ଡ, ଆଉଁରୀ, ଡିହକୂଳା, ବରିକୁଳ, ଉତ୍ତଙ୍ଗରା ସମେତ ବିଭିନ୍ନ ଅଞ୍ଚଳ ବୁଲି ଅମାନିଆ ଯୁବକଙ୍କ ବାଇକ ଚକାରୁ ପବନ କାଢିଦେବା ସହ ଚଲେଇ ଚଲେଇ ଘରକୁ ବିଦା କରିଥିବା ଦେଖିବାକୁ ମିଳିଥିଲା।

କଲଣ ହାଟରେ କରୋନା କଟକଣା ବାଟବଣା

ରସୁଲପୁର,୯।୪(ଡିଏନଏ)

ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦାରେ ଜିଲାର ପ୍ରଥମ କରୋନା ରୋଗୀ ଚିହ୍ନଟ ହେବା ପରେ ପ୍ରଶାସନର ଚିନ୍ତା ବଢିଯାଇଛି। କରୋନା ପାଇଁ ହାଟଗୁଡିକ ଉପରେ ପ୍ରଶାସନ ବିଶେଷ ଦୃଷ୍ଟି ଦେଉଛି। ପ୍ରଶାସନ ହାଟରେ ସାମାଜିକ ଦୂରତା ଓ ସଂଗରୋଧକୁ ଠିକ୍‌ଭାବେ ପରିଚାଳନା କରିବା ପାଇଁ ପ୍ରୟାସ କରି ନୟାନ୍ତ ହେଲାଣି। ଗାଁ ଗହଳିରେ ଥିବା ହାଟଗୁଡିକରେ ଏବେ ବି କରୋନା କଟକଣା ପାଳନ ହେଉ ନ ଥିବା ଦେଖିବାକୁ ମିଳିଛି। ଏଭଳି ସ୍ଥିତି ଏହି ବ୍ଲକ କଲଣ ସାପ୍ତାହିକ ହାଟରେ ଦେଖିବାକୁ ମିଳିଛି। ଗୁରୁବାର ସକାଳେ ବସିଥିବା ଏହି ହାଟରେ ସାମାଜିକ ଦୂରତା, ସଂଗରୋଧ, ମୁହଁରେ ମାସ୍କ ନ ପିନ୍ଧିବା, ହାଟକୁ ବାଇକରେ ଆସିବା ଭଳି ଆଇନ ଉଲ୍ଲଂଘନ ହୋଇଛି। ତେଣେ ପ୍ରଶାସନିକ ଅଧିକାରୀମାନେ ବ୍ରହ୍ମବରଦା ଅଞ୍ଚଳ ପାଇଁ ଅଧିକ ସମୟ ଦେଉଛନ୍ତି। ଏହି ଅବସରରେ ଗାଁ ଗହଳିର ହାଟ ପ୍ରତି ବିଶେଷ ନଜର ରହିପାରୁ ନାହିଁ ବୋଲି କୁହାଯାଉଛି। ଏହାକୁ ସୁଯୋଗ ବୋଲି ମନେକରି ଆଖପାଖ

ହାଟରେ ଲୋକେ ଗହଳି କରିଛନ୍ତି।

ଅଞ୍ଚଳର ଚାଷୀ ଓ ବ୍ୟବସାୟୀମାନେ ବେପାର କରିବାର ସୁଯୋଗ ସୃଷ୍ଟି କରୁଛନ୍ତି। ମାତ୍ର ବେପାର କରିବା ସମୟରେ କରୋନା କଟକଣାକୁ ସମ୍ପୂର୍ଣ୍ଣଭାବେ ଅଣଦେଖା କରୁଛନ୍ତି। ଏହାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି। କଲଣଠାରୁ ମାତ୍ର ୪ କି.ମି. ଦୂରରେ ବାରବାଟୀ ଦୈନିକ ପରିବା ହାଟ ଥିବାବେଳେ ଏଭଳି ଏକ ଘଡିସନ୍ଧି ମୁହୂର୍ତ୍ତରେ କଲଣ ଭଳି ଏକ ଗ୍ରାମାଞ୍ଚଳ ହାଟରେ କାହିଁକି ରୋକ ଲଗାଯାଉ ନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ତେବେ ଏହି ସାପ୍ତାହିକ ହାଟ ସୋମବାର ଓ ଗୁରୁବାର ବସୁଥିବାବେଳେ ସକାଳୁ ହାଟରେ କରୋନା କଟକଣା ପାଳନ ହେଉ ନ ଥିବା ଦେଖି କୁଆଖିଆ ପୋଲିସ ହାଟସ୍ଥଳରେ ପହଞ୍ଚି ଲୋକଙ୍କୁ ଘଉଡାଇ ଥିଲା ଏବଂ ହାଟକୁ ନିକଟସ୍ଥ ପଡିଆକୁ ସ୍ଥାନାନ୍ତର କରିଥିଲା। ପରବର୍ତ୍ତୀ ସମୟରେ ଯଦି ସାମାଜିକ ଦୂରତା, ସଂଗରୋଧ ଆଦି କଟକଣା ପାଳନ ନ ହୁଏ ତେବେ ହାଟ ବନ୍ଦ କରିଦିଆଯିବ ବୋଲି ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁ ଚେତାବନୀ ଦେଇଛନ୍ତି।

ପରିବା ଚାଷୀଙ୍କୁ ମିଳିବ ପାସ୍

ଯାଜପୁର ଅଫିସ,୯।୪

କରୋନା ମୁକାବିଲା ପାଇଁ ଲକ୍‌ଡାଉନ ସମୟରେ ପରିବା ନେଇ ଆସୁଥିବା ଚାଷୀ ଓ ବ୍ୟବସାୟୀମାନେ ବେପାର ସାରି ଫେରିବାବେଳେ ପୋଲିସ ସେମାନଙ୍କୁ ଅଟକ ରଖୁଥିବା ଅଭିଯୋଗ ହୋଇଛି। ଏନେଇ ଜିଲାପାଳ ରଞ୍ଜନ କୁମାର ଦାସ ତୁରନ୍ତ ଏହା ଉପରେ ପଦକ୍ଷେପ ନେଇ ନିର୍ଦ୍ଧାରିତ ହାଟରେ ବ୍ୟବସାୟ କରୁଥିବା ଚାଷୀ/ବ୍ୟବସାୟୀଙ୍କୁ ସଂପୃକ୍ତ ହାଟ ପରିଚାଳକ ଓ ବିଡିଓ ବା ନିୟନ୍ତ୍ରିତ ବଜାର କମିଟି ସହ ଯୋଗାଯୋଗ ରଖି ଘରଠାରୁ ହାଟ ପର୍ଯ୍ୟନ୍ତ ଯିବା ଆସିବାର ପାସ୍ ପ୍ରଦାନ କରାଯିବ ବୋଲି ଜିଲାପାଳ କହିଛନ୍ତି। ସେହିପରି ଗୋ ଖାଦ୍ୟ, ପଶୁପକ୍ଷୀ ଖାଦ୍ୟ, କୃଷି ପାଇଁ ବିହନ, ସାର, କୀଟନାଶକ ଇତ୍ୟାଦି ଏହି ସମୟ ମଧ୍ୟରେ ବିକ୍ରି କରିବାକୁ ଜିଲାପାଳ ଦାସ କହିଛନ୍ତି। ଦୁଗ୍ଧ ଚାଷୀଙ୍କର କୌଣସି ସମସ୍ୟା ଥିଲେ ତାହାର ସମାଧାନ କରିବାକୁ ପଶୁ ସମ୍ପଦ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଯାଜପୁର ଜିଲାରେ ଲକଡାଉନ ଚାଲିଥିବାବେଳେ ବ୍ରହ୍ମବରଦାର ୩ କିଲୋମିଟର ପରିସର ମଧ୍ୟରେ ଥିବା ୧୨ଟି ଗ୍ରାମ ବ୍ରହ୍ମବରଦା, ଖଣ୍ଡସ, ବାଲିଗୁଡା, ଲେଙ୍କା ବାଲିସାହି, ମଞ୍ଚେଶ୍ୱର, ଚାନ୍ଦପୁର, କୋଠିଡିହ, ବଡରିପଦା, ବାଙ୍କସାହି, ସାହାପଡା, ବନ୍ଧଡିହ ଓ ଦେଉଳି (ଆଂଶିକ) ଗ୍ରାମକୁ ଆବଦ୍ଧ(କଣ୍ଟେନମେଣ୍ଟ) ଜୋନଭାବେ ଏପ୍ରିଲ ୧୨ ଯାଏ ଘୋଷଣା କରାଯାଇଛି। ଗାଁରୁ ବାହାରକୁ ବା ବାହାରୁ ଗାଁକୁ ପ୍ରବେଶ ପ୍ରସ୍ଥାନ ଉପରେ ରୋକ ଲଗାଯାଇଛି। ତେବେ ଆବଦ୍ଧ ଥିବା ଲୋକଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ପାଇଁ ପ୍ରଶାସନ ଉଦ୍ୟମ କରୁଛି ବୋଲି ଜିଲାପାଳ ଦାସ ସୂଚନା ଦେଇଛନ୍ତି। ବୈଠକରେ ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ରାଜସ୍ୱ ଅତିରିକ୍ତ ଜିଲାପାଳ ଅକ୍ଷୟ କୁମାର ମଲ୍ଲିକ, ଯାଜପୁର ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ଜିଲାପାଳଙ୍କ ସ୍ୱତନ୍ତ୍ର ଅଧିକାରୀ କୁଳମଣି ନାୟକ, ଯାଜପୁର ବିଡିଓ ସୌରଭ ଚକ୍ରବର୍ତ୍ତୀ, ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀ ଓ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

କରୋନା ମୁକାବିଲା ପାଇଁ ୧୦ହଜାର ଟଙ୍କା ଦାନ କଲେ ଛାତ୍ରୀ

ରତ୍ନଗିରି,୯।୪(ଡି.ଏନ.ଏ)

କରୋନା ଲଢ଼େଇ ପାଇଁ ବରୀ ବ୍ଲକ ଅଧୀନ ଗହପାଳ ଗ୍ରାମର ଦୀପଶିଖା ଦାସ(୧୦) ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ୧୦ ହଜାର ଟଙ୍କାର ଚେକ୍ ବରୀ ତହସିଲଦାର ସରୋଜକାନ୍ତ ନାୟକଙ୍କୁ ତାଙ୍କ ବାପା ମନୋରଞ୍ଜନ ଦାସଙ୍କ ଉପସ୍ଥିତିରେ ପ୍

ଅସୁସ୍ଥ ବୃଦ୍ଧାଙ୍କୁ ରାସ୍ତାରେ ଛାଡ଼ି ପଳାଇଲା ଆମ୍ବୁଲାନ୍ସ

ଜଗତ୍‌ସିଂହପୁର ଅଫିସ,୯।୪

କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ(ଏସ୍‌ସିବି) ମେଡିକାଲ କଲେଜ ପରିସରରୁ ଅସୁସ୍ଥ ଥିବା ଜଣେ ଗରିବ ବୃଦ୍ଧାଙ୍କୁ ତାଙ୍କ ଗାଁରେ ଛାଡିବାକୁ ଆସିଥିବା ଏକ ବେସରକାରୀ ଆମ୍ବୁଲାନ୍ସ ଜଗତ୍‌ସିଂହପୁର ସହର ରାସ୍ତା ପାର୍ଶ୍ୱରେ ଛାଡି ପଳାଇଛି। ସମ୍ପୃକ୍ତ ବୃଦ୍ଧା ହେଲେ ଜଗତ୍‌ସିଂହପୁର ଥାନା ଜୟଶୋଳ ରଣହନ୍ତାର ଶାନ୍ତିଲତା ସ୍ୱାଇଁ (୬୦)। ବୃଦ୍ଧାଙ୍କୁ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଅଛି ଏବଂ କେହି ସମ୍ପର୍କୀୟ ଆସିଲେ ତାଙ୍କୁ ଘରକୁ ଛଡ଼ାଯିବ ବୋଲି ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଏଡିଏମ୍(ମେଡିକାଲ) ଲାଲମୋହନ ରାଉତରାୟ ସୂଚନା ଦେଇଛନ୍ତି। ତେବେ ଆମ୍ବୁଲାନ୍ସ କାହିଁକି ଏଭଳି କଲା ତାକୁ ନେଇ ସନ୍ଦେହ ଘନୀଭୂତ ହେବାରେ ଲାଗିଛି। ତଦନ୍ତ କରାଯାଇ ଆମ୍ବୁଲାନ୍ସ ଚାଳକଙ୍କ ବିରୋଧରେ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବାକୁ ସାଧାରଣରେ ଦାବି ହେଉଛି।

ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ୧ଟା ବେଳେ ଜଗତ୍‌ସିଂହପୁର ସାନବଜାରସ୍ଥିତ ମହାଦେବ କ୍ଲବ ବିଲ୍ଡିଂ ସାମ୍ନା ରାସ୍ତା ପାର୍ଶ୍ୱରେ ଶାନ୍ତିଲତା ଓ ତାଙ୍କସହ ଜଣେ ବିହାରୀ ଲୋକଙ୍କୁ ଆମ୍ବୁଲାନ୍ସ ଛାଡି ଖସି ଯାଇଥିଲା। ବୃଦ୍ଧାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ନ ଥିବାରୁ ବିହାରୀ ଲୋକଜଣକ ତାଙ୍କୁ ଏହି ବିଲ୍ଡିଂ ବାରଣ୍ଡାକୁ ନେଇ ବସାଇଥିଲେ। କିଛି ଲୋକ ଦେଖି ସେଠାକୁ ଯାଇଥିଲେ। ବିହାରୀ ଲୋକଜଣକ ପ୍ରଥମେ କେତେଜଣ ଖବରଦାତାଙ୍କୁ ଦେଖି ଅସୁବିଧା କଥା କହିଥିଲେ। ସମ୍ପୃକ୍ତ ବ୍ୟକ୍ତି ହିନ୍ଦୀରେ କହିଥିଲେ, ଶାନ୍ତିଲତା ଭୁବନେଶ୍ୱର ଲକ୍ଷ୍ମୀସାଗର ଅଞ୍ଚଳରେ ରୁହନ୍ତି ଏବଂ ସେ ତାଙ୍କ ପଡୋଶୀ। ହଠାତ୍ ଶାନ୍ତିଲତାଙ୍କ ଝାଡା, ପରିଶ୍ରାରେ ଅସୁବିଧା ହେବାରୁ ସେ ଗତ ୭ ତାରିଖରେ ତାଙ୍କୁ କଟକ ବଡ ଡାକ୍ତରଖାନା ନେଇଥିଲେ। ଗୁରୁବାର ଡାକ୍ତରଖାନାରୁ ତାଙ୍କ ଗାଁ ରଣହନ୍ତାରେ ଛାଡିବା ପାଇଁ ଆମ୍ବୁଲାନ୍ସ ବ୍ୟବସ୍ଥା କରିଥିଲେ। ଯେହେତୁ ସେ ରଣହନ୍ତା କିମ୍ବା ଜଗତ୍‌ସିଂହପୁର ଦେଖି ନ ଥିଲେ ତେଣୁ କେଉଁଠି ଛାଡିଲେ ଜାଣିପାରି ନ ଥିଲେ। ଏସବୁ ଶୁଣି ଖବରଦାତାମାନେ ଜଗତ୍‌ସିଂହପୁର ପୌର ପରିଷଦ ନିର୍ବାହୀ ଅଧିକାରୀ, ଜଗତ୍‌ସିଂହପୁର ଥାନା ଆଇଆଇସିଙ୍କୁ ସୂଚନା ଦେଇଥିଲେ। ଖବର ପାଇ ପୋଲିସ ଓ ପରିଷଦ ନିର୍ବାହୀ ଅଧିକାରୀ ପ୍ରମୁଖ ବୃଦ୍ଧାଙ୍କ ନିକଟରେ ପହଞ୍ଚି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସହ ଯୋଗାଯୋଗ କରି ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିବା ବ୍ୟବସ୍ଥା କରିଥିଲେ। ଏ ସମ୍ପର୍କରେ ସ୍ଥାନୀୟ କେତେଜଣ ବୃଦ୍ଧିଜୀବୀଙ୍କ ପ୍ରତିକ୍ରିୟା ହେଲା ବେସରକାରୀ ଆମ୍ବୁଲାନ୍ସ ଚାଳକ ଲୋକଙ୍କ ଜୀବନ ସହ ଖେଳୁଛନ୍ତି। ଏହାଦ୍ୱାରା ବେସରକାରୀ ଆମ୍ବୁଲାନ୍ସ ଉପରୁ ଲୋକଙ୍କ ଭରସା ତୁଟିଯିବ। ଜଗତ୍‌ସିଂହପୁର ଆଇଆଇସି ରଜନୀକାନ୍ତ ମିଶ୍ରଙ୍କୁ ପଚାରିବାରୁ ସେ କହିଥିଲେ, ବୃଦ୍ଧା ଲକ୍ଷ୍ମୀସାଗର ଅଞ୍ଚଳରେ ୨୦ ବର୍ଷ ହେବ ରହୁଥିଲେ। ତାଙ୍କର ୨ ପୁଅ ଓ ୧ଟି ଝିଅ ରହିଛନ୍ତି। ଝିଅ ବିବାହ କରି ସାରିଛନ୍ତି। ୨ ପୁଅ ମଧ୍ୟରୁ ଜଣେ ରଣହନ୍ତା ଓ ଅନ୍ୟଜଣକ ଜୟଶୋଳରେ ରହୁଛନ୍ତି। ବୃଦ୍ଧା ସେଠାରେ ରହି ମୁଲ ଲାଗି ଚଳୁଥିଲେ। ବିହାରୀ ଲୋକଜଣଙ୍କ ସହ ତାଙ୍କର ଘନିଷ୍ଠତା ରହିଛି। ନିକଟରେ ଲକ୍ଷ୍ମୀସାଗର ଓ ବମିଖାଲ ଅଞ୍ଚଳକୁ ସିଲ୍ କରି ଦିଆଯାଇଛି। ଏହା ଭିତରେ ବୃଦ୍ଧାଙ୍କ ଦେହ ଖରାପ ହୋଇଯିବାରୁ ବିହାରୀ ଲୋକଜଣକ ପ୍ରଥମେ ତାଙ୍କୁ କ୍ୟାପିଟାଲ ଓ ପରେ କଟକ ବଡ ଡାକ୍ତରଖାନା ନେଇଥିଲେ। ଯେହେତୁ ଭୁବନେଶ୍ୱରରେ ବିନା ରୋଜଗାରରେ ଅସୁସ୍ଥ ଅବସ୍ଥାରେ ରହିବା ସମ୍ଭବ ନୁହେଁ ତେଣୁ ବୃଦ୍ଧା ଗାଁକୁ ଯିବାକୁ ମନସ୍ଥ କରିଥାଇପାରନ୍ତି। କଟକରୁ ରଣହନ୍ତା ଯିବା ପାଇଁ ଆମ୍ବୁଲାନ୍ସରେ ଯାଇଥିଲେ ସୁଦ୍ଧା କାହିଁକି ଆମ୍ବୁଲାନ୍ସ ଚାଳକ ଏଭଳି କଲେ ତାହା ସ୍ପଷ୍ଟ ହୋଇ ପାରିନାହିଁ। ଯେହେତୁ ଶାନ୍ତିଲତା ଦୀର୍ଘ ବର୍ଷ ହେବ ଭୁବନେଶ୍ୱରରେ ରହୁଥିଲେ ଏବଂ ଗାଁ ସହ ସେଭଳି ସମ୍ପର୍କ ନ ଥିଲା ତେଣୁ ସେ ବାଟ ଦେଖାଇପାରି ନ ଥିବେ ବୋଲି ସନ୍ଦେହ କରାଯାଉଛି। ତାଙ୍କ ସହ ଥିବା ବିହାରୀ ଲୋକଜଣକ ମଧ୍ୟ ଏହି ଅଞ୍ଚଳ ବିଷୟରେ ଅଜ୍ଞ। ବୃଦ୍ଧା ଏବଂ ତାଙ୍କ ସାଥିରେ ଥିବା ଲୋକ ଉଭୟ ଯଦି ରାସ୍ତା ଦେଖାଇ ପାରି ନ ଥିବେ ଆମ୍ବୁଲାନ୍ସ ଚାଳକ ଭ୍ରମରେ ପଡିବା ପରିବର୍ତ୍ତେ ଏଭଳି ନିଷ୍ପତ୍ତି ନେଇଥାଇପାରନ୍ତି। କିନ୍ତୁ ତାହା ଠିକ ନୁହେଁ। ଏ ପରିସ୍ଥିତିରେ ଅନ୍ତତଃ ଲୋକେ ଫୁଅନ୍ତୁ ଅବା ପୋଲିସ, କାହାରି ସହଯୋଗ ନେଇ ବୃଦ୍ଧାଙ୍କୁ ତାଙ୍କ ଗାଁରେ ଛାଡିବା କଥା।

ଅସୁସ୍ଥ ବୃଦ୍ଧା ଓ ତାଙ୍କ ସହିତ ଆସିଥିବା ବ୍ୟକ୍ତି।

■ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି

■ ଲକ୍ଷ୍ମୀସାଗର ଅଞ୍ଚଳରେ ରହୁଥିଲେ ବୃଦ୍ଧା

ଆଳିରୁ ଉଠିଲା ଶଟ୍‌ଡାଉନ୍

ଆଳି,୯।୪(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲାର ଆଳି ଅଞ୍ଚଳରୁ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହେବାପରେ ଜିଲା ପ୍ରଶାସନ ପକ୍ଷରୁ ଆକ୍ରାନ୍ତଙ୍କ ଗ୍ରାମର ୩ କିମି ପରିଧି ମଧ୍ୟରେ ଥିବା ୧୨ ଗାଁ ଓ ବଜାରକୁ ମଙ୍ଗଳବାର ସକାଳ ୮ଟାଠାରୁ ୪୮ଘଣ୍ଟା ପାଇଁ ଶଟଡାଉନ ଘୋଷଣା କରାଯାଇଥିଲା। ଗୁରୁବାର ସକାଳ ୮ଟାରେ ପ୍ରଶାସନ ପକ୍ଷରୁ ଏହି ଶଟ୍‌ଡାଉନକୁ ଉଠାଇ ଦିଆଯାଇଥିବାବେଳେ ଲକ୍‌ଡାଉନ ବଳବତ୍ତର ରହିଛି। ଶଟଡାଉନ ନିମନ୍ତେ ଆଳି ବଜାରରେ ବନ୍ଦ ରହିଥିବା ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନଗୁଡିକ ଗୁରୁବାର ସକାଳୁ ଖୋଲିଥିଲା। ଲୋକେ ଅତ୍ୟାବଶ୍ୟକ ସାମଗ୍ରୀ କିଣିବା ପାଇଁ ବଜାରକୁ ଆସିଥିବା ଦେଖିବାକୁ ମିଳିଥିଲା। ପ୍ରଶାସନର ପୂର୍ବ ନିର୍ଦ୍ଧାରିତ ସମୟ ଅନୁଯାୟୀ ସକାଳ ୬ଟାରୁ ୧୧ଟା ପର୍ଯ୍ୟନ୍ତ ଦୋକାନ ଖୋଲା ରହିଥିଲା। ଏହାପରେ ବଜାର ପୁଣି ଶୁନଶାନ ହୋଇ ଯାଇଥିଲା। ପୋଲିସ ପକ୍ଷରୁ ପାଟ୍ରୋଲିଂ କଡାକଡି କରାଯିବା ସହ ବଜାରକୁ ବାଇକ ନ ଆଣିବା ଓ ସମସ୍ତଙ୍କୁ ମାସ୍କ ପିନ୍ଧିବା ପାଇଁ ବାଧ୍ୟ କରାଯାଇଥିଲା। ଅପରପକ୍ଷେ କରୋନା ଆକ୍ରାନ୍ତଙ୍କ ଦୂର ସମ୍ପର୍କୀୟ ୯ ଜଣଙ୍କ ସ୍ୱାବ୍ ପରୀକ୍ଷା ନିମନ୍ତେ ଜିଲା କୋଭିଡ୍-୧୯ ଟିମ ନେଇଥିବା ସୂଚନା ମିଳିଛି। ଆଳି ବ୍ଲକର ଆଳି ବଜାର, ମେଣ୍ଢପୁର ପଞ୍ଚାୟତ ଓ ନିଆଳ ପଞ୍ଚାୟତର ୧୩ ସ୍ଥାନରେ ନିୟୋଜିତ ହୋଇଥିବା ଆକ୍ଟିଭ ସର୍ଭିଲାନ୍ସ ଟିମ୍ ସର୍ଭେ କରି ୪ ଜଣଙ୍କ ଦେହରେ ସାମାନ୍ୟ ନମୁନା ଥିବା ଲକ୍ଷ୍ୟ କରି ତାଙ୍କ ସ୍ୱାବ ସଂଗ୍ରହ କରିଥିବା ବେଳେ ଜିଲା କୋଭିଡ୍-୧୯ ଟିମ୍ ଦୂର ସମ୍ପର୍କୀୟ ଅନ୍ୟ ୫ ଜଣଙ୍କ ସ୍ୱାବ ନେଇଛନ୍ତି। ଆକ୍ରାନ୍ତଙ୍କ ଇନଡାଇରେକ୍ଟ କଣ୍ଟାକ୍ଟରେ ଆସିଥିବା ଆଉ କେତେଜଣଙ୍କୁ ଷ୍ଟ୍ରେସ କରାଯାଉଛି ବୋଲି ଆଳି କରୋନା ନୋଡାଲ ହେଲ୍‌ଥ ଅଫିସର ଡା. ଇନ୍ଦ୍ରଭାନୁ ପ୍ରଧାନ ସୂଚନା ଦେଇଛନ୍ତି।

ଟେଷ୍ଟ ପାଇଁ ଗଲା ଆଉ ୯ ଜଣଙ୍କ ସ୍ୱାବ୍

ସିଲ୍ ହେଲା ମଦଦୋକାନ

ଡେରାବିଶ, ୯।୪ (ସ୍ୱ.ପ୍ର.)

ଲକ୍‌ଡାଉନ୍‌ରେ ମଦ ଦୋକାନ ବନ୍ଦ ରହିବ ବୋଲି ସରକାର ନିଷ୍ପତ୍ତି ନେଇଛନ୍ତି। ହେଲେ କେନ୍ଦ୍ରାପଡ଼ା ବ୍ଲକ ଅଧୀନ ବାଲିଆ ବଜାରରେ ଥିବା ଏକ ସରକାରୀ ମଦ ଦୋକାନରେ ବୁଧବାର ରାତିରେ ମଦ ବିକ୍ରି କରାଯାଉଥିବାବେଳେ ଅବକାରୀ ବିଭାଗ ପକ୍ଷରୁ ଉକ୍ତ ଦୋକାନକୁ ସିଲ୍ କରାଯାଇଛି। ଦୋକାନରେ ଥିବା ୭୦୦ରୁ ଊର୍ଦ୍ଧ୍ୱ ଲିଟର ବିଦେଶୀ ମଦ ଜବତ କରାଯାଇଥିବା ଜିଲା ଅବକାରୀ ଇନ୍ସପେକ୍ଟର ପ୍ରଦୀପ ସାହୁ ସୂଚନା ଦେଇଛନ୍ତି। ଜିଲାର ସମସ୍ତ ମଦ ଦୋକାନକୁ ସିଲ୍ କରାଯାଇଥିବା ବେଳେ ଉକ୍ତ ମଦ ଦୋକାନରେ ଖୁଲମଖୁଲା ମଦ ବିକ୍ରି ହେଉଥିବା ଅଭିଯୋଗ ହୋଇଥିଲା। ଖବରପାଇ ଅବକାରୀ ବିଭାଗ ଓ ସଦର ଥାନା ପୋଲିସ୍ ମିଳିତ ଭାବେ ଚଢ଼ାଉ କରିଥିଲେ। ଇନ୍ସପେକ୍ଟର ସାହୁଙ୍କ ସମେତ ଏସ୍‌ଆଇ ଅଂଶୁମାନ ଜେନା, ସଦର ଥାନାଧିକାରୀ ପ୍ରମୋଦ ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚିବା ସହ ସମ୍ପୃକ୍ତ ମଦ ଦୋକାନ ମାଲିକଙ୍କୁ ଫୋନ୍ ଯୋଗେ ଡକାଇଥିଲେ। ଦୋକାନୀ ନ ଆସିବାରୁ ଡେରାବିଶ ଅତିରିକ୍ତ ତହସିଲଦାର ପ୍ରମୋଦ ମହାନ୍ତିଙ୍କ ଉପସ୍ଥିତିରେ ଦୋକାନରୁ ସମସ୍ତ ମଦ ବୋତଲକୁ ଜବତ କରାଯାଇଥିଲା। ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରାଯାଇଥିବା ଇନ୍ସପେକ୍ଟର ସାହୁ କହିଛନ୍ତି।

ପୋଲିସ ଜବତ କରିଥିବା ମଦବୋତଲ।

ସଂକ୍ରମଣ ରୋକିବାକୁ ପ୍ରଶାସନ ତତ୍ପର

କେନ୍ଦ୍ରାପଡା ଅଫିସ, ୯।୪

ଦୁବାଇ ଫେରନ୍ତା ଆଳି ଅଞ୍ଚଳର ଜଣେ ବ୍ୟକ୍ତି କରୋନା ସଂକ୍ରମିତ ଚିହ୍ନଟ ହେବା ପରେ ସଂକ୍ରମଣ ରୋକିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଆକ୍ରାନ୍ତଙ୍କୁ କଟକ କୋଭିଡ୍ ମେଡିକାଲରେ ଭର୍ତ୍ତି କରାଯାଇଥିବାବେଳେ ତାଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କୁ ସଂଗରୋଧ ଗୃହରେ ରଖାଯାଇଛି। ଜିଲାର ବିଭିନ୍ନ ଅଞ୍ଚଳ ବିଶୋଧିତ କରାଯାଉଛି। ଛତାସ୍ଥିତ ଅସ୍ଥାୟୀ କୋଭିଡ୍ ଚିକିତ୍ସାଳୟ କାର୍ଯ୍ୟ ସମୀକ୍ଷା ସହିତ କେନ୍ଦ୍ରାପଡ଼ା କଲେଜ, କେନ୍ଦ୍ରାପଡ଼ା ସାନ୍ଧ୍ୟ କଲେଜ, ଆଦର୍ଶ ବିଦ୍ୟାଳୟ, ପଙ୍ଗାମୁଣ୍ଡାଇସ୍ଥିତ ଓବିସି ଛାତ୍ରାବାସ ଓ ପଞ୍ଚାୟତସ୍ତରରେ ୨୮୩ ଅସ୍ଥାୟୀ ସଂଗରୋଧ କେନ୍ଦ୍ର ନିର୍ମାଣ ହୋଇଛି। ଜିଲାର ସୀମାନ୍ତ ସିଲ୍ ହୋଇଛି। ୧୧୫ ନିୟମ ଉଲ୍ଲଂଘନକାରୀଙ୍କ ନାମରେ ମାମଲା ରୁଜୁ ହୋଇଛି।

ପାଇପ୍ ଦୋକାନ ଜଳିଗଲା

ନାଉଗାଁ, ୯।୪ (ସ୍ୱ.ପ୍ର.)

ନାଉଗାଁ ଗଙ୍ଗଦାହାଟଠାରେ ଥିବା ଏକ ପାଇପ୍ ଦୋକାନରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଛି। ପୂର୍ବାହ୍ନରେ ଦୋକାନ ବନ୍ଦ ପରେ ଘଡ଼ଘଡି ସହ ବର୍ଷା ହୋଇଥିଲା। ବର୍ଷା ଛାଡିବା ପରେ ହାଟରେ ଥିବା ରିତେଶ ନାୟକଙ୍କ ଦୋକାନରୁ ଧୂଆଁ ବାହାରୁଥିବା ଲୋକେ ଦେଖି ନାଉଗାଁ ଦମକଳ ବାହିନୀକୁ ଜଣାଇଥିଲେ। ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବଜ୍ରପାତ ଯୋଗୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି।

ହରିଣ ମାଂସ ଜବତ, ୨ ଗିରଫ

ରାଜନଗର, ୯।୪ (ଡି.ଏନ୍.ଏ.)

ଭିତରକନିକା ଜାତୀୟ ଉଦ୍ୟାନ ସଂଲଗ୍ନ ବାଉଁଶଗଡ଼ି ନଦୀ ପାର୍ଶ୍ୱବର୍ତ୍ତୀ ସୁନେଇ ରୁପେଇ ସଂରକ୍ଷିତ ଜଙ୍ଗଲରୁ ଶିକାର କରାଯାଇଥିବା ୫୦କି.ଗ୍ରା. ହରିଣ ମାଂସ ଜବତ କରାଯାଇଛି। ଜଙ୍ଗଲରେ ହରିଣ ଶିକାର କରାଯାଉଥିବା ଖବରପାଇ ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ମୁଖ୍ୟ ଶିକାରୀ ଫେରାର ହୋଇଯାଇଥିବାବେଳେ ବନ ବିଭାଗ କର୍ମଚାରୀ ତାଙ୍କର ୨ ସହଯୋଗୀଙ୍କୁ ଗିରଫ କରିଛନ୍ତି। ତାଙ୍କଠାରୁ ୫୦ କି.ଗ୍ରା ହରିଣ ମାଂସ ଜବତ କରାଯାଇଛି। ସେମାନେ ହେଲେ ଓକିଲପାଳ ଗ୍ରାମର ପତିତପାବନ ଦାସ ଓ ଦୀନବନ୍ଧୁ ଦାସ। ଓକିଲପାଳ ଗ୍ରାମର ଦୀନବନ୍ଧୁ, ପତିତପାବନ ଓ ବ୍ରଜବନ୍ଧୁ ଦାସ ମଙ୍ଗଳବାର ରାତିରେ ହରିଣ ଶିକାର କରିଥିଲେ। ଖବରପାଇ ବନ ବିଭାଗ କର୍ମଚାରୀ ପୋଲିସ ସହାୟତାରେ ଦୀନବନ୍ଧୁଙ୍କ ଘରେ ଚଢ଼ାଉ କରିଥିଲେ। କୌଶଳକ୍ରମେ ବ୍ରଜବନ୍ଧୁ ଫେରାର ହୋଇଯାଇଥିବା ବେଳେ ଅନ୍ୟ ୨ଜଣଙ୍କୁ ଗିରଫ କରାଯାଇଥିବା ଡିଏଫ୍‌ଓ ବିକାଶ ରଞ୍ଜନ ଦାଶ ସୂଚନା ଦେଇଛନ୍ତି।

୪, ୭୮୯ ପିଲାଙ୍କୁ ମିଳିବ ମଧ୍ୟାହ୍ନଭୋଜନ ଚାଉଳ

ରିଟେଲ ପଏଣ୍ଟ ଚିହ୍ନଟକୁ ନେଇ ଅସନ୍ତୋଷ

ନାଉଗାଁ, ୯।୪ (ସ୍ୱ.ପ୍ର.)

କରୋନା ଯୋଗୁ ସ୍କୁଲ ପିଲାଙ୍କୁ ୩ମାସର ମଧ୍ୟାହ୍ନ ଭୋଜନ ବାବଦ ଚାଉଳ ଦିଆଯିବ ବୋଲି ନିଷ୍ପତ୍ତି ହୋଇଛି। ଅଭିଭାବକ ପିଲାଙ୍କ ଟୋକନ ବିଦ୍ୟାଳୟରୁ ଗ୍ରହଣ କରିବେ। ପ୍ରଶାସନ ପକ୍ଷରୁ ଚିହ୍ନଟ ହୋଇଥିବା ରିଟେଲ୍ ପଏଣ୍ଟରେ ଟୋକନ ଦାଖଲ କରି ଅଭିଭାବକ ଚାଉଳ ନେଇପାରିବେ ବୋଲି ଜଣାଯାଇଛି। କିନ୍ତୁ ନାଉଗାଁ ବ୍ଲକ ପ୍ରଶାସନ ପକ୍ଷରୁ ଚିହ୍ନଟ କରାଯାଇଥିବା ରିଟେଲ୍ ପଏଣ୍ଟଗୁଡିକ ଛାତ୍ରୀଛାତ୍ରଙ୍କ ଘରଠାରୁ ଦୂରରେ ରହିଛି, ଯାହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ନାଉଗାଁ ବ୍ଲକ ଶିକ୍ଷା ବିଭାଗ ଅଧୀନରେ ୮୮ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଛି। ଏଥିରେ ଅଧ୍ୟୟନ କରୁଥିବା ୪,୭୮୯ ଛାତ୍ରୀଛାତ୍ରଙ୍କୁ ଚାଉଳ ପ୍ରଦାନ କରାଯିବ। ପ୍ରାଥମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ମୁଣ୍ଡ ପିଛା ୧୦୦ଗ୍ରାମ୍ ହିସାବରେ ୩ ମାସକୁ ୯ କି.ଗ୍ରା. ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମୁଣ୍ଡ ପିଛା ୧୫୦ଗ୍ରାମ୍ ହିସାବରେ ୩ ମାସକୁ ୧୩.୫ କି.ଗ୍ରା. ଚାଉଳ ପ୍ରଦାନ କରାଯିବ ବୋଲି ବ୍ଲକ ଶିକ୍ଷାଧିକାରୀ କହିଛନ୍ତି। ଅଭିଭାବକଙ୍କୁ ବିଦ୍ୟାଳୟର ନିକଟସ୍ଥ ରିଟେଲ ପଏଣ୍ଟରୁ ଚାଉଳ ନେବା ପାଇଁ ନିର୍ଦ୍ଦେଶ ରହିଛି। ହେଲେ ବିଦ୍ୟାଳୟ ପକ୍ଷରୁ ଦର୍ଶାଯାଇଥିବା ରିଟେଲ ପଏଣ୍ଟ ମଧ୍ୟରୁ ଅଧିକାଂଶ ଅଭିଭାବକଙ୍କ ଘରଠାରୁ ୪ କି.ମି. ଅଧିକ ଦୂର ଥିବା ଅଭିଭାବକ ଅଭିଯୋଗ କରିଛନ୍ତି। ଲକ୍‌ଡାଉନ୍ ସମୟରେ ଏତେ ଦୂର ଯାଇ କିପରି ଚାଉଳ ସଂଗ୍ରହ କରିବେ, ସେ ନେଇ ଅଭିଭାବକ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ତେଣୁ ନିଜ ପଞ୍ଚାୟତ ରିଟେଲ ପଏଣ୍ଟରେ ଚାଉଳ ଯୋଗାଇ ଦେବାକୁ ଅଭିଭାବ ଦାବି କରିଛନ୍ତି। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀଙ୍କୁ ପଚାରିବାରେ ଯୋଗାଣ ବିଭାଗ ପକ୍ଷରୁ ମଗା ଯାଇଥିବା ତଥ୍ୟ ପ୍ରଦାନ କରିଛୁ। ରିଟେଲ ପଏଣ୍ଟ ଚିହ୍ନଟ ଦାୟିତ୍ୱ ଯୋଗାଣ ବିଭାଗର ବୋଲି ସେ କହିଛନ୍ତି। ନାଉଗାଁ ବ୍ଲକ ଯୋଗାଣ ନିରୀକ୍ଷିକା ନିଳିମା ମହାନ୍ତିଙ୍କୁ ପଚାରିବାରେ ନାଉଗାଁ ବ୍ଲକର ସମସ୍ତ ପ୍ରଧାନ ଶିକ୍ଷକ ଓ ସିଆର୍‌ସିସିଙ୍କଠାରୁ ଛାତ୍ରୀଛାତ୍ରଙ୍କ ତଥ୍ୟ ସହିତ ବିଦ୍ୟାଳୟର ନିକଟସ୍ଥ ରିଟେଲ ପଏଣ୍ଟର ନାମ ଦେବାକୁ କୁହାଯାଇଥିଲା। ତାଙ୍କ ରିପୋର୍ଟ ଆଧାରରେ ତାଲିକା ପ୍ରକାଶ ପାଇଛି। କିନ୍ତୁ ଉକ୍ତ ତାଲିକାରେ କିଛି ଅଭିଭାବକ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ପୁନର୍ବାର ସଂଶୋଧିତ ରିପୋର୍ଟ ଦେବା ପାଇଁ ସିଆରସିସିଙ୍କୁ କୁହାଯାଇଥିଲା। ସେମାନଙ୍କ ଦ୍ୱାରା ଯୋଗାଇ ଦିଆଯାଇଥିବା ସଂଶୋଧିତ ରିପୋର୍ଟ ଜିଲା ଶିକ୍ଷାଧିକାରୀଙ୍କ ନିକଟକୁ ମଞ୍ଜୁର ପାଇଁ ପଠାଯାଇଛି ବୋଲି କହିଛନ୍ତି।

ଜୟାଗଡ଼

ଅଭାବୀ ବିକ୍ରି ରୋକିବା ନେଇ ପଦକ୍ଷେପ

ନୟାଗଡ ଅଫିସ,୯।୪

ଜିଲା ସଦର ମହକୁମା ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମ୍‌ସି) ସଭାଗୃହରେ ଗୁରୁବାର ଜିଲାପାଳ ପୋମା ଗୁଡୁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପନିପରିବା ହୋଲସେଲର, ରିଟେଲର, ଚାଷୀଙ୍କ ସମେତ ଆର୍‌ଏମ୍‌ସି କର୍ମକର୍ତ୍ତା ଯୋଗଦେଇଥିଲେ। ଚାଷୀମାନେ କିପରି ପନିପରିବା ସୁବିଧାରେ ବିକ୍ରୟ କରିପାରିବେ ଓ ସେମାନଙ୍କ ପରିବା ବାହାରକୁ ଯାଇପାରିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ହୋଲସେଲର, ରିଟେଲର, ଚାଷୀଙ୍କ ମତାମତ ନିଆଯିବା ପରେ ଜିଲାରେ ପନିପରିବା ଅଭାବୀ ବିକ୍ରି ରୋକିବା ନେଇ ପଦକ୍ଷେପ ନିଆଯାଇଥିଲା।

ନୟାଗଡ, ଇଟାମାଟି, ସୁନାଖଳା, ରଣପୁର ଓ ଓଡ଼ଗାଁରେ ଥିବା ଆର୍‌ଏମ୍‌ସି ପ୍ରାଙ୍ଗଣରେ ଚାଷୀ ହୋଲସେଲରଙ୍କୁ ସନ୍ଧ୍ୟା ୫ଟାରୁ ରାତ୍ର ୮ଟା ମଧ୍ୟରେ ପନିପରିବା ଯୋଗାଇବେ। ହୋଲସେଲଙ୍କଠାରୁ ରିଟେଲର ସକାଳ ୫ଟାରୁ ୮ଟା ମଧ୍ୟରେ ପନିପରିବା କିଣିବେ। ପରେ ରିଟେଲରମାନେ ସ୍ଥାନୀୟ ହାଟରେ ସକାଳ ୮ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ବିକ୍ରି କରିବେ। ପଞ୍ଜୀକୃତ ବ୍ୟବସାୟୀମାନେ ଏଥିପାଇଁ ପାସ୍ ପାଇପାରିବେ। ଜିଲା ଭିତରେ ପନିପରିବା ବ୍ୟବସାୟ କ୍ଷେତ୍ରରେ ହୋଲସେଲର, ରିଟେଲର, ଚାଷୀଙ୍କ ପାଇଁ ଗାଡ଼ି ଚଳାଚଳରେ ଅସୁବିଧା ହେବ ନାହିଁ। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ସବୁ ପ୍ରକାର ସୁବିଧା ଯୋଗାଇ ଦିଆଯିବ ବୋଲି ଜିଲାପାଳ ଓ ଏସ୍‌ପି ପ୍ରତିଶ୍ରୁତି ଦେଇଛନ୍ତି। ବୈଠକରେ କିଛି ଚାଷୀ କହିଥିଲେ, ଗାଁରେ ବିକ୍ରି କଲେ ପୋଲିସଠାରୁ ମାଡ ଖାଇବାକୁ ପଡୁଛି। ପନିପରିବା ଜିଲା ବାହରକୁ ଯାଉନି। ବାଇଗଣ କି

ସଂକ୍ଷେପରେ

୮୭ ବାଇକ୍ ଜବତ

ରାଇରଙ୍ଗପୁର,୯।୪(ଡି.ଏନ୍.ଏ.): କରୋନା ସଂକ୍ରମଣ ରୋକିବା ଲାଗି ସାରା ଭାରତରେ ଲକ୍ ଡାଉନ କରାଯାଇଥିବା ବେଳେ ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ସବ୍ ଡିଭିଜନର ବିଭିନ୍ନ ସ୍ଥାନରେ ଅମାନିଆ ଗାଡ଼ି ଚାଳକମାନେ ଏହାକୁ ଉଲ୍ଲଂଘନ କରୁଥିବା ଦେଖିବାକୁ ମିଳିଥିଲା। କଟକଣା ଉଲ୍ଲଂଘନକାରୀଙ୍କୁ ସାବାଦ କରିବା ପାଇଁ ପୋଲିସ ପ୍ରଶାସନ କଡ଼ା ଆଭିମୁଖ୍ୟ ଗ୍ରହଣ କରି ଗୁରୁବାର ସୁଦ୍ଧା ୮୭ଟି ବାଇକ୍ ଜବତ କରିଥିବା ଜଣାପଡ଼ିଛି। ରାଇରଙ୍ଗପୁର ଟାଉନ ଓ ଗ୍ରାମାଞ୍ଚଳ ଥାନା ସମେତ ବହଳଦା, ଗୋରୁମହିଷାଣି ଏବଂ ବିଶୋଇ ଆଦି ଥାନା ଅଞ୍ଚଳରେ ପୋଲିସ ଏହି ବାଇକ୍ ଗୁଡିକ ଜବତ କରି ଥାନାରେ ରଖିଛି।

ଗଳାକଟା ଅବସ୍ଥାରେ ମହିଳା ଉଦ୍ଧାର

ସଜନାଗଡ଼, ୯।୪(ଡି.ଏନ.ଏ.)- ବାଲେଶ୍ୱର ଜିଲା ନୀଳଗିରିରେ ଏକ ଅଭାବନୀୟ ଘଟଣା ଘଟିଛି। ଘରେ ସ୍ୱାମୀ ନ ଥିବା ବେଳେ ମହିଳାଜଣଙ୍କୁ ଗଳାକଟା ଅବସ୍ଥାରେ ପରିବାର ଲୋକେ ଉଦ୍ଧାର କରି ନୀଳଗିରି ମେଡ଼ିକାଲରେ ଭର୍ତ୍ତି କରିଛନ୍ତି। ନୀଳଗିରି ଏନ୍ଏସି ୮ନଂ. ୱାର୍ଡ଼ ଅଧୀନ ଗୁଡ଼ିଖଣିଆ ଗ୍ରାମର ସୁନାରାମ ବିନ୍ଧାଣୀ ଗୁରୁବାର ସନ୍ଧ୍ୟାରେ ବଜାରକୁ ଯାଇଥିଲେ। ଉକ୍ତ ସମୟରେ ଘର ଭିତରୁ ତାଙ୍କ ସ୍ତ୍ରୀଙ୍କ ଚିତ୍କାର ଶୁଣି ପରିବାର ଲୋକେ ତାଙ୍କ ପାଖରେ ପହଞ୍ଚିଥିଲେ। ମହିଳାଙ୍କ ଗଳକଟା ଅବସ୍ଥାରେ ରକ୍ତ ଜୁଡୁବୁଡୁ ହୋଇ ସେ ପଡ଼ିଥିବା ଦେଖିବାକୁ ପାଇଥିଲେ। ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ନୀଳଗିରି ମେଡ଼ିକାଲକୁ ଅଣାଯାଇଥିଲା। ସେଠାରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ଡାକ୍ତର ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସ୍ୱାମୀ ସୁନାରାମ ନୀଳଗିରି ମେଡ଼ିକାଲରେ ପହଞ୍ଚିବା ସହ ପରିବାର ଲୋକଙ୍କ ସହଯୋଗରେ ସ୍ତ୍ରୀଙ୍କୁ ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଛନ୍ତି। ଗଳା କଟିବାର କାରଣ ଅସ୍ପଷ୍ଟ ରହିଛି।

ଲକ୍‌ଡାଉନ୍ ବେଳେ ବାଲି ଚୋରି, ୨ ଟ୍ରାକ୍ଟର ଜବତ

ଚମ୍ପୁଆ,୯।୪(ଡି.ଏନ.ଏ)- ଚମ୍ପୁଆରେ ଲକ୍‌ଡାଉନର ପ୍ରଭାବ ଜାରି ରହିଥିବା ବେଳେ ପ୍ରାୟତଃ ୯୫ ଭାଗ ଲୋକ ଘରେ ରହୁଛନ୍ତି। ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ କାଁ ଭାଁ କିଛି ଲୋକ ବାହାରକୁ ଆସୁଥିବା ବେଳେ ଚମ୍ପୁଆ ପୋଲିସ ପକ୍ଷରୁ ବାଇକ୍ ଉପରେ ଚଢ଼ାଉ ହେବା ଫଳରେ ଜନ ଜୀବନ ଏକ ପ୍ରକାର ଠପ୍ ହୋଇଥିବା ଦେଖିବାକୁ ମିଳିଛି। ଏହି ଲକ୍ ଡାଉନ୍‌ର ସୁଯୋଗ ନେଇ ବାଲି ମାଫିଆ ମାନେ ସକ୍ରିୟ ହୋଇଥିବା ବେଳେ କିଛି ଦିନ ତଳେ ରାଜସ୍ୱ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଜରିମାନା ଆଦାୟ କରାଯାଇଥିଲା। ମାତ୍ର ଏହାର ଦୁଇ ଦିନ ପରେ ଗତ ବୁଧବାର ରାତିରେ ବାଲି ଚୋରି କରିବାକୁ ଯାଇଥିବା ୨ ଟ୍ରାକ୍ଟରକୁ ପୋଲିସ ଜବତ କରିଥିବା ଆଇଆଇସି ମନୋରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।

ନାବାଳିକାଙ୍କ ଆତ୍ମହତ୍ୟା

ଯୋଡ଼ା, ୯।୪(ଡି.ଏନ.ଏ.)-କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ଦେଓଝର ଗ୍ରାମରେ ପାରିବାରିକ କଳହରୁ ଜଣେ ୧୨ ବର୍ଷୀୟା ନାବାଳିକା ଆତ୍ମହତ୍ୟା କରିଥିବା ଜଣାପଡିଛି। ମଙ୍ଗଳବାର ଉକ୍ତ ନାବାଳିକା ଜଣକ ପାରିବାରିକ କଳହକୁ କେନ୍ଦ୍ର କରି ନିକଟସ୍ଥ ଗ୍ରାମ ଜଙ୍ଗଲ ଯାଇ ଏକ ଗଛରେ ନିଜ ଓଢଣୀ ସାହାଯ୍ୟରେ ଫାଶ ଲଗାଇ ଆତ୍ମହତ୍ୟା କରିଥିଲେ। ସ୍ଥାନୀୟ ଲୋକେ ବୁଧବାର ମୃତଦେହ ଝୁଲୁଥିବା ଦେଖି ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବଡବିଲ ଡାକ୍ତରଖାନାକୁ ପଠାଇଛି। ଏନେଇ ବାମେବାରୀ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୦/୨୦୨୦) ରୁଜୁ କରି ତଦନ୍ତ ଜାରି ରହିଛି।

ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ସହାୟତା

ବାଲେଶ୍ୱର ଅଫିସ, ୯।୪- ବାଲେଶ୍ୱରସ୍ଥିତ ବାଲିଆ ରାମେଶ୍ୱର ମନ୍ଦିର ସମ୍ମୁଖରେ ଥିବା ମେସି ଫର୍ଗୁସନ ଟ୍ରାକ୍ଟର କମ୍ପାନୀର ଜିଲା ଡିଲର 'ମେସର୍ସ ଲକ୍ଷ୍ମୀରେଖା ଅଟୋମୋବାଇଲ୍ସ'ର ଦୁଇ ବିଜିନେସ୍ ପାର୍ଟନର ମନୋଜ କୁମାର ଜେନା ଏବଂ ଅମିତ ଅମିତାଭ ମହାକୁଡ଼ ଗୁରୁବାର ଓଡ଼ିଶା ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ୧ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି। ଲକ୍ଷ୍ମୀରେଖା ଅଟୋମୋବାଇଲ୍ସର ସମସ୍ତ କର୍ମଚାରୀ ନିଜ ନିଜର ଗୋଟିଏ ଦିନର ଦରମା ଓ ଦୁଇ ବିଜିନେସ୍ ପାର୍ଟନର ନିଜର ସଞ୍ଚୟ ରାଶିରୁ ଏହି ଅନୁଦାନ ଦେଇଥିଲେ।

ଓଡ଼ିଆ ଅକ୍ଷରରେ କାର୍ଟୁନ ଶିକ୍ଷା

ବାଲେଶ୍ୱର ଅଫିସ, ୯।୪

ଶିଳ୍ପୀ କେଶୁ ଦାସ ଓଡ଼ିଆ ଅକ୍ଷରରେ କାର୍ଟୁନ୍ ଶିଖାଉଛନ୍ତି।

କରୋନା ଭୂତାଣୁ ସଂକ୍ରମଣ ରୋକିବା ପାଇଁ ସାରା ଦେଶ ଏବେ ଲକ୍‌ଡାଉନ ରହିଛି। ଏହି ସମୟକୁ କିପରି ସଦୁପଯୋଗ କରାଯାଇପାରିବ ତାହାକୁ ନେଇ ବିଶିଷ୍ଟ ଶିଳ୍ପୀ କେଶୁ ଦାସ ଏକ ଅଭିନବ ପ୍ରୟାସ ଆରମ୍ଭ କରିଛନ୍ତି। ଓଡ଼ିଆ ବର୍ଣ୍ଣମାଳାଗୁଡ଼ିକୁ ନେଇ ସେ ସୁନ୍ଦର ସୁନ୍ଦର କାର୍ଟୁନ ତିଆରି କରୁଛନ୍ତି। ଡ୍ରଇଂ ଆସୁ ନ ଥିବା ଛୋଟ ବଡ଼ ସମସ୍ତେ ଏଥିରୁ ସହଜରେ ଶିକ୍ଷାଲାଭ କରିପାରିବେ। ଲକ୍‌ଡାଉନ ସମୟରେ ଏହାକୁ ଭିଡ଼ିଓଗ୍ରାଫି କରି ୟୁଟ୍ୟୁବ୍ ମାଧ୍ୟମରେ ଶିଳ୍ପୀ ଦାସ ଉପଲବ୍ଧ କରାଇଛନ୍ତି।

■ ୟୁଟ୍ୟୁବ୍‌ରେ ଅପ୍‌ଲୋଡ୍ ହେଲା ଚିତ୍ରଶିକ୍ଷାର ଅଭିନବ ଚାତୁରୀ
■ ଲକ୍‌ଡାଉନ ସମୟକୁ ସୃଜନଶୀଳତାରେ ଭରିବା ଶିଳ୍ପୀଙ୍କ ଉଦ୍ଦେଶ୍ୟ

ଓଡ଼ିଆ ଭାଷା ପାଇଁ କିଛି କରିବା ଏବଂ ଓଡ଼ିଶାବାସୀଙ୍କ ସମୟକୁ ସଦ୍‌ବିନିଯୋଗ କରିବା ପାଇଁ ଶିଳ୍ପୀ ଦାସ ଏହି ଅଭିଯାନ ଆରମ୍ଭ କରିଛନ୍ତି। ଏଥିରେ ଆଗ୍ରହୀ ସମସ୍ତେ ସାମିଲ ହୋଇ ତାଙ୍କ ଦ୍ୱାରା ପ୍ରସ୍ତୁତ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଅପଲୋଡ୍ ହୋଇଥିବା ଭିଡ଼ିଓକୁ ଦେଖିପାରିବେ। ସେ ପ୍ରତିଦିନ ଦୁଇଟି ଓଡ଼ିଆ ଅକ୍ଷରକୁ ନେଇ 'ଓଡ଼ିଆ ଅକ୍ଷରରେ କାର୍ଟୁନ୍ ଶିକ୍ଷା' ନାମକ ଏକ ଭିଡ଼ିଓ ଅପଲୋଡ୍ କରୁଛନ୍ତି। ଏହାକୁ ପରିବାରର ସମସ୍ତେ ଚାହିଁଲେ ସହଜରେ ଶିଖିପାରିବେ। ପୃଥିବୀର ସବୁ ଅକ୍ଷର ମଧ୍ୟରେ ସୁନ୍ଦର ଅକ୍ଷର ହେଉଛି ଓଡ଼ିଆ। ଏହି ସୁନ୍ଦର ଅକ୍ଷରକୁ ଲେଖିବା ହିଁ ଏକ ଚିତ୍ର। ତେଣୁ ଓଡ଼ିଆ ଅକ୍ଷର ଯିଏ ଶିଖିଛନ୍ତି, ସେମାନେ ଜଣେ ଚିତ୍ରକର। ସୁନ୍ଦର ଅକ୍ଷର ମଧ୍ୟରେ ମଧ୍ୟ ବହୁ ଚିତ୍ର ଲୁଚି ରହିଛି। ପ୍ରତ୍ୟେକ ଓଡ଼ିଆଙ୍କୁ ଏହା ସୂଚାଇ ଦେଲେ ସୁନ୍ଦର ଡ୍ରଇଂ କରି ସେମାନେ ଖୁସି ହେବେ ବୋଲି ଦାସ କହିଛନ୍ତି। ବିଶ୍ୱର ସବୁ ଲିପି ମଧ୍ୟରେ ସୁବଠାରୁ ସୁନ୍ଦର ହେଉଛି ଓଡ଼ିଆ ଲିପି। ଏ ଲିପି ଭିତରେ ଲୁଚି ରହିଛି ସୁନ୍ଦର ଚିତ୍ର। ସେସବୁ ଏହି ଲକ୍‌ଡାଉନ୍ ସମୟରେ ସମସ୍ତେ ଶିଖିପାରିବେ। ବହୁ କଷ୍ଟରେ ନିଜ ଘରେ ଛୋଟ ଏକ ଷ୍ଟୁଡ଼ିଓ କରିଛନ୍ତି ଶିଳ୍ପୀ ଦାସ। ତାଙ୍କ ସାନପୁଅ ଅଙ୍କିତ ନିଜ ମୋବାଇଲରେ ଏହି ଅକ୍ଷର ଓ ଚିତ୍ର ଶିକ୍ଷାକୁ ଭିଡ଼ିଓ କରନ୍ତି। ପରେ ମୋବାଇଲରେ ଏଡ଼ିଟିଂ ମଧ୍ୟ କରାଯାଏ। ପ୍ରତିଦିନ ଏହି ସିରିଜ ଭିଡ଼ିଓ ପ୍ରସ୍ତୁତିରେ ତାଙ୍କ ପତ୍ନୀ କନକଲତାଙ୍କ ସହଯୋଗ ମଧ୍ୟ କରନ୍ତି। ଲକ୍‌ଡାଉନ ବେଳେ ପୁରା ପରିବାରକୁ ଶିଳ୍ପୀ ଦାସ ଏହି କାର୍ଯ୍ୟରେ ଲଗାଇଛନ୍ତି। ଫାଙ୍କା ସମୟକୁ ସୃଜନଶୀଳତାରେ ଭରିବା ତାଙ୍କର ଇଚ୍ଛା।

ପ୍ରକାଶଥାଉ କି, ୧୯୯୮ରେ ଏହି ପବ୍ଲିକେଶନ ଦ୍ୱାରା ଶିଳ୍ପୀ କେଶୁଦାସଙ୍କ 'ଓଡ଼ିଆ ବର୍ଣ୍ଣମାଳା ସହ ସହଜ କାର୍ଟୁନ ଶିକ୍ଷା' ପୁସ୍ତକ ପ୍ରକାଶ ପାଇଥିଲା। ସେଥିରେ ଛୋଟ କବିତା ସହ 'ଅ ରୁ କ୍ଷ' ପର୍ଯ୍ୟନ୍ତ ଓଡ଼ିଆ ଅକ୍ଷରରେ କାର୍ଟୁନ କରିବାର ଧାରା କୁହାଯାଇଥିଲା। ସେହି ପୁସ୍ତକର ଭିଡ଼ିଓଗ୍ରାଫି କରି ଲକ୍‌ଡାଉନ ସମୟରେ ୟୁଟ୍ୟୁବ୍ ମାଧ୍ୟମରେ ଶିଳ୍ପୀ ଦାସ ଉପଲବ୍ଧ କରାଇଛନ୍ତି।

ବାଜିଲାନି ସାହାନାଇ

ଭୋଗରାଇ, ୯।୪(ଡି.ଏନ.ଏ.)

ଚନ୍ଦନେଶ୍ୱର ମହାଦେବ କାମିନୀଙ୍କୁ ବିବାହ କରି ମନ୍ଦିରରେ ବିଜେ କରୁଛନ୍ତି।

ଫିକା ପଡ଼ିଲା ଚନ୍ଦନେଶ୍ୱରଙ୍କ କାମିନୀ ବିବାହ

କରୋନା ପାଇଁ ବାଲେଶ୍ୱର ଜିଲା ଭୋଗରାଇ ସୀମାନ୍ତ ବିଶ୍ୱପ୍ରସିଦ୍ଧ ଚନ୍ଦନେଶ୍ୱର ମହାଦେବଙ୍କ ଚୈତ୍ର ଚଡ଼କ ମେଳା ଚଳିତବର୍ଷ ଫିକା ପଡ଼ିଛି। ଚନ୍ଦନେଶ୍ୱର ଟ୍ରଷ୍ଟ ବୋର୍ଡ଼ ତଥା ଜିଲା ପ୍ରଶାସନର କଡ଼ା କଟକଣା ଯୋଗୁ ହୁରୁଳି ଗ୍ରାମର ଜଳଯନ୍ତ୍ର ଦେବତା ସମିତି ସେବାୟତ ଓ ଭକ୍ତମାନେ ନିରାଡମ୍ବର ଭାବେ ବୁଧବାର ଚନ୍ଦନେଶ୍ୱରଜୀଉ ଓ କାମିନୀଙ୍କୁ ବିବାହ କରାଇଥିଲେ। କେବଳ ଚନ୍ଦନେଶ୍ୱର ମହାଦେବଙ୍କ ଶ୍ରେଷ୍ଠଭକ୍ତ ପାଟଭକ୍ତ, ଦେଉଳିଆ, ଶ୍ରୀବେକିଡ଼ି (ତିନି ଉପବୀତ ଧାରିଭକ୍ତ) ସହିତ ମାଳାକାର, ସେବାୟତଙ୍କ ଦ୍ୱାରା ଚନ୍ଦନେଶ୍ୱର ମହାଦେବଙ୍କ ଗର୍ଭଗୃହ ମଧ୍ୟରେ ନୀତିକାନ୍ତି ପୂଜାପାଠରେ ସମାପନ ହୋଇଛି। ଏହି ବିବାହରେ ପୂର୍ବଭଳି ଶାହାନାଇ ବାଜିନି କି ଆତସବାଜି ପ୍ରଦର୍ଶନ କରାଯାଇନି। ସେବାୟତ, ଟ୍ରଷ୍ଟବୋର୍ଡ଼ର ସଦସ୍ୟ, ଭକ୍ତ ସାମାଜିକ ଦୂରତା ରକ୍ଷା କରି ନୀତିକାନ୍ତି ପୂଜାରେ ମହାଦେବଙ୍କୁ ଆରାଧନା କରିଥିଲେ। ଆସନ୍ତା ଶନିବାର 'ମହାନୀଳ ପର୍ବ' ଓ ରବିବାର ପ୍ରସିଦ୍ଧ ପାଟ ଉତ୍ସବ ସାମାଜିକ ଦୂରତ୍ୱ ପାଳନ ମାଧ୍ୟମରେ ବିଧିରକ୍ଷା ହେବ ବୋଲି ଟ୍ରଷ୍ଟ ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି।

ରକ୍ତ ଅଭାବ ଦୂରେଇବାକୁ ପ୍ରୟାସ

ବାରିପଦା ଅଫିସ, ୯।୪

ଶିବିରରେ ଯୁବକମାନେ ରକ୍ତଦାନ କରୁଛନ୍ତି ।

ଲକଡାଉନ ସ୍ଥିତିଯୋଗୁଁ ବ୍ଲଡ଼ ବ୍ୟାଙ୍କରେ ରକ୍ତର ଘୋର ଅଭାବ ଦେଖାଦେଇଛି। ଏଭଳି ସମୟରେ ମୟୂରଭଞ୍ଜ ବିଜୁ ଜନତା ଦଳ ପକ୍ଷରୁ ଜୀବନ ବନ୍ଧୁ ରକ୍ତଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବ୍ଲଡ ବ୍ୟାଙ୍କ ପରିସରରେ ହୋଇଥିବା ଏହି ଶିବିରକୁ ବିଜେଡି ଜିଲା ସଭାପତି ତଥା ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁଦାମ ମାଣ୍ଡି ଉଦ୍‌ଘାଟନ କରିଥିଲେ। ଏଥିରେ ୪୭ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟସଭା ସଦସ୍ୟା ମମତା ମହାନ୍ତ, ରାଜ୍ୟ ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ସୁନୀଲ କୁମାର ଦାଶ, ପୂର୍ବତନ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଡ. ଦେବାଶିଷ ମାରାଣ୍ଡି, କୃଷି ଶିଳ୍ପ ନିଗମ ଅଧ୍ୟକ୍ଷ ଦେବାଶିଷ ମହାନ୍ତି, ଜିଲା ଯୁବ ବିଜୁ ଜନତା ଦଳ ସଭାପତି ଜିତେନ୍ଦ୍ର ମହାନ୍ତି, ରାଜ୍ୟ ଛାତ୍ର ବିଜେଡି ସାଧାରଣ ସମ୍ପାଦକ ଅବଦୁଲ ହାବିବ୍ ପ୍ରମୁଖ ଉପସ୍ଥିତ ଥିଲେ। କରୋନା ଭଳି ପରିସ୍ଥିତି ସମୟରେ ଏହିଭଳି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିବାରୁ ମନ୍ତ୍ରୀ ମାରାଣ୍ଡି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

ହଜିଥିବା ଅର୍ଥ ଫେରିପାଇଲେ ଯୁବକ

ଆରତି, ୯।୪(ଡି.ଏନ.ଏ.)

ଭଦ୍ରକ ଜିଲା ଧୂଷୁରୀ ଥାନା ଅନ୍ତର୍ଗତ ପାୟାସାହି ଗ୍ରାମର ରାଜେଶ ଖାଁ ଏକ ଘରୋଇ ବ୍ୟାଙ୍କରୁ ୨୫ ହଜାର ଟଙ୍କା ଉଠାଇ ନିଜ ଘରକୁ ସାଇକେଲ ଯୋଗେ ଫେରିଥିଲେ । ବାଟରେ ଆସିଲା ବେଳେ ସୂର୍ଯ୍ୟପୁର ନିକଟରେ ତାଙ୍କର ମନିପର୍ସ ଗଳି ପଡିଥିଲା । ସେ ଏ ବିଷୟରେ ଅନଭିଜ୍ଞ ଥିଲେ। ଧୂଷୁରୀ ଯିବା ବାଟରେ ପାଳସାହି ଗ୍ରାମର ଅଜିତ ଦାସ ଓ ପାଳସାହି ସରପଞ୍ଚଙ୍କ ସ୍ୱାମୀ ପଣ୍ଡିତ ପଞ୍ଚାନନ ମିଶ୍ର ରାଜେଶଙ୍କ ହଜିଥିବା ପର୍ସ ରାସ୍ତା ଉପରେ ପଡିଥିବା ଦେଖିଥିଲେ। ସେହି ପର୍ସକୁ ନେଇ ସେମାନେ ଧୂଷୁରୀ ଥାନାରେ ଦେଇଥିଲେ। ସବ୍‌ଇନ୍ସପେକ୍ଟର ବିଭୂତିଭୂଷଣ ସ୍ୱାଇଁ ବ୍ୟାଙ୍କ ସହ ଯୋଗାଯୋଗ କରି ରାଜେଶଙ୍କୁ ଥାନାକୁ ଡାକିଥିଲେ। ସେ ଉପଯୁକ୍ତ ପ୍ରମାଣ ଦେଖାଇ ସମସ୍ତ ଟଙ୍କା ଆଣିଥିଲେ। ୨ ବ୍ୟକ୍ତିଙ୍କ ବଦାନ୍ୟତାରୁ ରାଜେଶ ଟଙ୍କା ଫେରିପାଇଥିବାରୁ କୃତଜ୍ଞତା ଜଣାଇଛନ୍ତି।

ଭୁବନେଶ୍ୱର ଫେରନ୍ତା ପରିବାରକୁ ନେଇ ଅଶାନ୍ତି

ସୋର,୯।୪(ଡି.ଏନ୍.ଏ): ଭୁବନେଶ୍ୱରର ଝାରପଡ଼ା ଅଞ୍ଚଳରେ ରହୁଥିବା ଏକ ପରିବାର ମଙ୍ଗଳବାର ରାତିରେ ସୋର ବ୍ଲକ ଅଧୀନ ଗୋପୀନାଥପୁର ପଞ୍ଚାୟତ ଅଞ୍ଚଳକୁ ପଳାଇ ଆସିଥିବାରୁ ଏନେଇ ଗାଁରେ ଅଶାନ୍ତି ଦେଖା ଦେଇଛି। ଗାଁ ଲୋକେ ଉକ୍ତ ପରିବାରକୁ ସରକାରଙ୍କ ସଙ୍ଗରୋଧ କେନ୍ଦ୍ରରେ ରହିବା ପାଇଁ କହୁଥିବା ବେଳେ ସେମାନେ ସେଠାକୁ ଯାଇ ନାହାନ୍ତି। କରୋନା ଭୟରେ ଗ୍ରାମବାସୀ ଆତଙ୍କିତ ହୋଇ ପଡ଼ିଛନ୍ତି। ସୋର ଥାନା ପୋଲିସ୍ ଓ ପ୍ରଶାସନିକକ ଅଧିକାରୀ ଉକ୍ତ ପରିବାରଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବାପାଇଁ ପରାମର୍ଶ ଦେଇଛନ୍ତି ।

ଫୋନ୍‌ରେ ଡାକ୍ତରଙ୍କ ସହ ରୋଗୀଙ୍କ ପରାମର୍ଶ

କେନ୍ଦୁଝର, ୯।୪(ଡି.ଏନ.ଏ.)

ଲକ୍ ଡାଉନ୍ ପରିସ୍ଥିତିକୁ ଲକ୍ଷ୍ୟ କରି ସାଧାରଣ ଲୋକଙ୍କ ସୁବିଧା ପାଇଁ ଜିଲା ପ୍ରଶାସନ କେତେକ ଡାକ୍ତରଙ୍କ ନାମ ଏବଂ ଫୋନ୍ ନମ୍ବର ଘୋଷଣା କରିଛନ୍ତି। ଯେ କୌଣସି ଅସୁସ୍ଥ ବ୍ୟକ୍ତି ଏହି ଡାକ୍ତରମାନଙ୍କୁ ସେମାନଙ୍କର ଫୋନ୍ ନମ୍ବରରେ ଯୋଗାଯୋଗ କରି ପ୍ରାଥମିକ ଚିକିତ୍ସା ସୁବିଧା ପାଇପାରିବେ। ମିଳିଥିବା ସୂଚନା ଅନୁସାରେ, ଭେଷଜ ବିଶେଷଜ୍ଞ ଡାକ୍ତର ବିନୋଦ ବିହାରୀ ମିଶ୍ର ପ୍ରତିଦିନ ସକାଳ ୮ଟାରୁ ୧୦ଟା ପର୍ଯ୍ୟନ୍ତ ମୋବାଇଲ ନମ୍ବର ୯୪୩୭୨୩୯୧୪୭, ଭେଷଜ ବିଶେଷଜ୍ଞ ଡାକ୍ତର ପ୍ରଦୀପ କୁମାର ମିଶ୍ର ସକାଳ ୧୦ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଫୋନ୍ ନମ୍ବର ୯୪୩୭୨୩୯୨୫୯ରେ, ଯକ୍ଷ୍ମା ପରାମର୍ଶଦାତା ଡାକ୍ତର ପ୍ରଶାନ୍ତ କୁମାର ମିଶ୍ର ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ୯୪୩୭୨୩୯୨୫୯ ମୋବାଇଲ ନମ୍ବରରେ, ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ପ୍ରଦୀପ କୁମାର ମହାକୁଡ ଅପରାହ୍ନ ୨ଟାରୁ ୪ଟା ପର୍ଯ୍ୟନ୍ତ ମୋବାଇଲ ନମ୍ବର ୮୨୪୯୬୧୦୫୫୨ରେ, ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ଅଜୟ କୁମାର ମହାନ୍ତି ଅପରାହ୍ନ ୪ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଫୋନ୍ ନମ୍ବର ୭୦୭୭୮୭୩୩୮୮ରେ, ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ରବୀନ୍ଦ୍ର କୁମାର ସାହୁଙ୍କୁ ସନ୍ଧ୍ୟା ୬ଟାରୁ ରାତି ୮ଟା ପର୍ଯ୍ୟନ୍ତ ୭୯୭୮୦୦୩୫୮୦ ମୋବାଇଲ ନମ୍ବରରେ, ଭେଷଜ ବିଶେଷଜ୍ଞ ଡାକ୍ତର ପୁରୁଷୋତ୍ତମ ମହାନ୍ତଙ୍କୁ ରାତି ୮ଟାରୁ ୧୦ଟା ପର୍ଯ୍ୟନ୍ତ ୯୪୩୮୮୦୮୬୮୯ରେ, ଆସିଷ୍ଟାଣ୍ଟ ସର୍ଜନ ଡାକ୍ତର ପୁରୁଷୋତ୍ତମ ପ୍ରଧାନଙ୍କୁ ସକାଳ ୮ଟାରୁ ୧୦ଟା ପର୍ଯ୍ୟନ୍ତ ୯୪୩୮୮୦୮୬୮୯ ମୋବାଇଲ ନମ୍ବରରେ, ଆସିଷ୍ଟାଣ୍ଟ ସର୍ଜନ ଡାକ୍ତର ରମାକାନ୍ତ ମୁଣ୍ଡା ସକାଳ ୧୦ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ୯୪୩୮୦୮୩୫୬୦ ମୋବାଇଲ ନମ୍ବରରେ ଉପଲବ୍ଧ ରହିବେ। ଏହି ଡାକ୍ତରଙ୍କ ସହ ପ୍ରତିଦିନ ପରାମର୍ଶ କରିପାରିବେ ବୋଲି ଜିଲା ପ୍ରଶାସନ ଏବଂ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଏସ୍‌ଇଏମ୍‌ଙ୍କୁ ବାନ୍ଧିଲେ ଗ୍ରାମବାସୀ

ସଜନାଗଡ଼, ୯।୪(ଡି.ଏନ.ଏ.)

ଗ୍ରାମବାସୀ ଗରା, ବାଲ୍‌ଟି ଧରି ପ୍ରତିବାଦ କରୁଛନ୍ତି ।

ଜରୁରିକାଳୀନ ଭିତ୍ତିରେ ହେଲା ନଳକୂପ ମରାମତି

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅଧୀନ କେସିପୁର ପଞ୍ଚାୟତର ଭାଲିଆପୁଷି ଗ୍ରାମରେ ଅଚଳ ନଳକୂପକୁ ତୁରନ୍ତ ମରାମତି କରାଯାଉ ନ ଥିବାରୁ ସ୍ଥାନୀୟ ବାସିନ୍ଦାଙ୍କ ଅସନ୍ତୋଷ ଉଗ୍ରରୂପ ଧାରଣ କରିଛି। ଗୁରୁବାର ଏହାକୁ ମରାମତି କରିବାକୁ ଯାଇଥିବା ପଞ୍ଚାୟତସ୍ତରୀୟ ସ୍ୱ । ବ ଲ ମ୍ବ । କାରିଗର(ଏସ୍‌ଇଏମ୍) କୈଳାସ ବେହେରା ଆକ୍ରୋଶର ଶିକାର ହୋଇଛନ୍ତି। ଲୋକେ ତାଙ୍କୁ ବାନ୍ଧି ପକାଇବା ସହ ଗରା, ବାଲଟି ରଖି ଏହାର ଭିଡିଓ ଉତ୍ତୋଳନ କରି ଏହାକୁ ବିଡିଓ, ଜେଇ, ସରପଞ୍ଚ ଓ ସ୍ଥାନୀୟ ବିଧାୟକଙ୍କ ନିକଟକୁ ପଠାଇଥିଲେ। ପ୍ରଶାସନସ୍ତରରେ ଏ ସମ୍ପର୍କରେ ଅବଗତ ହେବା ପରେ ବିଡ଼ିଓ ଅନିତା ନାୟକ ଜେଇଙ୍କୁ ସମସ୍ତ ବିଷୟ ଅବଗତ କରାଇ ଜରୁରୀକାଳୀନ ଭିତ୍ତିରେ ନଳକୂପ ମରାମତି କାର୍ଯ୍

ସଂକ୍ଷେପରେ

ଲକ୍‌ଡାଉନ ନିୟମ ଉଲ୍ଲଂଘନ, ୯ ଗିରଫ

ଦିଗପହଣ୍ଡି,୯।୪(ଡି.ଏନ.ଏ.): ଲକ୍‌ଡାଉନ ନିୟମ ଉଲ୍ଲଂଘନ ଅଭିଯୋଗରେ ଦିଗପହଣ୍ଡି ସହରରୁ ପୋଲିସ ୯ ଜଣଙ୍କୁ ଗୁରୁବାର ଗିରଫ କରିବା ସହ ୫ ବାଇକ୍ ଜବତ କରିଛି। ଅଭିଯୁକ୍ତମାନଙ୍କ ନାଁରେ ନଂ.୭୪/୨୦ ଦଫା-୧୮୮/୨୬୯/୨୭୦/୩୪ ରେ ମାମଲା ରୁଜୁ କରାଯାଇଥିବା ଆଇଆଇସି ବସନ୍ତ କୁମାର ସେଠୀ କହିଛନ୍ତି।

ମାସ୍କ ପିନ୍ଧି ନ ଥିବାରୁ ଜରିମାନା ଆଦାୟ

ଭଞ୍ଜନଗର,୯।୪(ଡି.ଏନ.ଏ.): ଘରୁ ବାହାରିଲେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି। ଏହାକୁ ଯିଏ ଅମାନ୍ୟକଲେ ତାଙ୍କୁ ଜରିମାନା ପକାଯାଉଛି। ଏହିଭଳି ଭଞ୍ଜନଗର ଉପଖଣ୍ଡରେ ବୁଧବାର ଓ ଗୁରୁବାର ଦୁଇଦିନ ମଧ୍ୟରେ ମାସ୍କ ବ୍ୟବହାର କରି ନ ଥିବା ବ୍ୟକ୍ତିଙ୍କ ଠାରୁ ୧୫ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହାଦ୍ୱାରା ଲୋକେ ମାସ୍କ ବ୍ୟବହାର ନେଇ ଅଧିକ ସଚେତନ ହେବେ।

ବଜ୍ରପାତରେ ମଠ ଦଧିନଉତି ଖସିଲା

ଗଞ୍ଜାମ,୯।୪(ଡି.ଏନ୍.ଏ.): ଗଞ୍ଜାମ ସହରରେ ବୁଧବାର ସନ୍ଧ୍ୟାରେ ପ୍ରବଳ ବର୍ଷା ସହ ବଜ୍ରପାତ ହୋଇଥିଲା। ଏଥିରେ ପଣ୍ଡାସାହି ଚଉଦ ଘରିଆ ଗୌର ଗୋପାଳ ମଠ ଦଧିନଉତି ଖସି ପଡିଛି। ଏଥିସହିତ ମଠ ଛାତ ମଧ୍ୟ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ଏହି ପ୍ରାଚୀନ ମଠଟି ପ୍ରାୟ ୨୦୦ ବର୍ଷ ତଳର ବୋଲି ସାହିର ବୟୋଜ୍ୟେଷ୍ଠମାନେ କହିଛନ୍ତି।

ପାଣିରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ପୁରୁଷୋତ୍ତମପୁର,୯।୪(ଡି.ଏନ.ଏ.): ପୁରୁଷୋତ୍ତମପୁର ଥାନା ଶିକୁଳା ଗ୍ରାମସ୍ଥିତ ବନ୍ଧରେ ଗାଧୋଇବା ବେଳେ ବୁଡିଯାଇ ଗୁରୁବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ବନ୍ତା ଗ୍ରାମର ପୂର୍ଣ୍ଣଚନ୍ଦ୍ର ସାହୁ (୪୫)। ପୂର୍ଣ୍ଣଚନ୍ଦ୍ର ଶ୍ୱଶୁର ଘର ଗାଁରୁ ସ୍ତ୍ରୀ ଓ ପିଲାମାନଙ୍କୁ ନେବାପାଇଁ ଆସିଥିଲେ। ହେଲେ ଲକ୍‌ଡାଉନ ଯୋଗୁ ଘରକୁ ଫେରିପାରି ନ ଥିଲେ। ଗୁରୁବାର ଗାଧୋଇବା ପାଇଁ ଯାଇଥିବା ବେଳେ ଗୋଡ଼ ଖସିଯିବାରୁ ପାଣିରେ ବୁଡି ଯାଇଥିଲେ। ପୁରୁଷୋତ୍ତମପୁର ଦମକଳ ବାହିନୀ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ।

କୂଅରୁ ମହିଳାଙ୍କ ମୃତଦେହ ଉଦ୍ଧାର

ବ୍ରହ୍ମପୁର ଅଫିସ,୯।୪: ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଲାଞ୍ଜିପଲ୍ଲୀ, ରାମନଗର ୨ୟ ଲେନ୍‌ରୁ ଗୁରୁବାର ଜଣେ ମହିଳାଙ୍କ ମୃତଦେହ ଏକ କୂଅରୁ ଅଗ୍ନିଶମ ବିଭାଗ ଉଦ୍ଧାର କରିଛି। ମୃତ ମହିଳା ହେଲେ ସନ୍ଧ୍ୟାରାଣୀ ମହାରଣା (୩୦)। ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ସନ୍ଧ୍ୟାରାଣୀଙ୍କ ଭାଇ ସନ୍ତୋଷଙ୍କ ଅଭିଯୋଗ କ୍ରମେ ନଂ.୧୭୨/୨୦ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

ଆରମ୍ଭ ହେଲା ଘର ଘର ବୁଲି ସ୍ୱାସ୍ଥ୍ୟ ଯାଞ୍ଚ

ଛତ୍ରପୁର/ହିଞ୍ଜିଳିକାଟୁ/ଆସିକା/ଶେରଗଡ଼,(ଡି.ଏନ୍.ଏ.)/ବ୍ରହ୍ମପୁର ଅଫିସ, ୯।୪

ଜିଲାପାଳଙ୍କ ଉପସ୍ଥିତିରେ ଜଣେ ବ୍ୟକ୍ତିଙ୍କଠାରୁ ତଥ୍ୟ ସଂଗ୍ରହ କରାଯାଉଛି।

- ୪୦ ଲକ୍ଷ ଲୋକଙ୍କୁ କରାଯିବ ସ୍କ୍ରିନିଂ
- ୩ଦିନ ମଧ୍ୟରେ ସାରିବାକୁ ନିର୍ଦ୍ଦେଶ

କରୋନା ସଂକ୍ରମଣ ଆଶଙ୍କା ପ୍ରତିହତ କରିବା ପାଇଁ ଗଞ୍ଜାମ ଜିଲାର ପ୍ରତ୍ୟେକ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଆରମ୍ଭ ହୋଇଛି। ୩ ଦିନ ମଧ୍ୟରେ ଏହି କାର୍ଯ୍ୟ ସରିବ। ଏହି ରିପୋର୍ଟକୁ ଆଧାର କରି କାହାର ଯଦି ସ୍ୱାସ୍ଥ୍ୟ ଖରାପ ଥିବ ସେ ସମ୍ପର୍କରେ ବିଭାଗକୁ ଅବଗତ କରାଯିବ। ସ୍ୱାସ୍ଥ୍ୟ ଟିମ୍ ଉକ୍ତ ବ୍ୟକ୍ତିଙ୍କୁ ଆମ୍ବୁଲାନରେ ଆଣି ଚିକିତ୍ସା ବ୍ୟବସ୍ଥା କରିବେ ବୋଲି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସୂଚନା ଦେଇଛନ୍ତି। ଜିଲାର ୭ ଲକ୍ଷ ପରିବାରର ୪୦ ଲକ୍ଷ ଲୋକଙ୍କ ସ୍କ୍ରିନିଂ କରାଯିବ।

ଗୁରୁବାର ସକାଳ ୭ଟାରେ ଜିଲାପାଳ କୁଲାଙ୍ଗେଙ୍କ ଉପସ୍ଥିତିରେ ହିଞ୍ଜିଳିକାଟୁ ବ୍ଲକ ସାରୁ ଗ୍ରାମରେ ସ୍ୱାସ୍ଥ୍ୟ ଯାଞ୍ଚ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀ, ସ୍ୱାସ୍ଥ୍ୟ ସୁପରଭାଇଜର, ଜଣେ ଶିକ୍ଷକଙ୍କୁ ନେଇ ଗଠିତ ୱାର୍ଡ ସ୍କ୍ରିନିଂ ଟିମ୍ ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରିଥିଲେ। ଏକ ନିର୍ଦ୍ଦିଷ୍ଟ ଫର୍ମରେ ପରିବାର ସଦସ୍ୟଙ୍କ ନାମ, ପରିବାରରେ କେହି କୌଣସି ସ୍ୱାସ୍ଥ୍ୟଗତ ସମସ୍ୟାରେ ଥିଲେ ତାହା ଲେଖାଯାଇଛି। ଏଥିସହ ପରିବାର ସଦସ୍ୟଙ୍କ ବିଭିନ୍ନ ଗନ୍ତବ୍ୟ ସ୍ଥାନ ମଧ୍ୟ ଲେଖାଯାଇଛି। ଅପରାହ୍ନରେ ଜିଲାପାଳ ବ୍ରହ୍ମପୁରରେ ଚାଲିଥିବା ସ୍ୱାସ୍ଥ୍ୟ ଯାଞ୍ଚର ଅନୁଧ୍ୟାନ କରିଛନ୍ତି। ମହାନଗର ନିଗମ ୧୬ ନଂ. ୱାର୍ଡ ଅନ୍ତର୍ଗତ ଖାଲାସି ସାହିରେ ଜିଲାପାଳ ଘରକୁ ଘର ବୁଲି ଲୋକଙ୍କୁ କୋଭିଡ୍-୧୯ ସମ୍ପର୍କରେ ସଚେତନ କରିବା ସହ ନିୟମିତ ମାସ୍କ ବ୍ୟବହାର ଏବଂ ହାତ ଧୋଇବା ନେଇ ସଚେତନ କରିଥିଲେ। ବିଏମ୍‌ସି କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର, ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ(ଏନ୍‌ୟୁଏଚ୍‌ଏମ୍) ଆସିଷ୍ଟାଣ୍ଟ ପ୍ରୋଗ୍ରାମ ମ୍ୟାନେଜର ଲମ୍ବୋଦର ଦିଗାଲ, ଏସ୍‌ଏନ୍‌ଟି ରୋଡ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର(ୟୁପିଏଚ୍‌ସି) ସ୍ୱାସ୍ଥ୍ୟକର୍ମୀଙ୍କ ସମେତ ଆଶା, ଏଏନ୍‌ଏମ ଓ ଅଙ୍ଗନୱାଡି କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ। ଆସିକା ବ୍ଲକର ୨୭ ପଞ୍ଚାୟତ ଲାଗି ଗଠିତ ୨୫୧ ଟିମ୍ ଓ ଏନ୍‌ଏସିର ୧୮ ୱାର୍ଡ ଲାଗି ଗଠିତ ୨୭ଟି ଟିମ୍ ଘରକୁ ଘର ବୁଲି ପ୍ରତ୍ୟେକ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରିଛନ୍ତି। ସେହିପରି ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର କୁମାର ମିଞ୍ଜଙ୍କ ଉପସ୍ଥିତିରେ ଶେରଗଡ ଠାରେ ଘର ଘର ବୁଲି ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚର ଶୁଭାରମ୍ଭ କରାଯାଇଛି। ବିଡିଓ ସୁରଞ୍ଜନ କୁମାର ସାହୁ, ତହସିଲଦାର ଡ.ଦୟାସିନ୍ଧୁ ପରିଡା, ସୁପରଭାଇଜର ଗେଲି ସାରିଆ ସାହୁଙ୍କ ସହ ଅଙ୍ଗନୱାଡି କର୍ମୀ ଘର ଘର ବୁଲି ତଥ୍ୟ ସଂଗ୍ରହ କରିଥିଲେ।

ଗଞ୍ଜାମର ସମସ୍ତ ପ୍ରବେଶ ପଥରେ ସିସି କ୍ୟାମେରା, ମୁତୟନ ହେବେ ମାଜିଷ୍ଟ୍ରେଟ

ଛତ୍ରପୁର,୯।୪(ଡି.ଏନ୍.ଏ.)

ଅଗାନିଆ ଗଣିଲେ ୧ଲକ୍ଷ ୧୭ ହଜାର ଜରିମାନା

ଗଞ୍ଜାମ ଜିଲାର ସମସ୍ତ ପ୍ରବେଶ ପଥରେ ସିସି କ୍ୟାମେରା ଲାଗିବ ଓ ମାଜିଷ୍ଟ୍ରେଟ ମୁତୟନ ହେବେ। ସମସ୍ତ ଯାନବାହନ ଯାଞ୍ଚ କରାଯିବ। ମାଲବାହୀ ଗାଡି ଚାଳକ ଓ ହେଲ୍‌ପର ପରିଚୟପତ୍ର ଦେଖାଇଲେ ଜିଲା ଭିତରକୁ ଛଡାଯିବ। ସେଥିରେ ଯାତ୍ରୀ ପରିବହନ କଲେ ଚାଳକଙ୍କୁ ଗିରଫ ସହ ଗାଡି ଜବତ କରାଯିବ। କୌଣସି କର୍ମଚାରୀ ମୁଖ୍ୟାଳୟ ଛାଡି ପାରିବେ ନାହିଁ। ଆବଶ୍ୟକବେଳେ କାମ ନ କଲେ ମହାମାରୀ ଆଇନରେ ସେମାନଙ୍କୁ ଗିରଫ କରାଯିବ। ସବୁ ଦୋକାନୀ 'ମାସ୍କ ନାହିଁ ତ ସଉଦା ନାହିଁ' ଫଳକ ଲଗାଇବେ। ମାସ୍କ ନ ଲଗାଇଥିବା ବ୍ୟକ୍ତିଙ୍କଠାରୁ ଗୁରୁବାର ୧ଲକ୍ଷ ୧୭ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ସେମାନଙ୍କଠାରୁ ୨ଶହରୁ ଅଧିକ ଟଙ୍କା ଜରିମାନା ଆଦାୟ କରାଯାଇପାରିବ ନାହିଁ ବୋଲି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି।

ଗଞ୍ଜାମରେ ଅତିଥି ଟ୍ରାନ୍‌ଜିଟ କ୍ୟାମ୍ପ

ଛତ୍ରପୁର,୯।୪(ଡି.ଏନ୍.ଏ.)

ରାଜ୍ୟ ବାହାର ଶ୍ରମିକ ଓ ତାଙ୍କ ପରିବାର ସଦସ୍ୟଙ୍କ ପାଇଁ ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ଅତିଥି ଟ୍ରାନ୍‌ଜିଟ କ୍ୟାମ୍ପ ଖୋଲାଯାଇଛି। କରୋନା ସଂକ୍ରମଣରୁ ରକ୍ଷା ପାଇଁ ଜିଲାର ଛତ୍ରପୁର ବ୍ଲକ ଚମାଖଣ୍ଡି ଓଡିଶା ଆଦର୍ଶ ବିଦ୍ୟାଳୟରେ ଖୋଲିଥିବା ଅତିଥି ଟ୍ରାନ୍‌ଜିଟ କ୍ୟାମ୍ପରେ ତାମିଲନାଡୁ, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ ଆଦି ରାଜ୍ୟର ଶ୍ରମିକ ଓ ସେମାନଙ୍କ ପରିବାର ସଦସ୍ୟଙ୍କୁ ରଖାଯାଇଛି। ସେମାନଙ୍କ ଥଇଥାନ, ଖାଦ୍ୟପେୟର ବନ୍ଦୋବସ୍ତ, ଜରୁରୀ ଉପକରଣ ଯୋଗାଣ, ସ୍ୱାସ୍ଥ୍ୟ ପରୀକ୍ଷା ଭଳି ସମସ୍ତ ବ୍ୟବସ୍ଥା ଜିଲାପ୍ରଶାସନ ପକ୍ଷରୁ କରାଯାଇଛି। ଶିଶୁଙ୍କୁ ଖେଳ ଉପକରଣ ଦିଆଯାଇଛି। ରନ୍ଧାଖାଦ୍ୟ, ପିଇବା ପାଣି, ସାବୁନ, ମାସ୍କ ଯୋଗାଇ ଦିଆଯାଉଛି। ଜିଲା ପ୍ରଶାସନ ହାତରେ ଧରାପଡିଥିବା ବାହାର ରାଜ୍ୟର ଶ୍ରମିକ ଆମର ଅତିଥି ବୋଲି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି।

ଲକ୍‌ଡାଉନ ସ୍ଥିତି ଅନୁଧ୍ୟାନ କଲେ ଏସ୍‌ପି

ହିଞ୍ଜିଳିକାଟୁ/ଶେରଗଡ଼/ଦିଗପହଣ୍ଡି, (ଡି.ଏନ.ଏ.)/ପାଟପୁର,୯।୪

ପାଟପୁର ଗାନ୍ଧୀ ଛକରେ ପୋଲିସ ଅଧିକାରୀଙ୍କ ସହ ଗଞ୍ଜାମ ଏସପି ଆଲୋଚନା କରୁଛନ୍ତି।

ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରୟ ଗୁରୁବାର ବିଭିନ୍ନ ଅଞ୍ଚଳକୁ ଯାଇ ଲକ୍‌ଡାଉନ୍ ସ୍ଥିତି ଅନୁଧ୍ୟାନ କରିଛନ୍ତି। ପୂର୍ବାହ୍ନରେ ହିଞ୍ଜିଳି ଥାନା ଅଞ୍ଚଳକୁ ଯାଇ ସେଠାରେ ଲକ୍‌ଡାଉନ ଓ ସାମାଜିକ ଦୂରତ୍ୱ କିପରି ପାଳନ ହେଉଛି ତାହା ତଦାରଖ କରିଥିଲେ। ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ କଡ଼ା ପଦକ୍ଷେପ ନେବାକୁ ହିଞ୍ଜିଳି ଆଇଆଇସି ଅଭିମନ୍ୟୁ ଦାଶଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଏସ୍‌ପି ଶେରଗଡ ବଜାର ଛକରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର କଳାବଜାରି ରୋକିବା, ସାମାଜିକ ଦୂରତ୍ୱ ବଜାୟ ଓ ଆମାନିଆ ଗାଡି ଚାଳକଙ୍କୁ ତାଗିଦ କରିବା ନେଇ ଆଲୋଚନା କରିଥିଲେ। ସ୍ଥିତି ସମ୍ପର୍କରେ ବିଡିଓ ସୁରଞ୍ଜନ କୁମାର ସାହୁ, ତହସିଲଦାର ଡ. ଦୟାସିନ୍ଧୁ ପରିଡାଙ୍କୁ ପଚାରି ବୁଝିଥିଲେ। ବ୍ୟବସାୟୀମାନଙ୍କୁ ସାମାଜିକ ଦୂରତ୍ୱ ରଖିବାକୁ ନିର୍ଦ୍ଦେଶ ଦେବାକୁ ଥାନାଅଧିକାରୀ ରମେଶ ଚନ୍ଦ୍ର ଦାସଙ୍କୁ କହିଥିଲେ। ମଧ୍ୟାହ୍ନରେ ଏସ୍‌ପି ପାଟପୁର ଥାନା ଅଞ୍ଚଳ ପରିଦର୍ଶନ କରି ଶଟ୍‌ଡାଉନ ସ୍ଥିତି ପରଖିଥିଲେ। ପାଟପୁର ଗାନ୍ଧୀ ଛକରେ ଥିବା ଆସିକା ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ, ପାଟପୁର ଆଇଆଇସି ଅଜୟ କୁମାର ବାରିକଙ୍କ ସହ ଆଇନଶୃଙ୍ଖଳା ପରିସ୍ଥିତି ନେଇ ଆଲୋଚନା କରିଥିଲେ।

ବ୍ରହ୍ମପୁର ପୋଲିସ ଜିଲାରେ ୧୭୫୭ ବାଇକ୍ ଜବତ

ବ୍ରହ୍ମପୁର ଅଫିସ,୯।୪

କରୋନା ପାଇଁ ସାରା ଦେଶରେ ଲକ୍‌ଡାଉନ ଘୋଷଣା ହୋଇଛି। ଲକ୍‌ଡାଉନ ପାଇଁ କଡା ନିୟମ କରାଯାଇଛି। ଜରୁରୀ କାମ ନ ଥିଲେ ଘରୁ ନ ବାହରିବାକୁ ପରାମର୍ଶ ଦିଆଯାଇଛି। ଏପରିକି ଜିଲାରେ ଆଂଶିକ ଶଟଡାଉନ୍ ନିର୍ଦ୍ଦେଶ ମଧ୍ୟ ରହିଛି। ସେହିପରି ବାଇକ୍ ଚଳାଇବା ଉପରେ ମଧ୍ୟ କଟକଣା ଜାରି କରାଯାଇଛି। ପୋଲିସ ଗତ ୪ ରୁ ୮ ତାରିଖ ମଧ୍ୟରେ ବ୍ରହ୍ମପୁର ପୋଲିସ ଜିଲାରେ ମୋଟ ୧୭୫୭ ବାଇକ୍ ଚାଳକଙ୍କୁ ଧରିଛି ବୋଲି ଡ଼ିଏସ୍‌ପି ଡିଆଇବି ଦାୟିତ୍ୱରେ ଥିବା ଜେ. କେ. ପଟ୍ଟନାୟକ ସୂଚନା ଦେଇଛନ୍ତି। ସେମାନଙ୍କର ବାଇକ୍ ଜବତ କରିବା ସହିତ ଜରିମାନା ଧାର୍ଯ୍ୟ କରାଯାଇଛି ବୋଲି ମଧ୍ୟ ସେ ସୂଚନା ଦେଇଛନ୍ତି।

ଆଇଆର୍‌ପିଏମ୍ ବିଭାଗର ଅନ୍‌ଲାଇନ୍ କ୍ଲାସ୍ ଆରମ୍ଭ

ବ୍ରହ୍ମପୁର ଅଫିସ,୯।୪

କୋଭିଡ୍-୧୯ ମୁକାବିଲା ପାଇଁ ଜିଲାରେ ଲକ୍‌ଡାଉନ୍ ଜାରି ରହିଛି। ଏହାର ପ୍ରଭାବରେ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିଛି । ଏହି ସମୟରେ ଛାତ୍ରୀଛାତ୍ରଙ୍କୁ ଅନ୍‌ଲାଇନ୍‌ରେ ଶିକ୍ଷାଦାନ ନେଇ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଆଇଆର୍‌ପିଏମ୍ ବିଭାଗ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି । ଲକ୍‌ଡାଉନ୍ ଯୋଗୁ ଚଳିତ ବର୍ଷର ପ୍ରାୟ ୫୦ ପ୍ରତିଶତ ପାଠ୍ୟକ୍ରମ ଶେଷ ହୋଇ ନାହିଁ । ଘରେ ବସି ଅନ୍‌ଲାଇନ୍ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ନେଇ ବିଭାଗ ପକ୍ଷରୁ ପ୍ରୟାସ ଆରମ୍ଭ କରାଯାଇଛି। ଗୁରୁବାର ବିଭାଗୀୟ ଅଧ୍ୟାପକ ଡ. ସତ୍ୟବ୍ରତ ପାତ୍ର ଜୁମ୍ ଆପ୍ କରିଆରେ ଦ୍ୱିତୀୟ ସେମିଷ୍ଟର ଛାତ୍ରୀଛାତ୍ରଙ୍କୁ ଅନ୍‌ଲାଇନ୍‌ରେ ଶ୍ରମ ଆଇନ ପାଠ୍ୟକ୍ରମ ଉପରେ ଶିକ୍ଷାଦାନ କରିଛନ୍ତି । ଲକ୍‌ଡାଉନ୍ ଉଠିବା ପର୍ଯ୍ୟନ୍ତ ପର୍ଯ୍ୟାୟକ୍ରମେ ଆଇଆର୍‌ପିଏମ୍ ବିଭାଗ ସ୍ନାତକୋତ୍ତର ପ୍ରଥମ ଓ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ରଙ୍କୁ ଅନ୍‌ଲାଇନ କ୍ଲାସ ମାଧ୍ୟମରେ ଶିକ୍ଷାଦାନ କରାଯିବ । ଏହାଦ୍ୱାରା ଲକ୍‌ଡାଉନ୍ ପରବର୍ତ୍ତୀ ସମୟରେ ହେବାକୁ ଥିବା ପରୀକ୍ଷା ପାଇଁ ଛାତ୍ରୀଛାତ୍ର ଉପଯୁକ୍ତ ଭାବେ ନିଜକୁ ପ୍ରସ୍ତୁତ କରିପାରିବେ ବୋଲି ଅଧ୍ୟାପକ ଡ. ପାତ୍ର କହିଛନ୍ତି।

ନବବଧୂଙ୍କ ଆତ୍ମହତ୍ୟା

ଭଞ୍ଜନଗର,୯।୪(ଡି.ଏନ୍.ଏ.)

ତାରସିଂ ଥାନା ନାରାୟଣପଲ୍ଲୀର ଭାରତୀ ସାହୁ (୨୪) ବିଷ ପିଇ ଗୁରୁବାର ଆତ୍ମହତ୍ୟା କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ହସ୍‌ପିଟାଲକୁ ପଠାଇଛି। ଭାରତୀଙ୍କ ମଉସା ଭଗବାନଙ୍କ ଏତଲାକୁ ଭିତ୍ତିକରି ନଂ.୬/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି। ପାରିବାରିକ ବିବାଦରୁ ଭାରତୀ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଥିବା ପୋଲିସ କହିଛି। ପ୍ରକାଶ ଯେ, ନାରାୟଣପଲ୍ଲୀର ଭାରତୀ ୭ମାସ ପୂର୍ବେ ଗ୍ରାମର ବସନ୍ତ ସାହୁଙ୍କୁ ବିବାହ କରିଥିଲେ। ବୁଧବାର ରାତିରେ ଭାରତୀ କୀଟନାଶକ ପିଇ ଗୁରୁତର ହୋଇପଡିବା ପରେ ତାଙ୍କୁ ଭଞ୍ଜନଗର ମେଡ଼ିକାଲକୁ ଆଣିଥିଲେ। ସେଠାରେ ଡାକ୍ତର ଭାରତୀଙ୍କୁ ମୃତ ଘୋଷଣା କରିଥିଲେ।

କୋଭିଡ୍ ଯୋଦ୍ଧାଙ୍କୁ କୃତଜ୍ଞତା ପତ୍ର

ରାଇକିଆ,୯।୪(ଡି.ଏନ୍.ଏ.)

କରୋନା ପାଇଁ ସମଗ୍ର ଦେଶରେ ଲକ୍‌ଡାଉନ କଟକଣା। ଏଭଳି ପରିସ୍ଥିତିରେ ବିଭିନ୍ନ ଜରୁରୀ କାଳୀନ ଅଧିକାରୀ, କର୍ମଚାରୀମାନେ କରୋନା ମୁକାବିଲା ପାଇଁ ଲଢୁଛନ୍ତି। ଏହି କୋଭିଡ୍ ଯୋଦ୍ଧାମାନଙ୍କୁ କନ୍ଧମାଳ ଭାଜପା ମହିଳା ମୋର୍ଚ୍ଚା ତରଫରୁ ଗୁରୁବାର କୃତଜ୍ଞତା ପତ୍ର ଦିଆଯିବା ସହ ଲୋକଙ୍କ ପାଇଁ ଉତ୍ସର୍ଗୀକୃତ ସେବା ଲାଗି ଧନ୍ୟବାଦ ଜ୍ଞାପନ କରାଯାଇଥିଲା। ଭାଜପା ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଅର୍ଚ୍ଚନା ପ୍ରଧାନ ରାଇକିଆ ଥାନା, ମେଡିକାଲ, ବ୍ୟାଙ୍କ ଯାଇ ଅଧିକାରୀମାନଙ୍କୁ କୃତଜ୍ଞତା ପତ୍ର ପ୍ରଦାନ କରିଥିଲେ। ଏଥିସହ ସାସ୍ଥ୍ୟ କର୍ମୀ, ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ , ସଫେଇ କର୍ମଚାରୀମାନଙ୍କୁ ମଧ୍ୟ ଏହି ପତ୍ର ପ୍ରଦାନ କରି ଉତ୍ସାହିତ କରିଥିଲେ। ପୂର୍ବରୁ ମହିଳା ମୋର୍ଚ୍ଚା ତରଫରୁ ଗାଁ ଗାଁ ବୁଲି ସାମାଜିକ ଦୂରତା ରକ୍ଷା ପାଇଁ ଲୋକଙ୍କୁ ପରାମର୍ଶ ସହ ମାସ୍କ ଦିଆଯାଇଥିଲା।

୧୨ ଦଣ୍ଡୁଆ ଗିରଫ

ଭଞ୍ଜନଗର,୯।୪(ଡି.ଏନ.ଏ)

ବେଲଗୁଣ୍ଡା ଫାଣ୍ଡି ଅନ୍ତର୍ଗତ ଜିଲିବାର ୧୨ ଦଣ୍ଡୁଆଙ୍କୁ ପୋଲିସ ବୁଧବାର ରାତିରେ ଗିରଫ କରିଛି। ସରକାରଙ୍କ ଲକ୍‌ଡ଼ାଉନ ନିୟମ ଉଲ୍ଲଘଂନ ଅଭିଯୋଗରେ ଏମାନଙ୍କୁ ଗିରଫ କରାଯାଇଛି। ପ୍ରକାଶ ଯେ, ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜ ବୁଧବାର ରାତିରେ ବୁଗୁଡ଼ା ଅଭିମୁଖେ ଯାଇଥିଲେ। ଭଞ୍ଜନଗର ଫେରିବା ବାଟରେ ଜିଲିବା କାଳୀ ମନ୍ଦିରରେ କେତେଜଣ ଦଣ୍ଡୁଆ ଥିବା ଦେଖିଥିଲେ। ଏହାପରେ ଉପ ଜିଲାପାଳ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ପହଞ୍ଚି ଦଣ୍ଡୁଆମାନଙ୍କୁ ଗିରଫ କରିଥିଲା।

ସିଲ୍ ହେଲା ରାଣୀପଥର-ଭାଲିଆପଡ଼ା ବନ ବିଭାଗ ରାସ୍ତା

ଖଜୁରିପଡା,୯।୪(ଡି.ଏନ.ଏ.)

ଫୁଲବାଣୀରୁ ବୌଦ୍ଧ ଜିଲାକୁ ସଂଯୋଗ ଜାତୀୟ ରାଜପଥ କଡ଼ ଠାରୁ ରାଣୀପଥର ଗ୍ରାମ ଦେଇ ଭାଲିଆପଡା ଅରାପାଲୁକୁ ସଂଯୋଗ ହୋଇଥିବା ବନବିଭାଗ ରାସ୍ତା ଗୁରୁବାର ସିଲ୍ କରାଯାଇଛି। ଲକ୍‌ଡାଉନ ପରେ ଆସି ବଲାଙ୍ଗୀର ଓ ରେଢ଼ାଖୋଲରେ ଅଟକି ରହିଥିବା ଶ୍ରମିକ ଚାଲି ଚାଲି ଆସି ଚାରିଛକ ଓ ରାଣୀପଥରରେ ପହଞ୍ଚୁଛନ୍ତି। ସମ୍ପର୍କୀୟଙ୍କୁ ଫୋନ୍ କରି ଡକାଇ ସେଠାରୁ ଗାଡିମୋଟର ଯୋଗେ ଗାଁକୁ ଯାଉଛନ୍ତି। ଫଳରେ ଏହି ରାସ୍ତାରେ ଗ୍ରାମବାସୀ ବାଡ଼ ପକାଇ ଦେଇଥିଲେ। କିନ୍ତୁ ବନବିଭାଗ ଚାପ ପକାଇବା ପରେ ଗ୍ରାମବାସୀ ବାଧ୍ୟହୋଇ ବାଡ ଭାଙ୍ଗିବା ସହ ଜିଲାପାଳଙ୍କୁ ଜଣାଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଖଜୁରିପଡା ତହସିଲଦାର ଓ ଆରଆଇଙ୍କୁ ପଠାଇ ତଦନ୍ତ କରି ଥିଲେ। ଗୁରୁବାର ଉକ୍ତ ରାସ୍ତାକୁ ପୋଲିସ

ଲକ୍‌ଡାଉନ ଯୋଗୁ ଭାରତ ଆହୁରି ଦୁର୍ବଳ ହୋଇଯିବ। ଯୁବବର୍ଗଙ୍କୁ କାର୍ଯ୍ୟକ୍ଷେତ୍ରକୁ ଯିବାକୁ ଅନୁମତି ଦେବା ଆବଶ୍ୟକ, ଫଳରେ ଅର୍ଥବ୍ୟବସ୍ଥାକୁ କ୍ରିୟାଶୀଳ କରାଯାଇପାରିବ।

– ରାଜୀବ ବଜାଜ, ବଜାଜ ଅଟୋ ଏମ୍‌ଡି

କୋଭିଡ୍–୧୯ ସଙ୍କଟ ସ୍ଥିତିରେ ନୂଆ ଚିନ୍ତାଧାରା ଏବଂ ରଣନୀତି ଲୋଡା। କରୋନା ଭୂତାଣୁ ବିରୋଧୀ ପଦକ୍ଷେପ ଅଧୀନ ଏପ୍ରିଲ ୧୦ରୁ କୋଡ୍–୧୯ ଅନ୍‌ଲାଇନ ହାକାଥନ ନେଇ ନିଷ୍ପତ୍ତି ହୋଇଛି।

– ଆଶା ଜାଡେଜା ମୋଟୱାନୀ, ବିଶିଷ୍ଟ ଉଦ୍ୟୋଗୀ

ଆସିପାରେ ଲକ୍ଷେ କୋଟିର ଆଉ ଏକ ପ୍ୟାକେଜ

- ଦ୍ୱିତୀୟ ପ୍ରୋତ୍ସାହନ ପ୍ୟାକେଜ ପ୍ରସ୍ତୁତିରେ ସରକାର
- କ୍ଷୁଦ୍ର ଶିଳ୍ପଗୁଡିକୁ ଫୋକସ କରାଯିବ
- ବଡ କମ୍ପାନୀଗୁଡିକ ଲାଗି ମଧ୍ୟ ପଦକ୍ଷେପ ନିଆଯିବ

ନୂଆଦିଲ୍ଲୀ,୯।୪

ସରକାର ଆଗାମୀ ଦିନରେ ଦ୍ୱିତୀୟ ପ୍ରୋତ୍ସାହନ ପ୍ୟାକେଜ ଆଣିବା ନେଇ ସମ୍ଭାବନା ରହିଛି। ଏହି ପ୍ୟାଜେକ ୧ ଲକ୍ଷ କୋଟି ଟଙ୍କାର ହେବ ବୋଲି ଅନୁମାନ କରାଯାଇଛି। କରୋନା ଯୋଗୁ ଏବେ ଦେଶର ଶିଳ୍ପ ଜଗତ ସହ କ୍ଷୁଦ୍ର ଶିଳ୍ପ କାରବାର ବନ୍ଦ ରହିଛି। ବିଶେଷ କରି ଅଣୁ କ୍ଷୁଦ୍ର ମଧ୍ୟମ ଶିଳ୍ପଗୁଡିକୁ ପ୍ରୋତ୍ସାହନ ପ୍ୟାକେଜ ଦେବା ଲାଗି ସରକାର ବିଭିନ୍ନ ଘୋଷଣା କରିବାର ଯୋଜନା ରହିଛି ବୋଲି ପ୍ରକ୍ରିୟା ସହ ଜଡିତ ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ସାରା ଦେଶରେ ଲକ୍‌ଡାଉନ ଘୋଷଣା ହୋଇଥିବାରୁ ଲୋକମାନଙ୍କୁ ଆଶ୍ୱସ୍ତି ଦେବା ଲାଗି ସରକାର ପ୍ରାଥମିକ ପର୍ଯ୍ୟାୟରେ ୧.୭ ଲକ୍ଷ କୋଟି ଟଙ୍କାର ଏକ ପ୍ୟାକେଜ ଘୋଷଣା କରିଛନ୍ତି। ଏହା ସାଧାରଣ ଲୋକଙ୍କ ଲାଗି ଉଦ୍ଦିଷ୍ଟ।

କରୋନା ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା କ୍ଷୁଦ୍ରଶିଳ୍ପଗୁଡିକ ଲାଗି ଏବେ ଯାଏ କୌଣସି ପ୍ୟାକେଜ ଘୋଷଣା କରାଯାଇନାହିଁ। ଏଭଳି ପ୍ରସଙ୍ଗକୁ ସରକାର ଧ୍ୟାନରେ ରଖିଛନ୍ତି। ଦ୍ୱିତୀୟ ପ୍ୟାକେଜରେ ଏମ୍‌ଏସ୍‌ଏମ୍‌ଇକୁ ଫୋକସ କରାଯିବ ବୋଲି ପ୍ରକ୍ରିୟା ସହ ଜଡିତ ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ ରୟଟର୍ସକୁ ସୂଚନା ଦେଇଛନ୍ତି। କରୋନା ଯୋଗୁ ହୋଇଥିବା କ୍ଷୟକ୍ଷତିର ଆକଳନ କରିବା ପରେ ବଡ କମ୍ପାନୀଗୁଡିକ ଲାଗି ମଧ୍ୟ

ସରକାର ବିଭିନ୍ନ ଘୋଷଣା କରିବା ନେଇ ଯୋଜନା ରଖାଯାଇଛି। ୨.୯ ଟ୍ରିଲିୟନ ଡଲାର ବିଶିଷ୍ଟ ଭାରତୀୟ ଅର୍ଥ ବ୍ୟବସ୍ଥାରେ ଏମ୍‌ଏସ୍‌ଏମ୍‌ଇର ଅଂଶ ପ୍ରାୟ ଏକ ଚତୁର୍ଥାଂଶ।

ପ୍ରଭାବିତ ଅର୍ଥ ବ୍ୟବସ୍ଥା ଲାଗି ଶୀଘ୍ର ପ୍ୟାକେଜ ଆଣନ୍ତୁ ବୋଲି ବିଭିନ୍ନ ମହଲରେ ଦାବି ହୋଇ ଆସୁଛି। ଏମ୍‌ଏସ୍‌ଏମ୍‌ଇ ଲାଗି ଆସିବାକୁ ଥିବା ପ୍ୟାକେଜ ମଧ୍ୟରେ ପରିଚାଳନା ପୁଞ୍ଜି ପାଇଁ ବ୍ୟାଙ୍କ ଋଣ ସୀମାରେ ବୃଦ୍ଧି, ଟିକସ କ୍ଷେତ୍ରରେ ରିହାତି ଦେବା ଲାଗି ବିଭିନ୍ନ ପଦକ୍ଷେପ, ଆୟକର ଜମା କ୍ଷେତ୍ରରେ ନିୟମ କୋହଳ ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଚାନିତ ହୋଇଛି। ଏ ପ୍ରସଙ୍ଗରେ ଅର୍ଥ ମନ୍ତ୍ରଣାଳୟର ଉତ୍ତର ଲୋଡା ଯାଇଥିଲେ ମଧ୍ୟ କୌଣସି ସ୍ପଷ୍ଟୀକରଣ ମିଳିପାରିନାହିଁ। ଅନ୍ୟ ଜଣେ ସରକାରୀ ଅଧିକାରୀ କହିଛନ୍ତି ଯେ, କ୍ଷୁଦ୍ର ବାଣିଜ୍ୟଗୁଡିକର ଟିକସ ରିଫଣ୍ଡ କ୍ଷେତ୍ରରେ ବିଭିନ୍ନ କାର୍ଯ୍ୟକ୍ରମ ଆସିବା ନେଇ ଯୋଜନା ରହିଛି। ଏହା ସହ ଅନ୍ୟ କିଛି ଆଶ୍ୱସ୍ତି ମଧ୍ୟ ସରକାର କ୍ଷୁଦ୍ର ସଂସ୍ଥାଗୁଡିକୁ ପ୍ରଦାନ କରିପାରନ୍ତି ବୋଲି ସେ କହିଛନ୍ତି। ବ୍ୟକ୍ତି ବିଶେଷ ତଥା କ୍ଷୁଦ୍ର ବାଣିଜ୍ୟଗୁଡିକ ଲାଗି ସରକାର ବୁଧବାର ପ୍ରାୟ ୧୮ ହଜାର କୋଟି ଟଙ୍କାର ରିଫଣ୍ଡ ଜାରି କରିବା ଲାଗି ଘୋଷଣା କରିଛନ୍ତି।

ଦୁର୍ଦ୍ଦିନରେ କ୍ଷୁଦ୍ରଶିଳ୍ପ

ଅଲ ଇଣ୍ଡିଆ ମାନୁଫାକଚରର୍ସ ଆସୋସିଏଶନ (ଏଆଇଏମ୍‌ଓ)ର ପୂର୍ବତନ ସଭାପତି କେ.ଇ ରଘୁନାଥନ କହିଛନ୍ତି ଯେ, କେନ୍ଦ୍ର ତଥା ରାଜ୍ୟ ସରକାରଙ୍କୁ ସାମଗ୍ରୀ ଯୋଗାଇ ଥିବା କ୍ଷୁଦ୍ର ସଂସ୍ଥାଙ୍କ ଦେୟକୁ ଶୀଘ୍ର ପ୍ରଦାନ କରାଯିବାର ଆବଶ୍ୟକତା ରହିଛି। ସରକାରୀ କମ୍ପାନୀଗୁଡିକ କ୍ଷୁଦ୍ର ସଂସ୍ଥାଗୁଡିକର ପ୍ରାୟ ୬୬ ବିଲିୟନ ଡଲାର ବାକି ରଖିଛନ୍ତି। ଏହି ଦେୟ କମ୍ପାନୀଗୁଡିକୁ ଶୀଘ୍ର ପ୍ରଦାନ ନ କରାଗଲେ କାରବାର ପରିଚାଳନାରେ ଅସୁବିଧା ହେବ। କ୍ଷୁଦ୍ର ସଂସ୍ଥାଗୁଡିକ ଏବେ ପରିଚାଳନାରେ ବିଭିନ୍ନ ସମସ୍ୟା ସାମ୍ନା କରୁଛନ୍ତି। ଏଭଳି ସ୍ଥିତିରେ ହୁଏତ କମ୍ପାନୀ କାମ ବନ୍ଦ କରିବେ କିମ୍ବା କର୍ମଚାରୀ ଛଟେଇ କରିବା ଭଳି ପଦକ୍ଷେପ ନେଇ ପାରନ୍ତି ବୋଲି ରଘୁନାଥନ କହିଛନ୍ତି।

ଛିଡ଼ା ହୋଇଛି ୩.୫ ଲକ୍ଷ ଟ୍ରକ୍

ନୂଆଦିଲ୍ଲୀ,୯।୪

ଆନ୍ତଃରାଜ୍ୟ ପରିବହନ ସେବାରେ ରହିଥିବା ପ୍ରାୟ ୩.୫ ଲକ୍ଷ ଟ୍ରକ ଏବେ ଲକ୍‌ଡାଉନ କଟକଣା ଲାଗି ଛିଡ଼ା ହୋଇ ରହିଛି। ପ୍ରାୟ ୩୫ ହଜାର କୋଟି ଟଙ୍କାର ସାମଗ୍ରୀ ଟ୍ରକରେ ଲୋଡିଂ ହୋଇ ରହିଥିବା ବେଳେ କଟକଣା ଯୋଗୁ ସେଗୁଡିକ ଛିଡା ହୋଇ ରହିଛି। ଫଳରେ ବୃହତ୍ ପରିମାଣର ସାମଗ୍ରୀ ପରିବହନରେ ବାଧା ଉପୁଜିଥିବା ଘଟଣା ସାମ୍ନାକୁ ଆସିଛି। ଟ୍ରକଗୁଡିକ ରାସ୍ତା ପାର୍ଶ୍ୱ, ମାନୁଫାକଚରିଂ ଫ୍ୟାକ୍ଟ୍ରି ବାହାରେ କିମ୍ବା ଗୋଦାମଗୁଡିକରେ ଛିଡା ହୋଇ ରହିଛି ବୋଲି ପରିବହନ ସଂଘଗୁଡିକ ପକ୍ଷରୁ ସୂଚନା ରହିଛି। ଟ୍ରକଗୁଡିକରେ କାର, ଏସ୍‌ୟୁଭି, ଦୁଇ ଚକିଆ ଯାନ, ଇଲେକଟ୍ରୋନିକ୍ସ ସାମଗ୍ରୀ, ଶିଳ୍ପ ପାଇଁ କଞ୍ଚାମାଲ, କେମିକାଲ୍ସ, ଇସ୍ପାତ ଏବଂ ସିମେଣ୍ଟ ପରିବହନ ନ ହୋଇ ପଡି ରହିଛି। ଏହି ସାମଗ୍ରୀଗୁଡିକୁ ବିଭିନ୍ନ

୩୫ ହଜାର କୋଟି ଟଙ୍କାର ସାମଗ୍ରୀ ପରିବହନରେ ବାଧା

ସ୍ଥାନରେ କ୍ଷତି ପହଞ୍ଚିବାର ଆଶଙ୍କା ରହିଛି। ବିଭିନ୍ନ ସ୍ଥାନରେ ଚାଳକମାନଙ୍କୁ ମଧ୍ୟ ଅସୁବିଧା ହେଉଥିବାରୁ ସେମାନେ ଟ୍ରକ ଗୋଦାମରେ ଛାଡି ପଳାଇଛନ୍ତି। କେତେକ ସ୍ଥାନରେ ଟ୍ରକ ସାମଗ୍ରୀ ନେଇ ଗନ୍ତବ୍ୟ ସ୍ଥଳରେ ପହଞ୍ଚିଥିଲେ ମଧ୍ୟ ସହାୟକ ଷ୍ଟାଫ ନ ଥିବା ଯୋଗୁ କାଢିବା ସମ୍ଭବ ହେଉ ନାହିଁ।ଏଭଳି ସ୍ଥିତିରେ ସରକାର କିଛି ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି ଅଲ ଇଣ୍ଡିଆ ମୋଟର ଟ୍ରାନ୍ସପୋର୍ଟ କର୍ପୋରେଶନର ସଭାପତି କେ.ଏସ୍. ଅଟୱାଲ ନିବେଦନ କରିଛନ୍ତି। ସେହିଭଳି ଟ୍ରକର୍ସ ମାନଙ୍କ ଲାଗି ବେଲ୍‌ଆଉଟ ପ୍ୟାକେଜ ସରକାର ପ୍ରଦାନ କରନ୍ତୁ ବୋଲି ଦାବି ହୋଇଛି।

ଜନଧନ ଖାତାରେ ମହିଳାଙ୍କୁ ମିଳିବ ୧୦୦୦ ଟଙ୍କା

- ଗୁଜବରେ ବିଶ୍ୱାସ ନ କରିବାକୁ ସରକାରଙ୍କ ନିବେଦନ
- ମେ, ଜୁନ ମାସ ଲାଗି ମଧ୍ୟ ମିଳିବ
- ସୁବିଧା ଅନୁସାରେ ଲୋକ ଟଙ୍କା ଉଠାଇ ପାରିବେ

ନୂଆଦିଲ୍ଲୀ,୯।୪

ପ୍ରଧାନମନ୍ତ୍ରୀ ଜନଧନ ଯୋଜନାରେ ଖାତା ଖୋଲିଥିବା ମହିଳାଙ୍କୁ କେନ୍ଦ୍ର ସରକାର ଏପ୍ରିଲରେ ବ୍ୟାଙ୍କ ଖାତାରେ ସିଧାସଳଖ ୫୦୦ ଟଙ୍କା ପ୍ରଦାନ କରିଛନ୍ତି। ଆଉ ୨ କିସ୍ତିରେ ଏହି ଆକାଉଣ୍ଟଧାରୀଙ୍କୁ ସରକାର ୧୦୦୦ ଟଙ୍କା ପ୍ରଦାନ କରିବେ। ଯଦି ଟଙ୍କା ଉଠାଣ ନ ହୁଏ ଏହା ଫେରିଯିବ ବୋଲି ଗୁଜବ ହେଉଛି। ଏହି ଗୁଜବ ଉପରେ ବିଶ୍ୱାସ ନ କରିବାକୁ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ (ଏସ୍‌ବିଆଇ)ପକ୍ଷରୁ ଗ୍ରାହକଙ୍କୁ ଅବଗତ କରାଯାଇଛି। ଏଭଳି ଗୁଜବକୁ ବିଶ୍ୱାସ କରି ଲୋକମାନେ ବହୁ ସଂଖ୍ୟାରେ ବ୍ୟାଙ୍କ ଶାଖାରେ ଭିଡ ଜମାଉଛନ୍ତି। କରୋନା ନ ବ୍ୟାପିବା ଲାଗି ଏବେ ସାମାଜିକ ଦୂରତ୍ୱ ରକ୍ଷା କରିବା ଲାଗି ନିୟମ ରହିଛି। ହେଲେ ଟଙ୍କା ଫେରିଯିବ ଭାବି ଲୋକମାନେ ନିୟମକୁ ନ ମାନି ବ୍ୟାଙ୍କ ଶାଖାରେ ଭିଡ ଜମାଉଥିବା ଦେଖାଯାଇଛି। ଏପ୍ରିଲ ମାସ ଲାଗି ହିତାଧିକାରୀଙ୍କ ଖାତାରେ ପ୍ରଦାନ କରାଯାଇଥିବା ୫୦୦ ଟଙ୍କା ଲୋକମାନେ ଯେକୌଣସି ସମୟରେ ଉଠାଇ ପାରିବେ ବୋଲି କେନ୍ଦ୍ର ସରକାରଙ୍କ ଆର୍ଥିକ ସେବା ବିଭାଗ ପକ୍ଷରୁ ସୂଚନା ରହିଛି। ଏହାବାଦ ମେ ଏବଂ ଜୁନ୍ ମାସ ଲାଗି ମଧ୍ୟ ୫୦୦ ଟଙ୍କା ଲେଖାଏ ଲୋକଙ୍କ ଖାତାରେ ସରକାର ଜମା କରିବେ।

ଏହାବାଦ ଗୁଜବରେ ବିଶ୍ୱାସ ନ କରି ଲୋକମାନେ ଏହି ଅର୍ଥ ଏଟିଏମ୍, କଷ୍ଟମର

ସର୍ଭିସ ପଏଣ୍ଟ ଏବଂ ସୁବିଧା ମୁତାବକ ବ୍ୟାଙ୍କ ଶାଖାରୁ ଉଠାଇ ପାରିବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଏବେ ସାରା ଦେଶରେ ଜନଧନ ଯୋଜନାରେ ୩୮.୦୮ କୋଟି ଖାତା ରହିଛି। ଏହି ଖାତା ମଧ୍ୟରୁ ୨୦.୬୦ କୋଟି ଖାତାରେ ମହିଳା ହିତାଧିକାରୀ ରହିଛନ୍ତି। ହିତାଧିକାରୀଙ୍କ ଖାତାରେ ହୋଇଥିବା ଜମା ସମ୍ପୂର୍ଣ୍ଣ ସୁରକ୍ଷିତ ବୋଲି ଏସ୍‌ବିଆଇ ପକ୍ଷରୁ କୁହାଯାଇଛି। ସରକାର ନିକଟରେ ୧.୭୦ ଲକ୍ଷ କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଛନ୍ତି। ଏହି ଘୋଷଣା ବେଳେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଥିଲେ ଯେ, ଆଗାମୀ ୩ ମାସ ଯାଏ ମହିଳା ହିତାଧିକାରୀଙ୍କୁ ପ୍ରତି ମାସ ୫୦୦ ଟଙ୍କା ଲେଖାଏ ବ୍ୟାଙ୍କ ଖାତାରେ ପ୍ରଦାନ କରାଯିବ। ଲୋକମାନେ ସୁବିଧା ମୁତାବକ ଏହି ଅର୍ଥ ଉଠାଇ ପାରିବେ। ଏଣୁ ଚିନ୍ତିତ ନ ହେବାକୁ ଲୋକଙ୍କୁ ପରାମର୍ଶ ରହିଛି।

ଫେବୃୟାରୀରେ ଶିଳ୍ପ ଉତ୍ପାଦନ ବୃଦ୍ଧି

ନୂଆଦିଲ୍ଲୀ,୯।୪

ଚଳିତ ବର୍ଷ ଫେବୃୟାରୀ ମାସରେ ଦେଶର ଶିଳ୍ପ ଉତ୍ପାଦନ ୪.୫% ବୃଦ୍ଧି ଘଟିଛି। ଖଣି ,ମାନୁଫାକଚରିଂ ଏବଂ ଇଲେକଟ୍ରିକ କ୍ଷେତ୍ରରେ ଉନ୍ନତି ଆସିବା ଯୋଗୁ ଏଭଳି ସ୍ଥିତି ଦେଖାଯାଇଥିବା ସରକାର ଗୁରୁବାର ଜାରି କରିଥିବା ଡାଟାରୁ ଏହା ସାମ୍ନାକୁ ଆସିଛି। ଏହି ସମୟରେ ଔଦ୍ୟୋଗିକ ଉତ୍ପାଦନ ସୂଚୀ(ଆଇଆଇପି) ୦.୨% ବୃଦ୍ଧି ଘଟିଥିବା ଜଣାପଡିଛି। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍‌ଏସ୍‌ଓ) ଡାଟା ମୁତାବକ ଫେବୃୟାରୀରେ ମାନୁଫାକଚରିଂ କ୍ଷେତ୍ର ଉତ୍ପାଦନ ୩.୨% ବୃଦ୍ଧି ଘଟିଛି। ଏହା ଗୋଟିଏ ବର୍ଷ ତଳେ ସମାନ ସମୟରେ ୦.୩% ଅଭିବୃଦ୍ଧି ସାଧନ କରିଥିଲା। ସେହିଭଳି ଫେବୃୟାରୀରେ ଇଲେକ୍ଟ୍ରିସିଟି ଉତ୍ପାଦନ

୮.୧% ବୃଦ୍ଧି ଘଯିଛି। ୨୦୧୯ ଫେବୃୟାରୀରେ ଏହା ୧.୩% ରହିଥିଲା। ଖଣି କ୍ଷେତ୍ର ଉତ୍ପାଦନ ପ୍ରାୟ ୧୦% ବୃଦ୍ଧି ଘଟିଥିବା ବେଳେ ଏହା ପୂର୍ବରୁ ୨.୨% ରହିଥିଲା। ଏପ୍ରିଲ–ଫେବୃୟାରୀ ସମୟରେ ଆଇଆଇପି ଅଭିବୃଦ୍ଧି ୦.୦%କୁ ଖସିଛି। ୨୦୧୮–୧୯ ସମୟରେ ଏହା ୪% ରହିଥିଲା।

ନିବେଶକଙ୍କ ସମ୍ପତ୍ତି ୩.୯୮ ଲକ୍ଷ କୋଟି ବଢ଼ିଲା

ନୂଆଦିଲ୍ଲୀ,୯।୪

ଗୁରୁବାର ଭାରତୀୟ ଶେୟାର ବଜାରରେ କାରବାର ଉନ୍ନତ ରହିବା ଯୋଗୁ ନିବେଶକଙ୍କ ସମ୍ପତ୍ତି ୩.୯୮ ଲକ୍ଷ କୋଟି ଟଙ୍କା ବୃଦ୍ଧି ଘଟିଥିବା ଜଣାପଡିଛି। ସରକାର ଦ୍ୱିତୀୟ ପ୍ରୋତ୍ସାହନ ପ୍ୟାକେଜ ପ୍ରଦାନ କରିବା ନେଇ ନିବେଶକଙ୍କ ମନରେ ଆଶା ଦୃଢୀଭୂତ

ହୋଇଥିବାରୁ ଏହାର ପ୍ରତିଫଳନ ଶେୟାର ବଜାର ଉପରେ ପଡିଛି। ୩୦ ଶେୟାର ବିଶିଷ୍ଟ ବମ୍ବେ ଷ୍ଟକ ଏକ୍ସଚେଞ୍ଜର ସେନ୍‌ସେକ୍ସ ୧୨୬୫.୬୬ ପଏଣ୍ଟ ବା ୪.୨୩% ବୃଦ୍ଧି ଘଟିବା ଯୋଗୁ କାରବାର ୩୧,୧୫୯.୬୨ ପଏଣ୍ଟରେ ବନ୍ଦ ହୋଇଛି। ଦିନ ମଧ୍ୟରେ ଶେୟାର କାରବାର ଉନ୍ନତ ରହିବା ଯୋଗୁ ସୂଚକାଙ୍କ ୧୩୩୧ ପଏଣ୍ଟ ବଢି ୩୧,୨୨୫ ପଏଣ୍ଟ ଛୁଇଁବାକୁ ସକ୍ଷମ ହୋଇଥିଲା। ପ୍ୟାକେଜ ଆଶାରେ ଶେୟାର ବଜାରର କାରବାରରେ ଉନ୍ନତ ରହିଛି ବୋଲି ଜିଓଜିତ ଫାଇନାନ୍ସିଆଲ ସର୍ଭିସର ରିସର୍ଚ୍ଚ ମୁଖ୍ୟ ବିନୋଦ ନାୟାର କହିଛନ୍ତି। ଏହି ସମୟରେ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରାର ଶେୟାର କାରବାର ୧୬.୭୪% ବଢିଛି। ଏହାବାଦ ମାରୁତି ସୁଜୁକି ଏବଂ ହିରୋ ମୋଟୋକର୍ପ କାରବାର ମଧ୍ୟ ଉନ୍ନତ ସ୍ଥିତିରେ ରହିଛି।

୧୮% କମିଲା ଇନ୍ଧନ ବ୍ୟବହାର

ନୂଆଦିଲ୍ଲୀ,୯।୪

କୋଭିଡ–୧୯ ଲାଗି ସାରା ଦେଶରେ ମାର୍ଚ୍ଚ ମାସରେ ଇନ୍ଧନ ଚାହିଦା ୧୮% ଖସିଛି। ଏହା ଗୋଟିଏ ଦଶନ୍ଧି ମଧ୍ୟରେ ସବୁଠାରୁ ବଡ ଧରଣର ହ୍ରାସ ବୋଲି କୁହାଯାଇଛି। ଏବେ ଲକ୍‌ଡାଉନ ପାଇଁ ଆର୍ଥିକ କାର୍ଯ୍ୟକଳାପ ଠପ୍ ହୋଇଥିବାରୁ ଏଭଳି ସ୍ଥିତି ଉପୁଜିଥିବା ଜଣାପଡିଛି। ଦେଶର ପେଟ୍ରୋଲିୟମ ପ୍ରଡକ୍ଟ ବ୍ୟବହାର ୧୭.୭୯% ଖସିବା ଫଳରେ ଏହା ୧୬.୦୮ ନିୟୁତ ଟନ୍‌କୁ ଖସିଛି। ପେଟ୍ରୋଲ, ଡିଜେଲ ଏବଂ ବିମାନ ଇନ୍ଧନ ବା ଏଟିଏଫ୍ ଚାହିଦା କମିବା ଯୋଗୁ ଇନ୍ଧନ ବ୍ୟବହାର କମିଛି ବୋଲି ପେଟ୍ରୋଲିୟମ କମ୍ପାନୀ ଗୁଡିକ ପକ୍ଷରୁ ପ୍ରଦାନ କରାଯାଇଥିବା ଡାଟାରୁ ଏହା ସାମ୍ନାକୁ ଆସିଛି। ସାରା

ଦେଶରେ ଡିଜେଲ ଅଧିକ ପରିମାଣରେ ବ୍ୟବହାର ହେଉଥିବା ବେଳେ ଏଥିରେ ୨୪.୨୩% ହ୍ରାସ ଘଟି ୫.୬୫ ନିୟୁତ ଟନ୍‌କୁ ଖସିଛି। ଏହା ବୃହତ୍ ପରିମାଣର ହ୍ରାସ ବୋଲି କୁହାଯାଉଛି। ଏବେ ସାରା ଦେଶରେ ଟ୍ରକଗୁଡିକ ବନ୍ଦ ହୋଇ ଛିଡା ହୋଇଛି। ସେହିଭଳି ଟ୍ରେନ ଚଳାଚଳ ମଧ୍ୟ ବନ୍ଦ ରହିଛି। ଏହି ସମୟରେ ପେଟ୍ରୋଲ ବ୍ୟବହାର ୧୬.୩୭% ଖସିବା ଯୋଗୁ ୨.୧୫ ଟନ୍‌କୁ ହ୍ରାସ ଘଟିଛି। କୋଭିଡ–୧୯ ଲାଗି ସାରା ଦେଶକୁ ୨୧ ଦିନିଆ ଲକ୍‌ଡାଉନ ଘୋଷଣା କରାଯାଇଥିବାରୁ କାର୍, ବାଇକ ମଧ୍ୟ ରାସ୍ତାରେ ଗଡିବା ବନ୍ଦ ହୋଇଛି। ସେହିଭଳି ଏପ୍ରିଲରେ ବର୍ତ୍ତମାନ ସୁଦ୍ଧା ପେଟ୍ରୋଲ ଡିଜେଲ ଚାହିଦା ୬୬% ଖସିଥିବା ବେଳେ ଇଟିଏଫ୍ ୯୦% ଖସିଥିବା ଶିଳ୍ପ ସୂତ୍ରରୁ ସୂଚନା ରହିଛି।

ଇଏମ୍‌ଆଇ ମୋରାଟୋରିୟମ୍ ଆଳରେ ହୋଇପାରେ ଠକେଇ

ଅଜଣା କଲ୍‌ରେ ଓଟିପି ନ ଦେବାକୁ ଗ୍ରାହକଙ୍କୁ ସୂଚନା

ନୂଆଦିଲ୍ଲୀ,୯।୪

ଇଏମ୍‌ଆଇ ମୋରାଟୋରିୟମ ସ୍କିମରେ ବ୍ୟାଙ୍କ ଗ୍ରାହକଙ୍କୁ ଠକେଇ ହେବା ନେଇ ଆଶଙ୍କା କରାଯାଇଛି। ଏଭଳି ସ୍ଥିତିରେ ମୋରାଟୋୟମ ଦ୍ୱାରା ଇଏମ୍‌ଆଇ ସ୍ଥଗିତ କରିବା ଲାଗି କେହି ଅଜଣା ବ୍ୟକ୍ତି କଲ୍ କରି ଓଟିପି ନମ୍ବର ଗ୍ରାହକଙ୍କୁ ମାଗୁଥିବା ଘଟଣା ସାମ୍ନାକୁ ଆସିଛି। ଏଭଳି ସ୍ଥିତିରେ କାହାକୁ ଓଟିପି ନମ୍ବର ନ ଦେବା ଲାଗି ବ୍ୟାଙ୍କଗୁଡିକ ଗ୍ରାହକଙ୍କୁ ନିବେଦନ କରିଛନ୍ତି। ଅଜଣା କଲ୍‌ରେ ଓଟିପି କିମ୍ବା ପିନ ନମ୍ବର ଶେୟାର ନ କରିବାକୁ ଗ୍ରାହକଙ୍କୁ କୁହାଯାଇଛି। ଗତ କିଛି ଦିନ ଧରି ଆକ୍ସିସ ବ୍ୟାଙ୍କ, ଷ୍ଟେଟ ବ୍ୟାଙ୍କ ଭଳି ବ୍ୟାଙ୍କଗୁଡିକ ଗ୍ରାହକଙ୍କୁ ଏ ସଂକ୍ରାନ୍ତରେ ସଚେତନ କରାଇବା ଲାଗି ମୋବାଇଲକୁ ଏସ୍‌ଏମ୍‌ଏସ୍ ପଠାଉଛନ୍ତି। ଏଭଳି ସାଇବର ଠକେଇରୁ ଗ୍ରାହକଙ୍କୁ କିଭଳି ସୁରକ୍ଷା ପ୍ରଦାନ କରାଯାଇ ପାରିବ ସେ ଦିଗରେ ବ୍ୟାଙ୍କଗୁଡିକ ଏବେ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହାବାଦ ଗ୍ରାହକଙ୍କୁ ମେଲ୍ ଯୋଗେ ମଧ୍ୟ ସଚେତନ କରାଯାଉଥିବା ଦେଖାଯାଇଛି।

ବ୍ୟାଙ୍କିଙ୍ଗ ତଥ୍ୟ ପାଇବା ଲାଗି ସାଇବର ଅପରାଧୀ ମାନେ ଏବେ ଅଭିନବ ପନ୍ଥା ଗ୍ରହଣ କରୁଛନ୍ତି। ଏହା ବିରୋଧରେ ଗ୍ରାହକଙ୍କୁ ସଚେତନ ରହିବାକୁ ହେବ ବୋଲି ଆକ୍ସିସ ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି। ଇଏମ୍‌ଆଇ ପେମେଣ୍ଟ ଟାଳିବା ଲାଗି କଲ୍ ଯୋଗେ କେହି ଯଦି ଓଟିପି, ସିଭିଭି, ପାସୱାର୍ଡ, ପିନ୍ ସଂକ୍ରାନ୍ତ ତଥ୍ୟ ମାଗିଲେ ତାହା ନ ଦେବାକୁ ବ୍ୟାଙ୍କ ଏହାର ଗ୍ରାହକଙ୍କୁ ସୂଚନା ଦେଇଛି। ଏ ନେଇ ସତର୍କ ରହିବାକୁ ଏସ୍‌ବିଆଇ ମଧ୍ୟ ବି ଆଲର୍ଟ ବି ଆୱାର ନାମରେ ପଦକ୍ଷେପ ଗ୍ରହଣ କରିଛି। ସେହିଭଳି ଏଚ୍‌ଡିଏଫ୍‌ସି ବ୍ୟାଙ୍କ ପକ୍ଷରୁ ମଧ୍ୟ ସମାନ ପ୍ରକାରର ପଦକ୍ଷେପ ହାତକୁ ନିଆଯାଇଛି। ମିଥ୍ୟା ୟୁପିଆଇ ଆଇଡିରେ ପିଏମ୍ କେୟାର୍ସ ପାଣ୍ଠିକୁ ଦାନରେ ହେଉଥିବା ଠକେଇ ନେଇ କିଛି ଦିନ ତଳେ ଲୋକଙ୍କୁ ସଚେତନ କରାଇଥିଲା।

ବିକାଶ ହାର ନେଇ ଆର୍‌ବିଆଇ ଚିନ୍ତିତ

ନୂଆଦିଲ୍ଲୀ,୯।୪

କୋଭିଡ–୧୯ ବ୍ୟାପିବା ଯୋଗୁ ସାରା ବିଶ୍ୱର ସ୍ଥିତି ଏବେ ଅସମ୍ଭାଳ ହୋଇଛି। ଭାରତକୁ ୨୧ ଦିନିଆ ଲକ୍‌ଡାଉନ ଘୋଷଣା କରାଯାଇଛି। ସ୍ଥିତି ଏବେ ଅଣାୟତ୍ତ ହୋଇଥିବାରୁ କିଛି ରାଜ୍ୟ ଲକ୍‌ଡାଉନକୁ ବଢାଇବା ଲାଗି କେନ୍ଦ୍ରକୁ ପରାମର୍ଶ ଦେଇଛନ୍ତି। ଆଉ କିଛି ରାଜ୍ୟ ଲକ୍‌ଡାଉନ ଅବଧି ବଢାଇବା ଲାଗି ନିଷ୍ପତ୍ତି ନେଇ ସାରିଛନ୍ତି। କରୋନା ଯୋଗୁ ହୋଇଥିବା ଲକ୍‌ଡାଉନ ଫଳରେ ଦେଶର ଆର୍ଥିକ କାର୍ଯ୍ୟକଳାପ ଠପ୍ ହୋଇଛି। ଏଭଳି ସ୍ଥିତିରେ ମହାମାରି ଭାରତର ବିକାଶ ହାର ପୂର୍ବାନୁମାନକୁ ନିଷ୍ପତ୍ତିକୁ ଆମୂଳଚୂଳ ପରିବର୍ତ୍ତନ କରିଛି ବୋଲି ରିଜର୍ଭ ବ୍ୟାଙ୍କ ଗୁରୁବାର ସୂ

କରୋନା ମ୍ୟାପ୍‌ରେ ଢେଙ୍କାନାଳ

ଢେଙ୍କାନାଳ ଅଫିସ, ୯।୪

ଖୋର୍ଦ୍ଧା, ଭଦ୍ରକ, କଟକ, କେନ୍ଦ୍ରାପଡ଼ା, ପୁରୀ, କଳାହାଣ୍ଡି, ଯାଜପୁର ପରେ କରୋନା ମ୍ୟାପ୍‌ରେ ଯୋଡ଼ି ହୋଇଛି ଢେଙ୍କାନାଳ। ଜିଲା ସଦର ମହକୁମାର ସଂଖ୍ୟାଲଘୁ ସମ୍ପ୍ରଦାୟର ଜଣେ ୫୧ ବର୍ଷୀୟା ମହିଳାଙ୍କ ସ୍ୱାବ୍‌ରୁ କୋଭିଡ୍-୧୯ ଭୂତାଣୁ ଠାବ କରାଯାଇଛି। ଗତ ମାସରେ ପଡ଼ୋଶୀ ରାଜ୍ୟର କେତେଜଣ ଧର୍ମ ପ୍ରଚାରକ ଢେଙ୍କାନାଳ ଆସିଥିଲେ। ସେମାନେ ପାଖାପାଖି ସପ୍ତାହେ ଧରି ସମ୍ପୃକ୍ତ ମହିଳାଙ୍କ ପରିବାର ସହିତ ରହିଥିଲେ। ଏହା ହିଁ ସଂକ୍ରମଣ କାରଣ ବୋଲି ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା କହିଛନ୍ତି।

ସକାଳେ ସମସ୍ତଙ୍କ ରିପୋର୍ଟ ନେଗେଟିଭ୍ ଥିବା ପ୍ରଚାର ହେବା ପରେ ସହରବାସୀ ଆଶ୍ୱସ୍ତ ହୋଇଥିଲେ। ଏହାପରେ କ୍ୱାରାଣ୍ଟାଇନ୍‌ରେ ଥିବା ୧୫ଜଣଙ୍କ ଭିତରୁ ଆକ୍ରାନ୍ତ ମହିଳାଙ୍କ ସମେତ ୬ଜଣଙ୍କୁ ଘରକୁ ଛାଡ଼ି ଦିଆଯାଇଥିଲା। ତେବେ ଅପରାହ୍ନରେ ମହିଳାଙ୍କ ରିପୋର୍ଟ ପଜିଟିଭ୍ ଥିବା ଜଣାପଡ଼ିବା ପରେ ସହରବାସୀଙ୍କ ସମେତ ପ୍ରଶାସନର ଚିନ୍ତା ବଢ଼ିଥିଲା। ସମସ୍ତଙ୍କୁ ତୁରନ୍ତ ଅଣାଯାଇ କଣ୍ଟାନାଳୀ ବାଇପାସ୍ ନିକଟରେ ପ୍ରଶାସନ ପକ୍ଷରୁ କରାଯାଇଥିବା କ୍ୱାରାଣ୍ଟାଇନ ସେଣ୍ଟରରେ ରଖାଯାଇଥିଲା। ସେଠାରୁ ଆକ୍ରାନ୍ତଙ୍କୁ କଟକସ୍ଥିତ ଅଶ୍ୱିନୀ ହସ୍ପିଟାଲକୁ ପଠାଇ ଦିଆଯାଇଛି। ଅନ୍ୟମାନେ କ୍ୱାରାଣ୍ଟାଇନ୍‌ରେ ରହିବେ। ସେମାନଙ୍କ ଆଉଥରେ ସ୍ୱାବ୍ ପରୀକ୍ଷା କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଅଧିକ ସୂଚନା ଦେଇ ଜିଲାପାଳ କୁହନ୍ତି, ସମ୍ପୃକ୍ତ ମହିଳାଙ୍କ କୌଣସି ଟ୍ରାଭେଲ୍ ହିଷ୍ଟ୍ରି ନାହିଁ। ସେ ନିକଟ ଅତୀତରେ ରାଜ୍ୟ ବାହାରକୁ କିମ୍ବା ବିଦେଶ ଯାତ୍ରା କରିନାହାନ୍ତି। ତେବେ ସେ ରାଜ୍ୟ ବାହାରୁ ଆସିଥିବା ଧର୍ମ ପ୍ରଚାରକଙ୍କ ସଂସ୍ପର୍ଶରେ ଆସିଥିବା ଜଣାପଡ଼ିବା ପରେ ଦୁଇ ପରିବାରର ୧୫ଜଣଙ୍କୁ ପୌରସଂସ୍ଥାର କ୍ୱାରାଣ୍ଟାଇନ ସେଣ୍ଟରରେ ରଖାଯାଇଥିଲା। ସମସ୍ତଙ୍କ ସ୍ୱାବ ପରୀକ୍ଷଣ ଲାଗି ପଠାଯାଇଥିଲା। ମହିଳାଙ୍କୁ ବାଦ୍ ଦେଲେ ଅନ୍ୟମାନଙ୍କ ରିପୋର୍ଟ ନେଗେଟିଭ୍ ଆସିଛି। ଅନ୍ୟମାନେ ଯେହେତୁ କ୍ୱାରାଣ୍ଟାଇନ୍‌ରେ ଅଛନ୍ତି, ତେଣୁ ବିଶେଷ ସମସ୍ୟା ନାହିଁ। ତଥାପି ସେମାନେ କାହା ସଂସ୍ପର୍ଶରେ ଆସିଛନ୍ତି ତାହାର ଖୋଜତାଡ଼ କରାଯାଉଛି। ଆକ୍ରାନ୍ତ ମହିଳା ରହୁଥିବା ଅଞ୍ଚଳକୁ ବିଶୋଧନ କରାଯାଇଛି। ସହରବାସୀଙ୍କ ହିତକୁ ନିଜରରେ ରଖି ଆବଶ୍ୟକ ପଦକ୍ଷେପ ନିଆଯାଉଛି। ଏସ୍‌ପି ଅନୁପମା ଜେମ୍‌ସ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ପୋଲିସ ପକ୍ଷରୁ ଅଞ୍ଚଳରେ ପାଟ୍ରୋଲିଂ କଡ଼ାକଡ଼ି କରାଯାଇଛି।

ସୂଚନାଯୋଗ୍ୟ, ଗତ ୩ ତାରିଖରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଦୁଇ ପରିବାରର ୧୫ଜଣ କରୋନା ସନ୍ଦିଗ୍ଧଙ୍କୁ ଜିଲା ପ୍ରଶାସନ ପକ୍ଷରୁ ଠାବ କରାଯାଇଥିଲା। ମାର୍ଚ୍ଚ ୧୦ରେ ନୂଆଦିଲ୍ଲୀରୁ ୧୦ଜଣ ଟ୍ରେନ୍ ଯୋଗେ ସମ୍ବଲପୁର ଦେଇ ଢେଙ୍କାନାଳ ଆସିଥିଲେ। ସେମାନେ ସମ୍ପୃକ୍ତ ଦୁଇ ପରିବାର ସହିତ ରହୁଥିଲେ। ୧୭ ତାରିଖରେ ନୂଆଦିଲ୍ଲୀରୁ ଆସିଥିବା ଧର୍ମଯାଜକମାନେ ସମ୍ବଲପୁର ଦେଇ ପଶ୍ଚିମବଙ୍ଗ ଫେରି ଯାଇଥିଲେ। ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିବା ପରେ ସମ୍ପୃକ୍ତ ୧୫ ସଦସ୍ୟ (୬ ମହିଳା, ୪ ପୁରୁଷ ଏବଂ ୫ ଶିଶୁ)ଙ୍କୁ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖାଯାଇଥିଲା।

- ମହିଳାଙ୍କ ସ୍ୱାବ୍‌ରେ କୋଭିଡ୍-୧୯
- ରାଜ୍ୟ ବାହାର ଲିଙ୍କ୍ ସନ୍ଦେହ
- ଘରକୁ ଆସିଥିଲେ ଧର୍ମ ପ୍ରଚାରକ
- ଅଶ୍ୱିନୀ ହସ୍ପିଟାଲ ଗଲେ ଆକ୍ରାନ୍ତ
- କ୍ୱାରାଣ୍ଟାଇନ୍‌ରେ ୧୪ ସମ୍ପର୍କୀୟ
- ଅଞ୍ଚଳକୁ ବିଶୋଧନ କରାଗଲା

ଅଞ୍ଚଳକୁ ସାନିଟାଇଜ୍ କରାଯାଉଛି।

ଆଜିଠୁ ପୌରାଞ୍ଚଳରେ ସ୍ୱାସ୍ଥ୍ୟଯାଞ୍ଚ

ଢେଙ୍କାନାଳରେ କୋଭିଡ୍-୧୯ର ପଦଧ୍ୱନି ପରେ ପ୍ରଶାସନ ପକ୍ଷରୁ କେତେକ ଜରୁରୀ ନିଷ୍ପତ୍ତି ନିଆଯାଇଛି। ଶୁକ୍ରବାରଠାରୁ ପୌରାଞ୍ଚଳର ସମସ୍ତ ୨୩ ୱାର୍ଡର ଜନସାଧାରଣଙ୍କ ସ୍ୱାସ୍ଥ୍ୟଯାଞ୍ଚ ଆରମ୍ଭ ହେବ। ସମସ୍ତଙ୍କଠାରୁ ତଥ୍ୟ ସଂଗ୍ରହ କରାଯିବ। ଦୁଇଦିନରେ ଏହି କାର୍ଯ୍ୟ ସରିବ। ଏଥିଲାଗି ଟିମ୍ ଗଠନ କରାଯାଇଛି। ପ୍ରତି ଦଳରେ ଜଣେ ଆଶା କର୍ମୀ, ଜଣେ ଅଙ୍ଗନୱାଡି କର୍ମୀ ଏବଂ ଜଣେ ଶିକ୍ଷକ ରହିବେ ବୋଲି ପ୍ରଶାସନ ପକ୍ଷରୁ ଏକ ଜରୁରୀ ବୈଠକରେ ନିଷ୍ପତ୍ତି ହୋଇଛି। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ କୋଭିଡ୍-୧୯ ହସ୍ପିଟାଲ

ଢେଙ୍କାନାଳ ଅଫିସ, ୯।୪: ଢେଙ୍କାନାଳ ଜିଲା ସଦରରେ ୧୫ରୁ ୨୦ଦିନ ମଧ୍ୟରେ କୋଭିଡ୍-୧୯ ହସ୍ପିଟାଲ କାର୍ଯ୍ୟକ୍ଷମ ହେବ ବୋଲି ସୂଚନା ଦେଇଛନ୍ତି ବିଧାୟକ ସୁଧୀର କୁମାର ସାମଲ। କରୋନା ମୁକାବିଲା ଲାଗି ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଶୁକ୍ରବାର ବିଧାୟକ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ। ଗୁରୁବାର ଜଣେ ମହିଳାଙ୍କ ସ୍ୱାବ୍ ରିପୋର୍ଟ ପଜିଟିଭ୍ ବାହାରିବା ପରେ ସମ୍ପୃକ୍ତ ଅଞ୍ଚଳରେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଥିବା ବିଧାୟକ ସୂଚନା ଦେଇଛନ୍ତି।

ଚାଷୀ, ବ୍ୟବସାୟୀଙ୍କୁ କଟକଣାମୁକ୍ତ କରାଯାଉ

ଢେଙ୍କାନାଳ ଅଫିସ, ୯।୪: ଢେଙ୍କାନାଳ ଜିଲାର ଗ୍ରାମାଞ୍ଚଳରୁ ସହରକୁ ପରିବା ବିକ୍ରି କରିବାକୁ ଆସୁଥିବା ଚାଷୀ ଏବଂ ଅତ୍ୟାବଶ୍ୟକ ସାମଗ୍ରୀ ନେବାକୁ ଆସୁଥିବା ଖୁଚୁରା ବ୍ୟବସାୟୀଙ୍କ ଯାତାୟାତକୁ କଟକଣାମୁକ୍ତ କରିବାକୁ ସଚେତନ ନାଗରିକ ଫୋରମ ପକ୍ଷରୁ ଜିଲାପାଳଙ୍କ ନିକଟରେ ଦାବି କରାଯାଇଛି। ଏ ଦିଗରେ ପଦକ୍ଷେପ ନେବା ଲାଗି ଫୋରମ୍‌ର ସଭାପତିପ୍ରଦ୍ୟୁମ୍ନରଥ, ଢେଙ୍କାନାଳ ଶିଳ୍ପ ବାଣିଜ୍ୟ ସଙ୍ଗଠନ ସଭାପତି ଶରତ ଚନ୍ଦ୍ର ପାଢ଼ୀ ପ୍ରମୁଖ ଜିଲାପାଳଙ୍କ ସହିତ ଆଲୋଚନା କରିଛନ୍ତି।

୨ ଟ୍ରାକ୍ଟର ଜବତ

ଢେଙ୍କାନାଳ ଅଫିସ, ୯।୪: ଢେଙ୍କାନାଳ ସଦର ଥାନା ଗେଣ୍ଡୁଟିଆସ୍ଥିତ ବ୍ରାହ୍ମଣୀନଦୀ ଘାଟରୁ ବୁଧବାର ବିଳମ୍ବିତ ରାତିରେ ୨ ବାଲି ବୋଝେଇ ଟ୍ରାକ୍ଟରକୁ ତହସିଲ ପ୍ରଶାସନ ପକ୍ଷରୁ ଜବତ କରାଯାଇଛି। ରାତିଅଧିଆ ବାଲି ଚାଲାଣ କରାଯାଉଥିବା ସୂଚନା ପାଇ ତହସିଲଦାର ଲକ୍ଷ୍ମୀଧର ରାଉତ, ଆର୍‌ଆଇ ସୁମନ୍ତ ବେହେରା ପ୍ରମୁଖ ଚଢ଼ାଉ କରିଥିଲେ। ଟ୍ରାକ୍ଟର ମାଲିକଙ୍କଠାରୁ ୪୦,୬୦୦ଟଙ୍କା ଜରିମାନା ଆଦାୟ କରାଯାଇଥିବା ତହସିଲଦାର ସୂଚନା ଦେଇଛନ୍ତି।

ପୋଖରୀରେ ବୁଡ଼ି ବୃଦ୍ଧ ମୃତ

କାମାକ୍ଷାନଗର, ୯।୪(ଡି.ଏନ.ଏ.)- କାମାକ୍ଷାନଗର ଥାନା ନୂଆପାଣି ଗ୍ରାମରେ ପୋଖରୀରେ ବୁଡି ବଟକୃଷ୍ଣ ଦିଅନି (୬୫)ଙ୍କ ମୃତ୍ୟୁ ଘଟିଛି। ପୋଖରୀରେ ଗାଧୋଉଥିବାବେଳେ ଗୋଡ଼ ଖସିଯିବାରୁ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି। ଏ ନେଇ ନଂ. ୧୨/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

ରାଶନ ସାମଗ୍ରୀ ଦର ପୁନଃ ଧାର୍ଯ୍ୟ

ଅନୁଗୋଳ ଅଫିସ, ୯।୪: ଅନୁଗୋଳ ଜିଲା ପ୍ରଶାସନ ପକ୍ଷରୁ ଲୋକଙ୍କୁ ସଚେତନ କରିବାକୁ ଅତ୍ୟାବଶ୍ୟକୀୟ ସାମଗ୍ରୀ ଓ ରାଶନର ଦର ପୁଣି ଧାର୍ଯ୍ୟ କରାଯାଇଛି। ଏହାକୁ ଫାଙ୍କି କେହି ଖୁଉଟୀଙ୍କୁ ଉଚ୍ଚା ଦରରେ ବିକ୍ରି କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଆଳୁ (ବଡ଼) ଖୁଚୁରା ଦର ୨୫ ଟଙ୍କା ରଖାଯାଇଥିବା ବେଳେ (ସାନ) ଦର ୨୦ ଟଙ୍କା ରଖାଯାଇଛି। ସେହିପରି ପିଆଜ (ବଡ଼) ଖୁଚୁରା ୨୫ ଟଙ୍କା ଓ (ସାନ) ୨୦ ଟଙ୍କା ରହିଛି। ହରଡ ଡାଲିର ଖୁଚୁରା ଦର ୯୦ ରୁ ୯୮ ଟଙ୍କା, ମୁଗ ୧୦୦ ରୁ ୧୦୫, ଚଣା ଡାଲି ୬୦ରୁ ୭୦ ଟଙ୍କା ରହିଛି।

ବ୍ୟାଙ୍କ ସୁବିଧା ଦାବି

ଆଠମଲ୍ଲିକ,୯।୪(ଡି.ଏନ.ଏ.): ଆଠମଲ୍ଲିକ ବ୍ଲକ ଜାମୁଁଡୋଲି, ଅଏଡା, ଲୁହାସିଙ୍ଗା, ନଅଗାଁ ଆଦି ପଞ୍ଚାୟତବାସୀଙ୍କୁ ବ୍ୟାଙ୍କ ସେବା ଯୋଗାଇ ଦେବାକୁ ଗୁରୁବାର ଜିଲାପାଳଙ୍କୁ ଅନୁରୋଧ କରାଯାଇଛି। ଏହି ଅଞ୍ଚଳରେ ଜାତୀୟ ବ୍ୟାଙ୍କ କି ଏଟିଏମ ନାହିଁ। ଫଳରେ ଅଞ୍ଚଳବାସୀ ୩୦ କିମି ଦୂର ଆଠମଲ୍ଲିକ ସହରକୁ ଯାଉଛନ୍ତି। ତୁରନ୍ତ ଭ୍ରାମ୍ୟମାଣ ଏଟିଏମ ବ୍ୟବସ୍ଥା କରିବାକୁ ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ କର୍ଣ୍ଣ ଜିଲାପାଳଙ୍କୁ ନିବେଦନ କରିଛନ୍ତି।

ପାରିବାରିକ କଳହରୁ ହତ୍ୟା

ଅନୁଗୋଳ ଅଫିସ, ୯।୪: ଅନୁଗୋଳ ଜିଲା ନିଶା ଥାନା ସାନକେରଜାଙ୍ଗ ଅଞ୍ଚଳରେ ଗୁରୁବାର ପାରିବାରିକ କଳହରୁ ଏକ ହତ୍ୟାକାଣ୍ଡ ଘଟିଛି। ବଡ ଭାଇ ବଂଶୀଧର ନାଏକ(୪୦)ଙ୍କ ଟାଙ୍ଗିଆ ଚୋଟରେ ସାନ ଭାଇ ଦିଲୀପ ନାଏକ(୩୦)ଙ୍କ ମୃତ୍ୟୁ ହୋଇଥିବା ମେଡିକାଲ ସୂତ୍ରରୁ ସୂଚନା ମିଳିଛି। ଅଭିଯୁକ୍ତ ବଂଶୀଧରଙ୍କୁ ନିଶା ଥାନା ପୋଲିସ ଗିରଫ କରିଥିବା ଥାନା ଅଧିକାରୀ ପ୍ରୀତିମଞ୍ଜରୀ ମେଣ୍ଢୁଳି ସୂଚନା ଦେଇଛନ୍ତି।

ଅମାନିଆଙ୍କୁ କ୍ୱାରାଣ୍ଟାଇନ୍ ପଠାଯିବ

ଅନୁଗୋଳ ଅଫିସ, ୯।୪: ସଚେତନ କରିବା ପରେ ପୋଲିସ ଅମାନିଆ ଲୋକଙ୍କୁ ଧରି ମାମଲା ରୁଜୁ ସହ ଗାଡ଼ି ଜବତ କରୁଛି। କିନ୍ତୁ ଏବେବି କିଛି ଅମାନିଆ ଅଯଥାରେ ରାସ୍ତାରେ ବୁଲୁଛନ୍ତି। ସେମାନେ ଘରୁ ପଦାକୁ ଗୋଡ଼ କାଢ଼ିଲେ କ୍ୱାରାଣ୍ଟାଇନ୍ ଗୃହକୁ ନିଆଯାଇ ରଖାଯିବ ବୋଲି ଜିଲାପାଳ ମନୋଜ କୁମାର ମହାନ୍ତି ସୂଚନା ଦେଇଛନ୍ତି।

କଟକଣା ଉଲ୍ଲଂଘନ, ୬ ଗିରଫ

ବଇଣ୍ଡା/ଛେଣ୍ଡିପଦା,୯।୪(ଡି.ଏନ.ଏ.): କିଶୋରନଗର ବ୍ଲକ ହଣ୍ଡପା ଥାନା ପୋଲିସ ଲକ୍‌ଡାଉନ୍ କଟକଣା ଉଲ୍ଲଂଘନ ଅଭିଯୋଗରେ ୩ ଜଣଙ୍କୁ ଗିରଫ କରିଛି। ବଇଣ୍ଡା ନିକଟସ୍ଥ ଦାଦର ସାହିରେ ୨ ଜଣ କ୍ରିକେଟ୍ ଖେଳୁଥିବା ବେଳେ ଓ ଅନ୍ୟ ଜଣେ ବାଇକ୍ ଧରି ବୁଲୁଥିବା ଯୋଗୁ ଗିରଫ ହୋଇଥିବା ଆଇଆଇସି ଲବ ବୋଡା ସୂଚନା ଦେଇଛନ୍ତି। ସେହିପରି ଛେଣ୍ଡିପଦା ପୋଲିସ ମାଛକୁଟା, ଘୁଣ୍ଟୁଳିପଶି ଗ୍ରାମର ୩ଜଣଙ୍କୁ ଗିରଫ କରିଥିବା ଥାନା ଅଧିକାରୀ କନକ କୁମାର ମାଝି ପ୍ରକାଶ କରିଛନ୍ତି।

କୂଅରେ ପଡ଼ି ଯୁବକ ମୃତ

ବଇଣ୍ଡା,୯।୪(ଡି.ଏନ.ଏ.): କିଶୋରନଗର ଥାନା ବାମୁର ଶିବମନ୍ଦିର ନିକଟସ୍ଥ ଖୋଲା କୂଅରେ ଖସିପଡ଼ି ଗୁରୁବାର ବାମୁର ଅଞ୍ଚଳର ଅମ୍ବର କୁମାର ସାହୁ (୨୨)ଙ୍କ ମୃତ୍ୟୁ ହୋଇଛି। ଅମ୍ବର ଉକ୍ତ ଖୋଲା କୂଅ ଉପରେ ବସିଥିବା ବେଳେ ଖସି ପଡ଼ିଥିଲେ। ବାମୁର ଅଗ୍ନିଶମ କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରିବା ସହ କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପୋଲିସ ନଂ. ୪/୨୦ରେ ଏକ ମାମଲା ରୁଜୁ କରିଛି।

ବିଭିନ୍ନ ସ୍ଥାନ ବିଶୋଧନ

ଅନୁଗୋଳ ଅଫିସ, ୯।୪: ଅନୁଗୋଳ ସହରର ବିଭିନ୍ନ ସ୍ଥାନକୁ ବୁଧବାର ସାନିଟାଇଜ କରାଯାଇଛି। ଅଗ୍ନିଶମ ବିଭାଗର କର୍ମଚାରୀମାନେ ଦୁଇଟି ଗାଡିରେ ସହରର ବସ୍‌ଷ୍ଟାଣ୍ଡ, କାଞ୍ଚନଟକିଜ ରୋଡ୍, ଅନୁଗୋଳ କାରାଗାର, ପୌରପାଳିକା ସମ୍ମୁଖ ଏଟିଏମ ଆଦିକୁ ବିଶୋଧନ କରିଛନ୍ତି। ଆଗାମୀ ଦିନରେ ଅନ୍ୟ ସ୍ଥାନ ସାନିଟାଇଜ୍ କରାଯିବ ବୋଲି ଅଗ୍ନିଶମ ଅଧିକାରୀ ସର୍ବେଶ୍ୱର ବରାଳ କହିଛନ୍ତି।

ହାତୀ ଆକ୍ରମଣରେ ଜଣେ ଗୁରୁତର

ପବିତ୍ରନଗର/ କଣିହାଁ, ୯।୪ (ଡି.ଏନ.ଏ.): କଣିହାଁ ବ୍ଲକ ବିରୁ ଗ୍ରାମର ଭାଗବତ ଦେହୁରୀ ଗୁରୁବାର ହାତୀ ଆକ୍ରମଣରେ ଗୁରୁତର ହୋଇଛନ୍ତି। ତାଙ୍କୁ କଟକ ପଠାଇ ଦିଆଯାଇଛି। ସେହିପରି ବକ୍ରକୋଟ ଗ୍ରାମର ପ୍ରମୋଦ ଜେନାଙ୍କ ୨ ବଖରା ଘରକୁ ମଙ୍ଗଳବାର ହାତୀ ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି।

କରୋନା ଲଢ଼େଇରେ ଟାଟାଷ୍ଟିଲ ବିଏସ୍‌ଏଲ୍

ଓଡ଼ାପଡ଼ା, ୯।୪(ଡି.ଏନ.ଏ.): ସମଗ୍ର ବିଶ୍ୱ କୋଭିଡ୍-୧୯ ଭୂତାଣୁ ସହ ଲଢୁଥିବାବେଳେ ଟାଟାଷ୍ଟିଲ ବିଏସ୍‌ଏଲ୍ ସହାୟତାରେ ଆଖପାଖ ଗାଁର ମହିଳା ସଦସ୍ୟମାନେ କରୋନା ମୁକାବିଲା ପାଇଁ ଅଣ୍ଟା ଭିଡ଼ିଛନ୍ତି। କମ୍ପାନୀ ସହଯୋଗରେ ଗୃହଲକ୍ଷ୍ମୀ କୋଅପରେଟିଭ୍ ଏଚ୍‌ଏଚ୍‌ଜି ତରଫରୁ ହିନ୍ଦୋଳ ବ୍ଲକ ନୂଆଗାଁ, କୁରୁଣ୍ଡି, ଅସନବଣି ଗ୍ରାମରେ ୨୦ରୁ ଊର୍ଦ୍ଧ୍ୱ ମହିଳା ମାସ୍କ ତିଆରି କାମରେ ଲାଗି ପଡ଼ିଛନ୍ତି। ଟାଟାଷ୍ଟିଲ ବିଏସ୍‌ଏଲ୍ ପକ୍ଷରୁ ମହିଳାଙ୍କୁ କପଡ଼ା ଯୋଗାଇ ଦିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ୨୦ହଜାର ମାସ୍କ ତିଆରି କରିବା ଯୋଜନା ଥିବାବେଳେ ବର୍ତ୍ତମାନସୁଦ୍ଧା ୧୩ ହଜାର ମାସ୍କ ତିଆରି ସରିଲାଣି। ମହିଳାମାନେ ହାତ ତିଆରି ମାସ୍କକୁ ଅଞ୍ଚଳବାସୀଙ୍କୁ ଯୋଗାଇ ଦେଉଛନ୍ତି। କେବଳ ଏତିକି ନୁହେଁ, କମ୍ପାନୀ ପକ୍ଷରୁ କୁସୁପଙ୍ଗା, ନୂଆଗାଁ, ଶିବପୁର, ମଙ୍ଗଳପୁର, ପାଇକ ପୁରୁଣାକୋଟ ପଞ୍ଚାୟତ, ଅନୁଗୋଳ ଜିଲା ନୂଆହାଟ ପଞ୍ଚାୟତର ଅଙ୍ଗନୱାଡି କର୍ମୀ, ସ୍ୱାସ୍ଥ୍ୟକର୍ମୀ, ପୋଲିସ କର୍ମଚାରୀ, ସଫେଇ କାମରେ ନିୟୋଜିତ କର୍ମଚାରୀଙ୍କୁ ମାସ୍କ ବଣ୍ଟନ କରାଯାଇଛି। କମ୍ପାନୀର ଓମେନ ଏମ୍ପାୱାରମେଣ୍ଟ ଆଣ୍ଡ୍ ଏଣ୍ଟ୍ରେପ୍ରିନିୟରଶିପ୍ କାର୍ଯ୍ୟକ୍ରମ ଅଧୀନରେ କାରଖାନା ପାର୍ଶ୍ୱବର୍ତ୍ତୀ ଗ୍ରାମର ମହିଳାଙ୍କୁ ସଶକ୍ତ କରିବା ଦିଗରେ ଏପରି ବହୁବିଧ ପଦକ୍ଷେପ ଗ୍ରହଣ କରାଯାଉଛି।

ଜଣେ ମହିଳା ମାସ୍କ ତିଆରି କରୁଛନ୍ତି।

- ୨୦ ହଜାର ମାସ୍କ ପ୍ରସ୍ତୁତି ଲକ୍ଷ୍ୟ
- ନିୟୋଜିତ ହୋଇଛନ୍ତି ଏସ୍‌ଏଚ୍‌ଜି ମହିଳା

ହିତାଧିକାରୀଙ୍କୁ ଆର୍ଥିକ ପ୍ରୋତ୍ସାହନ

କଣିହାଁ,୯।୪(ଡି.ଏନ.ଏ.): କଣିହାଁ ବ୍ଲକ ବଡ଼ଗୁଣ୍ଡୁରୀ ପଞ୍ଚାୟତର ୫ଶହ ହିତାଧିକାରୀଙ୍କୁ ଗୁରୁବାର ଖାଦ୍ୟ ସୁରକ୍ଷା ଯୋଜନାରେ ୧ ହଜାର ଟଙ୍କା ଲେଖାଏ ସହାୟତା ଦିଆଯାଇଛି। ସରପଞ୍ଚ ଲୋକନାଥ ସାହୁ, ପଞ୍ଚାୟତ ଅଧିକାରୀଙ୍କ ସହ ରିଟେଲରମାନେ ଏଥିରେ ସହଯୋଗ କରିଥିଲେ। ବ୍ଲକର ମୋଟ୍ ୩୩,୯୧୧ ରାଶନକାର୍ଡଧାରୀଙ୍କୁ ଏହି ସହାୟତା ଯୋଗାଇ ଦିଆଯିବ ବୋଲି ବ୍ଲକ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

ଅଧ୍ୟକ୍ଷାଙ୍କୁ କାଉନ୍‌ସିଲରଙ୍କ ବିରୋଧ

ଲକ୍‌ଡାଉନ୍ ନିୟମ ଉଲ୍ଲଂଘନ ଅଭିଯୋଗ

ହିନ୍ଦୋଳ, ୯।୪(ଡି.ଏନ.ଏ.): ହିନ୍ଦୋଳ ଏନ୍‌ଏସି ଅଧ୍ୟକ୍ଷା ରୀନା ବେହେରା ଲକ୍‌ଡାଉନ୍ ନିୟମ ଉଲ୍ଲଂଘନ କରିଥିବା ନେଇ ଅଭିଯୋଗ ହୋଇଛି। ସରକାରୀ ନିର୍ଦ୍ଦେଶକୁ ବେଖାତିର କରି ଅଧ୍ୟକ୍ଷା ବିଭିନ୍ନ ୱାର୍ଡ ବୁଲି ନିର୍ମାଣ ଶ୍ରମିକଙ୍କୁ ସହାୟତା ବାଣ୍ଟୁଥିବା କେତେଜଣ କାଉନସିଲର ଉପଜିଲାପାଳ ଉଦୟ କୁମାର ମହାପାତ୍ରଙ୍କୁ ଫେରାଦ୍ ହୋଇଛନ୍ତି।

ଅଭିଯୋଗ ଅନୁଯାୟୀ, ଗୁରୁବାର ଏନ୍‌ଏସି ଅଧ୍ୟକ୍ଷା ୧୨, ୧୩, ୧୪ ଓ ୧୫ନଂ. ୱାର୍ଡରେ ଏକ ଗାଡ଼ିରେ ବୁଲି ବୁଲି ନିର୍ମାଣ ଶ୍ରମିକଙ୍କୁ ସହାୟତା ରାଶି ବଣ୍ଟନ କରୁଥିଲେ। କୋଭିଡ୍-୧୯ ସଂକ୍ରମଣ ରୋକିବାକୁ ରାଜ୍ୟ ସରକାର ବହୁବିଧ ପଦକ୍ଷେପ ନେଉଛନ୍ତି। ଏପରି ଜରୁରୀ ସମୟରେ ସମସ୍ତ କାର୍ଯ୍ୟ ସରକାରୀ କର୍ମଚାରୀ କରିବାକୁ ନିର୍ଦ୍ଦେଶ ରହିଛି। ତଥାପି ଏହାକୁ ନ ମାନି ଅଧ୍ୟକ୍ଷା ଏପରି କାର୍ଯ୍ୟ କରୁଥିବା କାଉନ୍‌ସିଲରମାନେ ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଅନ୍ୟପଟେ ଅଭିଯୋଗ ପାଇବା ପରେ ଉପଜିଲାପାଳ ଅଧ୍ୟକ୍ଷାଙ୍କ ସହ ଆଲୋଚନା କରି ଏହି କାର୍ଯ୍ୟରୁ ବିରତ ରହିବାକୁ ପରାମର୍ଶ ଦେଇଥିଲେ। ଏ ନେଇ ଏନ୍‌ଏସି ଅଧ୍ୟକ୍ଷା କୁହନ୍ତି, ଏହି କାର୍ଯ୍ୟରେ ତାଙ୍କର କୌଣସି ମନ୍ଦ ଉଦ୍ଦେଶ୍ୟ ନାହିଁ। ଏପରି ଅସମୟରେ ଗରିବ ଶ୍ରମିକଙ୍କୁ ସହାୟତା ପ୍ରଦାନ କରିବା ତାଙ୍କର ଉଦ୍ଦେଶ୍ୟ ଥିଲା। ଉପଜିଲାପାଳଙ୍କ ପରାମର୍ଶ ପରେ ସେ ଫେରି ଆସିଥିବା କହିଛନ୍ତି।

ରିଲିଫ ପାଣ୍ଠିକୁ ୨୦ ହଜାର ଦାନ

ଛେଣ୍ଡିପଦା,୯।୪(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ଗ୍ରାମ କମିଟି ପକ୍ଷରୁ ମୁଖମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୨୦ ହଜାର ଟଙ୍କା ଦାନ କରାଯାଇଛି। ଗ୍ରାମକମିଟି ସଭାପତି ଗୋବର୍ଦ୍ଧନ ନାୟକ, ଉପସଭାପତି ବିପିନ ବିହାରୀ ପ୍ରଧାନ, କୋଷାଧ୍ୟକ୍ଷ ଜଗବନ୍ଧୁ ସାହୁ, ଜଙ୍ଗଲ କମିଟି ସଭାପତି ଭଜମନ ବେହେରା, ସାହି ସଭାପତି ଡମ୍ବରୁଧର ବେହେରା, ଭୀମସେନ ସାହୁ, ବ

ଓଳିଏ ଖାଇ ଦିନ କାଟୁଛନ୍ତି ୧୦୦୦ ପିଲା

ରାୟଗଡ଼ା ଅଫିସ,୯।୪

- ଆନ୍ଧ୍ରପ୍ରଦେଶ, କର୍ନାଟକ, ତେଲଙ୍ଗାନାର ବାସିନ୍ଦା
- ରାୟଗଡ଼ାରେ ରହି ମାର୍କେଟିଂ କାମ କରୁଥିଲେ
- ଥାନାରେ ପହଞ୍ଚି ଜଣାଇଲେ ଅଭିଯୋଗ

ଅଭିଯୋଗ ଜଣାଇଥିବା ମାର୍କେଟିଂରେ କାର୍ଯ୍ୟରତ ପିଲାମାନେ ।

ଗ୍ଲୋବ ଇଣ୍ଡିଆ ନାମକ ଏକ ସଂସ୍ଥା ଅଧୀନରେ ଥିବା ସାଇକୃପା ଆସୋସିଏଟସରେ କାମ କରିବା ପାଇଁ ଆନ୍ଧ୍ରପ୍ରଦେଶ, କର୍ନାଟକ, ତେଲଙ୍ଗାନାରୁ ୧୦୦୦ରୁ ଅଧିକ ପିଲା ଆସିଛନ୍ତି। ସେମାନେ ବିଭିନ୍ନ ଦ୍ରବ୍ୟର ମାର୍କେଟିଂ କାମରେ ଏଠାରେ ନିୟୋଜିତ ଥିଲେ। କିନ୍ତୁ ଏବେ ଲକ୍ ଡାଉନ ସମୟରେ ସେମାନେ କାମ ଓ ଟଙ୍କା ଅଭାବରୁ ଓଳିଏ ଖାଇ ଦିନ କାଟୁଛନ୍ତି। ଲକ୍ ଡାଉନ ପରଠାରୁ ସେମାନଙ୍କ ଅବସ୍ଥା ସାଂଘାତିକ ହୋଇପଡ଼ିଛି।

ମାର୍କେଟିଂ କାମରେ ଥିବା ହଜାରରୁ ଅଧିକ ପିଲା ରାୟଗଡ଼ା ସହରର ୩୨ଟି ଘର ଭଡ଼ା ନେଇ ରହୁଥିଲେ। କରୋନା ଯୋଗୁ କେନ୍ଦ୍ର ସରକାର ଦେଶବ୍ୟାପୀ ଲକ୍ ଡାଉନ୍ ଘୋଷଣା କରିବା ପରେ ସେମାନଙ୍କ ହାତ ବନ୍ଦ ହୋଇଯାଇଛି। ମାଲିକ କୌଣସି କାମ ଦେଉନାହାନ୍ତି କିମ୍ବା ଏଭଳି ପରିସ୍ଥିତିରେ କିଛି ସହାୟତା ମଧ୍ୟ ପ୍ରଦାନ କରୁନାହାନ୍ତି। ଘର ମାଲିକ ଭଡ଼ା ମାଗିଲେଣି। ପାଖରେ ଟଙ୍କା ନ ଥିବାରୁ ମାଲିକ ଘରୁ ତଡୁଛନ୍ତି। ଖାଇବାକୁ ମଧ୍ୟ ପାଖରେ ଟଙ୍କା ନାହିଁ। ଗତ ମାର୍ଚ୍ଚ ୨୫ ତାରିଖରୁ ଲକ୍ ଡାଉନ ପିରିୟଡ଼ ଭିତରେ ୧୬ ଦିନ ହେଲା ଏହି ପିଲାମାନେ ଓଳିଏ ଖାଇ ଆଉ ଓଳିଏ ଉପବାସରେ ଦିନ କାଟୁଛନ୍ତି। ସେମାନଙ୍କୁ କାମ ଦେଇଥିବା ସଂସ୍ଥାର ମାଲିକ ଏନେଇ ସେମାନଙ୍କର କୌଣସି ଦାୟିତ୍ୱ ନେଉ ନ ଥିବା ପିଲାମାନେ ପ୍ରକାଶ କରିଛନ୍ତି। ରାୟଗଡ଼ାର ଡୁମ୍ବିଗୁଡ଼ା ଛକରେ ଏହାର ମୁଖ୍ୟଶାଖା ରହିଛି। ପିଲାମାନେ ଏନେଇ ରାୟଗଡ଼ା ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏହାର ତଦନ୍ତ କରି ଗ୍ଲୋବ ଇଣ୍ଡିଆର ପରିଚାଳକ ଯୋଗେନ୍ଦ୍ର ପାତ୍ରଙ୍କୁ ଥାନାକୁ ଡକାଇ ପଚରାଉଚୁରା କରିଛି। ପିଲାମାନଙ୍କ ଖାଇବା ପିଇବା ଓ ରହିବା ବ୍ୟବସ୍ଥା କରିବା ପାଇଁ ତାଙ୍କୁ ତାଗିଦ କରିଛି ପୋଲିସ। ଘରଭଡ଼ା କେହି ମାଗିଲେ ଥାନାକୁ ଜଣାଇବା ପାଇଁ ମଧ୍ୟ ପିଲାଙ୍କୁ କହିଛି ପୋଲିସ। ପିଲାମାନେ ଥାନାରେ ନିବେଦନ କରିଛନ୍ତି ଯେ, ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଯଦି ସେମାନଙ୍କୁ ଏକ ପାସ୍ ଦିଆଯାଆନ୍ତା, ତେବେ ସେମାନେ ଚାଲି ଚାଲି ନିଜ ଗାଁକୁ ଫେରିଯାଆନ୍ତେ। ଆଇଆଇସି ନିହାର ରଞ୍ଜନ ପ୍ରଧାନ ସେମାନଙ୍କୁ ବୁଝାଶୁଝା କରି ସମସ୍ତ ବ୍ୟବସ୍ଥା କରାଇଥିବା କହିଛନ୍ତି।

ଲକ୍‌ଡାଉନ୍ ବେଳେ ଜୁଆଖେଳ ଚଢ଼ାଉରେ ୩ ଗିରଫ

ରାୟଗଡ଼ା ଅଫିସ,୯।୪

ରାୟଗଡ଼ାର ରାଣୀଗୁଡ଼ା ଫାର୍ମରେ ଚାଲିଥିବା ଏକ ଜୁଆ ଆଡ୍ଡା ସମ୍ପର୍କରେ କୌଣସି ସୂତ୍ରରୁ ଖବର ପାଇ ପୋଲିସ ଗୁରୁବାର ସେଠାରେ ଚଢ଼ାଉ କରିଛି। ଜୁଆ ଆଡ୍ଡାରେ ଚଢ଼ାଉ କରି ୧୨ ହଜାର ୩୦୦ ଟଙ୍କା, ୩ ମୋବାଇଲ, ୩ଟି ବାଇକ ଜବତ କରିଛି ପୋଲିସ। ଏନେଇ ପୋଲିସ ୩ ଜଣ ଅଭିଯୁକ୍ତଙ୍କୁ ମଧ୍ୟ ଗିରଫ କରିଛି। ଏହି ଚଢ଼ାଉ ବେଳେ ରାୟଗଡ଼ା ଟାଉନ ଥାନାର ଏସ୍‌ଆଇ ରିଗାନ କିଣ୍ଡୋ, ଏସ୍‌ଆଇ କେ.ସି.ଏଚ୍. ବେହେରା, ଏସ୍‌ଆଇ ମାନସ ସାହୁ ଉପସ୍ଥିତ ଥିଲେ।

ସଂକ୍ଷେପରେ

ରିଲିଫ ପାଣ୍ଠିକୁ ସହାୟତା

ଝରିଗାଁ/ଜୟପୁର/ଟିକିରି/ଡାବୁଗାଁ, ୯।୪(ସ୍ୱ.ପ୍ର./ଡି.ଏନ୍.ଏ.): କରୋନା ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ବିଭିନ୍ନ ଦିଗରୁ ସହାୟତାର ହାତ ବଢ଼ିଛି। ନବରଙ୍ଗପୁର ଏମ୍‌ପିଙ୍କ ଝରିଗାଁ ବ୍ଲକ ପ୍ରତିନିଧି ପ୍ରିୟରଞ୍ଜନ ଦାସ ୨୧ ହଜାର ଟଙ୍କା ବିଡିଓ ଦେବେନ୍ଦ୍ର ବାହାଦୂରସିଂ ଧୁରୁଆଙ୍କ ଜରିଆରେ ପ୍ରଦାନ କରିଛନ୍ତି। ସେହିପରି ଚିତବେ ଗ୍ରାମର ଠକାଦାର ଶବରାମ ଶତପଥୀ ୧୫ ହଜାର, ଇଚ୍ଛାପୁର ଗ୍ରାମବାସୀ ୨୩ ହଜାର ୪୦ ଟଙ୍କା, ଗ୍ରାମର ଶିବଶକ୍ତି ସ୍ୱୟଂ ସହାୟିକା ଗୋଷ୍ଠୀ ୨ ହଜାର ଏବଂ ମା' ଠାକୁରାଣୀ ସ୍ୱୟଂ ସହାୟିକା ଗୋଷ୍ଠୀ ୧ ହଜାର ଟଙ୍କା ବିଡିଓଙ୍କୁ ପ୍ରଦାନ କରିଛନ୍ତି। ସେହିପରି କୋରାପୁଟ ଜିଲା ଜୟପୁର ଅଞ୍ଚଳର ଆଧ୍ୟାତ୍ମିକ ସଂଗଠନ କାଳାକୃଷ୍ଣ ସଂଘ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ୫୦ ହଜାର ଏବଂ ସିଟି ଭିୟୁ ଆପାର୍ଟମେଣ୍ଟର ବାସିନ୍ଦା ୫୧ ହଜାର ଟଙ୍କା ପ୍ରଦାନ କରିଛନ୍ତି। ସେହିପରି ରାୟଗଡ଼ା ଜିଲା ଟିକିରି ଅଞ୍ଚଳର ଯୁବ ସ୍ୱେଚ୍ଛାସେବୀ ହରପ୍ରସାଦ ନାୟକ ରାୟଗଡ଼ା ଜିଲାପାଳ ପ୍ରମୋଦ ବେହେରାଙ୍କୁ ୩୧ ହଜାର ଟଙ୍କାର ଚେକ୍ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି। ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକର ଅବସରପ୍ରାପ୍ତ ଶିକ୍ଷକ ପୀତାମ୍ବର ଜେନା ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ୫,୦୦୦ ଟଙ୍କା ସହାୟତା ରାଶି ପ୍ରଦାନ କରିଛନ୍ତି। ଡାବୁଗାଁ ବ୍ଲକ ନୋଡାଲ ଅଧିକାରୀ ତଥା ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନଙ୍କ ଜରିଆରେ ସେ ଏହି ଅର୍ଥରାଶିର ଚେକ ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି।

କରୋନା ପାଇଁ ରାଶନରୁ ବଞ୍ଚିତ ଛାତ୍ରୀଛାତ୍ର

ସେମିଳିଗୁଡ଼ା,୯।୪(ସ୍ୱ.ପ୍ର.): ଗଣଶିକ୍ଷା ବିଭାଗ ପ୍ରମୁଖ ସଚିବଙ୍କ ଚିଠି (୬୫୫୫ ଏମ୍‌ଇ ୨୧।୩।୨୦) ଅନୁଯାୟୀ କରୋନାକୁ ଦୃଷ୍ଟିରେ ରଖି ୩ ମାସ ପାଇଁ ମଧ୍ୟାହ୍ନଭୋଜନ ବାବଦକୁ ଛାତ୍ରୀଛାତ୍ରଙ୍କୁ ରାଶନ ସାମଗ୍ରୀ ଦିଆଯିବ। ଗଣଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ସରକାରୀ ଓ ବେସରକାରୀ ବିଦ୍ୟାଳୟର ଛାତ୍ରୀଛାତ୍ର ଏହା ପାଉଛନ୍ତି। କିନ୍ତୁ ଯେଉଁ ଛାତ୍ରୀଛାତ୍ର ଆଶ୍ରମ ବିଦ୍ୟାଳୟରୁ ଘରକୁ ଯାଇ ଏବେ ପାଠପଢ଼ା ଜାରି ରଖିଛନ୍ତି, ସେମାନେ ଏହି ରାଶନ ସାମଗ୍ରୀ ପାଇବାରୁ ବଞ୍ଚିତ ହେଉଛନ୍ତି। ବିଦ୍ୟାଳୟ ଖୋଲା ଥିବା ସମୟରେ ସେମାନେ ମଧ୍ୟାହ୍ନଭୋଜନ ପାଉଛନ୍ତି। ତେଣୁ ବର୍ତ୍ତମାନ ମଧ୍ୟ ସେମାନଙ୍କୁ ମଧ୍ୟାହ୍ନଭୋଜନ ସକାଶେ କୁପନ ଜରିଆରେ ରାଶନ ଦେବା ଉଚିତ ବୋଲି ସେମିଳିଗୁଡ଼ା ବ୍ଲକ ଦଳେଇଗୁଡ଼ା ସମିତି ସଭ୍ୟ ଅନନ୍ତରାମ ମାଟାମ ମତ ରଖିଛନ୍ତି।

କରୋନା ବ୍ୟବସ୍ଥା ୧୬୧୮ ଗରିବଙ୍କୁ ୩ ମାସର ଚାଉଳ

ଚନ୍ଦ୍ରପୁର,୯।୪(ଡି.ଏନ୍.ଏ.): ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକର ଡାଙ୍ଗସୋରଡ଼ା ପଞ୍ଚାୟତରେ ବୁଧବାର କରୋନାକୁ ଦୃଷ୍ଟିରେ ରଖି ଆଗୁଆ ୩ ମାସର ଚାଉଳ ପ୍ରଦାନ କରାଯାଇଛି। ବିପିଏଲ, ଅନ୍ତ୍ୟୋଦୟ ଯୋଜନାରେ ପଞ୍ଜିକୃତ ହୋଇଥିବା ହିତାଧିକାରୀଙ୍କୁ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଏପ୍ରିଲ, ମେ ଓ ଜୁନ୍ ମାସର ଚାଉଳ ଦିଆଯାଇଛି। ଗରିବ, ଅସହାୟମାନେ ରହିଥିବା ପଞ୍ଚାୟତର ସମସ୍ତ ୱାର୍ଡ଼, ଗ୍ରାମରେ ପହଞ୍ଚି ସରପଞ୍ଚ ଧାନୁମାଝି କୁମୁରୁକା, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦୟା ଶବରଙ୍କ ଉପସ୍ଥିତିରେ ହିତାଧିକାରୀଙ୍କୁ ଚାଉଳ ବଣ୍ଟନ କରାଯାଇଛି। ଏହାଦ୍ୱାରା ଡାଙ୍ଗସୋରଡ଼ା ପଞ୍ଚାୟତରେ ୧୬୧୮ ଜଣ ହିତାଧିକାରୀ ଉପକୃତ ହୋଇଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ଶବର କହିଛନ୍ତି। ସେହିପରି ପିଣ୍ଟାପଙ୍ଗା ପଞ୍ଚାୟତରେ ମଧ୍ୟ ହିତାଧିକାରୀଙ୍କୁ ଚାଉଳ ବଣ୍ଟନ କାର୍ଯ୍ୟକ୍ରମ ଜାରି ରହିଥିବା ସେଠାକାର କାର୍ଯ୍ୟନିର୍ବାହୀ ଅଧିକାରୀ ନବୀନ ୱାଡ଼ାକା ସୂଚନା ଦେଇଛନ୍ତି। ସବୁଠି ସାମାଜିକ ଦୂରତା ରକ୍ଷା କରାଯାଇ ହିତାଧିକାରୀଙ୍କୁ ଚାଉଳ ପ୍ରଦାନ କରାଯାଇଥିଲା।

କରୋନା ପାଇଁ ଦେବୀପୀଠ ଖାଁ ଖାଁ

ଟିକିରି,୯।୪(ଡି.ଏନ୍.ଏ.)

ଭକ୍ତଙ୍କ ବିନା ଶେଷହେଲା ମା' ଗଙ୍ଗାଦେବୀ ଠାକୁରାଣୀ ଯାତ୍ରା

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରିରେ ଭକ୍ତଙ୍କ ବିନା ଶେଷ ହୋଇଛି ମା' ଗଙ୍ଗାଦେବୀଙ୍କ ଠାକୁରାଣୀ ଯାତ୍ରା। କରୋନା ପାଇଁ ଦେବୀପୀଠ ଖାଁ ଖାଁ ପାଲଟିଛି। ଦେଶବ୍ୟାପୀ ଲକ୍ ଡାଉନ ସ୍ଥିତି ଯୋଗୁ ସବୁ ଦେବଦେବୀ ପୀଠରେ ଏବେ ଭକ୍ତଙ୍କ ଗହଳି ପାଇଁ କଟକଣା ଜାରି କରାଯାଇଛି। କେବଳ ସେବାୟତ, ପୂଜାରୀଙ୍କୁ ଛାଡ଼ିଦେଲେ ଭକ୍ତଙ୍କ ପାଇଁ ଦର୍ଶନ ବନ୍ଦ ରହିଛି। କେଉଁକାଳରୁ ହୋଇଆସୁଥିବା ମା' ଗଙ୍ଗାଦେବୀଙ୍କ ଯାତ୍ରାରେ ଭକ୍ତଙ୍କ ପ୍ରବଳ ସମାଗମ ହୁଏ। ଲକ୍ଷାଧିକ ଭକ୍ତ ଏକାଠି ହୁଅନ୍ତି। କିନ୍ତୁ ପ୍ରଥମଥର ପାଇଁ ଏହି ପୀଠ ଯାତ୍ରା ସମୟରେ ଜନଶୂନ୍ୟ ହେବା ଦେଖିବାକୁ ମିଳିଛି। କେବଳ ପରମ୍ପରା ଅନୁସାରେ ମା'ଙ୍କ ଯାତ୍ରାକୁ ପାଳନ କରିଛନ୍ତି ସେବାୟତ।

କରୋନା ଅନୁଦାନ ମିଳିନି, କ୍ୱାରାଣ୍ଟାଇନ ହଲ୍ ବନ୍ଦ

ଉମରକୋଟ,୯।୪(ଡି.ଏନ୍.ଏ.)

ଉମରକୋଟ ବ୍ଲକରେ ୨୬ଟି ପଞ୍ଚାୟତ ରହିଛି। କରୋନା ମୁକାବିଲା ପାଇଁ ପ୍ରତି ପଞ୍ଚାୟତକୁ ୫ ଲକ୍ଷ ଟଙ୍କା ଘୋଷଣା ହୋଇଥିଲେ ହେଁ ଏପର୍ଯ୍ୟନ୍ତ ସେହି ଅର୍ଥରାଶି ମିଳି ନ ଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ସରପଞ୍ଚମାନେ କହିଛନ୍ତି। ପଞ୍ଚାୟତରେ ଷ୍ଟେଟ୍ ଫାଇନାନ୍ସ କମିଶନ ଫଣ୍ଡରେ ଥିବା ଅର୍ଥରାଶିକୁ ବ୍ଲକ ଅଧିକାରୀଙ୍କ ନିର୍ଦ୍ଦେଶରେ କରୋନା ମୁକାବିଲା ପାଇଁ ଖର୍ଚ୍ଚ କରାଯାଉଥିବା ହିରାପୁର, ବେନରା, ସିଂଶାରି, ତରଙ୍ଗେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ସୂଚନା ଦେଇଛନ୍ତି। ପଞ୍ଚାୟତରେ ପ୍ରତିଦିନ ୨୦୦ ଜଣଙ୍କୁ ରନ୍ଧାଖାଦ୍ୟ ଦିଆଯିବା କଥା। କିନ୍ତୁ କେଉଁଠି ୨୫ ତ କେଉଁଠି ୩୦ ଜଣ ଭିତରେ ସୀମିତ ରହୁଛି ରନ୍ଧାଖାଦ୍ୟ ବଣ୍ଟନ। ତରଙ୍ଗେ ପଞ୍ଚାୟତରେ ଆବଶ୍ୟକତା ଅଧିକ ଥିଲେ ମଧ୍ୟ ୯୯ ଜଣଙ୍କୁ ହିଁ ରନ୍ଧାଖାଦ୍ୟ ଦିଆଯାଇପାରୁଥିବା ସେଠାକାର ପିଇଓ କହିଛନ୍ତି। ସେହିପରି ପଞ୍ଚାୟତରେ କ୍ୱାରାଣ୍ଟାଇନ ସୁବିଧା କାଗଜକଲମରେ ସୀମିତ ରହିଛି। କ୍ୱାରାଣ୍ଟାଇନ ହଲ୍‌ରେ ଖଟ ଥିଲେ ଶେଯ ନାହିଁ। ସିଂଶାରି, ତରଙ୍ଗେରେ ଅବ୍ୟବସ୍ଥାର ଚିତ୍ର। ଅନ୍ୟ ପ୍ରାୟ ହଲ୍‌ରେ ତାଲା ପଡ଼ିଛି।

ସଚେତନତା ଅଭିଯାନର ସୈନିକ ସାଇରାମ

ବିଷମକଟକ,୯।୪(ଡି.ଏନ୍.ଏ.)

ନିଜ ଖର୍ଚ୍ଚରେ ୱାଲ ପେଣ୍ଟିଂ କରି ଚଳାଇଛନ୍ତି କରୋନା ସଚେତନତା

ଦେଶରେ କରୋନା ଭାଇରସ ସଂକ୍ରମଣକୁ ରୋକିବା ପାଇଁ ସବୁ ସ୍ତରରେ ଉଦ୍ୟମ ଜାରି ରହିଛି। ପ୍ରଶାସନ ଓ ପୋଲିସ, ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଏଥିରେ ଦିନରାତି ଲାଗିଛନ୍ତି। ଏ ରାଷ୍ଟ୍ରୀୟ ବିପତ୍ତି ସମୟରେ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ, ବ୍ୟବସାୟ ପ୍ରତିଷ୍ଠାନ କର୍ମକର୍ତ୍ତାମାନେ ଆର୍ଥିକ ସହାୟତା ଯୋଗାଇ ଆସୁଛନ୍ତି। ଏହି ପରିପ୍ରେକ୍ଷୀରେ ନିଜର ଛୋଟିଆ ଅବଦାନ ଦେଇଛନ୍ତି ରାୟଗଡ଼ା ଜିଲା ବିଷମକଟକର ଜଣେ ଯୁବକ। ସେ ହେଲେ ସାଇରାମ ପଟ୍ଟନାୟକ। ପେସାରେ ଜଣେ କଳାକାର ହୋଇଥିବା ସେ ବିଷମକଟକ ବ୍ଲକର ବିଭିନ୍ନ ସ୍ଥାନରେ ୱାଲ ପେଣ୍ଟିଂ କରି କରୋନା ସଚେତନତା ଚଳାଇଛନ୍ତି।

କୋଏମ୍ବାଟୁରରେ ଫସିରହିଥିବା ଶ୍ରମିକମାନେ ସହାୟତା ପାଇଁ ନିବେଦନ ଜଣାଉଛନ୍ତି ।

କୋଏମ୍ବାଟୁରରେ ଫସିଛନ୍ତି ୪୦ ଶ୍ରମିକ

ଗୁଣପୁର,୯।୪(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ଆଖାପାଖ ଅଞ୍ଚଳର ୪୦ରୁ ଅଧିକ ଶ୍ରମିକ ତାମିଲନାଡୁର କୋଏମ୍ବାଟୁର ଅଞ୍ଚଳରେ ଫସି ରହିଛନ୍ତି। ସେହି ଶ୍ରମିକମାନେ ସେଠାରେ ଅସୁବିଧାରେ ଥିବା ଜିଲା ପରିଷଦ ସଭ୍ୟ ଅଶ୍ୱିନୀ ଗମାଙ୍ଗଙ୍କୁ ଜଣାଇଛନ୍ତି। ଏହାପରେ ଗମାଙ୍ଗ ସମସ୍ୟା ସମ୍ପର୍କରେ ପ୍ରଶାସନିକ ଅଧିକାରୀଙ୍କୁ ଅବଗତ କରାଇଛନ୍ତି। ଗୁଣପୁର ବ୍ଲକର ଗାଦିଆଖଲ, ଶିରିଖୋଲି ଓ ରାମନାଗୁଡ଼ା ବ୍ଲକ ଉକାମ୍ବ ଅଞ୍ଚଳର ୪୦ରୁ ଊର୍ଦ୍ଧ୍ୱ ଶ୍ରମିକ ସେଠାରେ ଫସି ରହିଥିବା ଜଣାପଡ଼ିଛି। ସହାୟତା ଯୋଗାଇଦେବା ପାଇଁ ସେମାନେ ଆକୁଳ ନିବେଦନ କରିଛନ୍ତି ।

ବାଇକ୍‌କୁ ପେଟ୍ରୋଲ ମନା

ନନ୍ଦପୁର,୯।୪(ଡି.ଏନ୍.ଏ.)

ଲକ୍ ଡାଉନ ସତ୍ତ୍ୱେ ଅନେକ ବ୍ୟକ୍ତି ଏହାକୁ ଖିଲାପ କରୁଛନ୍ତି। କାମ ନ ଥାଇ ଅଯଥା ବାଇକ୍ ଧରି ଏଣେତେଣେ ବୁଲି ସରକାରୀ ନିୟମକୁ ଉଲ୍ଲଂଘନ କରୁଛନ୍ତି। ଏହା ଉପରେ କଟକଣା ଲଗାଇବା ପାଇଁ ପ୍ରଶାସନ ନୂଆ ବାଟ କରିଛି। କୋରାପୁଟ ଜିଲା ନନ୍ଦପୁର ବ୍ଲକ ସଦର ମହକୁମାସ୍ଥିତ ପେଟ୍ରୋଲ ବଙ୍କ ଓ ପାଡୁଆସ୍ଥିତ ପେଟ୍ରୋଲ ବଙ୍କରେ ପ୍ରଶାସନର ଅନୁମତି ବିନା ଗାଡ଼ି ଚାଳକଙ୍କୁ ପେଟ୍ରୋଲ, ଡିଜେଲ ଦିଆଯାଇପାରିବ ନାହିଁ ବୋଲି ନିର୍ଦ୍ଦେଶ ଜାରି କରାଯାଇଛି। ଲକ୍ ଡାଉନକୁ କଡ଼ାକଡ଼ି ପାଳନ କରିବା ପାଇଁ ପ୍ରଶାସନର ଏଭଳି ନିର୍ଦ୍ଦେଶ ପରେ ଅମାନିଆ ବ୍ୟକ୍ତି ସାବାଡ଼ ହେବେ ବୋଲି ଆଶା କରାଯାଉଛି। ବିନା କାରଣରେ ବୁଲୁଥିବା ଲୋକ, ବାଇକ ଚାଳକ ଓ ସାମାଜିକ ଦୂରତ୍ୱ ଉଲ୍ଲଂଘନକାରୀଙ୍କ ଉପରେ ନନ୍ଦପୁର ଓ ପାଡୁଆ ପୋଲିସ ନଜର ରଖିବା ସହ ପାଟ୍ରୋଲିଂ କଡ଼ାକଡ଼ି କରିଛି।

୭୩୦ ଗରିବଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ

ଜୟପୁର,୯।୪(ଡି.ଏନ୍.ଏ.)

ଲକ୍ ଡାଉନ ଯୋଗୁ ଜୟପୁର ସହର ଓ ଆଖପାଖ ଗ୍ରାମାଞ୍ଚଳର ଗରିବ ଲୋକଙ୍କୁ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀ ବାଣ୍ଟିଛନ୍ତି ସରକାରୀ ଓ ବେସରକାରୀ ସଂଗଠନ। କୋରାପୁଟ ଜିଲା ଡାକମଣ୍ଡଳ ପକ୍ଷରୁ ଜୟପୁର ବ୍ଲକ ଟାଙ୍କୁଆ, ଗଡ଼ପଦର ପଞ୍ଚାୟତର ୫ରୁ ଅଧିକ ଗ୍ରାମରେ ଚୁଡ଼ା, ଗୁଡ଼, ବିସ୍କୁଟ, ସାବୁନ ବଣ୍ଟାଯାଇଛି। ପ୍ରାୟ ୬୦୦ ଗରିବ ପରିବାର ଏହି ସାମଗ୍ରୀ ପାଇଛନ୍ତି। ମଣ୍ଡଳ ସହାୟକ ଅଧୀକ୍ଷକ ରାଜକିଶୋର ମହାରଣାଙ୍କ ନେତୃତ୍ୱରେ ଡାକ କର୍ମଚାରୀ ସହଯୋଗ କରିଥିଲେ। ସେହିପରି ଜୟପୁର ଲୁଥରନା ଏଭାଞ୍ଜେଲିକାଲ ଲୁଥରାନ ଚର୍ଚ୍ଚ (ଜେଇଏଲସି) ପକ୍ଷରୁ ଖ୍ରୀଷ୍ଟିଆନ ସାହି ଓ ଆଖପାଖ ଅଞ୍ଚଳର ୧୩୦ଟି ପରିବାରକୁ ୬ କିଲୋଗ୍ରାମ ଚାଉଳ, ଡାଲି, ତେଲ, ଆଳୁ, ପିଆଜ, ଅଟା, ଲୁଣ, ସାବୁନ ପ୍ରଦାନ କରାଯାଇଛି। ଜେଇଏଲସି ବିଶପ ଆଶିଷ ପାଲଙ୍କ ଦ୍ୱାରା ବିଶ୍ୱରୁ କରୋନାରୁ ମୁକ୍ତି ପାଇଁ ପ୍ରାର୍ଥନା ପରେ ସାମଗ୍ରୀ ସବୁ ବଣ୍ଟାଯାଇଥିଲା । ଜିଲା ଯୁବ ସଂଗଠନ ପକ୍ଷରୁ ଆବାହକ ରବୀନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ସହରର ବିଭିନ୍ନ ସାହି ଓ ବସ୍ତିରେ ଗତ ବୁଧବାରଠାରୁ ସାନିଟାଇଜର ଓ ମାସ୍କ ବଣ୍ଟାଯାଉଛି।

୮ ଗାଡ଼ି ଜବତ

ଥାନାରେ ରୁଜୁ ହେଲା ମାମଲା

ବୈପାରିଗୁଡ଼ା,୯।୪(ଡି.ଏନ୍.ଏ.)

ଯେତେ ସଚେତନ କଲେ ବି ଫଳ ଶୂନ। ଅମାନିଆ ମାନିବାକୁ ନାରାଜ। ହେଲେ ଲକ୍ ଡାଉନ କଟକଣାକୁ ବେଖାତିର କରିବା ମହଙ୍ଗା ପଡ଼ିଛି। ଗୁରୁବାର ବୈପାରିଗୁଡ଼ା ମୁଖ୍ୟ ଛକରେ କେତେକ ନିୟମ ଖିଲାପକାରୀଙ୍କ ବିରୋଧରେ ପୋଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇଛି। ୬ ବାଇକ ଓ ୨ ଅଟୋ ରିକ୍ସାକୁ ଜବତ କରାଯିବା ସହ ସେମାନଙ୍କ ନାମରେ ମାମଲା ରୁଜୁ କରାଯାଇଥିବା ବୈପାରିଗୁଡ଼ା ଥାନା ଆଇଆଇସି ମହେନ୍ଦ୍ର କୁମାର ସାହୁ ସୂଚନା ଦେଇଛନ୍ତି।

ମାସ୍କ ନ ପିନ୍ଧିଲେ ମିଳିବନି ସାମଗ୍ରୀ

ଜୟପୁର,୯।୪(ଡି.ଏନ୍.ଏ./ନି.ପ୍ର.)

ସିଲ୍ ହେଲା ଜୟପୁର ମୁଖ୍ୟରାସ୍ତା

କରୋନାରୁ ରକ୍ଷା ପାଇବା ପାଇଁ ମାସ୍କ ପିନ୍ଧିବା ବାଧ୍ୟତାମୂଳକ। ଲକ୍ ଡାଉନ ଅବସରରେ ଗୁରୁବାରଠାରୁ କୋରାପୁଟ ଜିଲାରେ ମାସ୍କ ପିନ୍ଧିବା ଉପରେ କଡ଼ା ନିର୍ଦ୍ଦେଶ ଜାରି କରାଯାଇଛି। ନ ପିନ୍ଧିଲେ କାର୍ଯ୍ୟାନୁଷ୍ଠାନ ହେବ। କୋରାପୁଟ ଜିଲାପାଳ ମଧୁସୂଦନ ମିଶ୍ର ଟୁଇଟ କରି ଜଣାଇଛନ୍ତି ଯେ ମାସ୍କ ନ ପିନ୍ଧିଲେ ରାଶନ କି ପନିପରିବା ମିଳିବ ନାହିଁ। ସମସ୍ତ ଦୋକାନୀ ମାସ୍କ ପିନ୍ଧିବା ଜରୁରୀ ବୋଲି ଦୋକାନ ଆଗରେ ନୋଟିସ ମାରିବେ। ସେହିପରି ସୁରକ୍ଷା ଦୃଷ୍ଟିରୁ ଜୟପୁର ସହରରେ ଅସ୍ଥାୟୀ ପନିପରିବା ବଜାର ଚାଲୁଥିବା ମୁଖ୍ୟରାସ୍ତାକୁ ସିଲ୍ କରାଯାଇଛି। ଏହାକୁ ସଂଯୋଗ କରୁଥିବା ଏନ୍‌କେଟି ରୋଡ୍, ନାଗାର୍ଜି ସାହି, ରାୟବାବୁ ସାହି, ସୌରାସାହି, ଧୋବାସାହି, ଜଗତଜନନୀ ସାହି, ମହାରାଣୀପେଟା, ପାର୍କ ଲାଇନ, ଗୌଡ଼ସାହ

ସଂକ୍ଷେପରେ

ଜରୁରୀ ସେବାରେ ନିଯୋଜିତ ଗାଡ଼ି ଓଲଟିଲା

କୋରୁକୋଣ୍ଡା, ୯।୪ (ଡି. ଏନ୍.ଏ.)- ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ୍ କୋଭିଡ୍-୧୯ ଜରୁରୀ ସେବାରେ ନିଯୋଜିତ ଗାଡ଼ି (ଓଡି୦୨ଜେ-୯୩୭୭) ଗୁରୁବାର ଦୁର୍ଘଟଣାଗସ୍ତ ହୋଇଛି। ଗାଡିଟି କୋରୁକୋଣ୍ଡାରୁ ବାଲିମେଳା ଯାଉଥିଲା। ସେଠାରୁ କୋରନା ମୁକାବିଲାରେ ନିଯୋଜିତ କର୍ମଚାରୀଙ୍କୁ ନେଇ ନାକାମାମୁଡି ଯାଇଥାନ୍ତା। ମାତ୍ର ବାଲିମେଳା ଯିବା ବାଟରେ ଭାରସାମ୍ୟ ହରାଇ ଓର୍‌କେଲ ଥାନା ପୁରୁଣା ଚିତାପାରି ନିକଟସ୍ଥ ପୂଜାରୀଗୁଡ଼ା ଗ୍ରାମସ୍ଥିତ ଏକ କଲଭର୍ଟ ନିକଟରେ ଓଲଟି ପଡଥିଲା।

୬୦ ଗାଡ଼ିରୁ ଆଦାୟ ହେଲାଣି ଜରିମାନା

ପାରଳାଖେମୁଣ୍ଡି, ୯।୪ (ସ୍ୱ.ପ୍ର.) - ଗଜପତି ଜିଲାରେ ସରକାରଙ୍କ ନିର୍ଦ୍ଦେଶକ୍ରମେ ଲକ୍‌ଡାଉନ ଜାରି ରହିଛି। ଲକ୍‌ଡାଉନ ସମୟରେ ଗାଡିମୋଟରରେ ବୁଲିବା ଯୋଗୁ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଜରିମାନା ଆଦାୟ କରାଯାଇଛି। ଲକ୍‌ଡାଉନ ସମୟରେ ଅତ୍ୟାବଶ୍ୟକ ସାମଗ୍ରୀ କିଣିବା ପାଇଁ ଦୁଇଚକିଆ କିମ୍ବା ଚାରିଚକିଆ ଗାଡି ନ ନେବାକୁ କଟକଣା ଜାରି କରାଯାଇଛି। ବର୍ତ୍ତମାନ ସୁଦ୍ଧା ୬୦ରୁ ଉର୍ଦ୍ଧ୍ୱ ଗାଡି ଜବତ କରାଯାଇ ମୋଟ ୮୦ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ଆବର୍ଶ ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ କହିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ସହାୟତା

ପାରଳାଖେମୁଣ୍ଡି, ୯।୪ (ସ୍ୱ.ପ୍ର.)- କରୋନା ମୁକାବିଲା ଲାଗି ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟରେ ଜଣେ ସମାଜିକ କର୍ମୀ ଏସ୍.ଲିଙ୍ଗରାଜ ଅତିରିକ୍ତ ଜିଲାପାଳ ଜ୍ଞାନରଞ୍ଜନ ଭଞ୍ଜଦେଓଙ୍କୁ ଭେଟି ୫୦ହଜାର ୪ଶହ ଟଙ୍କା ସହାୟତା ଦେଇଛନ୍ତି। ସେହିପରି ଜିଲା କୃଷକ ସଂଘର ନେତା ସୂର୍ଯ୍ୟ ନାରାୟଣ ପଟ୍ଟନାୟକ ଜିଲାପାଳ ଅନୁପମ ଶାହାଙ୍କୁ ଭେଟି ୬ହଜାର ଟଙ୍କାର ସହାୟତା ରାଶି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦେଇଥିବା ଜଣାପଡିଛି।

ନଦୀରେ ଭାସିଗଲେ ନାବାଳକ

ଏମଭି ୭୯,୮।୪(ଡି.ଏନ.ଏ)- ମାଲକାନଗିରି ଜିଲା ପଟେରୁ ନଦୀରେ ଜଣେ ନାବାଳକ ନିଖୋଜ ହୋଇଯାଇଥିବା ଜଣାପଡିଛି। କାଲିମେଳା ବ୍ଲକ ଅନ୍ତର୍ଗତ ଗିନିପଲି ଗ୍ରାମର ୩ ଜଣ ନାବାଳକ ଗୁରୁବାର ସକାଳେ ନିକଟସ୍ଥ ପଟେରୁ ନଦୀକୁ ମାଛ ଧରିବାକୁ ଯାଇଥିଲେ। ହାତରେ ଜାଲ ଧରି ନଦୀ ପାରି ହେଉଥିବା ବେଳେ ଅଚାନକ ଜଣେ ୧୩ ବର୍ଷର ନାବାଳକ ନଦୀର ପ୍ରଖର ସ୍ରୋତରେ ଭାସିଯାଇଥିଲେ। ଏହି ସମୟରେ ପାଖରେ ଥିବା ଦୁଇଜଣଙ୍କ ମଧ୍ୟରୁ ଜଣେ ନଦୀ ପାରି ହୋଇସାରିଥିବା ବେଳେ ଆଉ ଜଣେ ନଦୀ ଏପଟେ ରହିଯାଇଥିବା ଜଣାପଡ଼ିଛି। ଏହି ୩ଜଣ ଗିନିପଲ୍ଲୀ ଗ୍ରାମର ଦୁଲା ମାଡକାମି, ସୁରେଶ ପାଟଲା ଓ ଦୁଲା ମାଡକାମିଙ୍କ ପୁଅ ବୋଲି ଜଣାପଡିଛି। ଏ ସମ୍ପର୍କରେ ଖବର ପାଇ କାଲିମେଳା ଅଗ୍ନିଶମ ବିଭାଗର ଗୁପ୍ତେଶ୍ୱର ଦାସ ନିଜ ଟିମ ସହ ପହଞ୍ଚି ନଦୀରେ ଘଟଣା ସ୍ଥଳରୁ ପ୍ରାୟ ଏକ କିଲୋମିଟର ମଧ୍ୟରେ ଖୋଜାଖୋଜି କରିଥିଲେ ମଧ୍ୟ ସନ୍ଧ୍ୟା ସୁଦ୍ଧା ସମ୍ପୃକ୍ତ ନାବାଳକଙ୍କୁ ଉଦ୍ଧାର କରାଯାଇପାରିନାହିଁ।

ଗଛ ପଡ଼ି ୨ଘର ନଷ୍ଟ

କାଲିମେଳା,୯।୪(ଡି.ଏନ.ଏ.)- କାଲିମେଳା ବ୍ଲକ ବଡିଗେଟା ପଞ୍ଚାୟତର ବଡିଗେଟା ଗ୍ରାମରେ ବୁଧବାର ରାତିରେ କାଳ ବୈଶାଖୀ ପ୍ରଭାବରେ ପ୍ରବଳ ବର୍ଷା ସହ ଝଡତୋଫାନ ହୋଇଛି।ଫଳରେ ୨ଟି ସ୍ଥାନରେ ଗଛପଡି ୨ଟି ଘର ଭାଙ୍ଗି ନଷ୍ଟ ହୋଇଯାଇଛି। ବଡିଗେଟା ଗ୍ରାମର ଦୁଲା କବାସୀଙ୍କ ଘର ଉପରେ ଏକ ବିରାଟ ତେନ୍ତୁଳିଗଛ ପଡି ଘର ନଷ୍ଟ ହୋଇଛି। ସେହିପରି ଉକ୍ତ ଗ୍ରାମର ଉଲା ମାଡକାମିଙ୍କ ଘର ଉପରେ ଏକ ଗଛପଡି କ୍ଷୟକ୍ଷତି ହୋଇଛି। ଉଭୟଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

ସଚେତନତା ବୈଠକ ଚାଲିଥିବା ବେଳେ ଉପଜିଲାପାଳଙ୍କୁ ମାଡ଼

ନବରଙ୍ଗପୁର/ନନ୍ଦାହାଣ୍ଡି,୯।୪(ବି.ପ୍ର./ଡି.ଏନ.ଏ.)

ଉପ ଜିଲାପାଳଙ୍କୁ ଗ୍ରାମବାସୀ ଘେରିଛନ୍ତି

- ସାମାଜିକ ଦୂରତା ରକ୍ଷା କଲେନି ଗ୍ରାମବାସୀ
- ଗ୍ରାମରେ ପୋଲିସ ଛାଉଣୀ
- ୫ଜଣଙ୍କୁ ଉଠାଇ ନେଇ ଅଟକ ରଖିଛି ପୋଲିସ

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଖାଡବନ୍ଧଗୁଡା ଗ୍ରାମରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ଗ୍ରାମରେ କରୋନା ମୁକାବିଲା ନେଇ ହୋଇଥିବା ବ୍ୟବସ୍ଥା ସମ୍ପର୍କରେ ବୈଠକ କରିବାକୁ ଯାଇ ଉପ ଜିଲାପାଳଙ୍କୁ ମାଡ଼ ଖାଇବାକୁ ହୋଇଛି। ଖବରରୁ ଜଣାପଡିଛି କରୋନା ମକାବିଲା ଲାଗି ହୋଇଥିବା ବ୍ୟବସ୍ଥା ଅନୁଧ୍ୟାନ ସହ ଉପଜିଲାପାଳ ଭାଷ୍କର ରଇତୋ, ଭାରପ୍ରାପ୍ତ ସିଡିପିଓ ବିନୋଦିନୀ ପଟ୍ଟନାୟକ ଓ ଅଙ୍ଗନୱାଡି କର୍ମୀ ସୁନୀତି କୁମାରୀ ବାଘ ବୈଠକ କରୁଥିଲେ। ଏହି ସମୟରେ ସେମାନଙ୍କୁ ଆଗୁଆ ଚାଉଳ, ଡାଲି, ମୁଗ, ଗୁଡ ଓ ଅଣ୍ଡା ଅଙ୍ଗନୱାଡି କର୍ମୀ ସୁନୀତି ଦେଇ ନ ଥିବା ଶତାଧିକ ଗ୍ରାମବାସୀ ଅଭିଯୋଗ କରି ହୋହାଲ୍ଲା କରିଥିଲେ । ଉପଜିଲାପାଳ ଲକଡାଉନ ନିୟମ ପାଳନ କରିବା ସହ ସାମାଜିକ ଦୂରତା ରକ୍ଷା କରି ଅଭିଯୋଗ କରିବାକୁ ସେମାନଙ୍କୁ କହିଥିଲେ। ତେବେ ଗ୍ରାମବାସୀ ଏହାକୁ ନ ମାନି ପାଟିତୁଣ୍ଡ କରିଥିଲେ। ପୋଲିସକୁ ଡକାଯିବା ପରେ ପୋଲିସ ପହଞ୍ଚି ଘେରି ରହିଥିବା ଲୋକଙ୍କୁ ହଟିବା ପାଇଁ କହିଥିଲା। ଗ୍ରାମବାସୀ ଏହା ନ ଶୁଣି କେତେକ ଉପଜିଲାପାଳଙ୍କୁ ଟଣାଓଟରା କରିଥିଲେ। ପରେ କେତେଜଣ ଉପଜିଲାପାଳଙ୍କୁ ଘେରି ରହିଥିଲେ। ଗ୍ରାମର ଜଣେ ଯୁବକ ସୁଶାନ୍ତ ହରିଜନ ହଠାତ୍ ଉପଜିଲାପାଳଙ୍କୁ ଦୁଇ ଚାପୁଡା ମାରିଥିଲେ। ପରେ ପୋଲିସ ଲୋକଙ୍କ କବଳରୁ ଉପଜିଲାପାଳଙ୍କୁ ଉଦ୍ଧାର କରିଥିଲେ । ଘଟଣା ସ୍ଥଳରେ ଡଙ୍ଗରଭେଜା ଫାଣ୍ଡି ପୋଲିସ, ତେନ୍ତୁଳିଖୁଣ୍ଟି ଓ ଇନ୍ଦ୍ରାବତୀ ପୋଲିସ ସହ ଏକ ପ୍ଲାଟୁନ ଫୋଲିସ ଫୋର୍ସ ପହଞ୍ଚିଛନ୍ତି। ଘଟଣାର ଅଧିକ ତଦନ୍ତ ଚାଲିଛି। ଏନେଇ ଉପଜିଲାପାଳ ରଇତୋ କହିଛନ୍ତି ଯେ, ଆଶା, ଅଙ୍ଗଡ଼ୱାଡିଙ୍କୁ ନେଇ କରୋନା ସମ୍ପର୍କିତ ସଚେତନତା ବୈଠକ ବସିଥିଲା। ସମ୍ପୃକ୍ତ ଅଙ୍ଗନୱାଡି କର୍ମୀଙ୍କ ବିରୋଧରେ ଗ୍ରାମବାସୀଙ୍କୁ ଖାଦ୍ୟ ସାମଗ୍ରୀ ଯୋଗାଇ ନ ଥିବା ଅଭିଯୋଗ ପୂର୍ବରୁ ଥିବାରୁ ଏହାର ମଧ୍ୟ ତଦନ୍ତ ହେବାର ଥିଲା। ପ୍ରଥମେ ବୈଠକ ଚାଲିଥିବା ସମୟରେ ଗ୍ରାମବାସୀ ଆସି ଘେରିଥିଲେ । ଅଙ୍ଗନୱାଡିଙ୍କୁ ସପକ୍ଷରେ ଏହି ବୈଠକ କରାଯାଉଥିବା ଅଭିଯୋଗ କରି କେନ୍ଦ୍ରରେ ତାଲା ପକାଇ ଦେବାକୁ କହିଥିଲେ । ସାମାଜିକ ଦୂରତା ରକ୍ଷା କରି ଅଭିଯୋଗ କରିବାକୁ ସେମାନଙ୍କୁ କହିଥିଲି। ଲୋକେ ଏହାକୁ ନ ମାନି ତାଙ୍କୁ ଠେଲାପେଲା କରିଥିଲେ । ଜଣେ ଯୁବକ ତାଙ୍କୁ ଚାପୁଡା ମାରିଥିଲେ । ସେ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଇବା ସହ ଖାତିଗୁଡା ଥାନାରେ ଏତଲା ଦେଇଛନ୍ତି ବୋଲି ଉପଜିଲାପାଳ କହିଛନ୍ତି । ଏହି ଘଟଣାରେ ପୋଲିସ ୫ ଜଣଙ୍କୁ ଉଠାଇ ନେଇ ଅଟକ ରଖିଛି। ଗ୍ରାମରେ ଫୋର୍ସ ମୁତୟନ ହୋଇଛନ୍ତି।

ମିଥ୍ୟା ଗୁଜବ ପ୍ରଚାର କରି ୮ ଗିରଫ

ପାପଡାହାଣ୍ଡି, ୯।୪(ଡି.ଏନ.ଏ.)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ଥାନା ଅନ୍ତର୍ଗତ ମାଳତୀଗୁଡା ଗ୍ରାମରେ କରୋନାକୁ ନେଇ ମିଥ୍ୟା ଗୁଜବ ପ୍ରଚାର କରି ୮ ଜଣ ଗିରଫ ହୋଇଛନ୍ତି। ପୋଲିସ ସେମାନଙ୍କୁ ଗୁରୁବାର କୋର୍ଟ ଚାଲାଣ କରିଛି। ଗ୍ରାମର ଜଣେ ବ୍ୟକ୍ତି ତାଙ୍କ ଘରେ କରୋନା ଆକ୍ରାନ୍ତ ବ୍ୟକ୍ତିମାନଙ୍କୁ ଆଶ୍ରୟ ଦେଇଥିବା ନେଇ ପ୍ରଚାର କରିବାରୁ ସେମାନଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ଗତ ୭ ତାରିଖ ରାତିରେ ଗ୍ରାମର ଅଂଶୁମାନ ମହାନ୍ତି, ଈଶ୍ୱର ପାଇକ, ମାଧବ ମାଝି, ଦିନୁ ଭତରା, କାହ୍ନୁ ଗୌଡ଼, ନିଳକଣ୍ଠ ଗୌଡ଼, ନବଘନ ଗୌଡ଼,ନିଳକଣ୍ଠ ମାଝି ସମ୍ପୃକ୍ତ ବ୍ୟକ୍ତିଙ୍କ ଘରେ ପଶିଥିଲେ। ତାଙ୍କୁ ଏଣୁତେଣୁ ପଚାରି ଗାଳିଗୁଲଜ କରିଥିଲେ। ଗ୍ରାମରେ ମିଥ୍ୟା ଖବର ଗୁଜବ ରୂପେ ପ୍ରଚାର କରିବା ସହ ଗୋଟିଏ ସ୍ଥାନରେ ଏକାଠି ହୋଇ ସାମାଜିକ ଦୂରତା ମାନି ନ ଥିଲେ। ଖବର ପାଇ ପାପଡାହାଣ୍ଡି ପୋଲିସ ଗ୍ରାମରେ ପହଞ୍ଚି ଉପରୋକ୍ତ ୮ଜଣଙ୍କୁ ଗିରଫ କରିଥିଲା।

ବନ୍ୟଜନ୍ତୁଙ୍କୁ ଖାଦ୍ୟ ପ୍ରଦାନ

ଡାବୁଗାଁ,୯।୪(ଡି.ଏନ.ଏ.)

ଡାବୁଗାଁ– ଉମରକୋଟ ରାଜ୍ୟ ରାଜପଥ– ୩୯ ରାସ୍ତାର କଡରେ ନବରଙ୍ଗପୁର ଜିଲା ଡାବୁଗାଁ ବନାଞ୍ଚଳର ବିଜାପୁର ସଂରକ୍ଷିତ ଜଙ୍ଗଲରେ ରହୁଥିବା ମାଙ୍କଡଙ୍କୁ ଡାବୁଗାଁ ବନ ବିଭାଗ ପକ୍ଷରୁ ପ୍ରତିଦିନ ଖାଦ୍ୟ ପ୍ରଦାନ କରାଯାଉଛି। ବନରକ୍ଷୀ ପ୍ରକାଶ ସରକାର ଓ ମନୋରଞ୍ଜନ ନାୟକ ପ୍ରତିଦିନ ସେଠାକୁ ଯାଇ ମାଙ୍କଡଙ୍କୁ କଦଳୀ, ଟମାଟୋ, କାକୁଡି, ବୁଟ, ମଟର, ମକା, ବିସ୍କୁଟ ଓ ପାଣି ଦେଉଛନ୍ତି ।

ନିୟମ ନ ମାନି ୮ ବ୍ୟବସାୟୀ ଗିରଫ

ମାଲକାନଗିରି,୯।୪(ଡି.ଏନ.ଏ)

ମାଲକାନଗିରି ଜିଲାରେ ଲକ୍‌ଡାଉନ୍ ଅବସରରେ ବ୍ୟବସାୟୀ ଓ ଖାଉଟିଙ୍କ ପାଇଁ ରହିଥିବା କେତେକ ନିୟମରେ ପରିବର୍ତ୍ତନ କରାଯାଇଥିଲା। ଜିଲାପାଳଙ୍କ ନିର୍ଦ୍ଦେଶରେ ମାଛବଜାରକୁ ସାପ୍ତାହିକ ବଜାରକୁ ସ୍ଥାନାନ୍ତରିତ କରାଯାଇଥିଲା। ବୁଧବାରଠାରୁ ଜିଲାରେ ଛେଳି ମାଂସ ବିକ୍ରି କରୁଥିବା ବ୍ୟବସାୟୀଙ୍କୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଥିଲା। ଏହି ନିର୍ଦ୍ଦେଶକୁ ଅବମାନନା କରିଥିବାରୁ ୩ଜଣ ମାଂସ ବିକାଳି ଏବଂ ୫ଜଣ ମାଛ ବ୍ୟବସାୟୀଙ୍କୁ ପୋଲିସ ଗିରଫ କରିଛି। ମାଂସ ବିକ୍ରି ବନ୍ଦ ଥିବା ବେଳେ ଏସ୍.କେ.ଅଙ୍କୁର, ଜୁନେସ୍ ଗରଡା, ସଉଲ ରୂପା ନିଜ ଘରେ ଛେଳି କାଟି ମାଂସ ବିକ୍ରି କରୁଥିବା ନଜରକୁ ଆସିବା ପରେ ଏହି ୩ ଜଣଙ୍କୁ ଗିରଫ କରାଯାଇଥିଲା। ସେହିପରି ପରିମଳ ହାଲ୍‌ଦାର, ସୁଶୀଲ ହାଲ୍‌ଦାର, ପ୍ରଶାନ୍ତ ହାଲ୍‌ଦାର, ବିନୟ କୁମାର ବାଲା ଓ ମିଥୁଲ ସମଜଦାର ପ୍ରମୁଖ ମାଛ ବ୍ୟବସାୟୀ ପ୍ରଶାସନର ନିୟମକୁ ଉଲ୍ଲଂଘନ କରି ଉଦ୍ଦିଷ୍ଟ ସ୍ଥାନରେ ମାଛ ବିକ୍ରି ନ କରି ସହରର ବିଭିନ୍ନ ସ୍ଥାନରେ ବିକ୍ରି କରୁଥିଲେ। ଫଳରେ ସେମାନଙ୍କୁ ଗିରଫ କରାଯାଇଛି। ସମସ୍ତଙ୍କ ନାମରେ ମାମଲା ରୁଜୁ କରାଯାଇ ବ୍ୟକ୍ତିଗତ ଜାମିନରେ ଛଡାଯାଇଥିବା ଆଇଆଇସି ରାମପ୍ରସାଦ ନାଗ କହିଛନ୍ତି।

ଗିରଫ ୫ ମାଛ ବ୍ୟବସାୟୀ ।

ଅବ୍ୟବସ୍ଥା ଦେଖି ବିରକ୍ତି ପ୍ରକାଶ କଲେ ଜିଲାପାଳ

କୋଡିଙ୍ଗା,୯।୪(ଡି.ଏନ.ଏ.)

ନବରଙ୍ଗପୁର ଜିଲାପାଳ ଅଜିତ୍ କୁମାର ମିଶ୍ର ଗୁରୁବାର କୋଷାଗୁମୁଡା ବ୍ଲକ ଗସ୍ତରେ ଆସି କରୋନା ମୁକାବିଲା ପାଇଁ ବ୍ଲକରେ ନିଆଯାଇଥିବା ପଦକ୍ଷେପର ସମୀକ୍ଷା କରିଥିଲେ। କୋଡିଙ୍ଗା ହାଇସ୍କୁଲରେ ଅସ୍ଥାୟୀ ଭାବେ ହୋଇଥିବା ଆଇସୋଲେଶନ କେନ୍ଦ୍ର ପରିଦର୍ଶନ କରିଥିଲେ। ଏହି ସମୟରେ ୧୩ଶହ ଶଯ୍ୟା ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ହୋଇ ନ ଥିବାରୁ ସେ ବିରକ୍ତି ପ୍ରକାଶ କରିଥିଲେ। ପରେ ସେ ପଞ୍ଚାୟତରେ ରନ୍ଧାଖାଦ୍ୟର ମାନ ପରୀକ୍ଷା କରିଥିଲେ।

ବାପାଙ୍କ ମୃତ୍ୟୁ ଖବର ପାଇ ଗଲେନି ଡାକ୍ତର

ମାଲକାନଗିରି,୯।୪(ଡି.ଏନ.ଏ.)

କର୍ତ୍ତବ୍ୟ ଆଗ, ଘରପଛ

ମାଲକାନଗିରି ଜିଲା ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ ଭାରପ୍ରାପ୍ତ ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ ଡା.ଶଶୀ ଭୂଷଣ ମହାପାତ୍ରଙ୍କ ନିକଟରେ କର୍ତ୍ତବ୍ୟ ବଡ ହୋଇଛି। ତାଙ୍କ ବାପାଙ୍କ ମୃତ୍ୟୁ ଖବର ପାଇ ମଧ୍ୟ ସେ ଯାଇପାରିନାହାନ୍ତି। ଖବରରରୁ ଜଣାପଡିଛି। ଡା.ମହାପାତ୍ରଙ୍କ ବାପା ଦୁର୍ଯ୍ୟୋଧନ ମହାପାତ୍ର(୯୧) ଙ୍କ ବୁଧବାର ମୃତ୍ୟୁ ହୋଇଥିବା ଖବର ଆସିଥିଲା। ଏହା ସତ୍ତ୍ୱେ ସେ ଭାଙ୍ଗି ନ ପଡି ନିଜ ଘର ଯାଜପୁର ଜିଲାର କଲନଗିରି ଗ୍ରାମକୁ ନ ଯିବାକୁ ନିଷ୍ପତ୍ତି ନେଇଥିଲେ। ଡା.ମହାପାତ୍ର ବର୍ତ୍ତମାନ ୩ଟି ଦାୟତ୍ୱରେ ଅଛନ୍ତି। କରୋନା ପାଇଁ ତାଙ୍କୁ ବିଭିନ୍ନ ଗୁରୁଦାୟିତ୍ୱ ପ୍ରଦାନ କରାଯାଇଛି । ସେ ମାଲକାନଗିରିରେ ଥିବା ବେଳେ ତାଙ୍କ ମଝିଆ ଭାଇ ରାଜସ୍ଥାନରେ ଅଛନ୍ତି। ଫୋନ କରି ତାଙ୍କ ସାନଭାଇଙ୍କୁ ଭାଙ୍ଗି ନ ପଡ଼ିବାକୁ ଡା. ମହାପାତ୍ର ପରାମର୍ଶ ଦେବା ସହ ଅନ୍ତେଷ୍ଟିକ୍ରିୟା ଶେଷ କରିବାକୁ କହିଛନ୍ତି। ଡା.ମହାପାତ୍ର ପରିବାରର ବହୁପୁଅ । ନିୟମ ଅନୁଯାୟୀ ସେ ବାପାଙ୍କୁ ମୁଖାଗ୍ନି ଦେବାକଥା। ମାତ୍ର କର୍ତ୍ତବ୍ୟ ନିକଟରେ ସେ ସବୁ ଭୁଲିଯାଇଛନ୍ତି।

ମାସ୍କ ନାହିଁ ତ ପେଟ୍ରୋଲ, ଡିଜେଲ ନାହିଁ

ପାରଳାଖେମୁଣ୍ଡି, ୯।୪ (ସ୍ୱ.ପ୍ର.)

ଗଜପତି ଜିଲାରେ ଲକ୍‌ଡାଉନ ଜାରି ରହିଥିବାବେଳେ ଜିଲା ଆରକ୍ଷୀ ଅଧୀକ୍ଷକ ସାରା ଶର୍ମା ଜିଲାର ସମସ୍ତ ପେଟ୍ରୋଲ ପମ୍ପର ମାଲିକମାନଙ୍କୁ ପ୍ରଶାସନ ସହ ସହଯୋଗର ହାତ ବଢାଇବାକୁ ନିବେଦନ କରିଛନ୍ତି। ଏଣିକି ମାସ୍କ ନ ପିନ୍ଧିଲେ ପେଟ୍ରୋଲ କି ଡିଜେଲ ନ ଦେବାକୁ ପରାମର୍ଶ ଦେଇଛନ୍ତି। କୋଭିଡ୍–୧୯ ବିରୋଧରେ ଲଢେଇ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ବାହାରକୁ ବାହାରିଲେ ମାସ୍କ ପିନ୍ଧିବା ଆବଶ୍ୟକ ବୋଲି ନିୟମ ଜାରି କରାଯାଇଛି। ଯଦି ମାସ୍କ କାହା ପାଖରେ ନ ଥାଏ ତେବେ ସଫା କପଡା କିମ୍ବା ରୁମାଲରେ ନିଜ ପାଟି ଓ ନାକକୁ ଢାଙ୍କିବା ପାଇଁ ମଧ୍ୟ କୁହାଯାଇଛି। ଏହା ଅମାନ୍ୟ କଲେ ଏଣିକି ପେଟ୍ରୋଲ କି ଡିଜେଲ ମିଳିବ ନାହିଁ ବୋଲି କୁହାଯାଇଛି।

ମିଥ୍ୟା ଖବର ପ୍ରସାର କଲେ କଡ଼ା କାର୍ଯ୍ୟାନୁଷ୍ଠାନ

ମାଲକାନଗିରି,୯।୪ (ଡି.ଏନ୍.ଏ.)

ମାଲକାନଗିରି ଜିଲାରେ କରୋନା ରୋଗ କିପରି ନ ବ୍ୟାପିବ ସେଥିପାଇଁ ଜିଲା ପ୍ରଶାସନ ଉଦ୍ୟମ ଜାରି ରଖିଛି। ସମସ୍ତ କର୍ମଚାରୀଙ୍କୁ ଏଥିରେ ନିୟୋଜିତ କରାଯାଇଛି। ଏପରି ସ୍ଥଳେ ମିଥ୍ୟା ଖବର ପ୍ରସାରଣ ନ କରିବା ପାଇଁ ଜିଲାପାଳ ମନୀଷ ଅଗ୍ରୱାଲ ଅନୁରୋଧ କରିଛନ୍ତି। ଏହା ନ ମାନିଲେ ଦୃଢ଼ କାର୍ଯ୍ୟାନୁଷ୍ଠନ ହେବ ବୋଲି ଚେତାବନୀ ଦେଇଛନ୍ତି। ସେହିପରି ଯଦି କୌଣସି କର୍ମଚାରୀ ନିଜ କାର୍ଯ୍ୟରେ ଅବହେଳା କରୁଥାନ୍ତି ତାହା ତାଙ୍କ ଦୃଷ୍ଟିକୁ ଆଣିଲେ ଏହାର ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ କହିଛନ୍ତି। ସୂଚନାଯୋଗ୍ୟ ଯେ, ଖଇରପୁଟ ବ୍ଲକର ଜଣେ କର୍ମଚାରୀଙ୍କ ବିରୋଧରେ ଏକ ଖବର ସୋସିଆଲ ମିଡିଆ ଓ କେତେକ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଜିଲାପାଳ ଏହି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଜିଲାର ସ୍ୱାଭିମାନ ଅଞ୍ଚଳ ସହ ଦୁର୍ଗମ ଅଞ୍ଚଳରେ ଥିବା ଗ୍ରାମଗୁଡିକର ଲୋକେ ୩ମାସର ରାଶନ ସାମଗ୍ରୀ, ଭତ୍ତା, ୧ହଜାର ଟଙ୍କା ପାଇବେ। ସ୍ୱାସ୍ଥ୍ୟସେବା, ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ସେମାନଙ୍କ ନିକଟରେ ପହଞ୍ଚାଇବା, ଜିଲା ଏବଂ ରାଜ୍ୟ ବାହାରୁ ଆସୁଥିବା ବ୍ୟକ୍ତିଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରିବା, ଗରିବ ଅସହାୟଙ୍କୁ ରନ୍ଧାଖାଦ୍ୟ, ଅଙ୍ଗନୱାଡି କେନ୍ଦ୍ରରେ ଶିଶୁଙ୍କୁ ଶୁଖିଲା ଖାଦ୍ୟ ପ୍ରଦାନ ନେଇ ଜିଲା ପ୍ରଶାସନ ବ୍ୟବସ୍ଥା କରୁଛି।

ଛତିଶଗଡ଼ ସୀମାନ୍ତ ଗ୍ରାମରେ ବଢୁଛି ମଦ କାରବାର

ଚନ୍ଦାହାଣ୍ଡି,୯।୪(ଡି.ଏନ.ଏ.)

ଲକଡ଼ାଉନ ଯୋଗୁ ରାଜ୍ୟର ସମସ୍ତ ଦେଶୀ ବିଦେଶୀ ମଦ ଦୋକାନ ବନ୍ଦ ରହିଛି। ଏହାର ସୁଯୋଗ ନେଇ ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକକୁ ଲାଗିଥିବା ଛତିଶଗଡ଼ ସୀମାନ୍ତ ଫଟକି, ବାବୁରିଆ, ଖପରାଡ଼ିହି ପ୍ରଭୃତି ଗ୍ରାମରେ ଅବାଧ ପାଉଚ ମଦ କାରବାର ଚାଲିଥିବା ଅଭିଯୋଗ ହୋଇଛି। ପ୍ରଶାସନ ପକ୍ଷରୁ ଉକ୍ତ ସୀମାନ୍ତ ଗ୍ରାମଗୁଡିକୁ ସିଲ୍ କରିବାକୁ ଦାବି ହେଉଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଉପରୋକ୍ତ ଗ୍ରାମରେ କେତେକ ଲୋକ ପାଉଚ ମଦ ବିକ୍ରି କରୁଛନ୍ତି। ଖପରାଡ଼ିହି ଗ୍ରାମର ଏକ ପୋଖରୀରେ ବହୁ ପାଉଚ ମଦ ବସ୍ତା ପାଣିରେ ପକାଇ ରଖାଯାଇଥିବା ଦେଖିବାକୁ ମିଳୁଛି। ସୀମାନ୍ତ ଅଞ୍ଚଳର କେତେକ ଲୋକ ମଦ ପିଇ ଅନ୍ୟ ଗ୍ରାମକୁ ପଶୁଛନ୍ତି। କରୋନା କଟକଣାକୁ ସେମାନେ ମାନୁନାହାନ୍ତି। ଫଳରେ ଗ୍ରାମରେ ସାମାଜିକ ଦୂରତା ରକ୍ଷା ହୋଇପାରୁନି। ଏଥିଯୋଗୁ ସଂକ୍ରମଣର ଭୟ ରହୁଛି। ପ୍ରଶାସନ ତୁରନ୍ତ ମଦ କାରବାରରେ ରୋକ ଲଗାଇବା ସହ ସୀମାନ୍ତ ଗ୍ରାମରେ ପୋଲିସ ପାପଟ୍ରୋଲିଂ କରି ବିଏସ୍‌ଏଫ୍ ଯବାନଙ୍କୁ ମୁତୟନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

ଚଢାଉ: ମଦ ଜବତ, ୨ ଗିରଫ

ପାପଡାହାଣ୍ଡି,୯।୪(ଡି.ଏନ.ଏ.ଏ)

ଲକ ଡାଉନର ଫାଇଦା ନବରଙ୍ଗପୁର ଜିଲା ପାପଡାହାଣ୍ଡି ଅଞ୍ଚଳରେ କେତେକ ମଦ ବେପାରି ନେଉଥିବା ଅଭିଯୋଗ ହୋଇଛି। ଏହାକୁ ଭିତ୍ତି କରି ଗୁରୁବାର ତହସିଲଦାର ପ୍ର

ସଂକ୍ଷେପରେ

ଟ୍ରାକ୍ଟର ଧକ୍କାରେ ନାବାଳକ ମୃତ

ମନମୁଣ୍ଡା, ୯।୪ (ଡି.ଏନ.ଏ): ବୌଦ୍ଧ ଜିଲା ମନମୁଣ୍ଡା ଥାନା ପାଟଲିପଡାଠାରେ ଗୁରୁବାର ଅପରାହ୍ନ ପ୍ରାୟ ୧ଟା ବେଳେ ଏକ ବାଲି ବୋଝେଇ ଟ୍ରାକ୍ଟର ଧକ୍କାରେ ଜଣେ ନାବାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ପାଟଲିପଡା ଗ୍ରାମର ବଭ୍ରୁବାହନ ଜାଲଙ୍କ ପୁଅ ପଦ୍ମନାଭ (୧୨)। ପଦ୍ମନାଭ ଗ୍ରାମ ରାସ୍ତାରେ ଚାଲି ଚାଲି ଯାଉଥିବା ବେଳେ ଏକ ନମ୍ବର ବିହୀନ ବାଲି ବୋଝେଇ ଟ୍ରାକ୍ଟର ଦ୍ରୁତଗତିରେ ଆସି ହରିଜନ ସାହି ନିକଟରେ ତାଙ୍କୁ ଧକ୍କା ଦେଇଥିଲା । ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ମନମୁଣ୍ଡା ଥାନାରେ ଏକ ମାମଲା ରୁଜୁ ହୋଇଛି ।

ଡ୍ରୋନ୍‌ରେ ରେଳ ଷ୍ଟେଶନ ସୁରକ୍ଷା

ସମ୍ବଲପୁର, ୯।୪ (ବ୍ୟୁରୋ): ଡ୍ରୋନ କ୍ୟାମେରା ଦ୍ୱାରା ସମ୍ବଲପୁର ରେଳ ଷ୍ଟେଶନ ସୁରକ୍ଷା ତଦାରଖ କରାଯାଉଛି। ଲକ୍ ଡାଉନ ସମୟରେ ରେଳବାଇର ଟ୍ରେନ କୋଚ୍, ଯାତ୍ରୀ ସଂରକ୍ଷଣ କେନ୍ଦ୍ରଗୁଡିକ ବ୍ୟବହାର ନ ହୋଇ ବନ୍ଦ ରହିଛି । ଏଥିସହ ସିଗନାଲିଂ ଭିତ୍ତିଭୂମି, ଷ୍ଟେଶନ, ରିଲେ ରୁମ, ଗୁଡ୍ସ ସେଟ, ୱାଗନ୍ ଷ୍ଟକ୍ ପ୍ରଭୃତି ରେଳ ସୁରକ୍ଷା ବଳ ଉପରେ ଦାୟିତ୍ୱ ରହିଛି।

ବ୍ଲଡ୍ ବ୍ୟାଙ୍କର ଅସ୍ଥାୟୀ କର୍ମଚାରୀ ଉପେକ୍ଷିତ

ସମ୍ବଲପୁର, ୯।୪ (ବ୍ୟୁରୋ): ରକ୍ତ ଭଣ୍ଡାରଗୁଡିକରେ ଅସ୍ଥାୟୀ କର୍ମଚାରୀ ଭାବେ କାମ କରୁଥିବା କର୍ମଚାରୀଙ୍କ ସୁରକ୍ଷା, ଦରମା, ବୀମାକୁ ସରକାର ଆଦୌ ଚିନ୍ତା କରୁ ନାହାନ୍ତି। ସେମାନଙ୍କୁ ଅତି କମ୍ ପାରିଶ୍ରମିକ ମିଳୁଛି। ଓଡିଶାରେ ୫୬ଟି ରକ୍ତ ଭଣ୍ଡାରରେ ଲ୍ୟାବ ଟେକନିସିଆନ, ନର୍ସ, ଆଣ୍ଟେଣ୍ଡାଣ୍ଟ, ଅଫିସ ଆସିଷ୍ଟାଣ୍ଟ, ସଫେଇ କର୍ମଚାରୀ, ପିଆରଓ ଭଳି ପଦପଦବୀରେ ଶତାଧିକ କର୍ମଚାରୀ କାର୍ଯ୍ୟ କରୁଛନ୍ତି । ନିୟମିତ ଭାବେ ସେମାନେ ରକ୍ତଦାନ ଶିବିର ଆୟୋଜନ କରି ରକ୍ତ ଭଣ୍ଡାରର ଆବଶ୍ୟକତା ପୂରଣ କରି ଆସୁଛନ୍ତି । ରକ୍ତ ଭଣ୍ଡାରରୁ ୟୁଜର୍ସ ଫିରୁ ସେମାନଙ୍କୁ ପାରିଶ୍ରମିକ ବାବଦକୁ ୧ ହଜାରୁ ୫ ହଜାର ଟଙ୍କା ଭିତରେ ପାରିଶ୍ରମିକ ଦିଆଯାଇଥାଏ । କିନ୍ତୁ ୨ ବର୍ଷ ହେଲା ୟୁଜର୍ସ ଫି ଉଚ୍ଛେଦ ହେବାରୁ ତାହା ବନ୍ଦ ହୋଇ ଯାଇଛି। ସ୍ୱାସ୍ଥ୍ୟ ବିଭାଗର ଅନ୍ୟ କର୍ମଚାରୀ ଯେଭଳି ଭାବେ କରୋନା ସମୟରେ ସୁବିଧା ସୁଯୋଗ ପାଉଛନ୍ତି ସେମାନଙ୍କୁ ମଧ୍ୟ ସୁବିଧା ଦିଆଯାଉ ବୋଲି ଦାବି କରିଛନ୍ତି। ଜିଲା ରେଡକ୍ରସ ସଦସ୍ୟମାନେ ଏହି ଅଭିଯୋଗ ଓ ଦାବି କରିଛନ୍ତି।

ଏବେ ଦୁଇଓଳା ପେଟ ଚିନ୍ତା

ସମ୍ବଲପୁର, ୯।୪ (ବ୍ୟୁରୋ)

ଦୁର୍ଦ୍ଦିନରେ ୪ ହଜାର ୯୩୩ ମତ୍ସ୍ୟଜୀବୀ

ସମ୍ବଲପୁର ହୀରାକୁଦ ଜଳ ଭଣ୍ଡାରକୁ ମତ୍ସ୍ୟଜୀବୀମାନେ ଲାଇଫ ଜ୍ୟାକେଟ ପିନ୍ଧି ମାଛ ମାରିବାକୁ ବାହାରିଛନ୍ତି ।

କରୋନା କଟକଣା ଓ ଲକ୍ ଡାଉନ ଘୋଷଣା ପରେ ଲୋକମାନଙ୍କ ଜୀବନ ଶୈଳୀରେ ପରିବର୍ତ୍ତନ ହୋଇଛି। ଶ୍ରମିକ, ଦିନ ମଜୁରୀଆଠାରୁ ଆରମ୍ଭ କରି ସମସ୍ତ ଶ୍ରେଣୀର ପରିବାର ଉପରେ ଏହାର ପ୍ରଭାବ ପଡିଛି। ଏଥିରୁ ବାଦ୍ ପଡିନାହାନ୍ତି ହୀରାକୁଦ ଜଳଭଣ୍ଡାରରେ ନିର୍ଭର କରୁଥିବା ମତ୍ସ୍ୟଜୀବୀ ପରିବାର। ସେମାନେ ସାମାଜିକ ଦୂରତା ପାଳନ କରି ଜଳ ଭଣ୍ଡାରରୁ ମାଛ ମାରିବା ପାଇଁ ଯାଉନାହାନ୍ତି । କେତେକ ପରିବାର ଦୁଇଓଳା ଖାଇବା ପାଇଁ ମାଛ ମାରିବାକୁ ବାଧ୍ୟ ହେଉଛନ୍ତି। ତେଣୁ ଜଳ ଭଣ୍ଡାରରେ ୫୦ ପ୍ରତିଶତ ମାଛ ଉତ୍ପାଦନ ହ୍ରାସ ପାଇଛି ବୋଲି ଜଣାପଡିଛି।

ହୀରାକୁଦ ଜଳଭଣ୍ଡାର ପାର୍ଶ୍ୱରେ ବସବାସ କରୁଥିବା ସମ୍ବଲପୁର ଜିଲା ସମେତ ବରଗଡ ଓ ଝାରସୁଗୁଡା ଜିଲାର ୪ ହଜାର ୯୩୩ ମତ୍ସ୍ୟଜୀବୀ ତାଲିକା ଭୁକ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ଜୀବିକା ପ୍ରଭାବିତ ହୋଇଛି। କରୋନା କଟକଣା ଓ ଲକ୍ ଡାଉନ ଘୋଷଣା ଯୋଗୁଁ ୨୨ ତାରିଖରେ ସମସ୍ତ ଟ୍ରେନ ଚଳାଚଳ ବନ୍ଦ ରହିଛି । ତେଣୁ ରାଜ୍ୟ ବାହାରକୁ ଉତ୍ପାଦିତ ମାଛ ଯାଇ ପାରୁନାହିଁ । ଅନ୍ୟପଟେ ଟ୍ରକ ଗୁଡିକରେ ମଧ୍ୟ ରପ୍ତାନି ହୋଇପାରୁନାହିଁ । ହୀରାକୁଦ ଜଳଭଣ୍ଡାର ମତ୍ସ୍ୟଜୀବୀଙ୍କ ମୁଖ୍ୟ ଜୀବିକା କେନ୍ଦ୍ର ଅଟେ। ଏଠାରେ ପ୍ରାୟ ୪୯ ପ୍ରଜାତିର ମାଛ ଦେଖାଦେଇଥିବା ବେଳେ ୧୮ ପ୍ରଜାତିର ମାଛ ଖାଦ୍ୟ ପାଇଁ ଉପଯୋଗୀ । ତେଣୁ ବଜାରରେ ଏସବୁ ଉପଲବ୍ଧ ରହିଥାଏ । ଏହି ସମୟ ମାଛ ଧରିବା ପାଇଁ ଉପଯୁକ୍ତ ଅଟେ। ପ୍ରତିଦିନ ହାରାହାରି ୧୦ ମେଟ୍ରିକ ଟନ୍ ମାଛ ଧରାଯାଇଥାଏ । ରାଜ୍ୟ ତଥା ଜିଲା ବାହାର ବ୍ୟବସାୟୀମାନେ ମତ୍ସ୍ୟଜୀବୀଙ୍କ ଠାରୁ ମାଛ କିଣି ନେଇଥାନ୍ତି । ହେଲେ ଏବେ ସେମାନଙ୍କ ମଧ୍ୟ ଦେଖା ମିଳୁନାହିଁ। ରାଜ୍ୟ ବାହାର ପଶ୍ଚିମବଙ୍ଗ, ତଥା ରାଜ୍ୟର କଟକ, ଭୁବନେଶ୍ୱର, ବାଲେଶ୍ୱର ଆଦି ଜିଲାକୁ ଏଠାରୁ ମାଛ ପଠାଯାଏ । ଲକ୍ ଡାଉନ ଯୋଗୁ ତାହା ସମ୍ଭବ ହୋଇପାରୁନାହିଁ । ସ୍ଥାନୀୟ ବଜାରରେ ଭରସା କରି ରହିଛୁଁ । ହେଲେ ବଜାରରେ ଚାହିଦା କମ୍ ଥିବାରୁ ଉତ୍ପାଦନ ମଧ୍ୟ କରାଯାଉ ନାହିଁ । ଉତ୍ପାଦନ ୪ରୁ ୫ ମେଟ୍ରିକ ଟନ୍‌କୁ ଖସି ଆସିଛି । ଏବେ କଟକଣା ଅବଧି ରାଜ୍ୟ ସରକାର ଏପ୍ରିଲ ୩୦ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ଏଥିଯୋଗୁ ଆମର ସମସ୍ୟା ଆହୁରି ବଢିଯିବ ବୋଲି ଜଣେ ମାଛ ଚାଷୀ କହିଛନ୍ତି ।

ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ଶୀଘ୍ର ନିଯୁକ୍ତି, ତାଲିମ ଦିଆଯାଉ

ଝାରସୁଗୁଡା ଅଫିସ,୯।୪

ରାଜ୍ୟ ସରକାରଙ୍କ ଉଚ୍ଚସ୍ତରୀୟ ମନ୍ତ୍ରୀମଣ୍ଡଳସ୍ତରୀୟ କମିଟି ପକ୍ଷରୁ କୋଭିଡ-୧୯ ମୁକାବିଲା ପାଇଁ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଭିଡିଓ କନଫରେନ୍ସ ଜରିଆରେ ଏହି ଆଲୋଚନା ହୋଇଛି। ଝାରସୁଗୁଡା ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଏନଆଇସି କକ୍ଷରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ନବ କିଶୋର ଦାସ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇ ଥିଲେ। ସେ ବିଭିନ୍ନ ପରାମର୍ଶ ଦେବା ସହ କରୋନା ମୁକାବିଲା କାର୍ଯ୍ୟର ସମୀକ୍ଷା ଓ ବିଭିନ୍ନ ନିଷ୍ପତ୍ତି ମଧ୍ୟ ନେଇଛନ୍ତି। ପ୍ରତିଦିନ ଏକ ହଜାର ରକ୍ତ ନମୁନା ପରୀକ୍ଷା କରାଯିବା ନେଇ ବୈଠକରେ ଆଲୋଚନା ହୋଇଛି। ୧୨ ତାରିଖରୁ ବ୍ରହ୍ମପୁର ମେଡିକାଲ କଲେଜରେ, ୧୫ ତାରିଖରୁ ଭିମସାରରେ ଓ ୧୭ ତାରିଖରୁ ଆଇଜିଏଚରେ ରକ୍ତ ନମୁନା ପରୀକ୍ଷା କରାଯିବା ନେଇ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକ ଶେଷ ହେବା ପରେ ମନ୍ତ୍ରୀ ଦାସ ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ ଯେ ଦିଲ୍ଲୀ ଏମ୍ସରେ ଯେଭଳି ଭାବେ ଲୋକଙ୍କୁ ସାନିଟାଇଜ କରାଯାଉଛି ସେହିଭଳି ଓଡିଶାରେ ମଧ୍ୟ ବ୍ୟବସ୍ଥା ହେବା ଆବଶ୍ୟକ। ବୁର୍ଲା ଭିମସାରକୁ ଯୋଗାଇ ଦିଆଯାଇଥିବା ୨୨ ଟି ଭେଣ୍ଟିଲେଟରକୁ ବୁର୍ଲା କୋଭିଡ ହସ୍ପିଟାଲରେ ବ୍ୟବହାର କରାଯିବା, ସରକାରଙ୍କ ପକ୍ଷରୁ କୋଭିଡ-୧୯ ଚିକିତ୍ସା ପାଇଁ ଅନୁମୋଦନ କରିଥିବା ୨୪୩୨ ଜଣ ଷ୍ଟାଫ ନର୍ସ, ୭୨୯ ଜଣ ଫାର୍ମାସିଷ୍ଟ, ୬୧୦ ଜଣ ଲ୍ୟାବ ଟେକନିସିଆନ, ୨୯୧ ରେଡିଓ ଗ୍ରାଫର, ୧୭୩୫ ଜଣ ପୁରୁଷ ସ୍ୱାସ୍ଥ୍ୟକର୍ମୀ ଓ ୨୧୬୩ ଜଣ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ଶିଘ୍ର ନିଯୁକ୍ତି ଦେଇ ତାଲିମ ଦେବାକୁ ଦାବି କରିଛନ୍ତି। ବିଭିନ୍ନ ଜିଲାରେ କୋଭିଡ ତାଲିମ ଶେଷ କରାଯାଇ କୋଭିଡ ହସ୍ପିଟାଲରେ କାର୍ଯ୍ୟ ଆରମ୍ଭ କରାଯାଉ। ସମସ୍ତ ଜିଲାର ଆୟୁର୍ବେଦ, ହୋମିଓପାଥି ଡାକ୍ତର ଓ ଅନ୍ୟାନ୍ୟ ମେଡିକାଲ ଷ୍ଟାଫଙ୍କୁ କୋଭିଡ ହସ୍ପିଟାଲରେ କାର୍ଯ୍ୟ କରିବା ପାଇଁ ତାଲିମ ପ୍ରଦାନ କରାଯାଉ। ସେହିଭଳି ଏନସିସି କ୍ୟାଡେଟ, ଏନ୍‌ଏସ୍‌ଏସ୍, ଏନୱାଇକେଏସ୍ ସ୍ୱଚ୍ଛାସେବୀଙ୍କୁ ମଧ୍ୟ ଏ ନେଇ ତାଲିମ ଦେବାକୁ ମନ୍ତ୍ରୀ ଦାସ ବୈଠକରେ ପ୍ରସ୍ତାବ ଦେଇଛନ୍ତି।

ସମ୍ବଲପୁରରେ ହେବ କୋଭିଡ୍ ହସ୍ପିଟାଲ

ସମ୍ବଲପୁର,୯।୪(ବ୍ୟୁରୋ)

ସମ୍ବଲପୁର ଜିଲା ସଦରଡାକ୍ତଖାନାରେ ମରାମତି କାମ ଚାଲିଛି ।

ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ କୋଭିଡ-୧୯ ମେଡିକାଲ ନିର୍ମାଣ କରିବାକୁ ପ୍ରଶାସନ ସ୍ଥିର କରିଛି। ବିଭିନ୍ନ ମହଲରେ କିନ୍ତୁ ଏହାକୁ ବିରୋଧ କରାଯାଉଛି। ବୁର୍ଲା ଭିମ୍‌ସାରରେ କୋଭିଡ ମେଡିକାଲ ନିମାଣ କରିବାକୁ ଦାବି କରାଯାଇଥିଲା। ଏଥିପାଇଁ ପ୍ରଶାସନିକ ଅଧିକାରୀ ଭିମ୍‌ସାର, ଭିସୁଟ ସହିତ କେତୋଟି କଲେଜ ପରିଦର୍ଶନ କରିଥିଲା। ହେଲେ ବାଦ ବିବାଦ ଭିତରେ ଶେଷରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏହା ନିର୍ମାଣ କରିବାକୁ ସ୍ଥିର କରାଯାଉଛି । ମିସଲିଥିବା ସୂଚନା ଅନୁସାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ୨ ଶହ ଶଯ୍ୟା ବିଶିଷ୍ଟ ଏହି କୋଭିଡ୍ ମେଡିକାଲ ନିର୍ମାଣ ହେବ। ଏଠାରେ ୩୦ ଶଯ୍ୟା ପାଇଁ ଭେଣ୍ଟିଲେଟର ବ୍ୟବସ୍ଥା ରହିବ। ନିର୍ମାଣ କାମ ଯଦ୍ଧକାଳୀନ ଭାବେ କରାଯାଉଛି। ପ୍ରାୟ ୧୦ ଦିନ ଭିତରେ କାମ ସାରିବାକୁ ଜିଲା ପ୍ରଶାସନର ଲକ୍ଷ୍ୟ ରହିଛି। ଗୁରୁବାର କରୋନା ମେଡିକାଲ ପାଇଁ ଆବଶ୍ୟକ ସମାଗ୍ରୀ ଆସି ଷ୍ଟୋରରେ ରହିଛି। ତେବେ ଜିଲା ମୁଖ୍ୟ ଚିକିତ୍ସାଳୟ ଉପରେ ନିର୍ଭର କରୁଥିବା ରୋଗୀଙ୍କ ପାଇଁ ବିକଳ୍ପ ବ୍ୟବସ୍ଥା କରାଯାଇଛି । ଅଇଁଠାପାଲି ସହରାଞ୍ଚଳ ଓ ବୈଦନାଥ ଛକରେ ଥିବା ଡାକ୍ତର ଜନାର୍ଦ୍ଦନ ପୂଜାରୀ ମାତୃ ମଙ୍ଗଳ କେନ୍ଦ୍ର ବ୍ୟବହାର କରାଯିବ। ସେଠାରେ ରୋଗୀ ଓ ତାଙ୍କ ସମ୍ପର୍କୀଙ୍କ ପାଇଁ ସମସ୍ତ ବ୍ୟବସ୍ଥା କରାଯିବ । ଗ୍ରାମାଞ୍ଚଳରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟର ସୁବିଧା ବଢାଇ ଦିଆଯିବ । ଗୁରୁତର ଅବସ୍ଥା ନ ଥିଲେ ଗ୍ରାମାଞ୍ଚଳର ରୋଗୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନ ଆସି ସେଠାରେ ଚିକିତ୍ସିତ ହେବେ। ଅନ୍ୟପକ୍ଷେ ଏବେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ରୋଗୀଙ୍କୁ ବୁର୍ଲା ଭିମ୍‌ସାର ସ୍ଥାନାନ୍ତର କରାଯିବ ବୋଲି ସ୍ଥିର ହୋଇଛି। ଭୀମସାରରେ ଏଥିପାଇଁ ବ୍ୟବସ୍ଥା କରାଯାଉଛି। ତେବେ ଏ ସମ୍ପର୍କରେ କରୋନା ମୁକାବିଲା ଜିଲା ଦାୟିତ୍ୱରେ ଥିବା ନୋଡାଲ ଅଫିସର ସୁକାନ୍ତ ତ୍ରିପାଠି କହିଛନ୍ତି ଯେ, ଯୁଦ୍ଧ କାଳିନ ଭିତ୍ତିରେ କାମ ଚାଲିଛି । ୧୦ ଦିନ ଭିତରେ କାର୍ଯ୍ୟକ୍ଷମ ହୋଇଯିବ।

ଝାରସୁଗୁଡା, ବ୍ରଜରାଜନଗର, ଲଇକେରା ରେଡ୍ ଜୋନ୍

ଝାରସୁଗୁଡା ଅଫିସ,୯।୪

ଝାରସୁଗୁଡା ଜିଲା ପ୍ରଶାସନ ପକ୍ଷରୁ ଝାରସୁଗୁଡା ବ୍ଲକ, ବ୍ରଜରାଜନଗର ମ୍ୟୁନିସିପାଲିଟି ଓ ଲଇକେରା ବ୍ଲକକୁ ରେଡ୍ ଜୋନ୍ ଭାବେ ଘୋଷଣା କରାଯାଇଛି। ଜିଲାପାଳ ସରୋଜ କୁମାର ସାମଲ କହିଛନ୍ତି ଯେ, ଉପରୋକ୍ତ ଅଞ୍ଚଳକୁ ରାଜ୍ୟ ତଥା ରାଜ୍ୟ ବାହାରର ବିଭିନ୍ନ ଅଞ୍ଚଳରୁ ଟ୍ରେନ୍ ଓ ବସ୍ ଯୋଗେ ଲୋକେ ଆସିଛନ୍ତି। ଏଣୁ ଏହି ଅଞ୍ଚଳ ଗୁଡିକରେ ଜିଲା ପ୍ରଶାସନ ପକ୍ଷରୁ ବୁଧବାରଠାରୁ ସ୍କ୍ରିନିଂ ପ୍ରକ୍ରିୟା ଆରମ୍ଭ କରାଯାଇଛି। ୧୨ ତାରିଖ ମଧ୍ୟରେ ସମସ୍ତଙ୍କ ସ୍କ୍ରିନିଂ ସରିବା ପରେ ରିପୋର୍ଟକୁ ଅନୁଧ୍ୟାନ କରି ଆବଶ୍ୟକ ପଦକ୍ଷେପ ନିଆଯିବ। ତେବେ ଏ ପର୍ଯ୍ୟନ୍ତ ଜିଲାରେ କେହି କରୋନା ଆକ୍ରାନ୍ତ ହୋଇଥିବା ଦୃଷ୍ଟିକୁ ଆସିନାହିଁ। ସେହିପରି ଜିଲାର ୨୫ଟି ରାଜସ୍ୱ ଗ୍ରାମ ତଥା ୩ଟି ମ୍ୟୁନିସିପାଲିଟିର ୬୬ଟି ୱାର୍ଡରେ ବିଶୋଧନ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଲୋକଙ୍କୁ ମାସ୍କ ଯୋଗାଇ ଦେବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଯେଉଁ ଅଞ୍ଚଳ ଖଣି କିମ୍ବା ଶିଳ୍ପ ପ୍ରତିଷ୍ଠାନ ଅଧୀନରେ ଆସୁ ନାହିଁ ସେ ଅଞ୍ଚଳ ଗୁଡିକୁ ଜିଲା ପ୍ରଶାସନ ପକ୍ଷରୁ ଜିଲା ଖଣିଜ ପାଣ୍ଠି ବ୍ୟୟରେ ମାସ୍କ ପ୍ରଦାନ କରାଯିବ। ଏଥିପାଇଁ ମାସ୍କ ତିଆରି କରାଯିବା ନେଇ ସ୍ୱୟଂ ସହାୟିକା ଗୋଷ୍ଠୀଗୁଡିକୁ ନିୟୋଜିତ କରାଯାଇଛି ବୋଲି ମଧ୍ୟ ଜିଲାପାଳ ସାମଲ ସୂଚନା ଦେଇଛନ୍ତି।

ପାଇକମାଳରେ ଜବତ ହୋଇଥିବା ବାଇକ୍ ।

ବାଇକ୍ ଜବତ, ବାଦ୍ ପଡୁନାହାନ୍ତି ଖୁଚୁରା ବ୍ୟବସାୟୀ

ପାଇକମାଳ, ୯।୪ (ଡି.ଏନ.ଏ)

ବରଗଡ ଜିଲାପାଳ ଗୁରୁବାରଠାରୁ ବାଇକ ଚଳାଚଳ ବନ୍ଦ କରିବା ସହ ମୁହଁରେ ମାସ୍କ ଲଗାଇବା ପାଇଁ ବାଧ୍ୟତାମୂଳକ କରିଛନ୍ତି। ଏହି କ୍ରମରେ ନିୟମକୁ ପାଇକମାଳ ପୋଲିସ ୫୦ରୁ ଉର୍ଦ୍ଧ୍ୱ ବାଇକ ଜବତ କରିଛି । ଖୁଚୁରା ବ୍ୟବସାୟୀ ଓ ଗ୍ୟାସ ସିଲିଣ୍ଡର ଧରି ଆସୁଥିବା ବାଇକକୁ ମଧ୍ୟ ଛଡାଯାଇ ନ ଥିଲା । ପାଇକମାଳ ଅଞ୍ଚଳରେ କିରାନା ଓ ଫଳ ଦୋକାନ ଗୁଡିକ ସକାଳ ୬ଟାରୁ ୧୦ଟା ଯାଏ ଖୋଲାଯାଉଛି। ୬ଟାରୁ କଟକଣା ଯୋଗୁ ଫଳ ଦୋକାନୀମାନଙ୍କୁ ବହୁତ କ୍ଷତି ସହିବାକୁ ପଡୁଛି । ଏ ନେଇ ପାଇକମାଳ ତହସିଲଦାର ମନୋଜ ମେହେରଙ୍କ ସହ ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁ, ବିନୋଦ କୁମାର କାଲିଆ, ରାମରତନ ପୁରୋହିତ, ମନୋଜ ତ୍ରିବେଦୀ, ଡା. ସୁଶୀଲ ମହାପାତ୍ର, ସୁରଥ ସାହୁ, ବଡ ଶତପଥି, ଗୌରାଙ୍ଗ ଦାସ ପ୍ରମୁଖ ଆଲୋଚନା କରିଥିଲେ। ମୁଖ୍ୟତଃ ଦୂର ଦୂରାନ୍ତରୁ ଗ୍ୟାସ ଓ ପରିବା ପାଇଁ ଆସୁଥିବା ହିତାଧିକାରୀମାନେ ଏଥିଯୋଗୁ ଅସୁବିଧାର ସମ୍ମୁଖୀନ ହେଉଥିବା ତହସିଲଦାରଙ୍କୁ ଅବଗତ କରାଯାଇଥିଲା। ତହସିଲଦାର ମେହେର ଏ ବିଷୟରେ ଆଲୋଚନା କରି ସମାଧାନ କରାଯିବ ବୋଲି କହିଥିଲେ ।

ଗାଁ ଫେରନ୍ତା ଶ୍ରମିକ ସ୍କୁଲ ହଷ୍ଟେଲରେ ରହିଲେ

ତଳଗାଁ,୯।୪(ଡି.ଏନ.ଏ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଭାବେ ଜଣାଶୁଣା ହୋଇଥିବାବେଳେ ଏହି ଅଞ୍ଚଳର ଅନେକ ଯୁବକ କାମଧନ୍ଦା ଅନ୍ୱେଷଣରେ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଚାଲିଯାଉଛନ୍ତି । ଦେଶରେ ଏବେ କରୋନା ସଂକ୍ରମଣ ନେଇ ଲକ୍‌ଡାଉନ ଘୋଷଣା ହେବା ପରେ ଦାଦନ ଖଟିଯାଇଥିବା ଯୁବକମାନେ ଯେତେତେନ ପ୍ରକାରେ ଗାଁକୁ ଫେରିବାରେ ଲାଗିଛନ୍ତି । କିଛିଦିନ ପୂର୍ବରୁ ମାଧପୁର ପଞ୍ଚାୟତର ଆଡେଣୀଗଡ ଗ୍ରାମକୁ କିଛି ଯୁବକ ଫେରିବା ପରେ ସେମାନଙ୍କୁ ଗ୍ରାମବାସୀ ଭୟରେ ଗ୍ରାମକୁ ପୂରାଇ ଦେଇ ନ ଥିଲେ । ଫଳରେ ପଞ୍ଚାୟତ ପକ୍ଷରୁ ସେମାନଙ୍କ ରହିବା ଓ ଖାଇବା ବ୍ୟବସ୍ଥା କରାଯାଇଥିଲା। ସେହିପରି ବର୍ତ୍ତମାନ ତଳଗାଁ ପଞ୍ଚାୟତକୁ ୯୨ ଜଣ ଯୁବକ ଫେରିଥିବାବେଳେ ସେମାନଙ୍କ ମଧ୍ୟରୁ ୧୦ ଜଣଙ୍କୁ ବିଦ୍ୟାଳୟ ହଷ୍ଟେଲରେ ରଖାଯାଇ ପଞ୍ଚାୟତ ପକ୍ଷରୁ ସେମାନଙ୍କ ରହିବା ଓ ଖାଇବା ବ୍ୟବସ୍ଥା କରାଯାଇଛି । ତେବେ ହଷ୍ଟେଲରେ ରଖାଯାଇଥିବା ଯୁବକଙ୍କ ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ କରାଯିବା ପରେ ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ଘରକୁ ଯିବାକୁ ଅନୁମତି ଦିଆଯାଇଥିବା ଜଣାପଡିଛି। ବାହାରୁ ଫେରୁଥିବା ଏହି ଶ୍ରମିକମାନଙ୍କୁ ନେଇ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଅନେକ ପ୍ରକାର ଗୁଜବ ଓ ଆଲୋଚନା ଜାରି ରହିଛି। ତେଣୁ ଗ୍ରାମ ଗୁଡିକରେ ସଚେତନତା କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯିବା ଜରୁରୀ ହୋଇପଡିଛି। ସ୍ଥାନୀୟ ଲୋକମାନେ କୌଣସି ଅନ୍ଧ ବିଶ୍ୱାସ କିମ୍ବା ଗୁଜବର ଶିକାର ନ ହୋଇ ସାମାଜିକ ଦୂରତା ପାଳନ କରିବାକୁ ଜିଲାପାଳ ଲଲାଟେନ୍ଦୁ ମିଶ୍ର ପରାମର୍ଶ ଦେଇଛନ୍ତି ।

ମାସ୍କ ବାଣ୍ଟି ମିଳୁଛି ଆତ୍ମସନ୍ତୋଷ

ବିଜେପୁର, ୯।୪ (ଡି.ଏନ.ଏ)

କରୋନା ପ୍ରତିଷେଧକ ଭାବରେ ସାମାଜିକ ଦୂରତ୍ୱ ବଜାୟ ରଖିବା, ମୁହଁରେ ମାସ୍କ ବାନ୍ଧି ପଦାକୁ ବାହାରିବାକୁ ସରକାର ନିର୍ଦ୍ଦେଶ ଜାରି କରିଛନ୍ତି । ପେଟକୁ ଦାନା ମୁଠାଏ ଯୋଗାଡ କରିବା କଷ୍ଟକର ହେଉଥିବା ବେଳେ ମାସ୍କ କ୍ରୟ କରିବା ଗରିବ ଖଟିଖିଆଙ୍କ ପାଇଁ ସାତ ସପନ ହୋଇଛି। ଏଭଳି ପରିସ୍ଥିତିରେ ବରଗଡ ଜିଲା ବିଜେପୁରର ଏକ ସାଧାରଣ ପରିବାରର ମେହେର ଦମ୍ପତି ଜନସାଧାରଣଙ୍କୁ ମାସ୍କ ଯୋଗାଣ କରିବାକୁ ଅଣ୍ଟା ଭିଡିଛନ୍ତି।

ବିଜେପୁର ଏନଏସି ସଦର ମହକୁମାର ତଳିପଡାର ସ୍ଥାୟୀ ବାସିନ୍ଦା ହେଲେ ବୁଲୁ ମେହେର (୩୬) । ସ୍ତ୍ରୀ ପିଙ୍କି ମେହେର, ସ୍ମୃତିରେଖା ଓ ସମୀର ଦୁଇ ଝିଅପୁଅଙ୍କୁ ନେଇ ତାଙ୍କ ପରିବାର। ବୁଲୁ ପ୍ରତିଦିନ ବିଭିନ୍ନ ହାଟ ବଜାର ବୁଲି ରାସନ ସାମଗ୍ରୀ ବିକ୍ରି କରନ୍ତି । ସ୍ତ୍ରୀ ପିଙ୍କି ପାଖରେ ଛୋଟ ମନୋହରି ଦୋକାନ ସହ କିଛି ସିଲେଇ କାମ କରିଥାନ୍ତି । ଗତ ବର୍ଷ ସେମାନେ ସ୍ଥାନୀୟ ଏନଏସିର ଯେ କୌଣସି ଅଞ୍ଚଳରୁ ମାତ୍ର ୩୦ ଟଙ୍କାରେ ରୋଗୀଙ୍କୁ ଚିକିତ୍ସା ପାଇଁ ଗୋଷ

ସଂକ୍ଷେପରେ

ନିୟମ ଉଲ୍ଲଂଘନ, ୧୩ ଯାନ ଜବତ

**ବିନିକା,୯।୪(ଡି.ଏନ୍.ଏ): ** ଲକ୍‌ଡାଉନ କଟକଣା ଉଲ୍ଲଂଘନ କରିବା ଅଭିଯୋଗରେ ସୁବର୍ଣ୍ଣପୁର ଜିଲା ବିନିକା ଥାପା ପୋଲିସ ଗତ ୪ଦିନ ମଧ୍ୟରେ ୧୩ଟି ଯାନ ଜବତ କରିଛି । ସେଥିରୁ ୧୧ଟି ବାଇକ୍ ଓ ୨ଟି ଟ୍ରକ୍ ଅନ୍ତର୍ଭୁକ୍ତ ବୋଲି ଆଇଆଇସି କୁଶ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

ବାହାଘରକୁ ବାଧା ଦେଲା ଜାତି: ଜୀବନ ହାରିଦେଲେ ଯୁବତୀ, ଯୁବକ

ସମ୍ବଲପୁର,୯।୪(ବ୍ୟୁରୋ): ସମ୍ବଲପୁର ବୁର୍ଲା ଥାନା ହୀରାକୁଦ ଷ୍ଟେସନ-ଗୋଡଭଗା ରେଳ ଧାରଣାରେ ଗୁରୁବାର ସକାଳେ ଜଣେ ଯୁବତୀ ଓ ଯୁବକଙ୍କ ମୃତଦେହକୁ ଜିଆରପି ପୋଲିସ ଉଦ୍ଧାର କରିଛି । ମୃତକମାନେ ହେଲେ ସ୍ଥାନୀୟ ବୁଢ଼ିଟିକିରା ଗ୍ରାମର ଦଶା ଖଡିଆ (୩୨), ଅନିତା ମିର୍ଦ୍ଧା (୨୫) । ମୃତ ଦେହ ଉଦ୍ଧାର କରି ଜିଆରପି ପୋଲିସ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଜିଆରପି ଥାନାରେ କେଶ ନଂ. ୧୩/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପୋଲିସ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ଦଶା ଓ ଅନିତା ପରସ୍ପରକୁ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। ହେଲେ ଏଥିରେ ସେମାନଙ୍କୁ ଜାତିପ୍ରଥା ବାଧା ଦେଇଥିଲା। ଏଣୁ ନିରାଶ ହୋଇ ବୁଧବାର ବିଳମ୍ବିତ ରାତିରେ ଏମାନେ ମାଲବାହୀ ଟ୍ରେନ ଆଗକୁ ଡେଇଁ ଆତ୍ମହତ୍ୟା କରିଥାଇ ପାରନ୍ତି। ତେବେ ଉଭୟଙ୍କ ପରିବାର ପକ୍ଷରୁ ବୁଧବାର ରାତିରେ ଖୋଜାଖୋଜି କରାଯାଇଥିଲା। ଗୁରୁବାର ସକାଳେ କେତେକ ଲୋକ ପୋଲିସକୁ ଖବର ଦେଇଥିଲେ।

ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ

ସୁନ୍ଦରଗଡ,୯।୪ (ଡି.ଏନ୍.ଏ.): କରୋନା ମୁକାବିଲା କରିବା ପାଇଁ ରାଉରକେଲା ମିଲେନିୟମ ସପ୍ଲାୟର୍ସ ପ୍ରାଇଭେଟ ଲିମିଟେଡ ତରଫରୁ ପ୍ରଧାନମନ୍ତ୍ରୀ ରିଲିଫ ପାଣ୍ଠିକୁ ୧୧ଲକ୍ଷ ଓ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧୦ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ସୁନ୍ଦରଗଡ ବିଧାୟିକା କୁସୁମ ଟେଟେଙ୍କ ଅନୁରୋଧ କ୍ରମେ ଏହାର ନିର୍ଦ୍ଦେଶକ ବଣ୍ଟି ଡାଲମିଆ ଓ ପରିଚାଳନା ନିର୍ଦ୍ଦେଶକ କମଳ ଡାଲମିଆ ଓ ଭାଜପା ଯୁବନେତା ଅଜୟ ପଟେଲଙ୍କ ସହିତ ଜିଲାପାଳ ନିଖିଲ ପବନ କଲ୍ୟାଣଙ୍କୁ ସାକ୍ଷାତ କରି ଏହି ୨ଟି ଚେକ ପ୍ରଦାନ କରିଛନ୍ତି। ଏହା ସହ ଗୋପାଲପୁରଠାରେ ନିରାଶ୍ରୟ, ଗରିବ ଓ ଡ୍ରାଇଭରଙ୍କୁ ଲକ୍ ଡାଉନ ହେବାଠାରୁ ଏହି କମ୍ପାନୀ ତରଫରୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଥିବା କହିଛନ୍ତି।

ଅନ୍‌ଲାଇନରେ ପାଠପଢ଼ାକୁ ଗୁରୁତ୍ୱ

ସୁନ୍ଦରଗଡ, ୯।୪ (ଡି.ଏନ୍.ଏ.): କରୋନା ଯୋଗୁ ମାର୍ଚ୍ଚ ମାସରୁ ଲକ୍ ଡାଉନ ଘୋଷଣା ପରେ ସମସ୍ତ ସ୍କୁଲ କଲେଜ ବନ୍ଦ ରହିଛି । ଏଭଳି ସ୍ଥିତିରେ ପିଲାଙ୍କ ପାଠପଢ଼ା ନେଇ ଅଭିଭାବକ ଚିନ୍ତାରେ ପଡିଯାଇଛନ୍ତି। ଏହି ସମୟରେ ସୁନ୍ଦରଗଡ ପବ୍ଲିକ ସ୍କୁଲ ପିଲାମାନଙ୍କୁ ଅନଲାଇନ ମାଧ୍ୟମରେ ଶିକ୍ଷାଦାନ ଆରମ୍ଭ କରିଛି। ଏଥିପାଇଁ ବିଭିନ୍ନ ଶ୍ରେଣୀ ପାଇଁ ବିଭିନ୍ନ ହ୍ୱାଟ୍ସଆପ୍ ଗ୍ରୁପ କରାଯାଇ ଛାତ୍ରୀଛାତ୍ରଙ୍କୁ ପାଠପଢ଼ା ଯାଉଛି। ବିଦ୍ୟାଳୟ ପରିଚାଳନା କମିଟିର ସଂପାଦକ ରାଜ କିଶୋର ଷଡଙ୍ଗୀ, ବିଦ୍ୟାଳୟ ଅଧ୍ୟକ୍ଷା ହରପ୍ରିୟା ପଟେଲଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରଙ୍କୁ ଅନଲାଇନ ମାଧ୍ୟମରେ ପାଠପଢ଼ାକୁ ବିଦ୍ୟାଳୟର ଶିକ୍ଷକ ଅଶୋକ କୁମାର ପରିଡା ପରିଚାଳନା କରୁଛନ୍ତି।

ଚିନ୍ତାରେ କେନ୍ଦୁପତ୍ର ତୋଳାଳି, ବନ୍ଧେଇ ଶ୍ରମିକ

ବଲାଙ୍ଗୀର ଅଫିସ, ୯।୪

- ରୋଜଗାର ହରାଇବେ ଲକ୍ଷାଧିକ ପରିବାର
- ଅନିୟମିତ ବର୍ଷା, କରୋନାକୁ ନେଇ ଅଡୁଆରେ ଶ୍ରମିକ
- ସମ୍ପୂର୍ଣ୍ଣ ହୋଇପାରିନାହିଁ ଗୋଛାକଟା

କରୋନା ସଂକ୍ରମଣ ଭୟ ଚାଷବାସ, ରୋଜଗାର ଉଜାଡିବା ଆରମ୍ଭ କରିଦେଲାଣି। ଦୀର୍ଘ ୨୧ଦିନର ଲକ୍‌ଡାଉନ୍ ପରେ ରାଜ୍ୟ କ୍ୟାବିନେଟ୍‌ରେ ଆହୁରି ୧୫ଦିନ ବୃଦ୍ଧି ପାଇଁ ସୁପାରିଶ ପରେ ଅନେକଙ୍କ ଚିନ୍ତା ବଢ଼ିଯାଇଛି। ରୋଗ ସଂକ୍ରମଣ ଠୁ ଅନେକଙ୍କ ଭବିଷ୍ୟତ ଚିନ୍ତା ଭୟଙ୍କର ରୂପ ନେବାରେ ଲାଗିଛି। ବଲାଙ୍ଗୀର ଜିଲାର ଲକ୍ଷାଧିକ କେନ୍ଦୁପତ୍ର ତୋଳାଳି ଓ ବନ୍ଧେଇ ଶ୍ରମିକ ଏଭଳି ମହାଚିନ୍ତାରେ ପଡିଛନ୍ତି।

ବଲାଙ୍ଗୀର ଜିଲାରେ ୩ଟି କେନ୍ଦୁପତ୍ର ବନଖଣ୍ଡ ରହିଛି। ଏଥିରେ ପ୍ରାୟ ୧୧ଶହରୁ ଊର୍ଦ୍ଧ୍ୱ ଗ୍ରାମରେ କେନ୍ଦୁପତ୍ର ସଂଗ୍ରହ ପାଇଁ ଫଡିଘର ରହିଛି। ବିଭାଗୀୟ ପରିଚୟପତ୍ର ବଳରେ ତିନି ବନଖଣ୍ଡର ପ୍ରାୟ ୧ ଲକ୍ଷ ୩୦ ହଜାରରୁ ଊର୍ଦ୍ଧ୍ୱ ଲୋକେ କେନ୍ଦୁପତ୍ର ସଂଗ୍ରହ କରିଥାନ୍ତି। ଚଳିତବର୍ଷ ଅନିୟମିତ ବର୍ଷା ଯୋଗୁଁ ବହୁ ବିଳମ୍ବରେ ଗୋଛାକଟା ଆରମ୍ଭ ହୋଇଥିଲା। ଫେବୃୟାରୀ ତୃତୀୟ ସପ୍ତାହ ପରିବର୍ତ୍ତେ ମାର୍ଚ୍ଚ ୧୨ରୁ ଆରମ୍ଭ ହୋଇଥିବା ଗୋଛାକଟାକୁ ୨୪ତାରିଖ ଦିନ ବନ୍ଦ କରିଦିଆଯାଇଥିଲା। କରୋନା ସଂକ୍ରମଣ ରୋକିବା ପାଇଁ ଲକ୍‌ଡାଉନ୍ ଘୋଷଣା ପରେ କେନ୍ଦୁପତ୍ର ସଂଗ୍ରହ ମଧ୍ୟ ପ୍ରଭାବିତ ହେବା ଆଶଙ୍କା ସୃଷ୍ଟି ହୋଇଛି। ମିଳିଥିବା ସୂଚନା ମୁତାବକ ଜିଲାରେ ପ୍ରାୟ ୬୦ପ୍ରତିଶତ ଗୋଛାକଟା ହୋଇଛି। ଗୋଛାକଟା ସମୟରୁ ୪୫ଦିନ ବ୍ୟବଧାନରେ କେନ୍ଦୁପତ୍ର ତୋଳିବା ଆରମ୍ଭ ହୋଇଥାଏ। ଏବେ ରାଜ୍ୟ ସରକାର ଲକ୍‌ଡାଉନ୍ ଅବଧିକୁ ବୃଦ୍ଧି କରିବାକୁ ସୁପାରିଶ କରିବା ପରେ କେନ୍ଦୁପତ୍ର ତୋଳାଳି ଓ ଶ୍ରମିକଙ୍କ ଚିନ୍ତା ବଢ଼ିଛି। ପ୍ରତିବର୍ଷ କେନ୍ଦୁପତ୍ର ତୋଳାଳିମାନେ ପରିବାର ପିଛା ୧୫ରୁ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ରୋଜଗାର କରିଥାନ୍ତି। ତେବେ ଅନିୟମିତ ବର୍ଷା ଓ କରୋନା ଚଳିତବର୍ଷ କେନ୍ଦୁପତ୍ର ତୋଳାଳିଙ୍କ ରୋଜଗାରରେ ପାଣି ପକାଇ ଦେଲାଣି। କରୋନା ପାଇଁ ସାମାଜିକ ଦୂରତା ବଜାୟ ରହିବା ସହ ଲୋକଙ୍କୁ ଘରେ ରହିବାକୁ ପରାମର୍ଶ ଦିଆଯାଉଛି। ଏଭଳି ସ୍ଥିତିରେ ଏହି ଗରିବ ଶ୍ରେଣୀର ଲୋକଙ୍କ ନିଶ୍ଚିତ ରୋଜଗାର ଏବେ ଅନିଶ୍ଚିତତାକୁ ଚାଲିଯାଇଛି। କେନ୍ଦୁପତ୍ର ତୋଳାଳି ଓ ବନ୍ଧେଇ ଶ୍ରମିକମାନେ ରାଜ୍ୟ ସରକାରଙ୍କ ଜନଶ୍ରୀ ବୀମା ଯୋଜନା, କେନ୍ଦୁପତ୍ର କର୍ମଚାରୀ କଲ୍ୟାଣ ପାଣ୍ଠି ବାବଦରେ ମିଳୁଥିବା ଝିଅ ବାହାଘର ସହାୟତା, ଯୁକ୍ତଦୁଇ ଉଚ୍ଚଶିକ୍ଷା ପାଇଁ ଶିକ୍ଷାବୃତ୍ତି, ସ୍ୱାସ୍ଥ୍ୟ କଲ୍ୟାଣ ସହାୟତା ଓ ଅନ୍ୟ ସୁବିଧା ପାଇପାରିବେ କି ନାହିଁ ସେହି ଚିନ୍ତାରେ ପଡିଛନ୍ତି। ନିହାତି ଗରିବ ଶ୍ରେଣୀର ଲୋକଙ୍କ ନିର୍ଭରଶୀଳ ରୋଜଗାର କେନ୍ଦୁପତ୍ର ସଂଗ୍ରହ ଏବେ ଘୋର ଅନିଶ୍ଚିତତାକୁ ଠେଲି ହୋଇଯାଇଛି। ଏଭଳି ସ୍ଥିତିକୁ ଗୁରୁତ୍ୱର ସହ ବିଚାର କରି ସରକାର ବିଧିବଦ୍ଧ ପଦକ୍ଷେପ ଗ୍ରହଣ କଲେ କେନ୍ଦୁପତ୍ର ତୋଳାଳିମାନେ ଉପକୃତ ହେବେ ବୋଲି ଜିଲା ଜଙ୍ଗଲ ସୁରକ୍ଷା ଓ ପରିଚାଳନା ଫୋରମ୍ ଆବାହକ କୁଳମଣି ସାହୁ କହିଛନ୍ତି। ଏନେଇ ଜିଲା କେନ୍ଦୁପତ୍ର ଡିଏଫ୍‌ଓ ରଞ୍ଜିତ ମଲ୍ଲିକଙ୍କୁ ପଚରାଯିବାରୁ ଚଳିତବର୍ଷ ପ୍ରାୟ ୮୦ ପ୍ରତିଶତ ଗୋଛାକଟା ହୋଇଛି। ଆଗକୁ ରାଜ୍ୟ ସରକାର କ'ଣ ନିଷ୍ପତ୍ତି ନେବେ ସେନେଇ କିଛି ବି ସୂଚନା ମିଳିନାହିଁ। ସାମାଜିକ ଦୂରତ୍ୱ ରଖି କେନ୍ଦୁପତ୍ର ତେଳା ଯାଇପାରିବ। ତେବେ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ହିଁ ଆଗକୁ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

ଗାଁ ପ୍ରବେଶପଥ ସିଲ୍ କଲେ ଗ୍ରାମବାସୀ

ଲାଠୋର, ୯।୪(ଡି.ଏନ.ଏ.)

ଦିନକୁ ଦିନ କରୋନା ସଂକ୍ରମଣ ଭୟାବହତା ବଢି ଚାଲିଥିବାରୁ ଲୋକ ଭୟଭୀତ ହୋଇ ପଡିଛନ୍ତି। କାଳେ ସେମାନଙ୍କ ଗାଁ କରୋନା ପ୍ରଭାବିତ ହୋଇଯିବ ଏହା ମନେକରି ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଅଞ୍ଚଳର ଏକାଧିକ ଗ୍ରାମର ଲୋକେ ସତର୍କ ହୋଇଯାଇଛନ୍ତି। ନିଜ ଗ୍ରାମର ପ୍ରବେଶ ପଥକୁ ସେମାନେ ସିଲ୍ କରୁଥିବା ଦେଖିବାକୁ ମିଳିଛି। କରୁଆଝର ପଞ୍ଚାୟତର ସାନଗୁର୍ଜିଭଟା, ମାଲପଡା ପଞ୍ଚାୟତର କହ୍ନେଇଛାପର, ଜଳପାଙ୍କେଲ, ଫୁଲଝର, ମାଲପଡା ଜାମବୁଆ, ବେନ୍ଦେର ପଞ୍ଚାୟତର ଚହକପଡା, ବେନ୍ଦେର, ଭରୁଆମୁଣ୍ଡା, ବାଦିମାଲ, ଭାଲୁଟୁଆ ଗ୍ରାମବାସୀ ପ୍ରବେଶ ପଥକୁ ସିଲ କରିଛନ୍ତି। ରାସ୍ତାରେ ବାଉଁଶ, ଡାଳ କଣ୍ଟା, ଦୌଡି ପକାଇ ଗ୍ରାମବାସୀ ପାଳି କରି ଜଗି ରହିଛନ୍ତି। ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ ଲୋକେ ଚାଲି କରି କିମ୍ବା ସାଇକେଲରେ ଯିବା ଆସିବା କରୁଛନ୍ତି। ଫଳରେ ସମ୍ପୃକ୍ତ ଗ୍ରାମମାନଙ୍କୁ ଅନ୍ୟାନ୍ୟ ଗ୍ରାମର ଲୋକେ ତଥା ଯାନବାହନ ଚଳାଚଳ ହେଉନାହିଁ।

ସାନଗୁର୍ଜିଭଟା ଗ୍ରାମବାସୀ ଗାଁ ପ୍ରବେଶ ପଥକୁ ଗଛଡାଳ ପକାଇବନ୍ଦ କରିଛନ୍ତି।

ପୋଲିସ ହାବୁଡ଼ରେ ଅମାନିଆ ବାଇକ୍ ଚାଳକ

ଗୁରୁବାର ସମ୍ବଲପୁର ଟ୍ରାଫିକ ଥାନାରେ ଜବତ କରାଯାଇଥିବା ଦୁଇ ଚକିଆ ଯାନ।

ସମ୍ବଲପୁର, ୯।୪ (ବ୍ୟୁରୋ)

କରୋନା କଟକଣା ନେଇ ଜିଲା ପ୍ରଶାସନ ଓ ପୋଲିସ ଗୁରୁବାର କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦ୍ୱିତୀୟ ଦିନରେ ପହଞ୍ଚିଛି। ଅଇଁଠାପାଲି, ଶାସନ, ଟାଉନ ଥାନା, ଧନୁପାଲି ଥାନା, କ୍ଷେତରାଜପୁର ଥାନା, ସଦର ଥାନା ପୋଲିସ ଅପରାହ୍ନ ୩ଟା ପର୍ଯ୍ୟନ୍ତ ୧୭୦ଟି ବାଇକ୍ ଜବତ କରିଛି। ସକାଳ ୭ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ କୋହଳ କରାଯାଇଥିଲା। ହେଲେ ମଧ୍ୟାହ୍ନ ୧୨ଟା ପରେ ମଧ୍ୟ ଅମାନିଆ ବାଇକ ଚାଳକ କଟକଣାକୁ ବେଖାତିର କରି ରାସ୍ତାରେ ବୁଲୁଥିଲେ। ଶେଷରେ ସେମାନେ ପୋଲିସ ହାବୁଡରେ ପଡିଯାଇଥିଲେ। ସନ୍ଧ୍ୟା ସମୟରେ ମଧ୍ୟ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଗାଡି ମଟର ଯାଞ୍ଚ କରାଯାଇଥିଲା। ତେବେ ପ୍ରଶାସନ ପକ୍ଷରୁ ପନିପରିବା, କିରାନା ସାମଗ୍ରୀ, ଔଷଧ ଭଳି ଅତ୍ୟାବଶ୍ୟକ ସାମଗ୍ରୀ ଘରେ ପହଞ୍ଚାଇବାର ସୁବିଧା ରହିଛି। ତେଣୁ ଲୋକେ ଘରୁ ନ ବାହାରନ୍ତୁ। କରୋନା ମୁକାବିଲା ପାଇଁ ପୋଲିସ ଓ ପ୍ରଶାସନକୁ ସହଯୋଗ କରନ୍ତୁ ବୋଲି ସମ୍ବଲପୁର ଏସ୍‌ପି କନୱର ବିଶାଳ ସିଂ ସୂଚନା ଦେଇଛନ୍ତି।

୩୮ କୁଇଣ୍ଟାଲ ମହୁଲ ପୋଚ ନଷ୍ଟ କଲା ଅବକାରୀ ବିଭାଗ

ଭବାନୀପାଟଣା,୯।୪(ଡି.ଏନ୍.ଏ)

କଳାହାଣ୍ଡି ଜିଲା ଜୟପାଟଣା ଥାନା ଅନ୍ତର୍ଗତ ତୁମୁଡିଖୋଲ ନିକଟ ପାହାଡ ଓ ନାଳରେ ଦେଶୀ ହାତରନ୍ଧା ମଦ ତିଆରି ହେଉଥିବା ଖବର ପାଇ ଗୁରୁବାର ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା। ଉଭୟ ସ୍ଥାନରେ ଖାନ୍‌ତଲାସୀ ପରେ ୩୮ କୁଇଣ୍ଟାଲ ମହୁଲ ପୋଚ, ୧୧୦ଲିଟର ଦେଶୀ ହାତରନ୍ଧା ମଦ ଓ ମଦ ରନ୍ଧା ସାମଗ୍ରୀ ଜବତ କରାଯାଇଥିଲା। ପରେ ଉକ୍ତ ସାମଗ୍ରୀଗୁଡିକୁ ଘଟଣାସ୍ଥଳରେ ବିଭାଗ ପକ୍ଷରୁ ନଷ୍ଟ କରାଯାଇଥିଲା। ଜିଲା ଅବକାରୀ ଉପଅଧିକ୍ଷକ ଉମାଚରଣ ପ୍ରଧାନଙ୍କ ନେତୃତ୍ୱରେ ଅବକାରୀ ନିରୀକ୍ଷକ ସୁବନ ନାଏକ, ଉପନିରୀକ୍ଷକ ଦିଲ୍ଲୀପ କୁମାର ରଥ, ସୁଧାଂଶୁ ମୁଣ୍ଡା, ନାରାୟଣ ବେହେରା, ଏଏସ୍‌ଆଇ ବସନ୍ତ ବିଶି, ଛବିଲାଲ ତାଣ୍ଡି, ସଚଳା ପାଣି ପ୍ରମୁଖ ଚଢାଉରେ ସାମିଲ ଥିଲେ।

ବାପ, ପୁଅଙ୍କୁ ମରଣାନ୍ତକ ଆକ୍ରମଣ

- ଗୁରୁତର ଅବସ୍ଥାରେ ବୁର୍ଲା ସ୍ଥାନାନ୍ତର
- ଜଣେ ଆକ୍ରମଣକାରୀ ବି ମେଡିକାଲରେ ଭର୍ତ୍ତି
- ଆକ୍ରମଣରେ ବ୍ୟବହୃତ ଖଣ୍ଡା ଜବତ

ବିନିକା,୯।୪(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ଥାନା ଅନ୍ତର୍ଗତ କମିରା ଗ୍ରାମର ଜଣେ ବ୍ୟକ୍ତି ଓ ତାଙ୍କ ପୁଅଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗ ହୋଇଛି। ଖଣ୍ଡାରେ ହାଣି ଲହୁଲୁହାଣ କରିବା ଅଭିଯୋଗରେ ପୋଲିସ ସେହି ଗାଁର ଜଣେ ଯୁବକ ଓ ତାଙ୍କ ବାପାଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ବିଷ୍ଣୁ ପ୍ରସାଦ ମିଶ୍ର (୫୧) ଓ ତାଙ୍କ ପୁଅ ସୁବ୍ରତ ମିଶ୍ର (୨୬)। ଅପରପକ୍ଷରେ ଆକ୍ରମଣର ଶିକାର ସୁରେଶ ତ୍ରିପାଠୀ (୫୮) ଓ ତାଙ୍କ ପୁଅ ମନୋଜ ତ୍ରିପାଠୀଙ୍କୁ ଗୁରୁତର ଅବସ୍ଥାରେ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଅନ୍ୟ ଏକ ଘଟଣାକ୍ରମରେ ବୁଧବାର ଅପରାହ୍ନରେ ଗିରଫ ସୁବ୍ରତ ମିଶ୍ରଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ମଧ୍ୟ ବୁର୍ଲା ପଠାଯାଇଛି। ଗୁରୁତ୍ୱର ଆହତ ସୁରେଶ ଓ ମନୋଜଙ୍କ ସମ୍ପର୍କୀୟ ସିଦ୍ଧେଶ୍ୱର ବାବୁଙ୍କ ଏତଲା ଅନୁଯାୟୀ ବିନିକା ଥାନାରେ ଅଭିଯୁକ୍ତ ବାପା ପୁଅଙ୍କ ବିରୋଧରେ ଦଫା ୩୪୧, ୩୦୭, ୩୨୪, ୨୯୪/୫୦୬ରେ ଏକ ମାମଲା (ନଂ.୯୭/୨୦) ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ ଚାରିଦିନ ତଳେ ବିଷ୍ଣୁପ୍ରସାଦ ମିଶ୍ର କମିରା ଗାଁ ରାଧାକୃଷ୍ଣ ମନ୍ଦିର ସମ୍ମୁଖରେ ଗ୍ରାମର ଜଣେ ମାନସିକ ବିକାରଗ୍ରସ୍ତ ବ୍ୟକ୍ତିଙ୍କୁ କୌଣସି କାରଣରୁ ମାରପିଟ ମାରିଥିଲେ। ମନ୍ଦିର ପୂଝାରୀ ଏପରି ନ କରିବାକୁ ବିଷ୍ଣୁଙ୍କୁ ବାରଣ କରିଥିଲେ। ପରେ ମନ୍ଦିର ପୂଝାରୀ ଏ ନେଇ ମନ୍ଦିର କମିଟିକୁ ଜଣାଇଥିଲେ। ଏହି ଘଟଣାକୁ ନେଇ ମନ୍ଦିର କମିଟି ପକ୍ଷରୁ ଗାଁରେ ମଙ୍ଗଳବାର ଏକ ସଭା କରାଯାଇ ବିଷ୍ଣୁପ୍ରସାଦଙ୍କୁ ଡକାଯାଇଥିଲା। ସଭା ଚାଲିଥିବା ସମୟରେ ବିଷ୍ଣୁପ୍ରସାଦଙ୍କ ପୁଅ ସୁବ୍ରତ ଘଟଣାସ୍ଥଳକୁ ଆସି ସଭାରୁ ବାପାଙ୍କୁ ଉଠି ଆସିବାକୁ କହିଥିଲେ। ମନ୍ଦିର କମିଟି ସଭାପତି ମନୋଜ ତ୍ରିପାଠୀ ଏବଂ ତାଙ୍କ ବାପା ସୁରେଶ ତ୍ରିପାଠୀ ସଭାରୁ ଉଠିଯିବା ଠିକ୍ ହେଉନାହିଁ ବୋଲି କହିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ସୁବ୍ରତ ଘରୁ ଏକ ଖଣ୍ଡା ଆଣି ମନୋଜ ଏବଂ ସୁରେଶଙ୍କୁ ଆତର୍କିତ ଆକ୍ରମଣ କରିଥିଲେ। ଖଣ୍ଡା ଚୋଟରେ ସୁରେଶ ଓ ମନୋଜ ଗୁରୁତର ହୋଇଥିଲେ। ଖବର ପାଇ ବିନିକା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରତର ଅବସ୍ଥାରେ ବାପ ପୁଅଙ୍କୁ ଉଦ୍ଧାର କରି ବିନିକା ମେଡିକାଲରେ ଭର୍ତ୍ତି କରିଥିଲେ। ଆକ୍ରମଣକାରୀ ବିଷ୍ଣୁ ଓ ତାଙ୍କ ପୁଅ ସୁବ୍ରତଙ୍କୁ ପୋଲିସ ଗିରଫ କରିବା ସହିତ ବ୍ୟବହୃତ ଖଣ୍ଡାକୁ ଜବତ କରିଥିଲା। ତେବେ ଏହି ମାରପିଟ ଘଟଣାରେ ଆହତ ହୋଇଥିବା ପ୍ରତିପକ୍ଷର ସୁବ୍ରତଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବିନିକା ଓ ପରେ ବୁର୍ଲା ପଠାଇ ଦିଆଯାଇଛି। ଆଇଆଇସି କୁଶ ପାଣିଗ୍ରାହୀଙ୍କୁ ପଚାରିବାରୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚାଲିଛି ବୋଲି କହିଛନ୍ତି।

ହରିହର ନର୍ସିଂହୋମ୍‌କୁ ସିଲ୍ କଲା ପ୍ରଶାସନ

କୋଭିଡ-୧୯ ନିୟମ ଉଲ୍ଲଂଘନ

ବଲାଙ୍ଗୀର ଅଫିସ, ୯।୪: କୋଭିଡ-୧୯ ରେଗୁଲେସନ୍ ଉଲ୍ଲଂଘନ ଯୋଗୁଁ ବଲାଙ୍ଗୀର ସହର ସୁନ୍ଦପଡାଠାରେ ଥିବା ହରିହର ଡାଇଗ୍ନୋଷ୍ଟିକ୍ ଏବଂ ନର୍ସିଂହୋମକୁ ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ସିଲ୍ କରାଯାଇଛି। ଜିଲାପାଳ ଅରିନ୍ଦମ ଡାକୁଆଙ୍କ ନିର୍ଦ୍ଦେଶକ୍ରମେ ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର ଟାଉନ୍ ଥାନା ଅଧିକାରୀ ସଂଗ୍ରାମ ପଟ୍ଟନାୟକ ଏହି ନର୍ସିଂହୋମକୁ ସିଲ୍ କରିଛନ୍ତି। କରୋନା ସଂକ୍ରମଣ ରୋକିବା ଦିଗରେ ରାଜ୍ୟ ସରକାର ବିଶେଷ ଗୁରୁତ୍ୱ ଦେବା ସହ ଓଡିଶା କୋଭିଡ-୧୯ ରେଗୁଲେସନ୍ ଜାରି କରିଛନ୍ତି। କୌଣସି ପରିସ୍ଥିତିରେ ଏହା ଉଲ୍ଲଂଘନ ନ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ଥଣ୍ଡା, କାଶ ଓ ଜ୍ୱର ହେଲେ ୧୦୪ ନମ୍ବରକୁ ଫୋନ କରି ଜଣାଇବା ସହ ସରକାରୀ ହସ୍ପିଟାଲକୁ ଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ପରାମର୍ଶ ଦିଆଯାଇଛି।

ଏହା ସତ୍ତ୍ୱେ ଜଣେ ଥଣ୍ଡା, କାଶ ଓ ଜ୍ୱରରେ ପୀଡିତ ରୋଗୀଙ୍କ ସମ୍ପର୍କରେ ଜିଲା ପ୍ରଶାସନକୁ କୌଣସି ସୂଚନା ନଦେଇ ଏହି ନର୍ସିଂହୋମ୍‌ରେ ଲୁକ୍କାୟିତ ଭାବେ ରଖାଯାଇ ଚିକିତ୍ସା ଚାଲିଥିବା ନେଇ ସୂଚନା ପାଇବା ପରେ ପ୍ରଶାସନ ପକ୍ଷରୁ ଗୁରୁବାର ଚଢ଼ାଉ କରାଯାଇଥିଲା। ସମ୍ପୃକ୍ତ ରୋଗୀଙ୍କୁ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

୧୨ଜଣଙ୍କୁ ଦିଆଗଲା କୁକୁର କାମୁଡା ଇଞ୍ଜେକସନ

ଜୁନାଗଡ,୯।୪(ଡି.ଏନ୍.ଏ.): କଳାହାଣ୍ଡି ଜିଲା ଜୁନାଗଡ ସହରରେ ଗତ ୨ଦିନ ହେଲା ବୁଲା କୁକୁରଙ୍କ ଆତଙ୍କ ଦେଖିବାକୁ ମିଳିଛି। ସହରର ବିଭିନ୍ନ ପଡାରେ ଏହି କୁକୁରମାନେ ୨୦ଜଣଙ୍କୁ କାମୁଡିଥିବା ଅଭିଯୋଗ ହୋଇଥିଲା। ତେବେ ଜୁନାଗଡ ଡାକ୍ତରଖାନାରେ କୁକୁର କାମୁଡା ଇଞ୍ଜେକସନ ନ ଥିବାରୁ ଆକ୍ରାନ୍ତ ବ୍ୟକ୍ତିମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ଖବର ଜାଣିବା ପରେ ଓଡିଶା ବିଧାନ ସଭାରେ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ ଜିଲା ମୁଖ୍ୟ ଚିକି

ଫୁଟ୍ ଇଞ୍ଜୁରିରେ ସୁଧାର ଆସୁଛି

ଏବେ ବିନା ଯନ୍ତ୍ରଣାରେ ଦୌଡ଼ି ପାରୁଛନ୍ତି ସିମୋନା ହାଲେପ୍। ପାଦର ଆଘାତ ସମସ୍ୟାରୁ ସେ ଧୀରେ ଧୀରେ ମୁକୁଳିବାରେ ସକ୍ଷମ ହେଉଛନ୍ତି। ଆଗାମୀ ଦିନରେ ସେ ପୁଣି ଆକ୍ସନକୁ ଫେରିବେ ବୋଲି ଆଶା କରାଯାଉଛି।

ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଥିବା ସିମୋନ ହାଲେପ୍‌ଙ୍କ ପ୍ରଶଂସକଙ୍କ ପାଇଁ ଏକ ଖୁସି ଖବର। ଏବେ ସେ ବିନା ଯନ୍ତ୍ରଣାରେ ଦୌଡିପାରୁଛନ୍ତି। ତାଙ୍କ ଡାହାଣ ପାଦରେ ଇଞ୍ଜୁରି ରହିଛି। ତେବେ ଏଥିରେ ସୁଧାର ଆସିଛି ବୋଲି ସେ ଟୁଇଟ୍ କରିଛନ୍ତି। ରୋମାନିଆର ଏହି ଟେନିସ ସୁପରଷ୍ଟାର ଗତ ଫେବୃୟାରୀରେ ଅନୁଷ୍ଠିତ ଡବ୍ଲ୍ୟୁଟିଏ ଟୁର୍ନାମେଣ୍ଟରେ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲେ। ତେବେ ଇଞ୍ଜୁରି କାରଣରୁ ସେ ଦୋହା ଟୁର୍ନାମେଣ୍ଟରୁ ଓହରିଯାଇଥିଲେ। ଏହାପରେ ସେ କାଲିଫର୍ନିଆର ଇଣ୍ଡିଆନ ୱେଲ୍ସରେ ଖେଳାଯିବାକୁ ଥିବା ହାର୍ଡକୋର୍ଟ ଟୁର୍ନାମେଣ୍ଟରୁ ମଧ୍ୟ ସମକାରଣ ପାଇଁ ଓହରି ଯାଇଥିଲେ। କୋଭିଡ୍-୧୯ କାରଣରୁ ଏବେ ସାରା ବିଶ୍ୱରେ ଟେନିସ୍ ଇଭେଣ୍ଟଗୁଡିକୁ ସ୍ଥଗିତ ରଖାଯାଇଛି। ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ୱିମ୍ବେଲଡନ ଟେନିସ ଟୁର୍ନାମେଣ୍ଟକୁ ମଧ୍ୟ ସ୍ଥଗିତ ରଖାଯାଇଛି। ୨୦୧୯ରେ ହାଲେପ ୱିମ୍ବେଲଡନ ଟାଇଟଲ ହାସଲ କରିଥିଲେ। ଏବେ ସେ ଏହି ହାଇପ୍ରୋଫାଇଲ ଟୁର୍ନାମେଣ୍ଟ ଖେଳିବାକୁ ଫିଟ୍ ହୋଇଯାଇଥିବେ ବୋଲି ଆଶା କରାଯାଉଛି। ସେ ପୁଣିଥରେ ଆକ୍ସନକୁ ଫେରିବେ ବୋଲି ନିଜ ପ୍ରଶଂସକଙ୍କୁ ଟୁଇଟ୍ କରି ସୂଚନା ଦେଇଛନ୍ତି।

ଏବେ ମୋ ଦଳ, ଖେଳାଳିମାନଙ୍କୁ ମିସ୍ କରୁଛି ବୋଲି ସେ କହିଛନ୍ତି। ଏବେ ଅବଶ୍ୟ କ୍ରୀଡ଼ାଜଗତ ପାଇଁ କଷ୍ଟକର ପରିସ୍ଥିତି ସୃଷ୍ଟି ହୋଇଛି। ଏଭଳି ପରିସ୍ଥିତିରେ ଆମେ ଘରେ ରହିବା ଉଚିତ। ଘରେ ରହିଲେ ଆମେ ଦୃଢ ହେବା ଓ କରୋନା ମୁକାବିଲା ବିରୋଧରେ ସଫଳତାର ସହ ସାମ୍ନା କରିବା ଓ ସମୟ ଆସିଲେ ସବୁ କିଛି ଠିକ୍ ହେବା ସମ୍ଭବ ହୋଇପାରିବ। ଟ୍ରାଭେଲ କରି ଟେନିସ ଖେଳିବାକୁ ଏବେ ବ୍ୟଗ୍ର ଅଛି ବୋଲି ସେ କହିଛନ୍ତି। ୫ ଫୁଟ୍ ୬ ଇଞ୍ଚ୍ ଉଚ୍ଚତା ବିଶିଷ୍ଟ ହାଲେପ ୨୦୧୮ରେ ଫ୍ରେଞ୍ଚ୍ ଓପନ, ୨୦୧୯ରେ ୱିମ୍ବେଲଡନ ଟାଇଟଲ ହାସଲ କରିଥିଲେ। ସେହିପରି ସେ ୨୦୧୮ରେ ଅଷ୍ଟ୍ରେଲିଆନ ଓପନ ଫାଇନାଲ, ୨୦୧୫ ୟୁଏସ୍ ଓପନ୍ ସେମିଫାଇନାଲରେ ପ୍ରବେଶ କରିଥିଲେ।

ସିମୋନା ହାଲେପ୍

ନିର୍ମଳ କୁମାର ମିଶ୍ର

ଏକଦିବସୀୟ କ୍ରିକେଟର ଲୋକପ୍ରିୟତା


ପ୍ରଥମ ଦିନିକିଆ ବିଶ୍ୱକପ୍ ବିଜୟ ପରେ ଟ୍ରଫି ସହ ଅଧିନାୟକ କପିଲ ଦେବ ଓ ଅଲରାଉଣ୍ଡର ମହିନ୍ଦର ଅମରନାଥ

ଏକଦିବସୀୟ ଫର୍ମାଟର ସ୍ୱତନ୍ତ୍ରତା ରହିଛି। ବର୍ତ୍ତମାନ ଟି୨୦ ଲୋକପ୍ରିୟତା ଶୀର୍ଷକୁ ଛୁଇଁଥିଲେ ମଧ୍ୟ ଦିନିକିଆ ଫର୍ମାଟ ତା'ର ସ୍ଥିତି ବଜାୟ ରଖିବାକୁ ସକ୍ଷମ ହୋଇଛି। କେବଳ ଦିନିକିଆ ଫର୍ମାଟକୁ ନେଇ ବିଶ୍ୱକପ୍ ଆୟୋଜନ ହେଉଥିବା ବେଳେ ଏହାର ଗୁରୁତ୍ୱ ପୂର୍ବ ଭଳି ବଜାୟ ରହିବ ବୋଲି ଆଶା କରାଯାଉଛି...

ଟେଷ୍ଟ କ୍ରିକେଟ, ଟି୨୦ କିକ୍ରେଟ୍‌କୁ ବାଦ ଦେଲେ ଏକଦିବସୀୟ କ୍ରିକେଟ୍‌ର ଏକ ସ୍ୱତନ୍ତ୍ର ପରିଚୟ ଏବଂ ଲୋକପ୍ରିୟତା ରହିଛି। ଏଥି ମଧ୍ୟରେ ଏହି ଫର୍ମାଟର ଇତିହାସ ୪୫ବର୍ଷ ଅତିକ୍ରମ କରିଛି। ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ (ଆଇସିସି) ଦ୍ୱାରା ଦିନିକିଆ ଅଧିକ ପ୍ରୋତ୍ସାହିତ ହେବା ଫଳରେ ଦର୍ଶକମାନେ ପାରମ୍ପରିକ ଟେଷ୍ଟ ଫର୍ମାଟକୁ କିଛି ମାତ୍ରାରେ ଅଣଦେଖା କରିଥିଲେ। ପ୍ରଥମେ ରେଡ୍‌ବଲ ଏବଂ ପରେ ପରେ ହ୍ୱାଇଟ୍ ବଲ୍, ରଙ୍ଗିନ ପୋଷାକ ଏବଂ ଦିବାରାତ୍ର ଭିତ୍ତିକ ମ୍ୟାଚ ଅନୁଷ୍ଠିତ ହେବା ଦର୍ଶକମାନଙ୍କୁ ଭରପୂର ଆନନ୍ଦ ଯୋଗାଇଥିଲା। ୧୯୭୧ ମସିହା ଜାନୁୟାରୀ ୫ ତାରିଖରେ ଅଷ୍ଟ୍ରେଲିଆ ଏବଂ ଇଂଲଣ୍ଡ ମଧ୍ୟରେ ମେଲବୋର୍ନ ଗ୍ରାଉଣ୍ଡରେ ଖେଳାଯାଉଥିବା ୩ୟ ଟେଷ୍ଟମ୍ୟାଚ ବର୍ଷା ଯୋଗୁ ବାଧାପ୍ରାପ୍ତ ହେବା ଫଳରେ ଦର୍ଶକମାନଙ୍କ ଅନୁରୋଧ କ୍ରମେ ଏବଂ ଉଭୟ ଦଳର ସହମତିରେ ଏକ ସଂକ୍ଷିପ୍ତ ଓଭର ପ୍ରତିଯୋଗିତା ଖେଳାଯାଇଥିଲା। ଅଷ୍ଟ୍ରେଲିଆ ଏହି ମ୍ୟାଚରେ ଇଂଲଣ୍ଡକୁ ୫ ଉଇକେଟରେ ହରାଇ ବିଜୟୀ ହୋଇଥିଲା। ଦର୍ଶକମାନେ ଏପରି କ୍ରିକେଟର ଭରପୂର ଆନନ୍ଦ ନେଇଥିଲେ। ଯଦିଓ ବର୍ଣ୍ଣବୈଷମ୍ୟ ବାଦ ଯୋଗୁଁ ଦକ୍ଷିଣ ଆଫ୍ରିକାକୁ ଆଇସିସି ଅନ୍ତର୍ଜାତୀୟ ମ୍ୟାଚରୁ ବାସନ୍ଦ କରିଥିଲା ତଥାପି କେରି ପାର୍କର ଯିଏ କି ୱାର୍ଲ୍ଡ ସିରିଜ କପ୍‌ର ଜନ୍ମଦାତା ପ୍ରଥମେ କ୍ରିକେଟ୍‌ର ଏହି ଏକ ଦିବସୀୟ ଫର୍ମାଟକୁ ଅଧିକ ଲୋକପ୍ରିୟ କରିବା ପାଇଁ କଲର ୟୁନିଫର୍ମ, ଫ୍ଲଡ ଲାଇଡ୍‌ଟ୍‌ରେ ମ୍ୟାଚ ଆୟୋଜନ, ହ୍ୱାଇଟ୍ ବଲ୍‌ର ବ୍ୟବହାର, ବ୍ଲାକ ସାଇଡ ସ୍କ୍ରିନ୍‌ର ବ୍ୟବହାର, ଟେଲିଭିଜନରେ ସିଧାପ୍ରସାରଣ ସହିତ ସଂଖ୍ୟାଧିକ କ୍ୟାମେରା ବ୍ୟବହାର କରି ଏହି ଫର୍ମାଟକୁ ବେଶ୍ ଲୋକପ୍ରିୟ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ପରବର୍ତ୍ତୀ ଅବସ୍ଥାରେ ଆଇସିସି ଏକଦିବସୀୟ ମ୍ୟାଚକୁ ଅଧିକ ପ୍ରଚାର ଏବଂ ପ୍ରସାର ପାଇଁ ଏମସିସିର ମୂଳ ନିୟମକୁ ଆଧାର କରି ଏକ ସ୍ୱତନ୍ତ୍ର ପ୍ଲେଇଂ କଣ୍ଡିଶନ ମାଧ୍ୟମରେ ବିଶ୍ୱକପ୍ ଆୟୋଜନ କରିବା ସହିତ ଏହାର ପ୍ରସାର ଆରମ୍ଭ କରିଥିଲା।

ସେହିଦିନଠାରୁ ଅଧିକ ଲୋକପ୍ରିୟ ହେବାକୁ ଲାଗିଲା ଏକଦିବସୀୟ କ୍ରିକେଟ୍। ଅଷ୍ଟ୍ରେଲିଆ ୧୯୭୧ ତା'ର ଏକଦିବସୀୟ ମ୍ୟାଚ ଅଭିଯାନ ଆରମ୍ଭ କରିଥିବା ବେଳେ ନ୍ୟୁଜିଲାଣ୍ଡ, ପାକିସ୍ତାନ ଏବଂ ୱେଷ୍ଟଇଣ୍ଡିଜ ୧୯୭୩ ଏବଂ ଭାରତ ୧୯୭୪ ପ୍ରଥମ ଦିନିକିଆ ମ୍ୟାଚ ଖେଳିଥିବା ବେଳେ ଶ୍ରୀଲଙ୍କା ୧୯୮୨ରେ ଏକଦିବସୀୟ ମ୍ୟାଚ୍ ଖେଳିଥିଲା। ସାଉଥ ଆଫ୍ରିକା ୧୯୯୧, ଜିମ୍ବାୱେ ୧୯୯୨, ବାଂଲାଦେଶ ୧୯୯୭, ଆଫଗାନିସ୍ତାନ ଏବଂ ଆୟର୍ଲାଣ୍ଡ ଯଥାକ୍ରମେ ୨୦୧୭ରେ ଆଇସିସି ଦ୍ୱାରା ଏକଦିବସୀୟ ମ୍ୟାଚ ଖେଳିବାର ସୁଯୋଗ ପାଇଲେ। ୨୦୦୫ରୁ ୨୦୦୭ ମଧ୍ୟରେ ଆଇସିସି ତା'ର ୬ଟି ଆସୋସିଏଟ୍ ମେମ୍ବର ଦେଶକୁ ଏଥିରେ ସାମିଲ କଲା। ପ୍ରଥମ ପର୍ଯ୍ୟାୟରେ ଆଇସିସି ତା'ର ୧୨ଟି ପୂର୍ଣ୍ଣ ସଦସ୍ୟତା ହାସଲ କରିଥିବା ଟେଷ୍ଟ ମାନ୍ୟତା ଦେଶମାନଙ୍କୁ ଅନୁମତି ଦେଇଥିଲା।

ବର୍ତ୍ତମାନ ସୁଦ୍ଧା ୨୮ଟି ପୂର୍ଣ୍ଣ ସଦସ୍ୟ ଏବଂ ଆସୋସିଏଟ୍ ମେମ୍ବର ଦେଶ ମାନେ ଆଇସିସି ଦ୍ୱାରା ପରିଚାଳିତ ୪୦୦୦ରୁ ଅଧିକ ମ୍ୟାଚ ଖେଳିସାରିଥିବା ବେଳେ ଅଧିକରୁ ଅଧିକ କ୍ରିକେଟ୍ ଖେଳୁଥିବା ଦେଶ ଆଗକୁ ଖେଳିବାକୁ ଲକ୍ଷ୍ୟ ରଖିଥିବା ବେଳେ ଆଇସିସିର ନିୟମ ସେମାନଙ୍କୁ ଅପେକ୍ଷା କରିବାକୁ ବାଧ୍ୟ କରିଛି। ଆଇସିସି ଏକଦିବସୀୟ ର୍ୟାଙ୍କିରେ ଇଂଲଣ୍ଡ ୧୨୪ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଥିବା ବେଳେ ଟିମ୍ ଇଣ୍ଡିଆ ୧୧୮ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛି। ସେହିପରି ଆଇସିସି ଦ୍ୱାରା ପ୍ରକାଶିତ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ତାଲିକାରେ ଟିମ୍ ଇଣ୍ଡିଆର ବିରାଟ କୋହଲି ଏବଂ ରୋହିତ ଶର୍ମା ରହିଥିବା ବେଳେ ବୋଲିଂ ତାଲିକାରେ ଭାରତୀୟ ପେସ୍ ବୋଲର ଯଶପ୍ରୀତ୍ ବୁମେରା ୨ୟ ସ୍ଥାନରେ ରହିଛନ୍ତି।

ଭାରତ ସର୍ବଦା ତା'ର ବ୍ୟାଟିଂ ଷ୍ଟ୍ରେନ୍‌ଥ ପାଇଁ ସମଗ୍ର ବିଶ୍ୱ କ୍ରିକେଟ୍‌ରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ସେହି ସନ୍ତୁଳିତ ବୋଲିଂ ପାଇଁ ପାକିସ୍ତାନ ସର୍ବଦା ଆଗରେ ରହିଛି। ବିଶ୍ୱ କ୍ରିକେଟ୍‌କୁ ଅନେକ କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ଦେଇଥିବା ଟିମ୍ ଇଣ୍ଡିଆ ଏକ ଦିବସୀୟ ମ୍ୟାଚରେ ଆଜି ପର୍ଯ୍ୟନ୍ତ ସର୍ବାଧିକ ଶତକ ମାରିବାର ରେକର୍ଡର ଅଧିକାରୀ ହୋଇଛି। ଏ ଯଦିଓ ଏକ ଦିବସୀୟ ମ୍ୟାଚରେ ଦ୍ୱିଶତକ ହାସଲ କରିବା ବିଭିନ୍ନ ଦେଶର ବ୍ୟାଟ୍ସମ୍ୟାନ ଆରମ୍ଭ କଲାଣି। ଟିମ୍ ଇଣ୍ଡିଆ ଖେଳିଥିବା ସର୍ବାଧିକ ୯୮୭ ଏକଦିବସୀୟ ମ୍ୟାଚରୁ ୨୯୨ଟି ଶତକ ବିଭିନ୍ନ ବ୍ୟାଟ୍ସମ୍ୟାନମାନେ ହାସଲ କରିଛନ୍ତି। ସେମାନଙ୍କ ମଧ୍ୟରେ ବିଶ୍ୱର ଷ୍ଟାର ବ୍ୟାଟ୍‌ସମ୍ୟାନ ସଚିନ ତେନ୍ଦୁଲକରଙ୍କ ୪୯ଟି ଶତକ, ୯୬ଟି ଅର୍ଦ୍ଧଶତକ ରହିଛି। ବର୍ତ୍ତମାନର ଅଧିନାୟକ ବିରାଟ କୋହଲି ୪୩ଟି ଶତକ ଏବଂ ରୋହିତ ଶର୍ମା ୨୯ଟି ଶତକ ହାସଲ କରିଛନ୍ତି।

ଶତକ ହାସଲ କରିବାରେ ଅଷ୍ଟ୍ରେଲିଆ ବ୍ୟାଟ୍‌ସମ୍ୟାନମାନେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ୫ଥର ଆଇସିସି ୱାର୍ଲ୍ଡ କପ୍ ଜିତିଥିବା ଅଷ୍ଟ୍ରେଲିଆ ୯୪୯ଟି ଦିନିକିଆ ମ୍ୟାଚ ଖେଳି ୨୨୯ଟି ଶତକ ସହିତ ୨ୟ ସ୍ଥାନରେ ରହିଛି। ପୂର୍ବତନ ଅଧିନାୟକ ରିକି ପଏଣ୍ଟିଂ ସର୍ବାଧିକ ୩୦ଟି ଶତକ ସହିତ ଆଗରେ ଅଛନ୍ତି।

ତୃତୀୟ ସ୍ଥାନରେ ରହିଛି ପାକିସ୍ତାନ। ବିଶ୍ୱ କ୍ରିକେଟରେ ନିଜର ଶ୍ରେଷ୍ଠ ବୋଲିଂ ଆଟାକ ପାଇଁ ଚର୍ଚ୍ଚାରେ ଥିବା ଏହି ଦେଶ ୯୨୭ଟି ଏକ ଦିବସୀୟ ମ୍ୟାଚ ଖେଳି ୨୦୩ଟି ଶତକ ହାସଲ କରିଛି। ପୂର୍ବତନ ବ୍ୟାଟିଂ ସୁପରଷ୍ଟାର ସୟିଦ ଅନୱର ୨୦ଟି ଶତକ ସହିତ ଆଗରେ ରହିଛନ୍ତି।

ଚତୁର୍ଥ ଟିମ୍ ରୂପେ ଦୁର୍ଦ୍ଧର୍ଷ ୱେଷ୍ଟଇଣ୍ଡିଜ ଦଳ ୮୨୨ଟି ଦିନିକିଆ ମ୍ୟାଚ ଆଜି ପର୍ଯ୍ୟନ୍ତ ଖେଳି ୧୮୪ଟି ଶତକ ହାସଲ କରିଛି। ବିଶ୍ୱର ଅନ୍ୟତମ ଆକ୍ରମଣାତ୍ମକ ଓପନର କ୍ରିସ୍ ଗେଲ୍ ମୋଟ ୨୫ଟି ଶତକ ଏବଂ ଡ୍ରିଆନ୍ ଲାରା ୧୯ଟି ଦିନିକିଆ ଶତକ ହାସଲ କରିଛନ୍ତି।

ଦିନିକିଆରେ ସଚିନ ତେନ୍ଦୁଲକର ପ୍ରଥମ ଦ୍ୱିଶତ ହାସଲ କରିଥିବା ବେଳେ ବିଶ୍ୱ କ୍ରିକେଟରେ ୧୦ଟି ଏକଦିବସୀୟ ଦ୍ୱିଶତକ ହାସଲ ହୋଇଛି। ସେମାନଙ୍କ ମଧ୍ୟରେ ରୋହିତ ଶର୍ମା ୩ଟି ଦ୍ୱିଶତକ ସହିତ ସମସ୍ତଙ୍କ ଆଗରେ ରହିଛନ୍ତି। ଏଥିରୁ ଭାରତୀୟ ବ୍ୟାଟିଂ ଲାଇନ ପୃଥିବୀର ଶ୍ରେଷ୍ଠ ବ୍ୟାଟିଂ ଲାଇନ୍ ଭାବେ ପ୍ରମାଣିତ କରୁଛି। ଏକଦିବସୀୟ କ୍ରିକେଟ ଅନ୍ୟାନ୍ୟ ଫର୍ମାଟ ଅପେକ୍ଷା ତା'ର ସ୍ୱତନ୍ତ୍ରତା ଏବଂ ଲୋକପ୍ରିୟତା ଅକ୍ଷୁଣ୍ଣ ରଖିବାକୁ ସକ୍ଷମ ହୋଇଛି।

ଲିଡ୍ସର ହେଡିଙ୍ଗଲିରେ ଇଂଲଣ୍ଡ ବିପକ୍ଷରେ ଭାରତ ତା'ର ପ୍ରଥମ ଦିନିକିଆ ମ୍ୟାଚ୍ ଖେଳିବାର ଦୃଶ୍ୟ।

ଦିନିକିଆ ଇତିହାସର ପ୍ରଥମ ମ୍ୟାଚ: ଇଂଲଣ୍ଡ– ଅଷ୍ଟ୍ରେଲିଆ ମୁକାବିଲା

ଦିନିକିଆ କ୍ରିକେଟ

ଫର୍ମାଟ: ସୀମିତ ଓଭର: ୫୦
ପ୍ରଥମ ଦିନିକିଆ: ୧୯୭୧ ଜାନୁୟାରୀ ୫
ପ୍ରଥମ ମ୍ୟାଚ୍: ଇଂଲଣ୍ଡ ବନାମ ଅଷ୍ଟ୍ରେଲିଆ (ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ)
ଭାରତର ପ୍ରଥମ ଦିନିକିଆ ମ୍ୟାଚ୍ ବନାମ ଇଂଲଣ୍ଡ
ତାରିଖ: ୧୯୭୪ ଜୁଲାଇ ୧୩
ଭେନ୍ୟୁ: ହେଡିଙ୍ଗଲି, ଲିଡ୍ସ

ୱେଟ୍ ଟ୍ରେନିଂ, ଜମ୍ପିଂ ଏକ୍ସରସାଇଜ୍ କରୁଛନ୍ତି ଆର୍ଯ୍ୟନ

କରୋନା ଭାଇରସ୍ ସଂକ୍ରମଣଜନିତ କଷ୍ଟସାଧ୍ୟ ସମୟରେ ଆମ ଓଡ଼ିଆ କ୍ରୀଡ଼ାବିତ୍‌ମାନେ ବିଭିନ୍ନ ଉପାୟ ଅବଲମ୍ବନ କରି ସମୟ ଅତିବାହିତ କରୁଛନ୍ତି। ସମ୍ପୂର୍ଣ୍ଣ ଦେଶ ଲକ୍‌ଡାଉନ୍‌ରେ ଥିବାରୁ ବାହାରକୁ ବାହାରିବା ସମ୍ଭବ ନୁହେଁ। ଏ ସମୟରେ ରାଜ୍ୟର ପ୍ରତିଭାସମ୍ପନ୍ନ ହ୍ୟାଣ୍ଡବଲ ଖେଳାଳି ଆର୍ଯ୍ୟନ ବ୍ରାହ୍ମିନଙ୍କ ପାଇଁ ଫିଟ୍‌ନେସ ରଖିବା ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି...

ଅଭିଜ୍ଞ କ୍ରୀଡ଼ାବିତ୍‌ମାନେ ନିଜେ ସଚେତନ ହୋଇ ଘର ପରିସରରେ ଯେତିକି ସମ୍ଭବ ଅଭ୍ୟାସ କିମ୍ବା ଫିଟ୍‌ନେସ ସମ୍ପର୍କିତ କାର୍ଯ୍ୟ କରୁଥିବାବେଳେ ଜୁନିୟର ଖେଳାଳିଙ୍କ ଉପରେ ସେମାନଙ୍କ ଅଭିଭାବକମାନଙ୍କ ନଜର ରଖିବାକୁ ପଡୁଛି। ଏପରି ଦେଖିବାକୁ ମିଳିଛି ରାଜ୍ୟର ପ୍ରତିଭାସମ୍ପନ୍ନ ହ୍ୟାଣ୍ଡବଲ ଖେଳାଳି ଆର୍ଯ୍ୟନ ବ୍ରାହ୍ମିନଙ୍କ କ୍ଷେତ୍ରରେ। ଆର୍ଯ୍ୟନଙ୍କୁ ଫିଟ୍ ରଖିବା ପାଇଁ ପିତା ଗୌରୀଶଙ୍କର ମିଶ୍ରଙ୍କୁ ଅନେକ କଷ୍ଟ କରିବାକୁ ପଡୁଛି। ହ୍ୟାଣ୍ଡବଲ ଅଭ୍ୟାସ ପାଇଁ ପଡ଼ିଆ ନିହାତି ଆବଶ୍ୟକ। ମାତ୍ର ବର୍ତ୍ତମାନ ପଡ଼ିଆକୁ ଓହ୍ଲାଇବା ସମ୍ଭବ ନ ଥିବାରୁ ଘର ଭିତରେ ଏବଂ ଛାତ ଉପରେ ଯେତିକି ସମ୍ଭବ ପୁଅକୁ ଅଭ୍ୟାସ କରାଉଛନ୍ତି ଗୌରୀଶଙ୍କର।

ଗୌରୀଶଙ୍କରଙ୍କ କହିବା ଅନୁସାରେ ଏବେ ଆର୍ଯ୍ୟନଙ୍କୁ ଛାତ ଉପରେ ଷ୍ଟ୍ରେଚ୍ଚ ଟ୍ରେନିଂ କରାଯାଉଛି। ସକାଳବେଳା ତଳୁ ୨ ମହଲା ବିଶିଷ୍ଟ ଛାତ ପର୍ଯ୍ୟନ୍ତ ପାହାଚରେ ଉପରକୁ ପାଖାପାଖି ୩୦ ଥର ଦୌଡୁଛି ଏବଂ ତଳକୁ ଓହ୍ଲାଇବା ସହ ଷ୍ଟାମିନା ଡେଭଲପ୍ ପାଇଁ ରନିଂ ଓ ଷ୍ଟ୍ରେଚିଂ ଉପରେ ଗୁରୁତ୍ୱ ଦିଆଯାଉଛି। ତା'ପରେ ସେ ପୁରୁଣା ଆଲବମ୍ ଏବଂ ପାଇଥିବା ପଦକ ଦେଖିବାରେ କିଛି ସମୟ ଯାଉଛି। ଟିଭିରେ ପୁରୁଣା ଖେଳକୁ ଦେଖି କୌଶଳ ଶିଖିବା ସହ ନ୍ୟୁଜ ଦେଖିବା ଏବଂ ବହି ପଢ଼ି ସମୟ କଟାଉଛନ୍ତି। ଲଞ୍ଚ୍ ପରେ ବିଶ୍ରାମ ଏବଂ ଅପରାହ୍ନରେ ପୁଣି ବ୍ୟାୟାମ ଆରମ୍ଭ ହେଉଛି। ଏହି ସମୟରେ ରେଜିଷ୍ଟାନ୍ସ ବ୍ୟାଣ୍ଡରେ ମସଲ୍ସ ଡେଭଲପ୍ କରାଇବା ଉପରେ ଗୁରୁତ୍ୱ ଦିଆଯାଉଛି। ଏହାକୁ ମଲ୍ଟିପୁଲ ଭାବରେ ବ୍ୟବହାର କରାଯାଇଥାଏ। ଗୋଟେଦିନ ୱେଟ୍ ଟ୍ରେନିଂ କରାଗଲେ ଅନ୍ୟଦିନ ଜମ୍ପିଂ ଏକ୍ସରସାଇଜ୍ କରାଯାଉଛି। କାରଣ ହ୍ୟାଣ୍ଡବଲରେ ଜମ୍ପ ଏକ୍ସରସାଇଜ୍ ନିହାତି ଆବଶ୍ୟକ। ଅତିକମ୍‌ରେ ୫୦ରୁ ୬୦ ଥର ସ୍କ୍ୱାଟ୍ ଜମ୍ପ କରୁଛି। ମାଉଣ୍ଟେନ କ୍ଲାଇମିଂ ମଧ୍ୟ କରାଯାଉଛି। ଏହାର ପରଦିନ ରିଫ୍ଲେକ୍ସନ ମୁଭ୍‌ମେଣ୍ଟ କରାଯାଉଛି। ଗୋଟିଏ ସ୍ଥାନରୁ ବଲ୍‌କୁ ନେଇ ଅନ୍ୟ ସ୍ଥାନକୁ ଆସିବା ଏବଂ ତତ୍‌କ୍ଷଣାତ୍ ପୂର୍ବ ସ୍ଥାନକୁ ଫେରିବାକୁ ରିଫ୍ଲେକ୍ସନ ମୁଭମେଣ୍ଟ କୁହାଯାଏ। ଛାତ ଉପରେ ଯେତିକି ସମ୍ଭବ ବଲ୍ ଥ୍ରୋ ଅଭ୍ୟାସ ମଧ୍ୟ କରୁଛି।

ଆର୍ଯ୍ୟନ ନିକଟରେ ପଞ୍ଜାବ ଆସୋସିଏଶନ ସହିତ କାନାଡ଼ା ଯିବାର ଥିଲା। ଏଠାକୁ ୟୁରୋପିଆନ ଓ ଆମେରିକୀୟ ଦେଶରୁ କ୍ଲବଗୁଡ଼ିକ ଆସୁଥିବାରୁ ଭଲ ଅଭିଜ୍ଞତା ମିଳେ। ଏପ୍ରିଲ–ମେ' ମଧ୍ୟରେ ସେଠାରେ ଦେଢ଼ମାସ ବ୍ୟାପୀ ଟୁର୍ନାମେଣ୍ଟ ଖେଳାଯିବାର ଥିଲା। ଫେବୃୟାରୀ ଶେଷଭାଗରେ କାଠମାଣ୍ଡୁରେ ଥିବା ଟୁର୍ନାମେଣ୍ଟ ମଧ୍ୟ ବାତିଲ ହୋଇଛି। ୨ଟି ଯାକ ଟୁର୍ନାମେଣ୍ଟ ବାତିଲ ହେବାରୁ ଅଭିଜ୍ଞତା ହାସଲ କରିବା ସମ୍ଭବ ହେଲାନାହିଁ। ଫେବୃୟାରୀ ୨୮ରୁ ମାର୍ଚ୍ଚ ୩ ପର୍ଯ୍ୟନ୍ତ ବିହାରରେ ଅନୁଷ୍ଠିତ ଇଷ୍ଟଜୋନ ଟୁର୍ନାମେଣ୍ଟରେ ସେ ଶେଷଥର ପାଇଁ ଭାଗ ନେଇଥିଲେ। ଓଡ଼ିଶା ପକ୍ଷରୁ ମନୋନୀତ ହୋଇ ସେ ସିନିୟର ଦଳ ପକ୍ଷରୁ ପ୍ରଥମଥର ପାଇଁ ଖେଳିଥିଲେ।

ଆର୍ଯ୍ୟନ ଓପନ ସ୍କୁଲରେ ଏବେ ୧୦ମ ପାସ୍ କରିଛନ୍ତି। ତେଣୁ ବର୍ତ୍ତମାନର ସଙ୍କଟ ପରିସ୍ଥିତି ସରିବା ପରେ ଯାଇ ଯାହାକିଛି ଭବିଷ୍ୟତ ଯୋଜନା କରାଯିବ। ଏଠାରେ ପର୍ଯ୍ୟାପ୍ତ ସୁବିଧା ନ ଥିବାରୁ ହରିୟାଣାରେ ଛାଡ଼ିବାକୁ ମନ ଅଛି। ଏବେ କେବଳ ଫିଟ୍‌ନେସ ବଢ଼ାଇବା ଉପରେ ଗୁରୁତ୍ୱ ଦିଆଯାଉଛି। ବର୍ତ୍ତମାନର ସମୟ ପିଲାଙ୍କ ମାନସିକତା ଉପରେ ପ୍ରଭାବ ପକାଉଛି। ସେମାନେ ପରିପକ୍ୱ ହୋଇ ନ ଥିବାରୁ ମୋବାଇଲରେ ଖେଳିବା କିମ୍ବା ଟିଭି ଦେଖି ସମୟ କଟାଇବା ସମ୍ଭାବନା ରହିଛି। ଘରେ ବନ୍ଦୀ ପରି ରହୁଥିବାରୁ ଚିଡ଼ଚିଡ଼ା ହୋଇଯାଉଛନ୍ତି। ବାହାର ପିଲାଙ୍କ ସହିତ ମିଶିବା ସୁଯୋଗ ନ ଥିବାରୁ ମନ ସତେଜ ହୋଇପାରୁନାହିଁ। ଆର୍ଯ୍ୟନଙ୍କୁ ଏବେ ମାତ୍ର ୧୬ ବର୍ଷ। ତେଣୁ ତାଙ୍କ ଉପରେ ନଜର ରଖିବାକୁ ପଡୁଛି। ଅନେକ ସମୟରେ ଗେହ୍ଲେଇ କିମ୍ବା ବୁଝାଇ ପ୍ରାକ୍ଟିସ କରାଇବାକୁ ପଡୁଛି ବୋଲି କହିଛନ୍ତି ଗୌରୀଶଙ୍କର।

ବର୍ତ୍ତମାନ ସମୟରେ ଚାପଗ୍ରସ୍ତ ହେଉ ନ ଥିବା କହିଛନ୍ତି ଆର୍ଯ୍ୟନ। ଘରେ ବସି ଯେତିକି ସମ୍ଭବ ବାପାଙ୍କ ପରାମର୍ଶରେ କରୁଛି। ଛାତ ଉପରେ ବଲ୍ ଥ୍ରୋ ସହ ଅନ୍ୟାନ୍ୟ ଟ୍ରେନିଂ କରୁଛି। ପିଲାଙ୍କ ସହିତ ମିଶିପାରୁ ନ ଥିବାରୁ ଖରାପ ଲାଗୁଛି। ପିଲାଙ୍କ ସହିତ ମିଶି ଖେଳିଲେ ଯେପରି ମାଇଣ୍ଡ ଫ୍ରେଶ୍ ରହେ ତାହା ସମ୍ଭବ ହେଉନି ବୋଲି ସେ ପ୍ରକାଶ କରିଛନ୍ତି। ପ୍ରକାଶଯୋଗ୍ୟ, ଅନୁପମା ଓ ଗୌରୀଶଙ୍କର ପୁତ୍ର ଆର୍ଯ୍ୟନ ଭୁବନେଶ୍ୱରରେ ରହୁଛନ୍ତି।

ପ୍ରସ୍ତ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୨ Press Regd. No. R.N. 21326/74 Postal Regd. No. BN/42/18-20. ଶୁକ୍ରବାର, ଏପ୍ରିଲ ୧୦/୨୦୨୦ Friday, April 10/2020

ଆମେରିକାରେ ଫସି ରହିଛନ୍ତି ଦିୱାନ

ନୂଆଦିଲ୍ଲୀ, ୯।୪ (ପି.ଟି.): ୧୯୭୫ ହକି ବିଶ୍ୱକପ୍ ବିଜେତା ତଥା କିମ୍ବଦନ୍ତୀ ଭାରତୀୟ ହକି ଖେଳାଳି ଆଶୋକ ଦିୱାନ ଆମେରିକାରେ ଫସି ରହିଛନ୍ତି। ଟ୍ରାଭେଲ ରେଷ୍ଟ୍ରିକ୍ସନ ବା ଭ୍ରମଣ ଜନିତ କଟକଣା ଯୋଗୁ ସେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିପାରୁ ନାହାନ୍ତି। ଭାରତ ଆସିବା ପାଇଁ ସେ ଏବେ କେନ୍ଦ୍ର ସରକାରଙ୍କ ସାହାଯ୍ୟ ଲୋଡିଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଦିନକୁ ଦିନ ଖରାପ ହେଉଛି। ଏ ନେଇ ସେ ଭାରତୀୟ ଅଲିମ୍ପିକ୍ ଆସୋସିଏଶନ (ଆଇଓଏ) ଅଧ୍ୟକ୍ଷ ତଥା ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍) ମୁଖ୍ୟ ନରିନ୍ଦର ବାତ୍ରାଙ୍କୁ ଅବଗତ କରାଇଛନ୍ତି ଓ ନିଜ ସମସ୍ୟା ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇବା ପାଇଁ ଅନୁରୋଧ କରିଛନ୍ତି। ଗତ ସପ୍ତାହରେ କାଲିଫର୍ନିଆର ଏକ ହସ୍ପିଟାଲରେ ଜରୁରିକାଳୀନ ସ୍ୱାସ୍ଥ୍ୟ ପରୀକ୍ଷା କରାଇବାକୁ ଆମେରିକା ଯାଇଥିଲି ଓ ଏବେ ମୋର ଦେହ ଖରାପ ଅଛି। ଏଠାରେ ମୋର ଇନ୍‌ସ୍ୟୁରାନ୍ସ ମଧ୍ୟ ନାହିଁ। ମେଡିକାଲ ଖର୍ଚ୍ଚ ମଧ୍ୟ ଅତ୍ୟଧିକ ରହିଛି ବୋଲି ଚିଠି ଲେଖି ଦିୱାନ ବାତ୍ରାଙ୍କୁ ଜଣାଇଛନ୍ତି। ପ୍ରଥମେ

ଏପ୍ରିଲ ୨୦ ତାରିଖରେ ଏୟାର ଇଣ୍ଡିଆ ମାଧ୍ୟମରେ ଭାରତ ଫେରିବାର କାର୍ଯ୍ୟକ୍ରମ ଥିଲା। ତେବେ କୋଭିଡ-୧୯ ମହାମାରୀ କାରଣରୁ ମୋ ଭ୍ରମଣ ତାରିଖକୁ ଘୁଞ୍ଚାଇ ଦିଆଯାଇଛି ବୋଲି ଦିୱାନ କହିଛନ୍ତି। ମୋର ଏହି ବାର୍ତ୍ତାକୁ କ୍ରୀଡ଼ାମନ୍ତ୍ରୀ ଓ ବୈଦେଶିକ ମନ୍ତ୍ରଣାଳୟ ନିକଟରେ ପହଞ୍ଚାଇବାକୁ ସେ ଅନୁରୋଧ କରିଛନ୍ତି। ମୋର ଚେକ୍ ପାଇଁ ଏକ ହସ୍ପିଟାଲ୍ ଓ ସାନ୍ ଫ୍ରାନ୍ସିସ୍କୋରୁ ଭାରତ ଫେରିବା ପାଇଁ ବ୍ୟବସ୍ଥା କରିବାକୁ ସେ ନିବେଦନ କରିଛନ୍ତି।

ଭାରତ ଫେରିବା ପରେ ସବୁ ବିଲ୍ ପୈଠ କରିବାକୁ ସେ କଥା ମଧ୍ୟ ଦେଇଛନ୍ତି। ମୋ ଦେହ ଖରାପ ଥିବାରୁ ଏ ନେଇ ଶୀଘ୍ର ବ୍ୟବସ୍ଥା କରିବାକୁ ୧୯୭୫ ହକି ବିଶ୍ୱକପ୍ ହିରୋ କହିଛନ୍ତି। ଉଲ୍ଲେଖଥାଉ କି, ୧୯୭୬ ଅଲିମ୍ପିକ୍ ଟିମ୍‌ର ସଦସ୍ୟ ଦିୱାନ ଗତ ଡିସେମ୍ବରରେ ଆମେରିକାର ସାକ୍ରେମେଣ୍ଟୋରେ ରହୁଥିବା ତାଙ୍କ ପୁଅ ନିକଟକୁ ଯାଇଥିଲେ। ତେବେ ସେ ଟ୍ରାଭେଲ ରେଷ୍ଟ୍ରିକ୍‌ଶନ କାରଣରୁ ଫସି ରହିଛନ୍ତି ବାଲି ଦିୱାନଙ୍କ ଝିଅ ଆରୁଷୀ କହିଛନ୍ତି। ଭାଇ ଅବିବାହିତ ଅଛନ୍ତି ଓ ତାଙ୍କ ଦେହ ହଠାତ୍ ଖରାପ ହୋଇଯାଇଛି। ଡାକ୍ତର ତାଙ୍କୁ ଗୋଟିଏ ମାସର ଔଷଧ ଦେଇଛନ୍ତି। ତେବେ ଏହା କାମ ଦେଉନି। ବାପା ତାଙ୍କ ମେଡିକାଲ ଇନ୍‌ସ୍ୟୁରାନ୍ସ ନେବାକୁ ଭୁଲି ଯାଇଛନ୍ତି ବୋଲି ଆରୁଷି ଓ ତାଙ୍କ ମା କହିଛନ୍ତି। ପୁଣି ଆମେରିକାରେ କରୋନା ଭାଇରସ ସଂକ୍ରମଣ ବିପଦଜନକ ପରିସ୍ଥିତି ସୃଷ୍ଟି କରିଛି। ଏପରିସ୍ଥଳେ ଆମ ପାଖରେ କିଛି ଉପାୟ ନାହିଁ। ତେଣୁ ସରକାର ଆମକୁ ସହାଯ୍ୟ କରିବାକୁ ଆଗେଇ ଆସିବେ ବୋଲି ଆରୁଷୀ ଆଶା ପ୍ରକାଶ କରିଛନ୍ତି।

ଦୁବାଇ ହୋମ୍ ମାରାଥନରେ ଭାଗ ନେଲେ ୭୪୯ ଧାବକ

ଦୁବାଇ, ୯।୪ (ପି.ଟି.): ବିଶ୍ୱର ପ୍ରଥମ 'ମାରାଥନ ଆଟ୍ ହୋମ୍' ଏଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬୨ଟି ଦେଶର ୭୪୯ଜଣ ଧାବକ ଭାଗ ନେଇଥିଲେ। ପ୍ରତିଯୋଗୀମାନଙ୍କୁ ନିଜ ଘରେ ଥାଇ ୪୨,୧୯୫ କିଲୋମିଟର ଦୌଡ଼ିବାକୁ ପଡ଼ିଥିଲା। ଅଂଶଗ୍ରହଣକାରୀଙ୍କ ମଧ୍ୟରୁ ୫୬୨ ପୁରୁଷ ଓ ୨୨୩ ମହିଳା ଥିଲେ। ସବୁଠାରୁ କମ୍ ବୟସ୍କ ଧାବକଙ୍କ ବୟସ ମାତ୍ର ୧୮ ବର୍ଷ ରହିଥିବାବେଳେ ବୟସ୍କଙ୍କ ବୟସ ୬୫ବର୍ଷ ଥିଲା। ମାରାଥନ ସକାଳ ୮ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏହି ଅଭୂତପୂର୍ବ ଇଭେଣ୍ଟରେ

ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ବ୍ୟତୀତ କୁଏତ୍, ସୌଦି ଆରବ, ଓମାନ, ବାହାରିନ ଓ ଜୋର୍ଡାନ ଆଦି ଦେଶରୁ ଧାବକମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ। ଦୁବାଇ ସ୍ପୋର୍ଟ୍ସ କାଉନ୍‌ସିଲ (ଡିଏସ୍‌ସି) ଏସିକ୍ସ ମିଡଲ ଇଷ୍ଟ ଏବଂ ୫:୩୦ ରନ୍ କ୍ଲବର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୋଭିଡ୍-୧୯ ମହାମାରୀ ଆଶଙ୍କା ଯୋଗୁ ପ୍ରତିଯୋଗୀମାନଙ୍କୁ ସେମାନଙ୍କ ବାସଭବନରେ ଦୌଡ଼ିବା ଭଙ୍ଗୀରେ ରେସ୍‌ରେ ସାମିଲ ହେବାକୁ ପଡ଼ିଥିଲା। ଦୌଡ଼ ବେଳେ ପ୍ରତିଯୋଗୀମାନଙ୍କୁ ଟ୍ରେଡ୍‌ମିଲ କିମ୍ବା ଅନ୍ୟ କୌଣସି ଟ୍ରେନିଂ ସରଞ୍ଜାମ ବ୍ୟବହାର ପାଇଁ ଅନୁମତି ନ ଥିଲା। ଅଂଶଗ୍ରହଣକାରୀମାନଙ୍କୁ ନିଜ ବାସସ୍ଥାନରେ କେବଳ ଶାରୀରିକ ଭାବେ ଦୌଡ଼ିବାକୁ ହୋଇଥିଲା। ଭାଗ ନେଇଥିବା ପ୍ରତିଯୋଗୀମାନଙ୍କୁ ସେମାନଙ୍କ ସ୍ମାର୍ଟ ଫୋନ୍ କିମ୍ବା ସ୍ମାର୍ଟ ୱାଚ୍‌କୁ ସମ୍ପୂର୍ଣ୍ଣ ଚାର୍ଜ କରି ରଖିବାକୁ ହୋଇଥିଲା। ଏଥିରେ ଷ୍ଟ୍ରାଭା ଆପ୍ ଇନ୍‌ଷ୍ଟଲ କରିବା ସହ ଆକ୍ଟିଭ କରିବା ଆବଶ୍ୟକ ଥିଲା। ଏହି ଆପ୍ ଦ୍ୱାରା ଜଣେ ପ୍ରତିଯୋଗୀଙ୍କ ଗତିବିଧି, ଟାଇମିଂ ଏବଂ ସେ କେତେଦୂର ଦୌଡ଼ିଲେ ତାହା ଆୟୋଜକମାନେ ଜାଣି ପାରିଥିଲେ। ଟପ୍ ଫିନିଶରମାନଙ୍କ ଲାଗି ପୁରସ୍କାର ବ୍ୟବସ୍ଥା ଥିଲା। ରେସ୍ ଶେଷ କରିଥିବା ପ୍ରତ୍ୟେକ ପ୍ରତିଯୋଗୀମାନଙ୍କୁ ଗୋଟିଏ ଲେଖାଏଁ ଟି-ଶାର୍ଟ, ପଦକ ଏବଂ ସାର୍ଟିଫିକେଟ୍ ପ୍ରଦାନର ବ୍ୟବସ୍ଥା ହୋଇଥିଲା।

ଅଷ୍ଟ୍ରେଲିଆର ବାଂଲାଦେଶ ଗସ୍ତ ସ୍ଥଗିତ

ସିଡନୀ,୯।୪(ଏପି): ଏକ ଦୁଇଟିକିଆ ଟେଷ୍ଟ ସିରିଜ ଖେଳିବା ପାଇଁ ଅଷ୍ଟ୍ରେଲିଆ ଆଗାମୀ ଜୁନ୍‌ରେ ବାଂଲାଦେଶ ଗସ୍ତ କରିବାର କାର୍ଯ୍ୟକ୍ରମ ଥିଲା। ତେବେ କରୋନା ଭାଇରସ ସଂକ୍ରମଣ ତଥା ମହାମାରୀକୁ ଦୃଷ୍ଟିରେ ରଖି ଏହାକୁ ସ୍ଥଗିତ ରଖାଯାଇଛି। ଚଟ୍ଟୋଗ୍ରାମ୍‌ରେ ଜୁନ୍ ୧୧ ତାରିଖରୁ ପ୍ରଥମ ଟେଷ୍ଟ ଓ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଢାକାରେ ୧୯ ତାରିଖରୁ ଆରମ୍ଭ ହେବାର କାର୍ଯ୍ୟକ୍ରମ ଥିଲା। ଏହି ଦୁଇଟି ମ୍ୟାଚ୍ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଅଂଶବିଶେଷ। କ୍ରିକେଟ ଅଷ୍ଟ୍ରେଲିଆ ମୁଖ୍ୟ କାର୍ଯ୍ୟନିର୍ବାହୀ କେଭିନ ରୋବର୍ଟ ବାଂଲାଦେଶ ସହ ମିଳିତ ଭାବେ କାର୍ଯ୍ୟ କରିବାକୁ ବଦ୍ଧପରିକର ଓ ନୂଆ ତାରିଖରେ ଏହି ଦୁଇ ଟେଷ୍ଟ ଖେଳିବାକୁ ମିଳିତ ଭାବେ ନିଷ୍ପତ୍ତି ନେବୁ ବୋଲି ସେ କହିଛନ୍ତି। ଉଲ୍ଲେଖଥାଉ କି, ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ର ଦ୍ୱିତୀୟ ସିରିଜ ଭାବେ ଏହି ଶୃଙ୍ଖଳା ପ୍ରଭାବିତ ହୋଇଛି। ପୂର୍ବରୁ ଇଂଲଣ୍ଡ-ଶ୍ରୀଲଙ୍କା ଟେଷ୍ଟ ସିରିଜ ମଧ୍ୟ କରୋନା ଭାଇରସ କାରଣରୁ ସ୍ଥଗିତ ରହିଥିଲା।



ଅଖ୍‌ତରଙ୍କ ପ୍ରସ୍ତାବକୁ କପିଳଦେବଙ୍କ ସମାଲୋଚନା

ନୂଆଦିଲ୍ଲୀ,୯।୪ (ପି.ଟି.): କୋଭିଡ୍-୧୯ ମହାମାରୀକୁ ରୋକିବା ପାଇଁ ଅର୍ଥ ଆବଶ୍ୟକ ହେଉଥିବା ବେଳେ ପାକିସ୍ତାନ ପୂର୍ବତନ ଦ୍ରୁତ ବୋଲର ସୋଏବ ଅଖ୍‌ତର ଯେଉଁ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ ଆୟୋଜନ ପ୍ରସ୍ତାବ ଦେଇଛନ୍ତି କିମ୍ବଦନ୍ତୀ କପିଳଦେବ ତାହାର ସମାଲୋଚନା କରିଛନ୍ତି। ଭାରତର ଅର୍ଥ ଆବଶ୍ୟକ ନାହିଁ, ଏବେକାର ପରିସ୍ଥିତିରେ କ୍ରିକେଟରଙ୍କ ଜୀବନକୁ ବିପଦରେ ପକାଇ କ୍ରିକେଟ ଖେଳାଯିବା ସମ୍ଭବ ନୁହଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ନିଜ ମତ ରଖିବାରେ ଅଖ୍‌ତରଙ୍କ ଅଧିକାର ରହିଛି। ତେବେ ଏବେ କ୍ରିକେଟ ଖେଳିବା ସମ୍ଭବ ନୁହଁ। କୋଭିଡ୍-୧୯ ବିପତ୍ତିକୁ କିଭଳି ସାମ୍ନା କରାଯିବ ସେ ନେଇ ସମସ୍ତେ ଲଢେଇ ଜାରି ରହିଛି। ଆମର ଟଙ୍କା ଦରକାର ନାହିଁ ଓ ଏବେ ଯଥେଷ୍ଟ ପରିମାଣର ଟଙ୍କା ଆମ ପାଖରେ ଅଛି। ପୁଣି ରାଜନେତା ମାନେ କୋଭିଡ୍-୧୯ ପରିସ୍ଥିତି ନେଇ ପରସ୍ପରକୁ ଦୋଷାରୋପ କରୁଛନ୍ତି ବୋଲି ସେ କହିଛନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମଧ୍ୟ ଏଥିପାଇଁ ୫୧ କୋଟି ଟଙ୍କା ଦାନ କରିଛି। ଯଦି ଆବଶ୍ୟକ ପଡେ ଆହୁରି ସାହାଯ୍ୟ କରିବାକୁ ବିସିସିଆଇ ଆଗଭର ହେବ। ତେଣୁ ଅଧିକ ପାଣ୍ଠି ସଂଗ୍ରହର ଆବଶ୍ୟକତା ଏବେ ନାହିଁ। ପୁଣି ଏବେ କ୍ରିକେଟ ମ୍ୟାଚ୍ ଆୟୋଜନ କରିବା ନିଶ୍ଚିତ ଭାବେ ବିପଜ୍ଜନକ। ଅତିକମ୍‌ରେ ଆଗାମୀ ୬ ମାସ ମଧ୍ୟରେ କ୍ରିକେଟ ମ୍ୟାଚ୍ ଆୟୋଜନ ନେଇ ଚିନ୍ତା କରିବା ମଧ୍ୟ ଠିକ୍ ନୁହଁ। ଏବେ କିଭଳି ଜୀବନ ବଞ୍ଚାଇହେବ ଓ ଲକ୍-ଡାଉନ ପରିସ୍ଥିତିରେ ଗରିବ ଲୋକଙ୍କୁ ସାହାଯ୍ୟ କରିହେବ ସେ ନେଇ ଚିନ୍ତା କରିବାର ଆବଶ୍ୟକତା ରହିଛି। ଯେତେବେଳେ ସ୍ଥିତି ସ୍ୱାଭାବିକ ହେବ ସେତେବେଳେ କ୍ରିକେଟ ଖେଳାଯିବା ନେଇ ଚିନ୍ତା କରାଯିବ। ଦେଶ ଓ ଲୋକଙ୍କ ଜୀବନଠାରୁ କ୍ରିକେଟ ବଡ଼ ନୁହଁ। ଏଭଳି ପରିସ୍ଥିତିରେ ଭାରତ ଆମେରିକା ସମେତ ଅନ୍ୟ ରାଷ୍ଟ୍ରଗୁଡିକୁ ହାଇଡ୍ରୋକ୍ସିକ୍ଲୋରୋକୁଇନ୍ ପ୍ରଦାନ କରି ସହାୟତା କରୁଛି ଓ ଜଣେ ଭାରତୀୟ ହିସାବରେ ଗର୍ବ ଅନୁଭବ କରୁଛି ବୋଲି କପିଳ କହିଛନ୍ତି। କପିଳ ଏବେ ଘରେ ରହି ସାମାଜିକ ଦୂରତା ବଜାୟ ରଖୁଛନ୍ତି। ନେଲ୍‌ସନ ମଣ୍ଡେଲା ଏକ ଛୋଟିଆ ସେଲ୍‌ରେ ୨୭ ବର୍ଷ ରହିଥିଲେ। ଏ ଦୃଷ୍ଟିକୋଣରୁ ବିଚାର କଲେ ଆମେ ଭଲରେ ଅଛୁ ଓ ଦେଶ ପାଇଁ ଘରେ ରହିବାରେ କୌଣସି ସମସ୍ୟା ନାହିଁ। ଦେଶ ଓ ଜୀବନଠାରୁ କୌଣସି ଜିନିଷ ବଡ଼ ନୁହଁ ବୋଲି କପିଳ କହିଛନ୍ତି।

ଭାରତରେ ଟେଷ୍ଟ ସିରିଜ ଜିତିବାକୁ ଇଚ୍ଛା

ମେଲବୋର୍ନ, ୯।୪: ଭାରତରେ ଟେଷ୍ଟ କ୍ରିକେଟ ଖେଳିବା ବହୁତ କଷ୍ଟସାଧ। ତେବେ ବିଶ୍ୱର ଏହି ନମ୍ବରୱାନ ର୍ୟାଙ୍କପ୍ରାପ୍ତ ଦଳ ବିପକ୍ଷରେ ଏକ ଟେଷ୍ଟ ସିରିଜ ଜିତିବାକୁ ମୁଁ ପସନ୍ଦ କରିବି ବୋଲି ପୂର୍ବତନ ଅଷ୍ଟ୍ରେଲିଆ ଅଧିନାୟକ ଷ୍ଟିଭ୍ ସ୍ମିଥ୍ ପ୍ରକାଶ କରିଛନ୍ତି। ଅଷ୍ଟ୍ରେଲିଆ ଶେଷଥରପାଇଁ ୨୦୦୪ରେ ଭାରତରେ ଟେଷ୍ଟ ସିରିଜ ଜିତିଥିଲା। ରିକି ପଣ୍ଟିଂ ଅଷ୍ଟ୍ରେଲିଆର ଏକମାତ୍ର ଅଧିନାୟକଭାବେ ଭାରତୀୟ ମାଟିରେ ବର୍ଡର-ଗାଭାସ୍କର ଟ୍ରଫି ଜିତିବାକୁ ସକ୍ଷମ ହୋଇଛନ୍ତି। ''ଭାରତରେ ଏକ ଟେଷ୍ଟ ସିରିଜ ଜିତିବାକୁ ମୁଁ ପସନ୍ଦ କରିବି'' ବୋଲି ଆଇପିଏଲ ଫ୍ରାଞ୍ଚାଇଜ୍ ରାଜସ୍ଥାନ ରୟାଲ୍ସ ପକ୍ଷରୁ ଆୟୋଜିତ ଏକ ପୋଡକାଷ୍ଟ ଆୟୋଜନ ଅବସରରେ ଇଶ୍ ସୋଧିଙ୍କୁ ସ୍ମିଥ୍ ପ୍ରକାଶ କରିଛନ୍ତି। ସାଧାରଣତଃ ଅଷ୍ଟ୍ରେଲିଆନ କ୍ରିକେଟରଭାବେ ଆମେ ସାଧାରଣତଃ ଆଶେସ ସମ୍ପର୍କରେ ଆଲୋଚନା କରୁ। ଏହା ଆମପାଇଁ ବହୁତ ବଡ଼ ସିରିଜ। ବିଶ୍ୱକପ ମଧ୍ୟ ଅନ୍ୟତମ ବଡ଼ ଇଭେଣ୍ଟ। ମାତ୍ର ମୁଁ ଅନୁଭବ କରୁଛି ଯେ, ଭାରତ ବର୍ତ୍ତମାନ ବିଶ୍ୱର ନମ୍ବରୱାନ ଦଳ। ଏହା ବିପକ୍ଷରେ ଟେଷ୍ଟ କ୍ରିକେଟ ଖେଳିବା ମଧ୍ୟ ସହଜ ନୁହେଁ, ତେଣୁ ମୁଁ ଏହି ଦେଶରେ ସିରିଜ ଜିତିବାକୁ ନିଶ୍ଚିତ ଚାହିଁବି'' ବୋଲି ସ୍ମିଥ ପ୍ରକାଶ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ୨୦୧୯ ଆଶେସ ସିରିଜରେ ସ୍ମିଥ ସବୁଠାରୁ ଅଧିକ ରନ ସ୍କୋର କରିଥିଲେ। ୧୧୦.୫୭ ଆଭରେଜରେ ସେ ୭୭୪ ରନ ସଂଗ୍ରହ କରିଥିଲେ। ମୁଁ ଏବେ ଅଧିକ କିଛି କଥା ଚିନ୍ତା କରୁନାହିଁ। ଦିନ ପରେ ଦିନ ଏବଂ ସିରିଜ ପରେ ସିରିଜ ଉନ୍ନତି କରିବାକୁ ଚାହୁଁଛି ବୋଲି ସ୍ମିଥ ପ୍ରକାଶ କରିଛନ୍ତି। ୩୦ ବର୍ଷୀୟ ସ୍ମିଥ ଭାରତୀୟ ବାମହାତୀ ସ୍ପିନର ରବୀନ୍ଦ୍ର ଜାଡେଜାଙ୍କ ପ୍ରଶଂସାରେ ଶତମୁଖ ହୋଇଛନ୍ତି। ଉପମହାଦେଶରେ ଜାଡେଜାଙ୍କୁ ଖେଳିବା କଷ୍ଟକର ହୋଇଥାଏ ବୋଲି ସେ କହିଛନ୍ତି। ''ଉପମହାଦେଶରେ ଜାଡେଜା ଅନେକ ପ୍ରଭାବୀ। ସେ ଉତ୍ତମ ଲେଙ୍ଗ୍ଥ ରକ୍ଷା କରିବା ସହ ଗୋଟିଏ ବଲ୍‌କୁ ତଳୁରେ ରଖିପାରନ୍ତି ତ ଅନ୍ୟ ବଲ୍‌କୁ ସ୍ପିନ କରାଇଥାନ୍ତି। ତାଙ୍କ ହାତରୁ କିନ୍ତୁ ବଲ୍ ସମାନ ଭାବରେ ଡେଲିଭରି ହୋଇଥାଏ। କ୍ରମାଗତଭାବେ ଲେଙ୍ଗ୍ଥ ବଜାୟ ରଖିବା ହେଉଛି ମୁଖ୍ୟ ଏବଂ ଏହାପରେ ବୋଲିଂରେ ବିବିଧତା ମଧ୍ୟ ସେ ଆଣିପାରନ୍ତି'' ବୋଲି ସ୍ମିଥ ପ୍ରକାଶ କରିଛନ୍ତି। ମୋ ମତରେ ଜଣେ ଲେଗ୍ ସ୍ପିନର ପାଇଁ ଭଲ ଗୁଗ୍‌ଲି ଏବଂ ବଲ୍‌କୁ ଉଭୟ ଦିଗକୁ ସ୍ପିନ କରାଇବା ଗୁରୁତ୍ୱପୂର୍ଣ୍ଣ। ଫିଙ୍ଗର ସ୍ପିନରଙ୍କ ପାଇଁ ଆର୍ମ ସ୍ପିଡ୍‌କୁ ବେଶି ନ ବଦଳାଇ ପେସ୍‌ରେ ପରିବର୍ତ୍ତନ ଆଣିବା ଗୁରୁତ୍ୱପୂର୍ଣ୍ଣ। ବିଶ୍ୱରେ ଖୁବ୍ କମ୍ ସ୍ପିନର ଏପରି କରିପାରିଥାନ୍ତି। ସେମାନଙ୍କ ମଧ୍ୟରୁ ଜାଡେଜା ଜଣେ। ତାଙ୍କୁ ଖେଳିବା ସହଜ ହୋଇ ନନ ଥାଏ ବୋଲି ସ୍ମିଥ ପ୍ରକାଶ କରିଛନ୍ତି। ୨୦୧୮ରେ କେପ୍‌ଟାଉନ୍ ଟେଷ୍ଟ ଅବସରରେ ବଲ୍ ଟ୍ୟାମ୍ପରିଂ ଘଟଣା ପାଇଁ ଏକବର୍ଷ ବାସନ୍ଦ ରହିଥିବା ସ୍ମିଥ୍ ଗତବର୍ଷ ଅନ୍ତର୍ଜାତୀୟ କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଜାତୀୟ ଦଳକୁ ଫେରିବା ପରେ ସେ ୨ଟି ବଡ଼ ଇଭେଣ୍ଟ ଖେଳି ସାରିଛନ୍ତି। ଗୋଟିଏ ହେଉଛି ୨୦୧୯ ଆଇସିସି ବିଶ୍ୱକପ ଏବଂ ଅନ୍ୟଟି ଆଶେସ ସିରିଜ।

ଷ୍ଟିଭ୍ ସ୍ମିଥ୍

୨୦୨୨ ଜୁଲାଇ ୧୫ରୁ ବିଶ୍ୱ ଆଥଲେଟିକ୍ସ

୨୦୨୧ରେ ହେବାକୁଥିବା ବିଶ୍ୱ ଆଥଲେଟିକ୍ ଚାମ୍ପିୟନଶିପ୍ ୨୦୨୨ ଜୁଲାଇ ୧୫ରୁ ୨୨ ପର୍ଯ୍ୟନ୍ତ ଆମେରିକାର ଅର୍ଗାନସ୍ଥିତ ଇଉଜେନିଠାରେ ଅନୁଷ୍ଠିତ ହେବ। ବର୍ମିଂହାମଠାରେ ହେବାକୁଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ା ସହିତ ସମ୍ଭାବ୍ୟ ସମୟକୁ ଏଡ଼ାଇବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ବିଶ୍ୱରେ କରୋନା ଭାଇରସ ସଂକ୍ରମଣକୁ ଦୃଷ୍ଟିରେ ରଖି ଟୋକିଓ ଅଲିମ୍ପିକ୍ସକୁ ୨୦୨୧କୁ ଘୁଞ୍ଚାଇ ଦିଆଯାଇଛି। ଫଳରେ ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍‌କୁ ଗତମାସରେ ୨୦୨୨କୁ ଘୁଞ୍ଚାଇବାକୁ ନିଷ୍ପତ୍ତି ନିଆଯାଇଥିଲା। ''ୱାର୍ଲ୍ଡ ଆଥଲେଟିକ୍ସ କାଉନସିଲ ନୂଆ ତାରିଖକୁ ଅନୁମୋଦନ କରିଛି। ୨୦୨୨ ଜୁଲାଇ-ଅଗଷ୍ଟରେ ହେବାକୁଥିବା ଅନ୍ୟ ୨ ବଡ଼ ଚାମ୍ପିୟନଶିପ୍ ବର୍ମିଂହାମ ରାଜ୍ୟଗୋଷ୍ଠୀ କ୍ରୀଡ଼ା, ମ୍ୟୁନିକ୍ ମଲ୍ଟି ସ୍ପୋର୍ଟ୍ସ ୟୁରୋପିଆନ ଚାମ୍ପିୟନଶିପ୍‌ର ଆୟୋଜକ ଏବଂ ସ୍ପୋର୍ଟ୍ସ ଷ୍ଟେକ୍‌ହୋଲ୍ଡରଙ୍କ ସହିତ ବ୍ୟାପକ ଆଲୋଚନା ପରେ ଏହି ନିଷ୍ପତ୍ତି ନିଆଯାଇଛି'' ବୋଲି ୱାର୍ଲ୍ଡ ଆଥଲେଟିକ୍ସ ପକ୍ଷରୁ ପ୍ରକାଶ କରାଯାଇଛି। ଆଥଲେଟ୍‌ମାନେ ଯେପରି ବିଶ୍ୱର ସମସ୍ତ ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇପାରିବେ ତାକୁ ଧ୍ୟାନରେ ରଖା ଯାଇଛି ବୋଲି କୁହା ଯାଇଛି। ପ୍ରକାଶ ଯୋଗ୍ୟ ଯେ, ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍ ପ୍ରକୃତରେ ୨୦୨୧ ଅଗଷ୍ଟ ୬ରୁ ୧୫ ପର୍ଯ୍ୟନ୍ତ ହେବାର ଥିଲା। ମାତ୍ର ଟୋକିଓ ଅଲିମ୍ପିକ୍ସ ଆୟୋଜକମାନେ କ୍ରୀଡ଼ା ମହାକୁମ୍ଭକୁ ୨୦୨୧ ଜୁଲାଇ ୨୩ରୁ ଅଗଷ୍ଟ ୮କୁ ଧାର୍ଯ୍ୟ କରିବାପରେ ବିଶ୍ୱ ଚାମ୍ପିୟନଶିପ୍ ପାଇଁ ନୂଆ ତାରିଖ ସମ୍ପର୍କରେ ଚିନ୍ତା କରାଯାଇଥିଲା। ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଇଂଲଣ୍ଡର ବର୍ମିଂହାମଠାରେ ଜୁଲାଇ ୨୭ରୁ ଅଗଷ୍ଟ ୭ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସେହିପରି ୟୁରୋପିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍ ମ୍ୟୁନିକ୍‌ରେ ସେହିବର୍ଷ ଅଗଷ୍ଟ ୧୧ରୁ ୨୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

ଫିଫାକୁ କନ୍‌ମେବୋଲ୍‌ର ଆହ୍ୱାନ

ଅସନସିଅନ, ୯।୪(ଏଏଫ୍‌ପି): କୋଭିଡ-୧୦ ବିରୋଧରେ ସଂଗ୍ରାମ ପାଇଁ ଏବେ ଦକ୍ଷିଣ ଆମେରିକୀୟ ଫୁଟବଲ ଫେଡେରେଶନ (କନ୍‌ମେବୋଲ୍) ଆଗକୁ ବଢିଛି। ଏହି ଭାଇରସର ମୁକାବିଲା ପାଇଁ ଏକ ଗ୍ଲୋବାଲ ଫଣ୍ଡ ବା ବିଶ୍ୱସ୍ତରୀୟ ପାଣ୍ଠି ସଂଗ୍ରହ କରିବାକୁ ବୈଠକ ଡାକିବା ନେଇ ଦକ୍ଷିଣ ଆମେରିକୀୟ ଫୁଟବଲ ମୁଖ୍ୟ ଆଲେକଜାଣ୍ଡ୍ରୋ ଡୋମିଙ୍ଗୁଏଜ୍ ଫିଫାକୁ ଆହ୍ୱାନ ଦେଇଛନ୍ତି। ଏହି ପାଣ୍ଠି ଦ୍ୱାରା କରୋନା ଭାଇରସ୍ ମହାମାରୀରେ କ୍ଷତିଗ୍ରସ୍ତ ହୋଇଥିବା ଫୁଟବଲ କ୍ଲବ୍‌ଗୁଡିକ ଆବଶ୍ୟକ ସାହାଯ୍ୟ ପାଇପାରିବେ ବୋଲି ସେ କହିଛନ୍ତି। କନ୍‌ମେବୋଲ୍ ଅଧ୍ୟକ୍ଷ ଡୋମିଙ୍ଗୁଏଜ ଭିଡିଓକନ୍‌ଫରେନ୍ସ ମାଧ୍ୟମରେ ଏ ନେଇ ଫିଫା ଟ୍ୟାସ୍କ ଫୋର୍ସ ସହ ଆଲୋଚନା କରିବାକୁ ଚାହୁଁଥିବା କହିଛନ୍ତି। ଠିକ୍ ସମୟରେ ଉପଯୁକ୍ତ ସାହାଯ୍ୟ ମିଳିପାରିଲେ ସାରା ବିଶ୍ୱରେ ଫୁଟବଲ ପୁଣି ଟ୍ରାକକୁ ଫେରିପାରିବ ବୋଲି ସେ କହିଛନ୍ତି। ଏବେ ଦକ